ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.128, Thursday, 27 August 2026, Puri, Pages - 25, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୮, ଗୁରୁବାର, ୨୭ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.128, Thursday, 27 August 2026, Puri, Pages - 25, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୮, ଗୁରୁବାର, ୨୭ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.128, Thursday, 27 August 2026, Puri, Pages - 25, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୮, ଗୁରୁବାର, ୨୭ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

ଭୋଟେକୋଶି ନଦୀରେ ଆସିଥିବା ଅଚାନକ ବନ୍ୟା ରଚିଲା ତାଣ୍ଡବ

ନେପାଳରେ ପ୍ରକୃତିର ମହାପ୍ରଳୟ

- ଗଲାଣି ୧୦୦ ଜୀବନ, ଶହଶହ ଲୋକଙ୍କୁ ଚାଲିଛି ଖୋଜା
- ୧୦୦୦ ଲୋକ ନିଖୋଜ ଥିବା ଆଶଙ୍କା
- ଜଳ ପ୍ରଳୟରେ ୧୦୫ ଭାରତୀୟ ନିଖୋଜ
- ନିଖୋଜ ତାଲିକାରେ ୨୯୧ ଜଣ ବିଦେଶୀ
- ଭସାଇ ନେଲା ଗାଁ, ଘର, ବ୍ରିଜ୍ ଓ ଗାଡ଼ିମୋଟର
- ୟୁପି ଓ ବିହାରରେ ଜାରି ହେଲା ଆଲର୍ଟ
- ଉଦ୍ଧାର କାର୍ଯ୍ୟରେ ୧୫ଟି ହେଲିକପ୍ଟର ଓ ସେନା ସାମିଲ
- ନେପାଳକୁ ସହଯୋଗର ହାତ ବଢ଼ାଇଲା ଭାରତ

ନୂଆଦିଲ୍ଲୀ

ନେପାଳର ରସୁଆ ଜିଲ୍ଲାରେ ବୁଧବାର ଭୋର ସମୟରେ ଆସିଛି ପ୍ରଳୟଙ୍କାରୀ ବନ୍ୟା। ଭୋଟେକୋଶୀ ନଦୀରେ ହଠାତ୍ ଆସିଥିବା ବନ୍ୟା ବ୍ୟାପକ ତାଣ୍ଡବ ସୃଷ୍ଟି କରିଛି। ନଦୀର ପ୍ରବଳ ସ୍ରୋତରେ ନଦୀକୂଳରେ ଥିବା ଅନେକ ଅଞ୍ଚଳ ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ଏହି ଭୟଙ୍କର ବିପର୍ଯ୍ୟୟ ପରେ ପ୍ରଶାସନ ଓ ସୁରକ୍ଷା ଏଜେନ୍ସି ପକ୍ଷରୁ ବଡ଼ ଧରଣର ସର୍ଚ୍ଚ ଏବଂ ରେସ୍କ୍ୟୁ ■ ପୃଷ୍ଠା-୧୫

ରକ୍ଷାବନ୍ଧନରେ ରାଜ୍ୟ ସରକାରଙ୍କ ଭେଟି

'ଆମ ବସ୍'ରେ ମହିଳାଙ୍କୁ ମାଗଣାଯାତ୍ରା

୭ ସହରରେ ମିଳିବ ଏହି ସୁବିଧା

ଭୁବନେଶ୍ୱର(ବ୍ୟୁରୋ) ପବିତ୍ର ରକ୍ଷା ବନ୍ଧନ ଦିବସରେ ମହିଳା ଯାତ୍ରୀଙ୍କ ପାଇଁ ୨୭ ଅଗଷ୍ଟ ୨୦୨୬ରେ ଆମ ବସ୍‌ରେ ଦେୟମୁକ୍ତ ଯାତ୍ରା ପାଇଁ କମ୍ପ୍ରେହେନ୍ସିଭ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ(କ୍ୟୁଟ୍) ଘୋଷଣା କରିଛି। ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଓ କେନ୍ଦୁଝର ସହରରେ ଚଳାଚଳ କରୁଥିବା ସମସ୍ତ ଆମ ବସ୍‌ରେ ଏହି ସୁବିଧା ଉପଲବ୍ଧ ହେବ । ଏହାଦ୍ୱାରା ଦିନକରେ ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଯାତ୍ରୀ ଉପକୃତ ହେବେ। ମହିଳାଙ୍କ ପାଇଁ ନିରାପଦ, ସୁବିଧାଜନକ ଓ ସୁଲଭ ଜନପରିବହନ ସୁନିଶ୍ଚିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ସୁରକ୍ଷିତ ଓ ସମାବେଶୀ ଜନପରିବହନ ମାଧ୍ୟମରେ ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ଗତିଶୀଳତାକୁ ଏହା ଆହୁରି ସୁଦୃଢ଼ କରିବ । ଜିପିଏସ ଆଧାରିତ ବସ୍ ଟ୍ରାକିଂ, ସିସିଟିଭି ନିରୀକ୍ଷଣ, ପ୍ରଶିକ୍ଷିତ ବସ୍ କର୍ମଚାରୀ ଓ ଯାତ୍ରୀ ସହାୟତା ବ୍ୟବସ୍ଥା ଭଳି ସୁବିଧା ସହ ଆମ ବସ୍ ସେବାକୁ ଅଧିକ ନିରାପଦ ଓ ନିର୍ଭରଯୋଗ୍ୟ କରାଯାଉଛି । କମ୍ପ୍ରେହେନ୍ସିଭ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟର ପରିଚାଳନା ନିର୍ଦ୍ଦେଶକ ସିଦ୍ଧିକ୍ ଆଲମ୍ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବଂ ମନ୍ତ୍ରୀଙ୍କ ମାର୍ଗଦର୍ଶନରେ ନିଆଯାଇଥିବା ଏହି ପଦକ୍ଷେପ ମହିଳାମାନଙ୍କୁ ନିରାପଦ, ସୁଲଭ ଓ ସମ୍ମାନଜନକ ଯାତାୟାତ ସୁବିଧା ପ୍ରଦାନ ଦିଗରେ ଜୁଟ୍ ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିବ । ଦେୟମୁକ୍ତ ଯାତ୍ରା ସତ୍ତ୍ୱେ ଜିରୋ ଟିକେଟ୍ ନେବା ମହିଳା ଯାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ। ଏଥିସହ ସମସ୍ତ ଯାତ୍ରୀଙ୍କୁ ବସ୍ କର୍ମଚାରୀଙ୍କ ସହଯୋଗ କରିବା ଏବଂ ଯାତ୍ରୀ ଶିଷ୍ଟାଚାର ପାଳନ କରିବାକୁ ଜୁଟ୍ ପକ୍ଷରୁ ଅନୁରୋଧ କରାଯାଇଛି। ପବିତ୍ର ■ ପୃଷ୍ଠା-୧୫

ବନ୍ୟାରେ ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ବ୍ୟୁରୋ)

ବନ୍ୟା ପରିସ୍ଥିତିରେ ଲୋକଙ୍କ ସୁରକ୍ଷା ଓ ତ୍ୱରିତ ସହାୟତାକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି ରାଜ୍ୟ ସରକାର । ଏ ନେଇ ସିଏମଓ ପକ୍ଷରୁ ଏକ ହ୍ୟାଣ୍ଡେଲରେ କୁହାଯାଇଛି, ବନ୍ୟା ପରିସ୍ଥିତିରେ ଲୋକଙ୍କ ସୁରକ୍ଷା ଓ ତ୍ୱରିତ ସହାୟତାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି । ପ୍ରଭାବିତ ଅଞ୍ଚଳରେ ରିଲିଫ୍ ସାମଗ୍ରୀ, ଖାଦ୍ୟ, ପାନୀୟ ଜଳ ଓ ଆବଶ୍ୟକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଉଛି । ସ୍ଥିତିର ନିରନ୍ତର ଅନୁଧ୍ୟାନ ସହ ଆବଶ୍ୟକତା ଅନୁଯାୟୀ ତ୍ୱରିତ ପଦକ୍ଷେପ ନିଆଯାଉଛି । ଏଥିରେ ପୋଷ୍ଟ କରାଯାଇଥିବା ଫଟୋରେ କୁହାଯାଇଛି, ଅଗଷ୍ଟ ୨୬ତାରିଖ ସକାଳ ୧୧ଟା ସୁଦ୍ଧା ୭୭୫ଟି ବିଚ୍ଛିନ୍ନ ଗ୍ରାମରେ ପୁନଃ ଯୋଗାଯୋଗ ସ୍ଥାପନ କରାଯାଇଛି । ୫୭ଟି ଉଦ୍ଧାରକାରୀ ଟିମ୍ ନିୟୋଜିତ ଅଛନ୍ତି । ୭୬,୦୫୧ଜଣଙ୍କୁ ଡଙ୍gା ଯୋଗେ ସ୍ଥାନାନ୍ତର କରାଯାଇଛି । ୮୭ଟି ରନ୍ଧା ଖାଦ୍ୟ କେନ୍ଦ୍ର ମାଧ୍ୟମରେ ୫.୨୫ଲକ୍ଷ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଣ ହୋଇଛି ।

ରୋଗୀଙ୍କୁ ଶୋଷଣ କଲେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ

ସ୍ୱାସ୍ଥ୍ୟମନ୍ତ୍ରୀ ଦେଲେ ଘରୋଇ ହସ୍ପିଟାଲଗୁଡ଼ିକୁ ଚେତାବନୀ

ଭୁବନେଶ୍ୱର(ବ୍ୟୁରୋ)

ରାଜ୍ୟରେ ସରକାରୀ ସ୍ୱାସ୍ଥ୍ୟ ବୀମା ଯୋଜନାରେ କିଛି ଘରୋଇ ହସ୍ପିଟାଲର ମନଇଚ୍ଛା କାରବାର ଓ ରୋଗୀଙ୍କୁ ଲୁଟ୍ ଘଟଣାରେ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ମଙ୍ଗଳବାର ସମସ୍ତ ଘରୋଇ ହସ୍ପିଟାଲକୁ କଡ଼ା ଚେତାବନୀ ଦେଇଛନ୍ତି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ରୋଗୀଙ୍କୁ ଶୋଷଣ, ହଇରାଣ କିମ୍ବା ସେମାନଙ୍କ ସହ ଦୁର୍ବ୍ୟବହାରକୁ ସରକାର କୌଣସି ପରିସ୍ଥିତିରେ ବିବରଦାସ୍ତ କରିବେ ନାହିଁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସ୍ପଷ୍ଟ ଭାବେ ଚେତାଇ ଦେଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସରକାରୀ ସ୍ୱାସ୍ଥ୍ୟବୀମା ଯୋଜନା ଅଧୀନରେ ଘରୋଇ ହସ୍ପିଟାଲଗୁଡ଼ିକରୁ ଯେଉଁସବୁ ମାଗଣା ଚିକିତ୍ସା ସୁବିଧା ମିଳିବା କଥା, ରୋଗୀମାନେ ତାହା ପାଉନଥିବା ନେଇ ବାରମ୍ବାର ଗୁରୁତର ଅଭିଯୋଗ ଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଅଚାନକ ବିଭିନ୍ନ ହସ୍ପିଟାଲରେ ପହଂଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଯାଂଚବେଳେ କିମସ୍ ଓ ମଣିପାଲ ହସ୍ପିଟାଲରେ ରୋଗୀଙ୍କୁ ହଇରାଣ କରିବା, ନିୟମ ଉଲ୍ଲଂଘନ କରି ବେଆଇନ ଭାବେ ଅଧିକ ଟଙ୍କା ଆଦାୟ କରିବା ସହ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସଙ୍ଗେ ଦୁର୍ବ୍ୟବହାର କରୁଥିବାର ସ୍ପଷ୍ଟ ପ୍ରମାଣ ମିଳିଥିଲା। ଆୟୁଷ୍ମାନ ଭାରତ- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ବ୍ୟାପକ ହେରଫେର ସାମ୍ନାକୁ ଆସିବା ପରେ କିମସ୍ ଓ ମଣିପାଲ ହସ୍ପିଟାଲକୁ ଗତକାଲି ନୋଟିସ ଜାରି କରାଯାଇଛି। ସେମାନଙ୍କ ବିରୁଦ୍ଧରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସ୍ପଷ୍ଟ କରିଛନ୍ତି। ସରକାରଙ୍କ ନିୟମ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଇଚ୍ଛଙ୍କ୍ଷଷଙ୍କବଭ ଈଷବଙ୍କବପ୍ସ ଆୟୁଷ୍ମାନ ଭାରତ- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ଅନ୍ତର୍ବିଭାଗ ବା ଆଇପିଡିରେ ଚିକିତ୍ସିତ ହେଉଥିବା ରୋଗୀଙ୍କ କ୍ଷେତ୍ରରେ ହସ୍ପିଟାଲରେ ଭର୍ତ୍ତି ହେବାର ୩ଦିନ ପୂର୍ବରୁ ସ୍ୱାସ୍ଥ୍ୟ ପରୀକ୍ଷା ଓ ଡାଇଗ୍ନୋଷ୍ଟିକ୍ ବାବଦରେ ହେଉଥିବା ସମସ୍ତ ଖର୍ଚ୍ଚକୁ କାର୍ଡରେ ସାମିଲ କରାଯିବାର ପ୍ରାବଧାନ ରହିଛି। ଏହି ସମସ୍ତ ଅର୍ଥ ରାଜ୍ୟ ସରକାର ବହନ କରୁଛନ୍ତି। ତେଣୁ ରୋଗୀଙ୍କଠାରୁ ଟଙ୍କାଟିଏ ବି ନିଆଯାଇ ପାରିବ ନାହିଁ। ସେହିପରି ରୋଗୀ ସୁସ୍ଥ ହୋଇ ଡିସଚାର୍ଜ ହେବା ପରେ ମଧ୍ୟ ପରବର୍ତ୍ତୀ ୧୫ଦିନ ପର୍ଯ୍ୟନ୍ତ ଆବଶ୍ୟକୀୟ ଔଷଧ ଓ ଅନ୍ୟାନ୍ୟ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ। ଏହି ନିୟମକୁ ରାଜ୍ୟର ସମସ୍ତ ଘରୋଇ ହସ୍ପିଟାଲ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ବାଧ।

ଉଭୟ ଉପର ଓ ତଳ ପଡ଼ିଆରେ ବାଲିଯାତ୍ରା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ

କଟକ(ବ୍ୟୁରୋ)

କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଐତିହାସିକ କଟକ ବାଲିଯାତ୍ରାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୧ ତାରିଖ ଅନୁଷ୍ଠିତ ହେବ ଏହି ଐତିହାସିକ ମେଳା। ବାଲିଯାତ୍ରା ପ୍ରସ୍ତୁତି ବୈଠକ ଅନେକ ନୂଆ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତନ୍ମଧ୍ୟରୁ ଉପର ପଡ଼ିଆରେ ବାଲିଯାତ୍ରାର ଆୟୋଜନ କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛି କଟକ ଜିଲ୍ଲା ପ୍ରଶାସନ। ଗତବର୍ଷ ବିଭିନ୍ନ କାରଣରୁ ଉପର ପଡ଼ିଆରେ ଚିରାଚରିତ ଢଙ୍ଗରେ ବାଲିଯାତ୍ରାର ଆୟୋଜନ ହୋଇ ପାରି ନ ଥିଲା। ଚଳିତ ବର୍ଷ ଉପର ପଡ଼ିଆରେ ଆୟୋଜନ ପାଇଁ ଆମେ ଉଦ୍ୟମ କରୁଛୁ ବୋଲି କହିଛି ଜିଲ୍ଲା ପ୍ରଶାସନ। ଯାହାଦ୍ୱାରା ଉଭୟ ପଡ଼ିଆରେ ବାଲିଯାତ୍ରାର ଆୟୋଜନ ହେଇପାରିବ। ଏହାବ୍ୟତୀତ ବାଲିଯାତ୍ରା ଟେଣ୍ଡର ରୂପରେଖ ବୃଦ୍ଧାନ୍ତ ହୋଇସାରିଛି। ଗତ ବର୍ଷ ଯେଉଁ ପରି ଭାବରେ ଦୋଳି ଅଘଟଣ ଘଟିଲା, ତାହାକୁ ଦୃଷ୍ଟିରେ ରଖି ବିଶେଷ ପଦକ୍ଷେପ ନିଆଯାଉଛି। ଦୋଳି ଗୁଡ଼ିକ ଭିତରେ ସୁରକ୍ଷିତ ଦୂରତା ରଖା ଯିବ। ଏନେଇ ବ୍ୟବସାୟୀ ସଂଘ ସହ ଆଲୋଚନା କରାଯାଇଛି ।

ବିଜେପିରେ ବଢୁଛି ଅସନ୍ତୋଷର ନିଆଁ

ଶଙ୍ଖ ଛାଡ଼ିଥିବା ନେତାଙ୍କୁ ବାସୁନି ପଦ୍ମ

ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କ ଭଳି ସମଦଶାରେ ନିମାପଡ଼ାର ବରିଷ୍ଠ ନେତା ସମୀର ଦାଶ। ଲାଗୁଛି ଯେମିତି ବିଜେପିରେ ସେ ଏବେ ଅଣନିଃଶ୍ୱାସୀ ଅବସ୍ଥାରେ। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସମୀରଙ୍କ ବିବାଦ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି। ପ୍ରଭାତୀଙ୍କ ସହ ସମାନ୍ତରାଳ ଭାବେ ଶକ୍ତିବୃଦ୍ଧି କରିବାରେ ଲାଗିଥିବା ସମୀରଙ୍କୁ ଦଳ ବାରମ୍ବାର ଅଣଦେଖା କରିଆସୁଛି। ବିଜେପିର ଶୀର୍ଷ ସ୍ତରୀୟ ନେତା ଏହାକୁ ମ୍ୟାନେଜ କରିବାକୁ ପ୍ୟାଚ୍ ପକାଉଥିଲେ ମଧ୍ୟ ଫାଟ ଜଳଜଳ ହୋଇ ଦିଶୁଛି।

- ଖାପ ଖୁଆଇ ପାରୁନାହାନ୍ତି ପ୍ରଦୀପ ଓ ସମୀର
- ୨୦୨୪ ନିର୍ବାଚନ ପୂର୍ବରୁ ଶଙ୍ଖ ଛାଡ଼ିଥିଲେ
- ବିଜେଡିର ଦିନେ ଥିଲେ କ୍ରାଇସିସ୍ ମ୍ୟାନେଜର

ଭୁବନେଶ୍ୱର (ବ୍ୟୁରୋ)

ବିଜେଡିରେ ଅଖଣ୍ଡ କ୍ଷମତାଶାଳୀ ହୋଇ ପଦପଦବୀ ହାତେଇଥିଲେ। ତତ୍କାଳୀନ ନବୀନ ସରକାର ଓ ବିଜେଡି ସଂଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିଲେ। ହେଲେ ୨୦୨୪ ନିର୍ବାଚନ ପୂର୍ବରୁ ଓ ପରେ ଅନେକ ନେତା କ୍ଷମତାକେନ୍ଦ୍ର ପାଣ୍ଡିଆନଙ୍କ ଉପରେ ବର୍ଷି ବିଜେଡି ଛାଡ଼ି ବିଜେପିକୁ ଭରସା କରିଥିଲେ। ସେମାନଙ୍କ ମଧ୍ୟରୁ କିଛି ନେତା ନିଜକୁ ପଦ୍ମ ପୋଖରୀରେ ଖାପ ଖୁଆଇ ପାରୁନାହାଁନ୍ତି। ଦଳରେ ପଦପଦବୀ ମିଳୁନି କି ସେଭଳି ସଭାସମିତିରେ ଖୋଜାଯାଉନି। ବିକାଶ ନାଁରେ ରାଜନୀତି କରୁଥିବା ନେତାଙ୍କ ଚକ୍ରାନ୍ତରେ ପଡ଼ି ପେସି ହୋଇଗଲେଣି ଏହି ନେତାମାନେ।

ପ୍ରଦୀପ ପାଣିଗ୍ରାହୀ ଆଉ ସମୀର ଦାଶ। ଏକଦା ବିଜୁ ଜନତା ଦଳର ଥିଲେ ହେଭିୱେଟ୍। ନବୀନଙ୍କ ପ୍ରିୟପାତ୍ର ସାଜି ଦଳର କ୍ରାଇସିସ୍ ମ୍ୟାନେଜ କରୁଥିଲେ। ହେଲେ ୨୦୧୯ ପରେ ଦଳରେ ଏମାନଙ୍କ ଅସ୍ତିତ୍ୱ ଉପରେ କଳାବାଦଲ ଘୋଟି ଆସିଥିଲା। ଦଳ ବିରୋଧୀ ଏବଂ ଜନବିରୋଧୀର ଆଖ୍ୟା ଦେଇ ପ୍ରଦୀପଙ୍କୁ ବିଜେଡିରୁ ତଡ଼ି ଦେଇଥିଲେ ନବୀନ। ସରକାରୀ ଆକ୍ରୋଶର ଶିକାର ହୋଇ ଜେଲ୍ ବି ଯାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ନିଜର ରାଜନୈତିକ କ୍ୟାରିୟର ବଞ୍ଚାଇବା ପାଇଁ ବିଜେପିରେ ସାମିଲ୍ ହୋଇଥିଲେ। ୨୦୨୪ ନିର୍ବାଚନରେ ବିଜେପିରୁ ଲଢ଼ି ବ୍ରହ୍ମପୁର ସାଂସଦ ବନିଗଲେ। ହେଲେ ଗତ କିଛି ଦିନର ଘଟଣା ଓ ପ୍ରଦୀପଙ୍କ ଭିନ୍ନ ଭିନ୍ନ ସୋସିଆଲ ମିଡ଼ିଆ ପୋଷ୍ଟ ଦେଖିଲେ ଲାଗୁଛି ମନରେ ■ ପୃଷ୍ଠା-୧୫

ରାଜଧାନୀରେ ଟ୍ରାଫିକ ଯନ୍ତ୍ରଣା

ରାଜଧାନୀ ଭୁବନେଶ୍ୱରରେ ଦେଖାଦେଲାଣି ଭୟଙ୍କର ଟ୍ରାଫିକ ସମସ୍ୟା। ସ୍ମାର୍ଟ ସିଟି ମାନ୍ୟତା ପାଇବା ପରେ ଆଜି ବି ରାଜଧାନୀ ନକ୍ସାରେ ସେଭଳି ପରିବର୍ତ୍ତନ ଆସିପାରିନାହିଁ। ହାତଗଣତି କେତୋଟି ନୂଆ ରାସ୍ତା ନିର୍ମାଣ କରାଯାଇଥିଲେ ହେଁ ପୁରୁଣା ରାସ୍ତା ଚଉଡ଼ାକରିବା କିମ୍ବା ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ଆଜିପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ। ଜନସଂଖ୍ୟା ବିସ୍ଫୋରଣ ସହ ରାଜଧାନୀର ଲୋକସଂଖ୍ୟା ୧୪ ଲକ୍ଷରେ ପହଞ୍ଚିଲାଣି। ସେହି ଅନୁପାତରେ ଗାଡ଼ି ସଂଖ୍ୟା ବି ବଢ଼ିଚାଲିଛି। ହେଲେ ରାସ୍ତାଘାଟ ଓ ଟ୍ରାଫିକ ଭିତ୍ତିଭୂମିରେ ସେଭଳି ଉନ୍ନତି ପରିଲକ୍ଷିତ ହୋଇନାହିଁ। ପର୍ବପର୍ବାଣୀରେ ଚାରିଆଡ଼ ଜାମ୍ ହୋଇପଡୁଛି। ରାସ୍ତା ଜବରଦଖଲ, ରାସ୍ତାରେ ଗାଡ଼ି ପାର୍କିଂ, ଠେଲାଗାଡ଼ି ବେପାର ସମସ୍ୟାକୁ ବହୁଗୁଣିତ କରିପକାଉଛି। ଆଉ ବର୍ଷାହେଲେ ଏଠି ପରିସ୍ଥିତି ଅଣାୟତ୍ତ। କେଉଁଠି ରାସ୍ତା ଉପରେ ଆଣ୍ଠୁଏ ପାଣି ତ ପୁଣି କେଉଁଠି ଡ୍ରେନ ପାଣିରେ ଚାରିଆଡ଼ ଭାସୁଛି। ଟିକେ ଅନ୍ୟମନସ୍କ ହେଲେ ଗାଡ଼ି ଦୁର୍ଘଟଣା ଘଟି ମୁଣ୍ଡ ଗଡ଼ିବା ନିଶ୍ଚିତ। ଏଭଳି ସ୍ଥିତିରେ ରାଜଧାନୀକୁ ସ୍ମାର୍ଟ ବୋଲି କହିବା କେତେଦୂର ଯୁକ୍ତିଯୁକ୍ତ ତାହା ବିଚାରଯୋଗ୍ୟ।

ସୁଶାନ୍ତ କୁମାର ଦାସ

ପୂର୍ବଭଳି ଆଉ ଟ୍ରାଫିକ୍ ଛକଗୁଡ଼ିକରେ ଗାଡ଼ି ଭିଡ଼ ହେବନି। ଲୋକେ ବେଶି ସମୟ ଟ୍ରାଫିକ୍‌ରେ ଅଟକିବେ ନାହିଁ। ଆମ୍ବୁଲାନ୍ସ ସମେତ ଜରୁରୀକାଳୀନ ସେବା ଯୋଗାଉଥିବା ଯାନବାହାନ ପାଇଁ ରାସ୍ତାର ବାମପାର୍ଶ୍ୱ ଅବରୋଧମୁକ୍ତ ରହିବ। ଫଳରେ ଟ୍ରାଫିକ୍ ପରିଚାଳନା ସହଜ ହେବ। ଏଭଳି ସୁନେଲି ସ୍ୱପ୍ନ ଦେଖାଇ ଟ୍ରାଫିକ୍ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ କରାଗଲା। ଏଥିପାଇଁ ଭୁବନେଶ୍ୱରର ପ୍ରାୟ ୪୦ଟି ଛକରେ ରାସ୍ତାର ବାମପାର୍ଶ୍ୱରେ ବୋଲାର୍ଡ ଲାଗିଥିଲା। ଟ୍ରାଫିକ୍‌କୁ ସ୍ମାର୍ଟ କରିବା ଲାଗି ପ୍ରସ୍ତାବ ଦିଆଗଲା, କାର୍ଯ୍ୟକାରୀ ବି ହେଲା। ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟରେ ଟ୍ରାଫିକ୍ ପୋଷ୍ଟଠାରୁ ଆରମ୍ଭ କରି ସିଗ୍‌ନାଲ ପର୍ଯ୍ୟନ୍ତ ଭିତ୍ତିଭୂମିରେ ନବୀକରଣ ହେଲା। ମାନୁଆଲ୍ ଟ୍ରାଫିକ୍‌କୁ ହଟାଇ ପାଖାପାଖି ୫୦ଟି ଟ୍ରାଫିକ୍ ପୋଷ୍ଟରେ ସ୍ୱୟଂଚାଳିତ ସିଗ୍‌ନାଲ ବ୍ୟବସ୍ଥା ଲାଗୁ କରାଗଲା। ହେଲେ ଏତେ ସବୁ ଯୋଜନା ଏବେ ଏକ ପ୍ରହସନରେ ପରିଣତ ହୋଇଛି। କେଉଁଠି ସିଗ୍‌ନାଲ୍ କାମ କରୁନି ତ କେଉଁଠି ବୋଲାର୍ଡ ଭାଙ୍ଗି ରାସ୍ତାରେ ମିଶିଗଲାଣି। କେଉଁଠି ସିସି କ୍ୟାମେରା କାମ କରୁନି। ଅସଜଡ଼ା ଭିତ୍ତିଭୂମି ପାଇଁ ଲୋକେ ଟ୍ରାଫିକ୍ ଭିଡ଼ରେ ରୀତିମତ କଲବଲ ହେଉଛନ୍ତି। ଏମିତିକି ଆମ୍ବୁଲାନ୍ସ, ଦମକଳ ଭଳି ଜରୁରୀକାଳୀନ ସେବା ମଧ୍ୟ ବାଧାପ୍ରାପ୍ତ ହେଉଛି। ଉଦ୍‌ବେଗର ବିଷୟ, ନିଜ ତ୍ରୁଟି ଲୁଚାଇବାକୁ ଯାଇ କମିସନରେଟ୍ ପୁଲିସ ଓ ବିଏସ୍‌ସିଏଲ୍ (ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ) ପରସ୍ପର ଦୋଷ ଲଦାଲଦି ହେଉଛନ୍ତି।

ରାସ୍ତା ଅତିକ୍ରମ ପାଇଁ ୩ ଥର ଅପେକ୍ଷା

ଏବେ ଗୋଟିଏ ଟ୍ରାଫିକ୍ ଛକକୁ ଅତିକ୍ରମ କରିବାକୁ ହେଲେ ଲୋକଙ୍କୁ ଅତିକମ୍‌ରେ ତିନି ତିନି ଥର ଅପେକ୍ଷା କରିବାକୁ ପଡୁଛି। ଟ୍ରାଫିକ୍‌ରେ ଅଟକି ଥିବା ଗାଡ଼ି ଷ୍ଟାର୍ଟ କରୁ କରୁ ସବୁଜ ବତି ନାଲି ହୋଇଯାଉଛି। ପାଦେ ଆଗେଇବା ପରେ ପୁଣି ଗାଡ଼ି ଷ୍ଟାର୍ଟ ବନ୍ଦ କରି ଟ୍ରାଫିକ୍‌ରେ ଅପେକ୍ଷା କରିବାକୁ ପଡୁଛି। ରାଜଧାନୀର ଜନପଥରେ ଥିବା ଆଇଡିବିଆଇ ଛକଠାରୁ ଆରମ୍ଭ କରି ବିଗ୍‌ବଜାର ଟ୍ରାଫିକ୍, ରାମମନ୍ଦିର, ଶ୍ରୀୟା, ମାଷ୍ଟରକ୍ୟାଣ୍ଟିନ ଛକ ସବୁଠି ଏଭଳି ସ୍ଥିତି। ସେହିପରି ସିଆରପିରୁ ନେଇ ଷ୍ଟାର୍ଟ ସ୍କୁଲ ଛକ, ଡିଏଭି, ପାୱାରହାଉସ୍, ଦ ୱାଲର୍ଡ, ଡମଣା, ପଟିଆ, ବିଗ୍‌ବଜାରଛକ ପର୍ଯ୍ୟନ୍ତ ସବୁଠି ସମାନ ଅବସ୍ଥା। ଟ୍ରାଫିକ୍ ପୋଷ୍ଟ ଆସିଲେ କେମିତି ପାର ହେବେ ଚିନ୍ତାରେ ପଡୁଛନ୍ତି। ଅନେକ ଟ୍ରାଫିକ୍‌ରେ ଅଧମିନିଟ୍‌ରୁ କମ୍ ସମୟରେ ନାଳରୁ ନାଲି ସିଗ୍‌ନାଲ୍ ପରିବର୍ତ୍ତନ ହେଉଛି। ଫଳରେ ଏହି ସମୟରେ ଜାଣି ନପାରି ଲୋକ ଟ୍ରାଫିକ୍ ଅତିକ୍ରମ ଯୋଗୁ କିଏ ନାଲି ଲାଇଟ୍ ପାଇଁ ତ କିଏ ଜେବ୍ରା କ୍ରସିଂ ଅତିକ୍ରମ ପାଇଁ ଚଣ୍ଡ ଗଣୁଛନ୍ତି।

ବର୍ଷାରେ ଫେଲ୍ ମାରୁଛି ଟ୍ରାଫିକ୍ ସିଗ୍‌ନାଲ୍

ଯେମିତି ଗାଁରେ ବର୍ଷା ପବନ ହେଲେ ବିଦ୍ୟୁତ୍ ସରବରାହ ଠପ୍ ହୋଇଯାଏ। ଠିକ୍ ସେମିତି ରାଜଧାନୀରେ ବର୍ଷା ହେଲେ ଟ୍ରାଫିକ୍ ବ୍ୟବସ୍ଥା ବି ଠପ୍ ହୋଇଯାଉଛି। ଅନେକ ସମୟରେ ଟ୍ରାଫିକ୍ ସିଗନାଲ୍ ମନକୁ ମନ କଟିଯାଉଛି। କେତେବେଳେ ବ୍ୟାଟେରି ସରିଯାଉଛି ତ କେତେବେଳେ ବର୍ଷା କାରଣରୁ ସିଗ୍‌ନାଲ୍ ରହୁନି। ପୁଣି ଆଉ କେତେବେଳେ ଲାଗିଥିବା ସୋଲାର ସିଷ୍ଟମ୍ ଖରାପ ହେଉଛି। ମରାମତି ପରେ ବି କାମ କରୁନାହିଁ। ଆଶ୍ଚର୍ଯ୍ୟର କଥା ଯେ, ଏଥିପାଇଁ ବି ଲୋକ ତଣ୍ଡ ଗଣୁଛନ୍ତି। କାରଣ ହଠାତ୍ ସିଗ୍‌ନାଲ୍‌ରେ ପରିବର୍ତ୍ତନ ଯୋଗୁ ପୋଷ୍ଟଗୁଡ଼ିକରେ ଲଗାଯାଇଥିବା ଏଆଇ କ୍ୟାମେରା ସିଗ୍‌ନାଲ୍‌ର ତ୍ରୁଟିକୁ ଜାଣିପାରୁନାହିଁ। ଲୋକଙ୍କୁ ଭୁଲ ଦର୍ଶାଇ ସ୍ୱୟଂଚାଳିତ ଚାଲାଣ କାଟୁଛି।

ରାସ୍ତାକଡ଼ରେ ଭାରୀଯାନ ପାର୍କିଂ

ରାଜଧାନୀରେ ଜାମ୍‌ର ଆଉ ଏକ ପ୍ରମୁଖ କାରଣ ହେଲା ରାସ୍ତାକଡ଼ ବେଆଇନ୍ ପାର୍କିଂ। ଖଣ୍ଡଗିରିଠାରୁ ନେଇ ରସୁଲଗଡ଼, ପଟିଆଠାରୁ କଳ୍ପନା ରାସ୍ତାର ବିଭିନ୍ନ ସ୍ଥାନରେ ବେଆଇନ୍ ପାର୍କିଂ କରାଯାଉଛି। ତେବେ କୌଣସି ଛୋଟ ଯାନ ନୁହେଁ ବସ୍, ଟ୍ରକ୍, ଜେସିବି ଭଳି ଭାରୀଯାନ ଗାଡ଼ିକୁ ମୁଖ୍ୟ ରାସ୍ତାରେ ବେଆଇନ୍ ଭାବେ ପାର୍କିଂ କରାଯାଉଛି। ଯେଉଁଥି ପାଇଁ ପ୍ରତିଦିନ ଲୋକେ ଭିଡ଼ର ସମ୍ମୁଖୀନ ହେଉଛନ୍ତି। ଟ୍ରାଫିକ୍ ପୁଲିସକୁ ମଧ୍ୟ ଏକଥା ଭଲଭାବେ ଜଣା। ହେଲେ ସେଠାରୁ ଗାଡ଼ିଗୁଡ଼ିକୁ ହଟାଯାଉନାହିଁ କି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଯାହାକି ଟ୍ରାଫିକ୍ ପୁଲିସର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ବାମପାର୍ଶ୍ୱ ଅବରୋଧମୁକ୍ତ ନିୟମ ପ୍ରହସନ

ଖାଲି ସିଗ୍‌ନାଲ୍ ନୁହେଁ, ବାମପଟ ଅବରୋଧମୁକ୍ତ ନିୟମକୁ ବି କେହି ମାନୁନାହାନ୍ତି। ୨୦୨୦ ମସିହାରେ ଟ୍ରାଫିକ୍ ଡିସିପି ସାଗରିକା ନାଥ ଦାୟିତ୍ୱରେ ଥିବା ବେଳେ ଏହି ନିୟମକୁ କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ବିଭିନ୍ନ ଛକର ଟ୍ରାଫିକ୍ ପୁଲିସ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିବା ସହିତ ଅମାନିଆଙ୍କଠାରୁ ଜରିମାନା ଆଦାୟ କରିଥିଲା। ପରେ ପୁଣି ଏହି ଯୋଜନା ସ୍ଥାଣୁ ପାଲଟିଗଲା। ୨୦୨୨ରେ ଭୁବନେଶ୍ୱରର ଟ୍ରାଫିକ୍ ଡିସିପି ଭାବେ ଏସ୍ ସୁଶ୍ରୀ ଦାୟିତ୍ୱ ନେବା ପରେ ପୁଣି ଏହାକୁ କଡ଼ାକଡ଼ି କରାଗଲା। କୌଣସି କାରଣବଶତଃ ତାଙ୍କର ବଦଳି ହେବା ପରେ ଏସିପି ସ୍ମୃତିକ ପଣ୍ଡା ଏନେଇ ଏକ ସ୍ୱତନ୍ତ୍ର ନିୟମାବଳୀ କଲେ। ବିଶେଷ କରି ହସ୍ପିଟାଲ୍ ନିକଟସ୍ଥ ଛକମାନଙ୍କରେ ଏହି ନିୟମ ଲାଗୁ ହେଲା। ଆଉ ଏବେ ୪୦ଟି ଛକରେ ବୋଲାର୍ଡ ଲଗାଇ ଏହି ଯୋଜନାକୁ ଅଧିକ କ୍ରିୟାଶୀଳ କଲେ। ମାତ୍ର ଏହାର ୫ମାସ ପରେ ପୁଣି ରାଜଧାନୀରେ ସମାନ ସ୍ଥିତି। ବୋଲାର୍ଡ ଉପରେ ଗାଡ଼ି ଚଢ଼ିଲେ ଅମାନିଆମାନେ ରାସ୍ତାର ବାମପାର୍ଶ୍ୱ ଅବରୋଧମୁକ୍ତ କରୁଛନ୍ତି। ଫଳରେ ବାମପାର୍ଶ୍ୱ ଅବରୋଧମୁକ୍ତ ନିୟମ କେବଳ ପ୍ରହସନ ପାଲଟିଛି। ଟ୍ରାଫିକ୍‌ରେ ଏଭଳି ଅବ୍ୟବସ୍ଥା ରାଜଧାନୀବାସୀଙ୍କୁ ନାକେଦମ କରିଛି।

ଚନ୍ଦ୍ରଶେଖରପୁରରେ କନ୍ଦାଉଛି ଟ୍ରାଫିକ୍

ରାଜଧାନୀର ଜନଗହଳିପୂର୍ଣ୍ଣ ଜୟଦେବବିହାର-ନନ୍ଦନକାନନ ରାସ୍ତାରୁ ଭିଡ଼ କମାଇବାକୁ ରାଜ୍ୟ ସରକାର ଏକାଧିକ ଯୋଜନା କରିଛନ୍ତି। ଗୋଟିଏ ଦଶବ୍ଦି ହେଲା ନାଳ ନକ୍ସା ବା ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି। କେବେ ସମାନ୍ତରାଳ ରାସ୍ତା ତ ଆଉ କେବେ ଫ୍ଲାଏ ଓଭର ନିର୍ମାଣ। ସହରବାସୀଙ୍କୁ ବାରମ୍ବାର ଦେଖାଉ ଥିବା ସ୍ୱପ୍ନ କେବେ ବାସ୍ତବ ରୂପ ନେବ, ତା'କୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ଖୋଲିଥିଲେ ମଧ୍ୟ ତାହା ଭିଡ଼ କମାଇବାକୁ ପର୍ଯ୍ୟାପ୍ତ ହେଉନାହିଁ। ପୂର୍ବଭଳି ଜୟଦେବ ବିହାର ଛକ, ଜାଭିଅର ଛକ, ନାଲକୋ ଛକ, ଡମଣା ଛକ, ପଟିଆ ଛକ ଓ କିଟ୍ ଛକରେ ପରିସ୍ଥିତି ଅଣାୟତ୍ତ ହେଉଛି। ଶନିବାର, ରବିବାର ଓ ଛୁଟି ଦିନଗୁଡ଼ିକରେ ଡମଣା ଓ କିଟ୍ ଛକରେ ଟ୍ରାଫିକ ବ୍ୟବସ୍ଥା ଅସମ୍ଭାଳ ହୋଇପଡୁଛି। ପଟିଆ ଛକରୁ କିଟ୍ ଛକ ଏବଂ ପଟିଆରୁ ଡମଣା ଛକ ପର୍ଯ୍ୟନ୍ତ ଶହ ଶହ ଗାଡ଼ି ଧାଡ଼ି ଲାଗୁଛି। ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁର୍ଘଟଣା ମଧ୍ୟ ବଢୁଛି। ଏହାରି ଭିତରେ ପଟିଆ ସାଇମନ୍ଦିର ଛକ ଓ କଳାରାହାଙ୍ଗ ଛକରେ ଦୁଇଟି ନୂତନ ଟ୍ରାଫିକ୍ ପୋଷ୍ଟ ସୃଷ୍ଟି ହୋଇଥିବାରୁ ଭିଡ଼ ଆହୁରି ବଢୁଛି। ତେଣୁ ସେଠାରେ ଟ୍ରାଫିକ୍ ପରିଚାଳନା ପାଇଁ ପୁଲିସ ନିୟୋଜିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ରବି ଟକିଜ୍ ଛକ ଦେଉଛି ଯନ୍ତ୍ରଣା

ରବି ଟକିଜ୍ ଛକରେ ଟ୍ରାଫିକ ସିଗ୍‌ନାଲ୍ ଅଛି ହେଲେ କାମ କରୁନି। ଏହି ଛକ ଦେଇ ଟଙ୍କପାଣି, ବଡ଼ଗଡ଼, ବାଲିଅନ୍ତା, ଶିଶୁପାଳଗଡ଼, ଲିଙ୍ଗିପୁର, ସାମନ୍ତରାପୁର, ଧଉଳି ଓ ପୁରୀ, କଟକ ରୋଡ୍, କଳ୍ପନା, ପୁରୁଣା ଭୁବନେଶ୍ୱରର ଲୋକମାନେ ଯାତାୟାତ କରିଥାନ୍ତି। କିନ୍ତୁ ରବି ଟକିଜ୍ ଛକ ଟ୍ରାଫିକ୍‌କୁ ବ୍ୟବସ୍ଥିତ କରାଯାଇ ପାରିନାହିଁ। ପ୍ରଥମତଃ ଏହି ଛକରେ ଟ୍ରାଫିକ୍ ସିଗ୍‌ନାଲ୍ ଦ୍ୱାରା ଟ୍ରାଫିକ ନିୟନ୍ତ୍ରଣ ହେଉନାହିଁ। ଟ୍ରାଫିକ୍ ପୋଷ୍ଟ ଉପରେ ଗାଡ଼ି ଚାଳକଙ୍କୁ ନିର୍ଦ୍ଦେଶ ଦେଉଥିବା ଟ୍ରାଫିକ୍ ପୁଲିସ କେବଳ ହାତ ହଲାଇ ଇସାରା କରୁଛନ୍ତି। ଅନେକ ସମୟରେ ଟ୍ରାଫିକ୍ ପୁଲିସଙ୍କ ନିର୍ଦ୍ଦେଶକୁ ବୁଝିବାରେ ଗାଡ଼ି ଚାଳକ ଅକ୍ଷମ ହେଉଥିବା ଯୋଗୁଁ ପରିସ୍ଥିତି ଜଟିଳ ହେଉଛି। କଳ୍ପନା ପଟୁ ଆସୁଥିବା ଗାଡ଼ି ଏବଂ ଧଉଳି ପଟୁ ଆସୁଥିବା ଗାଡ଼ିକୁ ଏକ ସଙ୍ଗରେ ଛଡ଼ା ଯାଉଛି। ଫଳରେ କଳ୍ପନାରୁ ଆସି ପୁରୁଣା ଭୁବନେଶ୍ୱର ଯିବାକୁ ଥିବା ଗାଡ଼ି ଏବଂ ଧଉଳି ପଟୁ ଆସି ଟଙ୍କପାଣି ଛକ ଆଡକୁ ଯିବାକୁ ଥିବା ଗାଡ଼ି ଟ୍ରାଫିକ୍ ଉପରେ ଛିଡ଼ା ହୋଇରହୁଛି। ସେହିପରି ଟଙ୍କପାଣି ଏବଂ ପୁରୁଣା ଭୁବନେଶ୍ୱର ଦୁଇ ପଟର ଗାଡ଼ିକୁ ଏକ ସଙ୍ଗେ ଛଡ଼ା ଯାଉଥିବାରୁ ଛକ ମଝିରେ ଜାମ୍ ହେଉଛି, ବାରମ୍ବାର ଦୁର୍ଘଟଣା ମଧ୍ୟ ଘଟୁଛି।

କଳ୍ପନା ଓ ଷ୍ଟେସନ ବଜାର

ରାଜମହଲ ଆଡୁ ଆସୁଥିବା ଗାଡ଼ିଗୁଡ଼ିକ ବାମପଟକୁ ଯିବାକୁ ବହୁ ହଇରାଣ ହେଉଛନ୍ତି। ରାସ୍ତାର ବାମ ପାର୍ଶ୍ୱରେ ଫଳଦୋକାନ ମାଡ଼ି ବସିଛନ୍ତି। 'ଆମ ବସ' ମଧ୍ୟ ଏହି ଜାଗାରେ ଯାତ୍ରୀ ଉଠାଉଥିବାରୁ ବାମ ପଟ ରାସ୍ତା ସଂପୂର୍ଣ୍ଣ ବନ୍ଦ ହୋଇଯାଉଛି। ସେହିଭଳି ଷ୍ଟେସନ ବଜାରରେ ଗହଳି ଦିନକୁ ଦିନ ବଢ଼ିବାରେ ଲାଗିଛି। ଅଣ ଓସାରିଆ ରାସ୍ତା, ବେଆଇନ ପାର୍କିଂ ଏହି ରାସ୍ତାକୁ ଅଧିକ ଜଟିଳ କରୁଛି। ଫଳରେ କଳ୍ପନା ଆଡୁ ଆସୁଥିବା ଗାଡ଼ିଗୁଡ଼ିକ ବାମ ମୋଡ଼ ନେଇ ରେଳ ଷ୍ଟେସନ ଆଡ଼କୁ ଯିବାକୁ ଚାହିଲେ ଟ୍ରାଫିକରେ ଅଟକିଥିବା ଗାଡ଼ିଗୁଡ଼ିକ ବାଟ ଛାଡୁନାହାନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ ଅସନ୍ତୋଷ ଓ ଉତ୍ତେଜନା ଦେଖା ଦେଉଛି।

ଜୀବନ ନେଉଛି ରସୁଲଗଡ଼ ଛକ

ରସୁଲଗଡ଼ ଛକରେ ରଙ୍ଗରୁଟ୍ ପ୍ରାଣଘାତକ ସାଜିଲାଣି। ଆଖି ପଲକ ପକେଇଲେ ଗାଡ଼ି ମାଡ଼ିଯିବାର ଭୟ ରହୁଛି। ଯାହା ଅସମ୍ଭାଳ ଟ୍ରାଫିକ୍ ସମସ୍ୟାର କାରଣ ପାଲଟିଲାଣି। ରସୁଲଗଡ଼ ରାଜଧାନୀ ଭୁବନେଶ୍ୱରର ଏକ ପ୍ରମୁଖ ଛକ। ହଜାର ହଜାର ସଂଖ୍ୟାରେ ରାଜ୍ୟ ଓ ରାଜ୍ୟ ବାହାର ଗାଡ଼ିମୋଟର ଏହି ବାଟ ଦେଇ ଯା'ଆସ କରୁଛି। ଭିଡ଼କୁ ଆଖି ଆଗରେ ରଖି ଏଠାରେ ଫ୍ଲାଏଓଭର ହେଲା। ତଥାପି ଭିଡ଼ ସମସ୍ୟା ସମାଧାନ ହୋଇପାରିନି। ପ୍ରତିଦିନ ଏଠାରେ ଗାଡ଼ିମୋଟର ଭିଡ଼ରେ ଫସୁଛନ୍ତି। ଉଭୟ ଫ୍ଲାଏଓଭର ଉପର ଓ ତଳେ ଭିଡ଼ରେ ଚାଲକ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଭିଡ଼ ହେଲେ ସଙ୍ଗେ ସଙ୍ଗେ ପଳାଶୁଣୀରୁ ବାଣୀବିହାର ରାସ୍ତା ସଂପୂର୍ଣ୍ଣ ଅବରୋଧ ହୋଇଯାଉଛି। ଏହାର ପ୍ରମୁଖ କାରଣ ରଙ୍ଗ ରୁଟ୍ ହୋଇଥିବା ବେଳେ ଏଥିପ୍ରତି କାହାରି ନଜର ନାହିଁ। ଅମାନିଆ ଚାରିଚକିଆ, ଦୁଇଚକିଆ ଡାହାଣ ପାର୍ଶ୍ୱ ଦେଇ ଯା'ଆସ କରୁଛନ୍ତି। କେତେବେଳେ ପଳାଶୁଣୀ ଓ୍ୱାର୍କୋ କାର୍ଯ୍ୟାଳୟ ପାର୍ଶ୍ୱରୁ ମଞ୍ଚେଶ୍ୱର ଅବା କଟକ ରୋଡ୍‌କୁ ଅମାନିଆ ଚାଲକମାନେ ଡାହାଣ ପାର୍ଶ୍ୱରେ ଗାଡ଼ି ଚଳାଇ ଆସୁଛନ୍ତି ତ କେତେବେଳେ ରସୁଲଗଡ଼ ଛକରୁ ଡାହାଣପାର୍ଶ୍ୱରେ ଲୋକେ ପଳାଶୁଣୀ ଛକ ଆଡ଼କୁ ଯା'ଆସ କରୁଛନ୍ତି। ସର୍ବାଧିକ ଚାରିଚକିଆ ଓ ଦୁଇଚକିଆ ରସୁଲଗଡ଼ରୁ ପଳାଶୁଣୀ ଅଭିମୁଖେ ଡାହାଣ ପାର୍ଶ୍ୱରେ ଯା'ଆସ କରୁଛନ୍ତି। ଯାହା ଭିଡ଼ ସମସ୍ୟାକୁ ବଢ଼ାଇଦେଲାଣି। ଗୁରୁତ୍ୱପୂର୍ଣ୍ଣ ହେଉଛି, ଏଠାରେ ଦିନେ ଅଧେ ଯେଉଁଦିନ ଟ୍ରାଫିକ୍ କର୍ମଚାରୀ ରହୁଛନ୍ତି, ସେମାନେ ଟ୍ରାଫିକ ନିୟନ୍ତ୍ରଣ କରିବା ଅପେକ୍ଷା, କେମିତି ଅଧିକ ଜରିମାନା ଯୋଗାଡ଼ କରିବେ, ସେଥିରେ ବ୍ୟସ୍ତ ରହୁଛନ୍ତି। ଲୁଚି ବସି ମୋବାଇଲ୍‌ରେ ଫଟୋ ଉଠାଇ ଦେଲେ, ସେମାନଙ୍କ କାମ ସରିଗଲା ବୋଲି ଭାବୁଛନ୍ତି। ଲୋକେ ଭିଡ଼ରେ ଫସୁଥିବା ବେଳେ ସେମାନେ ଟଙ୍କା ଆଦାୟକୁ ଗୁରୁତ୍ୱ ଦେଉଥିବାରୁ, ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ବରମୁଣ୍ଡାରେ ପୁଣି ଅମାନିଆ ହେଲେଣି ବସ୍ ?

ରାଜ୍ୟର ସର୍ବବୃହତ୍ ବରମୁଣ୍ଡା ବାବାସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ୍ ପ୍ରବେଶ ଓ ପ୍ରସ୍ଥାନ ପଥ ପୁଣିଥରେ ମାଡ଼ି ବସିଲେଣି ଅମାନିଆ ବସ୍‌ଚାଳକ। ପ୍ରବେଶ ଓ ପ୍ରସ୍ଥାନ ପଥରେ ଠିଆହୋଇ ଯାତ୍ରୀ ଉଠାଉଛନ୍ତି। ଏଣୁ ଜାତୀୟ ରାଜପଥ ଉପରେ ଅଯଥା ଭିଡ଼ ବଢୁଛି। ସେପଟେ ବରମୁଣ୍ଡା ଫ୍ଲାଏଓଭର ଉପରେ ବି ବସ୍ ରଖି ଯାତ୍ରୀ ଉଠାଯାଉଛି। ନିୟମାନୁଯାୟୀ, କେହି ପ୍ରବେଶ ଓ ପ୍ରସ୍ଥାନ ପଥ ରାସ୍ତାରେ ଗାଡ଼ି ରଖି ଯାତ୍ରୀ ଉଠାଇ ପାରିବେନାହିଁ। ଯେଉଁମାନେ ଖୋର୍ଦ୍ଧା, ନୟାଗଡ଼ ପାର୍ଶ୍ୱକୁ ଗାଡ଼ିନେବେ, ସେମାନେ ଫ୍ଲାଏଓଭର ଉପର ଦେଇ ଯିବେ। କିନ୍ତୁ ବସ୍‌ଗୁଡ଼ିକ ଅଣ୍ଡରପାସ୍ ଦେଇ ପଶୁଛନ୍ତି। ବରମୁଣ୍ଡା-ଖଣ୍ଡଗିରି ରାସ୍ତାରେ ଗାଡ଼ି ରଖୁଛନ୍ତି ଓ ଯାତ୍ରୀ ଉଠାଉଛନ୍ତି। ଏଣୁ ଲୋକେ ବି ଏଠାରେ ଭିଡ଼ ଲଗାଇଲେଣି। ଏମାନଙ୍କୁ ଘଉଡ଼ାଇବା ପାଇଁ ଟ୍ରାଫିକ ପୁଲିସ ବି ମୁତୟନ ହୋଇଛନ୍ତି। କିନ୍ତୁ ହାତଗୁଞ୍ଜା ନେଇ ସମସ୍ତେ ନିରବ। ସମାନ ସ୍ଥିତି କଟକ ଓ ପୁରୀ ପାର୍ଶ୍ୱକୁ ଯାଉଥିବା ବସ୍‌ମାନେ କରୁଛନ୍ତି। ଅଟୋ ବି ଲମ୍ବାଧାଡ଼ିରେ ରାସ୍ତାରେ ଗାଡ଼ି ଠିଆ କରୁଛନ୍ତି। ଏଣୁ ଦୁଇପାର୍ଶ୍ୱ ରାସ୍ତାରେ ଅସମ୍ଭାଳ ଭିଡ଼ ରହୁଛି। ଲୋକେ ଦୈନିକ ଏଥିପାଇଁ କଲବଲ ହେଉଛନ୍ତି।

ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ରୋଗୀସେବା ବିପର୍ଯ୍ୟସ୍ତ

- ଜଣେ ଡାକ୍ତରଙ୍କ ଭରସାରେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା
- ଦୁଇ ଡାକ୍ତରଙ୍କ ଡ୍ୟୁଟିରେ ଜଣେ ଅନୁପସ୍ଥିତ
- ୪୯ ପଦବୀରୁ ଅଛନ୍ତି ମାତ୍ର ୯ ଡାକ୍ତର

କଳାହାଣ୍ଡି,(ଅମୃତ ମଡିଆ-ପ୍ୟାରିଲାଲ ଦୁର୍ଗା): ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଦିନକୁ ଦିନ ରୋଗୀ ସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଆବଶ୍ୟକ ଅନୁପାତରେ ଡାକ୍ତର ନଥିବାରୁ ଚିକିତ୍ସା ସେବା ଗୁରୁତର ଭାବେ ପ୍ରଭାବିତ ହେଉଥିବା ବେଳେ ଏବେ ଜଣେ ଡାକ୍ତରଙ୍କ ଭରସାରେ ଅନେକ ରୋଗୀଙ୍କୁ ସେବା ଯୋଗାଇବା ଭଳି ସ୍ଥିତି ଦେଖାଦେଇଛି। ଏଭଳି ପରିସ୍ଥିତିରେ ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ଉତ୍ତମ ସ୍ୱାସ୍ଥ୍ୟସେବା କୁ ନେଇ ପ୍ରଶ୍ନ ଉଠିଛି। ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ଏହି ଅଞ୍ଚଳର ଏକ ପ୍ରମୁଖ ସ୍ୱାସ୍ଥ୍ୟସେବା କେନ୍ଦ୍ର। ଧର୍ମଗଡ଼ ଉପଖଣ୍ଡର ଧର୍ମଗଡ଼, ଗୋଲାମୁଣ୍ଡା, ଜୁନାଗଡ଼, କୋକସରା, କଳମପୁର ଓ ଜୟପାଟଣା ଭଳି ୬ଟି ବ୍ଲକର ରୋଗୀଙ୍କ ସମେତ ପଡ଼ୋଶୀ ନୂଆପଡ଼ା ଓ ନବରଙ୍ଗପୁର ଜିଲ୍ଲାର କିଛି ଅଞ୍ଚଳ ଏବଂ ଛତିଶଗଡ଼ର ଦେଭୋଗ ଅଞ୍ଚଳର ଲୋକମାନେ ମଧ୍ୟ ଚିକିତ୍ସା ପାଇଁ ଏହି ଡାକ୍ତରଖାନା ଉପରେ ଭାରି ନିର୍ଭର କରନ୍ତି। ଏତେ ବଡ଼ ଅଞ୍ଚଳର ରୋଗୀଙ୍କ ଚିକିତ୍ସା ଭାର ଥିବା ସତ୍ତ୍ୱେ ଡାକ୍ତର ଅଭାବ ସ୍ୱାସ୍ଥ୍ୟସେବାର ମାନକୁ ପ୍ରଭାବିତ କରୁଥିବା ଅଭିଯୋଗ ହେଉଛି। ମଙ୍ଗଳବାର ସକାଳେ ଡାକ୍ତରଖାନାର ଡ୍ୟୁଟି ବୋର୍ଡରେ ଡାକ୍ତର ଚତୁର୍ଭୁଜ ପାଢ଼ୀ ଓ ଡାକ୍ତର ଡି. ଯାନୀଙ୍କ ନାମ ଉଲ୍ଲେଖ ଥିଲା । ଉଭୟ ଡାକ୍ତରଙ୍କ ଡ୍ୟୁଟି ସମୟ ସକାଳ ୮ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଥିବା ଜଣାପଡ଼ି ଥିଲା । ତେବେ ଉକ୍ତ ସମୟ ମଧ୍ୟରେ କେବଳ ଡାକ୍ତର ଚତୁର୍ଭୁଜ ପାଢ଼ୀ ରୋଗୀ ଦେଖୁଥିବା ଦେଖି ବାକୁ ମିଳିଥିଲା। ଅନ୍ୟପକ୍ଷରେ ଡାକ୍ତର ଡି. ଯାନୀ ଡ୍ୟୁଟିରେ ଉପସ୍ଥିତ ନଥିବାରୁ ଏକମାତ୍ର ଡାକ୍ତରଙ୍କ ଉପରେ ଅଧିକ ସଂଖ୍ୟକ ରୋଗୀଙ୍କ ଚିକିତ୍ସା ଭାର ପଡ଼ିଥିଲା। ଫଳରେ ଶତାଧିକ ରୋଗୀ ଲମ୍ବା ଧାଡ଼ିରେ ଠିଆ ହୋଇ ଘଣ୍ଟା ଘଣ୍ଟା ଅପେକ୍ଷା କରୁଥିବା ଦେଖାଯାଇଥିଲା। ଦୂରଦୂରାନ୍ତରୁ ଆସିଥିବା ରୋଗୀମାନେ ଦୀର୍ଘ ସମୟ ଅପେକ୍ଷା କରିବାକୁ ବାଧ୍ୟ ହେବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାକାରୀ ଡାକ୍ତର ସଦାନନ୍ଦ ପାଣିଗ୍ରାହୀଙ୍କୁ ପଚାରିବାରୁ, ଡାକ୍ତର ଡି. ଯାନୀ ବିନା ଦରଖାସ୍ତରେ ଛୁଟିରେ ଥିବା ସେ ପ୍ରକାଶ କରିଥିଲେ। ତେବେ ଡ୍ୟୁଟି ତାଲିକାରେ ନାମ ଥିବା ସତ୍ତ୍ୱେ ବିନା ଅନୁମତି ରେ ଅନୁପସ୍ଥିତ ରହିବା ଘଟଣାକୁ ନେଇ ପ୍ରଶାସନିକ ମହଲରେ ପ୍ରଶ୍ନ ଉଠିଛି । ଅନ୍ୟପକ୍ଷରେ ଧର୍ମ ଗଡ଼ ଉପଖଣ୍ଡ ଡାକ୍ତରଖାନାରେ ମୋଟ ୪୯ଟି ଡାକ୍ତର ପଦବୀ ଥିବା ବେଳେ ବର୍ତ୍ତମାନ ମାତ୍ର ୯ ଜଣ ଡାକ୍ତର କାର୍ଯ୍ୟରତ ଥିବା ଜଣାପଡ଼ିଛି। ଅର୍ଥାତ୍ ଅଧିକାଂଶ ପଦବୀ ଖାଲି ପଡ଼ିଥିବାରୁ ଉପଲବ୍ଧ ଡାକ୍ତରଙ୍କ ଉପରେ ଅତ୍ୟଧିକ ରୋଗୀ ଚିକିତ୍ସାର ଚାପ ପଡୁଛି। ଜଣେ ଡାକ୍ତରଙ୍କୁ ଓପିଡି ସହିତ ଅନ୍ୟାନ୍ୟ ଦାୟିତ୍ୱ ମଧ୍ୟ ସମ୍ଭାଳିବାକୁ ପଡୁଛି । ଫଳରେ ରୋଗୀଙ୍କୁ ଶୀଘ୍ର ଚିକିତ୍ସା ଦେବାରେ ବିଳମ୍ବ ହେବା ସହ ଡାକ୍ତରମାନଙ୍କ ଉପରେ କାର୍ଯ୍ୟଚାପ ବଢୁଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ରୋଗୀ ସେବା ଉପରେ ପଡୁଥିବା ଅଭିଯୋଗ ହେଉଛି। ଡାକ୍ତର ଅଭାବ ସମସ୍ୟା ମଧ୍ୟରେ ଆହୁରି ଚିନ୍ତାଜନକ ବିଷୟ ହେଉଛି ଡାକ୍ତରଖାନାର ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ବିଭାଗର ବିଶେଷଜ୍ଞ ପଦବୀ ଖାଲି ପଡ଼ିଥିବା ଅଭିଯୋଗ। ଫଳରେ ଜଟିଳ ରୋଗୀଙ୍କୁ ଆବଶ୍ୟକ ବିଶେଷଜ୍ଞ ଚିକିତ୍ସା ନମିଳିବାରୁ ବାଧ୍ୟ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିବାକୁ ପଡୁଛି।ଦୂର ଦୂରାନ୍ତରୁ ଧର୍ମଗଡ଼କୁ ଆସୁଥିବା ରୋଗୀଙ୍କ ପାଇଁ ପୁଣି ଅନ୍ୟ ହସ୍ପିଟାଲକୁ ରେଫର ହେବା ଅତିରିକ୍ତ ଖର୍ଚ୍ଚ ଓ ସମୟର କାରଣ ହେଉଛି। ବିଶେଷକରି ଗୁରୁତର ରୋଗୀଙ୍କ କ୍ଷେତ୍ରରେ ଏଭଳି ସ୍ଥିତି ଏକ ଚିନ୍ତାର ବିଷୟ ପାଲଟିଛି।

ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସିନ୍ଧେକେଲା ଥାନା ଘେରାଓ

- ଦୋକାନ ବଜାର ବନ୍ଦକଲେ ବ୍ୟବସାୟୀ
- ୧୫ ଦିନ ପରେ ମଧ୍ୟ ପୋଲିସର ହାତ ଖାଲି, ତେଜୁଛି ଅସନ୍ତୋଷ

ବଙ୍ଗୋମୁଣ୍ଡା(ଅମୃତ ମିଡିଆ): ମା'ର ଗହଣା ଚୋରି ହେଲା, ୧୫ ଦିନ ବିତିଗଲା,ସିନ୍ଧେକେଲା ପୁଲିସ ହାତ ଖାଲି। ଏହାକୁ ନେଇ ଆଜି ବଲାଙ୍ଗୀର ଜିଲ୍ଲା କଣ୍ଢାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ରେ ପ୍ରତିବାଦ କରାଯାଇଛି । ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଆଜି ସିନ୍ଧେକେଲା ଥାନା ଘେରାଓ କରାଯାଇଛି। ଶହ ଶହ ଆଦିବାସୀ ହାତରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ଢ଼କା ବଜାଇ ରାସ୍ତା କୁ ଓହ୍ଲାଇଲେ। ୧୫ ଦିନ ତଳେ ସିନ୍ଧେକେଲା ର ଅଧିଷ୍ଠାତ୍ରୀ ଦେବୀ ମା' ଦୁଆରସନି ମନ୍ଦିର ରୁ ଚୋରି ହୋଇଥିଲା। ଚୋର ମାନେ ରାତି ଅଧ ରେ ମନ୍ଦିର ର ତାଲା ଭାଙ୍ଗି ମା'ଙ୍କ ସୁନା-ରୂପା ଗହଣା ଲୁଟି ନେଇଥିଲେ। ଏହି ମନ୍ଦିର କେବଳ ଏକ ମନ୍ଦିର ନୁହେଁ, ସିନ୍ଧେକେଲା ଅଞ୍ଚଳର ଆଦିବାସୀ ସମାଜର ଆସ୍ଥାର କେନ୍ଦ୍ର। ଘଟଣା ପରେ ପୁଲିସରେ ଅଭିଯୋଗ ହୋଇଥିଲା। କିନ୍ତୁ ୧୫ ଦିନ ବିତିଯିବା ପରେ ବି ପୁଲିସ ଚୋରଙ୍କୁ ଧରିପାରିଲା ନାହିଁ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବଢିଥିଲା। ମଙ୍ଗଳବାର ଏହାକୁ ନେଇ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ତାତିଲା। ସଂଘର ଜିଲ୍ଲା ସଭାପତି ସତ୍ୟନାରାୟଣ ଭୋଇ ଓ କଣ୍ଢାବାଞ୍ଜି ଅଞ୍ଚଳ ର ଆଦିବାସୀ ନେତା ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ମନ୍ଦିର ପରିସରରୁ ଏକ ବିରାଟ ରାଲି ବାହାରିଥିଲା। ଶତାଧିକ ଆଦିବାସୀ ପୁରୁଷ-ମହିଳା ହାତରେ ଟାଙ୍ଗୀ, ତୀର-ଧନୁ ଭଳି ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି, ମାଦଳ ଓ ଢାପ ବଜାଇ ସହରର ମୁଖ୍ୟ ରାସ୍ତା ଦେଇ ସିନ୍ଧେକେଲା ଥାନା ଆଡକୁ ଆସିଥିଲେ। ରାଲି ଥାନାରେ ପହଞ୍ଚିବା ପରେ ଥାନା ଘେରାଓ କରାଯାଇଥିଲା ଏବଂ ପୁଲିସ ବିରୋଧରେ ନାରାବାଜି କରାଯାଇଥିଲା। ଅନ୍ୟପକ୍ଷରେ ଏହି ଆନ୍ଦୋଳନକୁ ସମର୍ଥନ କରି ସିନ୍ଧେକେଲା ବ୍ୟବସାୟୀ ସଂଘ ସମେତ ବିଭିନ୍ନ ସଂଗଠନ ସାମିଲ ହୋଇଥିଲେ। ଆଜି ସିନ୍ଧେକେଲା ଦୋକାନ ବଜାର ବନ୍ଦ ପାଳନ କରାଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ଶୀଘ୍ର ଚୋରଙ୍କୁ ଧରିବାକୁ ପ୍ରତିଶ୍ରୁତି ଦେଇଛି। ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଦାବି କରାଯାଇଛି। ଶାନ୍ତି ଶୃଙ୍ଖଳା ପାଇଁ ବଲାଙ୍ଗୀର ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ ବହୁ ପୋଲିସ ସାମିଲ ହୋଇଥିଲେ । ଥାନା ସମ୍ମୁଖରେ ଗୋଟିଏ ପ୍ରକାର ଉତ୍ତେଜନା ପରିସ୍ଥିତି ଦେଖିବାକୁ ମିଳିଛି ।

ରନ୍‌ମାଞ୍ଜରୀ ଆର୍ଟର ମୁକ୍ତିଲାଭ କଲା କ୍ଷୁଦ୍ର ଚଳଚିତ୍ର 'ରନ୍‌ଭଣ୍ଡାର'

ରାଇଘର (ଅମୃତ ମିଡିଆ): ସ୍ଥାନୀୟ ରନ୍‌ମାଞ୍ଜରୀ ଆର୍ଟ ତରଫରୁ କଞ୍ଚାମାଟି, ଆଶା, ରିଲୋ ରିଲୋ ଭଳି ନଅଗୋଟି କ୍ଷୁଦ୍ର ଚଳଚ୍ଚିତ୍ର ଦର୍ଶକମାନଙ୍କ ମନକୁ ଛୁଇଁ ଖୁବ ଲୋକପ୍ରିୟତା ପାଇସାରିଥିବା ବେଳେ ଗତକାଲି ସନ୍ଧ୍ୟାରେ ଅନୁଷ୍ଠାନର ଦଶମ ଚଳଚିତ୍ର ଭାବେ ମୁକ୍ତିଲାଭ କରିଛି ରନ୍‌ଭଣ୍ଡାର । ଏହି ଚଳଚିତ୍ରର ପ୍ରଯୋଜକ ଭାବେ ଧନଞ୍ଜୟ ମଲ୍ଲ ଥିବାବେଳେ କାହାଣୀ ଓ ନିର୍ଦ୍ଦେଶନା ଦେଇଛନ୍ତି କେଶବ ପଟ୍ଟନାୟକ ଏବଂ ସଂଗୀତରେ ଅଛନ୍ତି କଞ୍ଚେସ ମହାରଣା। କଳାକାର ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶାନ୍ତିଲତା ମହାନ୍ତି, ଧନଞ୍ଜୟ ମଲ୍ଲ, ଲକ୍ଷ୍ମୀପ୍ରିୟା ନାୟକ, ଶଙ୍କର ମହାରଣା, ଶିକ୍ଷକ ସଞ୍ଜୟ ଫୁଲବାଟି ଏବଂ ସଞ୍ଜୟ ହାଲଦାର ନିଜ ନିଜର ଅଭିନୟ ନିଖୁଣ ଭାବେ ପ୍ରଦର୍ଶନ କରି। ଲୋକଙ୍କ ମନ ମୋହିଛନ୍ତି। ଏହି ନିଆରା କାହାଣୀଟି ସାମ୍ପ୍ରତିକ ସମୟର ଅବହେଳିତ ବାର୍ଦ୍ଧକ୍ୟ ଜୀବନର ଏକ ଦୁଃଖ ଓ ଦରଦଭରା କାହାଣୀ ଉପରେ ଆଧାରିତ ହୋଇଛି ଯାହା ଦର୍ଶକମାନଙ୍କ ଭାବାବେଗକୁ ଛୁଇଁ ପାରିବ ବୋଲି ଆଶା କରାଯାଉଛି। ପୂର୍ବରୁ ରନ୍ ମଞ୍ଜରୀ ଆର୍ଟ ତରଫରୁ ମୃତ୍ତୁର ଶବ୍ଦ, କଞ୍ଚା ମାଟି, ଆଶା, ରିଲୋ ରୀଲୋ, ବନ୍ଧୁ, ପକେଟ ମାର, ବୋଉ, ବାୟା ବୁଟୁ ଭୁତ, ଭଳି ବହୁ କ୍ଷୁଦ୍ର ଚଳଚିତ୍ର ମୁକ୍ତି ଲାଭ କରିଛି। ଏହା ହଉଛି ରନ୍ ମଞ୍ଜରୀ ଆର୍ଟ ତରଫରୁ ଦଶମ କ୍ଷୁଦ୍ର ଚଳଚିତ୍ର।

ସ୍ୱାଭିମାନ ମଞ୍ଚ ଗଠନ

ନରସିଂହଙ୍କୁ ଭେଟି ବିଭିନ୍ନ ସମସ୍ୟା ଉପରେ କଲେ ଆଲୋଚନା

ତୃଣମୂଳ ସ୍ତରର ସମସ୍ୟା ଲୋକଲୋଚନକୁ ଅଣାଯିବ

ବଲାଙ୍ଗୀର(ଅମୃତ ମିଡିଆ) : ବଲାଙ୍ଗୀରର ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ବଲାଙ୍ଗୀର ସ୍ୱାଭିମାନ ମଞ୍ଚ ନାମରେ ଏକ ସଂଗଠନ ଆରମ୍ଭ ହୋଇଛି । ଏହି ସଂଗଠନରେ ବିଭିନ୍ନ ବର୍ଗ ଯଥା ଶିକ୍ଷା, ସଂସ୍କୃତି, କ୍ରୀଡା, ସମାଜସେବା, ରାଜନୀତି ଇତ୍ୟାଦିରେ ରୁଚି ରଖୁଥିବା ବିଭିନ୍ନ ବୟସ୍କ ବର୍ଗର ସଚେତନ ନାଗରିକମାନେ ସାମିଲ ହୋଇଛନ୍ତି। ସଂଗଠନର ଲକ୍ଷ୍ୟ ହେଲା ବଲାଙ୍ଗିରବାସୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ ଠିକ୍ ହିସାବରେ ବିଭାଗୀୟ ଅଧିକାରୀ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା । ତା ସହ ସମସ୍ୟା ଛୋଟ ହେଉ କି ବଡ ହେଉ ସେ ସବୁ କୁ ନିସ୍ୱାର୍ଥପର ଭାବେ ସ୍ୱାଭିମାନ ର ସହ ତାର ସମାଧାନ ଦିଗରେ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଲୋକଙ୍କ ପାଇଁ ଲଢେଇ ଜାରି ରଖିବା। ସ୍ୱାଭିମାନ ମଞ୍ଚ କୌଣସି ପ୍ରକାରେ ମଧ୍ୟ ବଲାଙ୍ଗିରବାସୀଙ୍କ ସ୍ୱାଭିମାନ ପ୍ରତି ଆଞ୍ଚ ନ ଆଣି ଲୋକେ ଭୋଗୁଥିବା ସମସ୍ୟାକୁ ବିଭିନ୍ନ ମାଧ୍ୟମରେ ପ୍ରଶାସନ ଆଗରେ ଉପସ୍ଥାପନ କରିବ। ଏଠାରେ ସୂଚନାଯୋଗ୍ୟ ଯେ ବିଗତ ଦିନରେ କିଛି ସଂଗଠନ ନିଜର ବ୍ୟକ୍ତି ସ୍ୱାର୍ଥ ସାଧନ ପାଇଁ ଲୋକଙ୍କ ସ୍ୱର ନ ହୋଇ ଲୋକଙ୍କ ସ୍ୱାର୍ଥ ବିରୋଧି କାମ କରିଥିବାରୁ ବଲାଙ୍ଗିରବାସୀଙ୍କ ଦ୍ୱାରା ଲୋକହସା ହୋଇଥିଲେ। ତେଣୁ ଆମର ଲକ୍ଷ୍ୟ ହେଲା ତୃଣମୂଳ ସ୍ତରରେ ଲୁଚିଯାଉଥିବା ସମସ୍ୟାକୁ ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ଶ୍ରୀ ମିଶ୍ର କହିଥିଲେ । ତାହା ସହ ସେ ଏହା ମଧ୍ୟ କହିଥିଲେ ଯେ ସଂଗଠନ କୌଣସି ପ୍ରକାର ପ୍ରଶାସନିକ କିମ୍ବା ରାଜନୈତିକ ଉପର ବଶବର୍ତ୍ତି ନ ହୋଇ ନିର୍ଭିକ ଏବଂ ପାରଦର୍ଶିତା ସହ ଲୋକଙ୍କ ସମସ୍ୟା ପାଇଁ ଲଢେଇ କରୁ । ଆଜିର ଏହି ବୈଠକରେ ସ୍ୱାଭିମାନ ମଂଚ ତରଫରୁ ଆବାହକ ଶିକ୍ଷାବିତ୍ ବାମଦେବ ମିଶ୍ର, ଉମାକାନ୍ତ ସାହୁ, ଡ. ପ୍ରେମଚନ୍ଦ ମହାନ୍ତି, ପ୍ରହଲ୍ଲାଦ ଶତପଥି, ସୁବାଷ ଶତପଥି, ବିରେନ୍ଦ୍ର ବନଛୋର, ବିରେନ୍ଦ୍ର ମିଶ୍ର, ତ୍ରିଲୋଚନ ମହାପାତ୍ର, ପ୍ରଶାନ୍ତ କୁମାର ପ୍ରଧାନ, ଭକ୍ତବନ୍ଧୁ ଯୋଷା, ତଙ୍କଧର ଗଡତ୍ୟା, ବୁଲୁ ମହାପାତ୍ର, ସୁରେନ୍ଦ୍ର କୁମାର ନନ୍ଦ, ମୁରାରି ପ୍ରସାଦ ସାହୁ, ଜ୍ୟୋତିରଂଜନ ନାଗ, ବୁଠି ବେହେରା, ପ୍ରଶାନ୍ତ କୁମାର ଯୋଷୀ, ପ୍ରକାଶ ଦାଶ, ରାଧାମୋହନ ମିଶ୍ର, ରାଜ କିଶୋର ସାହୁ, ଅଶୋକ କୁମାର ମିଶ୍ର, ପ୍ରଦୀପ ସାଏଙ୍କ ସମେତ ଅନେକ ବୁଦ୍ଧିଜିବି, ସାମାଜିକ କର୍ମୀ ଓ ସଂଗଠକ ଉପସ୍ଥିତ ଥିଲେ ।

ସଡ଼କ ଦୂର୍ଘଟଣାରୁ ସୁରକ୍ଷା ଦେବା ପାଇଁ ରେଡିଅମ୍ ବେଲ୍ଟ ପିନ୍ଧିବା ଅଭିଯାନ ଆରମ୍ଭ

ରାଇଘର(ଅମୃତ ମିଡିଆ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ରେ ଗାଈ ଗୋରୁ ରାସ୍ତା ଉପରେ ବୁଲୁ ଥିବା ଯୋଗୁଁ ଗୋ ମାତା କୁ ସୁରକ୍ଷା ଦେବା ପାଇଁ ରେଡିଅମ୍ ବେଲ୍ଟ ପିନ୍ଧା ଯାଉଛି। କିନ୍ତୁ ଗାଈ ଗୋରୁ ପାଳନ କାରି ସୁଧୁରିବା ପରିବର୍ତ୍ତେ ବାହାରେ ଛାଡି ଦେଉଥିବା ଦେଖିବାକୁ ମିଳିଛି। ସାଧାରଣ ତ ସନ୍ଧ୍ୟା ପରେ ଗାଈ ଗୋରୁ ରାସ୍ତା ଉପରେ ଶୋଇ ରହିବା ଫଳରେ ଯାତାୟାତ ରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସାଧାରଣ ଲୋକେ। ସେଇଥି ପାଇଁ ରାଇଘର ପଶୁ ଚିକିତ୍ସକ ଏବଂ ଯୁବ ଗୋଷ୍ଠି ମିଶି ବଜାର ରେ ବୁଲୁ ଥିବା ଗାଈ ଗୋରୁ ଙ୍କୁ ରେଡିଅମ୍ ବେଲ୍ଟ ପିନ୍ଧିବା କାର୍ଯ୍ୟକର୍ମ ଆରମ୍ଭ କଲେ। ଫଳରେ ଯାତାୟାତ କରୁଥିବା ଲୋକେ ରେଡିଅମ୍ ବେଲ୍ଟ ଲାଇଟ ଦେଖି ନିୟନ୍ତ୍ରଣ ସହକାରେ ଗାଡି ଚଲାଇ ପାରିବେ। କିନ୍ତୁ ବୁଲା ଗୋରୁ ଶହ ପାଳନ ଗାଈ ଗୋରୁ ଙ୍କୁ ମଧ୍ୟ ପାଳନ କାରି ଘରେ ବାନ୍ଧି ରଖିବା ପରିବର୍ତ୍ତେ କ୍ଷୀର ବାହାର କରି ବାହାରେ ଛାଡି ଦେଉଛନ୍ତି। ରେଡ଼ିଅମ୍ ବାନ୍ଧିବା କାର୍ଯ୍ୟକର୍ମ ଚାଲୁ ରଖିବା ସହ ବାହାରେ ଛାଡି ଦେଉଥିବା ପାଳନ କାରି ଙ୍କ ବିରୋଧରେ ସ୍ଥାନୀୟ ଲୋକ ପ୍ରତିନିଧି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ରେ ଦାବି ହଉଥିବା ଦେଖିବାକୁ ମିଳିଛି।

ଆଇଡିଏମ୍ ସ୍କୁଲରେ ପରିବେଶ ସୁରକ୍ଷା ଆଲୋଚନାଚକ୍ର

ବଲାଙ୍ଗୀର(ଅମୃତ ମିଡିଆ): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଆନୁକୁଲ୍ୟରେ ଓ ଆଇଡିଏମ୍ ସ୍କୁଲର ସହଯୋଗ ରେ ପରବେଶ ସଂପର୍କୀତ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ବର୍ଷାଋତୁ ଅନୁଷ୍ଠିତ ହୋଇଥିଲେ। ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଅର୍ଘ୍ୟ ଅମ୍ଲାନ ମିଶ୍ର । ଏହି ସଭାରେ ସଭାପତିତ୍ୱ କରିଥିଲେ ଡ. ଭବାନୀ ଶଙ୍କର ପଟେଲ । ଦୀପ ମନ୍ତ୍ରୀ ରଶ୍ମି ପାତ୍ର ଓ ଅର୍ଘ୍ୟଅର୍ପଣ ମିଶ୍ର କରିଥିଲେ । ପରେ ଜଗନ୍ନାଥ ଜଣାଣ ଗାୟନ କରିଥିଲେ ରାମ ଶଙ୍କର ଶତପଥୀ । ପରିଷଦ ର ବିବରଣୀ ପ୍ରଦାନ କରିଥିଲେ ଡ. ଭବାନୀ ଶଙ୍କର ପଟେଲ । ବକ୍ତା ଭାବରେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶିବ ପ୍ରସାଦ ତ୍ରିପାଠ ବିସ୍ତୃତ ଭାବରେ ପରିବେଶ ସୁରକ୍ଷାର ବିଭିନ୍ନ ବିଷୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ବବିତା ଦିକ୍ଷିତ ନିଜ ଅନୁଭୁତି କୁ ନେଇ ପରିବେଶ ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରି କୋଚି ଉପରେ ମତ ରଖିଥିଲେ। ସଭାପତିଙ୍କ ଅଭିଭାଷଣ ରେ ଗଛ ହିଁ ଜୀବନ ଏହି ପରିବେଶ କୁ ରାମ କୃଷ୍ଣଙ୍କର ସମୟରୁ ଗୁରୁତ୍ୱ ଦିଆଯାଇଛି । କବିତା ବର୍ଷା ଋତୁ ଉପରେ ସଂଯୋଜକ ରଶ୍ମି ପାତ୍ର ଓ ନିଳିନୀ ପ୍ରଭା ଶତପଥିଙ୍କ ସଂକ୍ଷିପ୍ତ କଥନ ଉପରେ ଅନେକ କବି ନିଜ କବିତା ପାଠ କରିଥିଲେ । ସମର୍ପିତା କର, ମାନସୀ ମିଶ୍ର, ସଂଗୀତା ମହାପାତ୍ର, ଶ୍ରଦ୍ଧାଞ୍ଜଳି ବରିହା, ବର୍ଷରାଣୀ ସାହୁ, ଶ୍ରୀୟା ପରିମିତା ପୋଥର, ଗୋଧିବ ଶର୍ମା, ପ୍ରତୁଷ ବୁହ୍ମା, ରଶ୍ମି ପାତ୍ର, ଡ. ଭବାନି ଶଙ୍କର ପଟେଲ, ବଳିଷ୍ଠ ପଧାନ, ରାମ ଶଙ୍କର ଶତପଥୀ, ନିଳିନୀ ପ୍ରଭା ଶତପଥି । ପରିଷଦ ତରଫରୁ ଛାତ୍ର ଛାତ୍ରୀଙ୍କୁ ଏବଂ କଲେଜର ଅଧ୍ୟାପିକାମାନଙ୍କୁ ମାନପତ୍ର ପ୍ରଦାନ କରିଯାଇଥିଲେ। ବଳିଷ୍ଠ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଭାରତ ଗ୍ୟାସ୍ ଏଜେନ୍ସୀ ଚୋରା କାରବାରର ୭୮ ଟି ଗ୍ୟାସ ଜବତ

ଏତେ ପରିମାଣର ଗ୍ୟାସ ଜୁନାଗଡ଼କୁ ଆସିବା ନେଇ ଉଠିଲା ପ୍ରଶ୍ନ

କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା) : ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଯୋଗୁଁ ସାରା ଦେଶରେ ଖାଉଟି ଗ୍ୟାସ ଯୋଗାଣକୁ ନେଇ ସଙ୍କଟ ଦେଖା ଦେଇ ଥିବା ବେଳେ ଏହାର ପ୍ରଭାବ ଓଡ଼ିଶାରେ ମଧ୍ୟ ପଡ଼ିଛି। ଗ୍ୟାସ ସିଲିଣ୍ଡର ପାଇବା ପାଇଁ ଗରିବ ଓ ସାଧାରଣ ଲୋକଙ୍କୁ ନିଜର ଦୈନନ୍ଦିନ କାମ ଛାଡ଼ି ଏଜେନ୍ସିରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିବା ଅଭିଯୋଗ ହେଉଛି। ଜୁନାଗଡ଼ ବ୍ଲକର ଅନେକ ଉପଭୋକ୍ତା ଗୋଲାମୁଣ୍ଡା ଅଞ୍ଚଳରେ ଥିବା ଭାରତ ଗ୍ୟାସ ଏଜେନ୍ସି ଉପରେ ନିର୍ଭରଶୀଳ କରନ୍ତି । ଜୁନାଗଡ଼ରୁ ପ୍ରାୟ ୨୦ରୁ ୨୫ କିଲୋମିଟର ଦୂର ଯାତ୍ରା କରି ଲୋକେ ସକାଳୁ ଏଜେନ୍ସିରେ ପହଞ୍ଚୁଛନ୍ତି । ଦୀର୍ଘ ସମୟ ଅପେକ

ସମ୍ପାଦକୀୟ...

ବିଷମ ସ୍ଥିତିରେ ବାଂଲା ସରକାର

ଅତି ଜଟିଳ ସ୍ଥିତିରେ ଏବେ ଗତି କରୁଛି ରେହମାନ ସରକାର। ବଂଲାଦେଶର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ତାରିକ୍ ରେହମାନ। ଅଗଷ୍ଟ ୨୦୨୪ରେ ବଂଲାଦେଶରେ ରାଜନୈତିକ ବିପ୍ଳବ ଏବଂ ତା'ର ପରେ ପରେ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ପଦଚ୍ୟୁତି ପରେ ପରେ ଯେବେ ନୋବେଲ୍ ବିଜେତା ମହମ୍ମଦ୍ ୟୁନୁସ୍‌ଙ୍କୁ ବଂଲାଦେଶର ତତ୍କାଳୀନ କାମଚଳା ଅନ୍ତରୀଣ ମୁଖ୍ୟ ଭାବରେ ନିଯୁକ୍ତି ଦିଆଗଲା, ସେତେବେଳେ ପୂରା ବାଂଲାଦେଶରେ ଖୁସିର ଲହର ଖେଳି ଯାଇଥିଲା। କାଳେ ନୋବେଲ୍ ବିଜେତା ୟୁନୁସ୍ ମହମ୍ମଦଙ୍କ ଅମଳରେ ବାଂଲାଦେଶରେ କିଛି ପରିବର୍ତ୍ତନ ଆସିପାରେ । ହେଲେ ସେମିତି କିଛି ସମ୍ଭବ ହୋଇପାରିନଥିଲା। ୟୁନୁସ୍ ମହମ୍ମଦ ତାଙ୍କ୍ ହିସାବରେ ଯଦିଓ ସେ ଠିକ୍ ଥିଲେ... ହେଲେ ବାଂଲାଦେଶରେ ସେମିତି କିଛି ଖାସ୍ ପରିବର୍ତ୍ତନ ଆଣିବାରେ କେବେ ବି ସଫଳ ହୋଇପାରିନଥିଲେ। ଯାହା ପଛରେ ମୁଖ୍ୟ କାରଣ ହେଉଛି ବାଂଲାଦେଶର ମୌଳବାଦୀ କଟ୍ଟର ଗୋଷ୍ଠୀ ଯେଉଁମାନେ ଆରମ୍ଭରୁ ତାଙ୍କର ସେହି ପ୍ରବୃତ୍ତିରେ ଅଭ୍ୟସ୍ତ। ଯେଉଁମାନେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ପଦ ଗାଦି ଗଲାପରେ ଆହୁରି ବେଶ୍ ସକ୍ରୀୟ ହେଇପଡ଼ିଥିଲେ। କାରଣ ଶେଖ୍ ହାସିନାଙ୍କ ସେମାନେ ଥିଲେ ବିରୋଧୀ ଗୋଷ୍ଠୀ । ସେଥିପାଇଁ ସେମାନେ ମାତିଯାଇଥିଲେ ବିଦ୍ରୋହରେ ଏବଂ ବିକ୍ଷୋଭରେ ଯାହାର ପରିଣାମ କେତେ ଆଗାମୀ ସମୟରେ କେତେ ଗମ୍ଭୀର ହେଇଥିଲା।, ତାହା ତ ସମସ୍ତେ ଜାଣନ୍ତି । ବିଶେଷକରି ବାଂଲା ଦେଶରେ ହିନ୍ଦୁମାନଙ୍କ ଉପରେ କେତେ କେତେ ଅତ୍ୟାଚାର ତା' ମଧ୍ୟରେ ହୋଇଗଲାଣି । ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେକ୍ ହାସିନା ଯେବେଠାରୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେଣି ସେବେଠାରୁ ବାଂଲାଦେଶର ବିରୋଧୀ ଗୋଷ୍ଠୀ ଅତ୍ୟଧିକ ସକ୍ରୀୟ ହୋଇଯାଇଛନ୍ତି। ନୋବେଲ୍ ବିଜେତାଙ୍କ ଫର୍ମୂଲା ବି କିଛି କାମ କଲାନି। ଖାଲି ନାମକୁ ମାତ୍ର ସେ ସିନା ଗାଦି ସମ୍ଭାଳିଲେ ହେଲେ କୋଉ କୂଳକୁ ହେଲେନି। ଖାଲି ଉପରଠାଉରିଆ ଭାବରେ କିଛି ଦିନ ଧରି ସେ ସିନା କାମ ଚଳାଇନେଲେ ହେଲେ ସେ ବି ଶେଷରେ ସେହି କଟ୍ଟର ବିଦ୍ରୋହୀ ଗୋଷ୍ଠୀ ସାଙ୍ଗରେ ପ୍ରତ୍ୟକ୍ଷ ଭାବରେ ଅବା ପରୋକ୍ଷ ଭାବରେ ମିଶିଯାଇଥିଲେ। ତାଙ୍କ ସମୟରେ ବି ହଣାକଟା। ଅତି ଭୀଷଣ ଭାବେ ହେଉଥିଲା। ରାସ୍ତାରେ ରକ୍ତପାତ, ଘରେ ରକ୍ତପାତ । ଓଲଟା ଭାରତ ବିରୋଧରେ କେବେ କେବେ ସେ କିଛି ନା କିଛି ଓଲଟାପୋଲଟା ମନ୍ତବ୍ୟ ଦେବାରେ ହେଳା କରୁନଥିଲେ। ତେଣୁ ସେ ବି ଫେଲ୍ ମାରିଗଲେ। ତାଙ୍କ ପରେ ବାଂଲାଦେଶର ପ୍ରଧାନମନ୍ତ୍ରୀ ପଦରେ ବସିଲେ ତାରିକ୍ ରେହମାନ ଯାହାଙ୍କୁ ଏକ ନିରପେକ୍ଷ ଶାସକ ଭାବରେ ପରିଗଣିତ କରାଗଲା। ତାଙ୍କ ଶାସନ ସମୟରେ ବାଂଲାଦେଶରେ ଯାହା ଆଶା କରାଯାଇଥିଲା, କାଳେ କିଛି ପରିବର୍ତ୍ତନ ଆସିବ ହେଲେ ସେମିତି କିଛି ବି ହୋଇପାରିଲା ନାହିଁ। ଏବେ ରେହମାନ ସରକାରଙ୍କ୍ ସମୟରେ ମଧ୍ୟ ବାଂଲାଦେଶରେ ଗୁଣ୍ଡାଗର୍ଦ୍ଦି ଚାଲିଛି। ହିନ୍ଦୁ ମାନଙ୍କୁ ବିନା ଦୋଷରେ ହତ୍ୟା କରାଯାଉଛି। ଯାହାକି କେବେ ବି ତାଙ୍କଠାରୁ ଆଶା କରାଯାଉନଥିଲା। ଅଥଚ ରେହମାନ ସରକାର ବାଂଲା ଦେଶର ହିନ୍ଦୁ ଜନତାଙ୍କୁ ସୁରକ୍ଷା ପ୍ରଦାନରେ ସେ ବି ଫେଲ୍ ବୋଲି କୁହାଯାଇପାରେ। ନିକଟରେ ହେବାକୁ ଥିବା ତାରିକ ରେହମାନଙ୍କ ଭାରତ ଗସ୍ତ ବାତିଲ୍ ହୋଇଛି। ଭାରତରେ ଶରଣାଗତ ଶେକ୍ ହାସିନାଙ୍କ ନିସର୍ତ୍ତ ପ୍ରତ୍ୟର୍ପଣ ଚୁକ୍ତିକୁ ହୁଏତ ଗ୍ରହଣ କରିନପାରେ ଭାରତ। ଏଣୁ ଭାରତ - ବାଂଲା ଦେଶର ଦ୍ୱିପାକ୍ଷିକ ସମ୍ପର୍କରେ ସୁଧାର ଆସିବା ପରିବର୍ତ୍ତେ ସେଥିରେ ତିକ୍ତତା ଆସିପାରେ। ଯାହାକି ବାଂଲାଦେଶ ପାଇଁ ଆଗକୁ କ୍ଷତିକାରକ ହୋଇପାରେ। ଏଣୁ ବିଷମ ସ୍ଥିତିରେ ଏବେ ବାଂଲା ସରକାର।

ଗହ୍ମା ପୂର୍ଣ୍ଣିମା, ରକ୍ଷା ବନ୍ଧନ ଓ ଜୀବନର ମୂଲ୍ୟବୋଧ

ଡ. ଅମୂଲ୍ୟ କୁମାର ପଣ୍ଡା

.

ପ୍ରତ୍ୟେକ ପର୍ବର ପଛରେ ରହିଛି ଗଭୀର ସାମାଜିକ, ଧାର୍ମିକ ଓ ସାଂସ୍କୃତିକ ମହତ୍ତ୍ୱ। ଓଡ଼ିଶାର ପରମ୍ପରାରେ ଶ୍ରାବଣ ପୂର୍ଣ୍ଣିମା ଏକ ବିଶେଷ ଦିନ। ଏହି ଦିନକୁ ଓଡ଼ିଶାରେ ସାଧାରଣତଃ ଗହ୍ମା ପୂର୍ଣ୍ଣିମା ଭାବେ ପାଳନ କରାଯାଏ। ଏହି ଦିନ ସହିତ ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ପ୍ରତୀକ ରକ୍ଷା ବନ୍ଧନ ମଧ୍ୟ ଜଡ଼ିତ। ଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ ଦୁଇଟି ପରମ୍ପରାର ମୂଳରେ ରହିଛି ସ୍ନେହ, ମଙ୍ଗଳକାମନା, ପରସ୍ପର ସୁରକ୍ଷା ଓ ପରିବାରିକ ଏକତା। ଓଡ଼ିଆ ଜୀବନଧାରାରେ ଗହ୍ମା ପୂର୍ଣ୍ଣିମାର ଏକ ସ୍ୱତନ୍ତ୍ର ଲୋକସାଂସ୍କୃତିକ ରୂପ ରହିଛି। ଅନ୍ୟପଟେ ରକ୍ଷା ବନ୍ଧନ ଭାଇ-ଭଉଣୀଙ୍କ ଭଲପାଇବାକୁ ସାମାଜିକ ଭାବେ ଦୃଢ଼ କରେ। ଶ୍ରାବଣ ମାସର ପୂର୍ଣ୍ଣିମା ତିଥି ଓଡ଼ିଆ ସଂସ୍କୃତିରେ ବିଶେଷ ମହତ୍ତ୍ୱ ବହନ କରେ। ଗ୍ରାମୀଣ ଓଡ଼ିଶାରେ ଏହି ଦିନକୁ ଗହ୍ମା ପୂର୍ଣ୍ଣିମା ବୋଲି କୁହାଯାଏ। ଚାଷବାସ ସହ ଜଡ଼ିତ ଓଡ଼ିଶାର ଜୀବନରେ ଗୋରୁଗାଈଙ୍କ ଗୁରୁତ୍ୱ ଅତ୍ୟଧିକ। ତେଣୁ ଏହି ଦିନ ଗୋପାଳନ ଓ କୃଷିଜୀବନ ସହ ଜଡ଼ିତ ଅନେକ ପରମ୍ପରା ପାଳନ କରାଯାଏ। ଗହ୍ମା ପୂର୍ଣ୍ଣିମାର ମୁଖ୍ୟ ଆକର୍ଷଣ ହେଉଛି ଗୋରୁପୂଜା। ଚାଷୀ ପରିବାର ପାଇଁ ଗୋରୁ କେବଳ ଏକ ପଶୁ ନୁହେଁ; ସେମାନେ କୃଷିକାର୍ଯ୍ୟର ସହଯୋଗୀ ଓ ପରିବାରର ଏକ ଅଂଶ। ଚାଷ ଜମି ପ୍ରସ୍ତୁତ କରିବା, ହଳ ଚଳାଇବା ଓ ଅନ୍ୟାନ୍ୟ କୃଷିକାର୍ଯ୍ୟରେ ପାରମ୍ପରିକ ଭାବରେ ଗୋରୁଙ୍କ ଅବଦାନ ରହିଆସିଛି। ତେଣୁ ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବାର ଏକ ପବିତ୍ର ଅବସର ହେଉଛି ଗହ୍ମା ପୂର୍ଣ୍ଣିମା।

ଏହି ପର୍ବରେ ଗୋରୁମାନଙ୍କୁ ସ୍ନାନ କରାଯାଏ। ସେମାନଙ୍କୁ ପରିଷ୍କାର କରି ଶରୀରରେ ତେଲ ଲଗାଯାଏ ଏବଂ ଶିଙ୍ଗ ଓ ଶରୀରକୁ ସୁନ୍ଦର ଭାବେ ସଜାଯାଏ। କେତେକ ଅଞ୍ଚଳରେ ଗୋରୁମାନଙ୍କୁ ନୂଆ ଦଉଡ଼ି, ମାଳା ଓ ବିଭିନ୍ନ ପ୍ରକାର ସାଜସଜ୍ଜାରେ ସଜାଯାଏ। ଘରର ଲୋକମାନେ ସେମାନଙ୍କୁ ଧୂପ, ଦୀପ, ସିନ୍ଦୂର ଆଦିରେ ପୂଜା କରନ୍ତି। ପୂଜା ପରେ ଗୋରୁମାନଙ୍କୁ ବିଶେଷ ଖାଦ୍ୟ ଦିଆଯାଏ। ଏହା ମାଧ୍ୟମରେ ଚାଷୀ ନିଜର କୃଷି ସହଯୋଗୀ ପଶୁମାନଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତା ଜଣାଇଥାଏ। ଏହି ପରମ୍ପରା ମନୁଷ୍ୟ ଓ ପଶୁ ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ପ୍ରକାଶ କରେ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ପ୍ରାଚୀନ କାଳରୁ ଚାଷୀଙ୍କ ଜୀବନ ଗୋରୁଗାଈ ଓ କୃଷିକାର୍ଯ୍ୟ ସହ ଅବିଚ୍ଛିନ୍ନ ଭାବରେ ଜଡ଼ିତ। ଗହ୍ମା ପୂର୍ଣ୍ଣିମା ଏହି କୃଷି ସଂସ୍କୃତିର ଏକ ସୁନ୍ଦର ପ୍ରତିଫଳନ। ଆଧୁନିକ ଯୁଗରେ ଟ୍ରାକ୍ଟର ଓ ବିଭିନ୍ନ ଯନ୍ତ୍ରପାତି କୃଷିକାର୍ଯ୍ୟରେ ବ୍ୟବହୃତ ହେଉଥିଲେ ମଧ୍ୟ ଗ୍ରାମୀଣ ଜୀବନରେ ଗୋରୁଙ୍କ ଗୁରୁତ୍ୱ ଆଜି ମଧ୍ୟ ରହିଛି। ଗୋରୁଠାରୁ କ୍ଷୀର, ଗୋବର ଓ ଅନ୍ୟାନ୍ୟ ଉପକାରୀ ସାମଗ୍ରୀ ମିଳିଥାଏ। ଗୋବର ଜୈବସାର ଭାବେ ମାଟିର ଉର୍ବରତା ବଢ଼ାଇବାରେ ସହାୟକ। ତେଣୁ ଗହ୍ମା ପୂର୍ଣ୍ଣିମା ଆମକୁ ପଶୁ ଓ ପ୍ରକୃତି ପ୍ରତି କୃତଜ୍ଞ ହେବାର ଶିକ୍ଷା ଦିଏ।

ଏହି ଗହ୍ମା ପୂର୍ଣ୍ଣିମାରେ ରକ୍ଷା ବନ୍ଧନ ହେଉଛି ଏକ ମୁଖ୍ୟ ଅଂଶ। ଏହି ପର୍ବରେ ଭାଇ-ଭଉଣୀଙ୍କ ସ୍ନେହ ଓ ବିଶ୍ୱାସର ପବିତ୍ର ପର୍ବ। 'ରକ୍ଷା' ଅର୍ଥ ସୁରକ୍ଷା ଏବଂ 'ବନ୍ଧନ' ଅର୍ଥ ସମ୍ପର୍କର ଡୋରି। ଭଉଣୀ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧି ତାଙ୍କ ମଙ୍ଗଳ ଓ ଦୀର୍ଘ ଜୀବନ କାମନା କରେ। ଭାଇ ମଧ୍ୟ ଭଉଣୀଙ୍କ ସୁଖ, ସୁରକ୍ଷା ଓ ସମ୍ମାନ ପାଇଁ ସଦା ସହଯୋଗ କରିବାର ପ୍ରତିଶ୍ରୁତି ଦିଏ। ତେବେ ରକ୍ଷା ବନ୍ଧନର ଅର୍ଥ କେବଳ ଭାଇ ଭଉଣୀଙ୍କୁ ସୁରକ୍ଷା ଦେବା ନୁହେଁ। ଏହା ପରସ୍ପର ସ୍ନେହ, ସମ୍ମାନ, ବିଶ୍ୱାସ ଓ ଦାୟିତ୍ୱର ପ୍ରତୀକ। ଭାଇ ଓ ଭଉଣୀ ଉଭୟେ ପରସ୍ପରର ସୁଖଦୁଃଖରେ ସାଥୀ ହେବା ହେଉଛି ଏହି ପର୍ବର ମୂଳ ଭାବନା। ରକ୍ଷା ବନ୍ଧନ ଦିନ ଭଉଣୀମାନେ ନିଜ ଭାଇଙ୍କ ପାଇଁ ରାକ୍ଷୀ ପ୍ରସ୍ତୁତ କରନ୍ତି କିମ୍ବା ବଜାରରୁ ରାକ୍ଷୀ କିଣନ୍ତି। ଭାଇଙ୍କ ହାତରେ ରାକ୍ଷୀ ବାନ୍ଧିବା ପୂର୍ବରୁ ଅନେକ ପରିବାରରେ ଭାଇଙ୍କୁ ଚନ୍ଦନ, ସିନ୍ଦୂର ଓ ଅକ୍ଷତରେ ତିଳକ ଦିଆଯାଏ। ପରେ ଆରତି କରାଯାଇ ରାକ୍ଷୀ ବାନ୍ଧାଯାଏ। ଭାଇ ଭଉଣୀଙ୍କୁ ଉପହାର ଦେଇଥାଏ। ଏହି ଛୋଟ ଆଚାର ମଧ୍ୟରେ ଗଭୀର ଭାବନା ଲୁଚି ରହିଛି। ରାକ୍ଷୀର ସୂତା ଅତ୍ୟନ୍ତ ସରଳ ହେଲେ ମଧ୍ୟ ଏହା ଭାଇ-ଭଉଣୀଙ୍କ ମନକୁ ଭାବନାର ଏକ ଅଦୃଶ୍ୟ ବନ୍ଧନରେ ବାନ୍ଧି ରଖେ। ଭାରତୀୟ ପରମ୍ପରାରେ ରକ୍ଷା ସୂତ୍ରର ଧାରଣା ବହୁ ପୁରାତନ। ପୁରାଣ ଓ ଲୋକ ପରମ୍ପରାରେ ରକ୍ଷାସୂତ୍ର ସମ୍ପର୍କିତ ବିଭିନ୍ନ କଥା ପ୍ରଚଳିତ ଅଛି। ଏହି କଥାଗୁଡ଼ିକରେ ରକ୍ଷାସୂତ୍ରକୁ ମଙ୍ଗଳ, ସୁରକ୍ଷା ଓ ଶୁଭକାମନାର ପ୍ରତୀକ ଭାବେ ଦର୍ଶାଯାଇଛି। ଶ୍ରାବଣ ପୂର୍ଣ୍ଣିମାରେ ଓଡ଼ିଶାରେ ଗହ୍ମା ପୂର୍ଣ୍ଣିମା ପାଳିତ ହେବା ସହିତ ଅନେକ ପରିବାରରେ ରକ୍ଷା ବନ୍ଧନ ମଧ୍ୟ ପାଳନ କରାଯାଏ। ଏହି କାରଣରୁ ଏହି ଦିନଟି ଓଡ଼ିଆ ଜୀବନରେ ଦୁଇ ପ୍ରକାରର ଭାବନାକୁ ଏକତ୍ର କରେ—ପଶୁ ଓ କୃଷିଜୀବନ ପ୍ରତି କୃତଜ୍ଞତା ଏବଂ ଭାଇ-ଭଉଣୀଙ୍କ ପ୍ରତି ସ୍ନେହ। ଗୋରୁପୂଜା ଆମକୁ ଜୀବଜଗତ ପ୍ରତି ଦୟା ଓ କୃତଜ୍ଞତା ଶିଖାଏ। ରାକ୍ଷୀ ଭାଇ-ଭଉଣୀଙ୍କ ସମ୍ପର୍କର ମୂଲ୍ୟ ବୁଝାଏ। ଏହି ଦୁଇ ପରମ୍ପରା ମିଶି ଶ୍ରାବଣ ପୂର୍ଣ୍ଣିମାକୁ ଏକ ଅର୍ଥପୂର୍ଣ୍ଣ ଦିନରେ ପରିଣତ କରେ।

ଗହ୍ମା ପୂର୍ଣ୍ଣିମା ଓଡ଼ିଶାର ଲୋକସଂସ୍କୃତିର ଏକ ଅଂଶ। ଗାଁଗହଳିରେ ଏହି ଦିନ ଘରଦ୍ୱାର ସଫା କରାଯାଏ, ଗୋରୁଙ୍କୁ ସଜାଯାଏ ଏବଂ ପରିବାରରେ ଉତ୍ସବର ପରିବେଶ ସୃଷ୍ଟି ହୁଏ। ନୂଆ ବସ୍ତ୍ର ପିନ୍ଧିବା, ଭଲ ଖାଦ୍ୟ ପ୍ରସ୍ତୁତ କରିବା ଓ ପରିବାରବର୍ଗ ଏକାଠି ହେବା ଭଳି ପରମ୍ପରା ଅନେକ ସ୍ଥାନରେ ଦେଖାଯାଏ। ଓଡ଼ିଆ ଲୋକଜୀବନରେ ପର୍ବପର୍ବାଣୀ କେବଳ ଧାର୍ମିକ ଆଚାର ନୁହେଁ। ଏହା ପରିବାର, ସମାଜ ଓ ପ୍ରକୃତିକୁ ଏକତ୍ର କରିବାର ମାଧ୍ୟମ। ଗହ୍ମା ପୂର୍ଣ୍ଣିମା ଏହାର ଏକ ଉତ୍କୃଷ୍ଟ ଉଦାହରଣ। ଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ ଉଭୟର ଏକ ବଡ଼ ସାମାଜିକ ମହତ୍ତ୍ୱ ରହିଛି। ଏହି ପର୍ବଗୁଡ଼ିକ ମଣିଷକୁ ପରସ୍ପର ସ୍ନେହ, ସହଯୋଗ ଓ ସମ୍ମାନର ମୂଲ୍ୟ ବୁଝାଇଥାଏ। ରକ୍ଷା ବନ୍ଧନ ଆମକୁ ନାରୀଙ୍କ ସମ୍ମାନ ଓ ସୁରକ୍ଷାର ମହତ୍ତ୍ୱ ମଧ୍ୟ ସ୍ମରଣ କରାଏ। ଭଉଣୀ ପ୍ରତି ଭାଇଙ୍କ ଦାୟିତ୍ୱ କେବଳ ରାକ୍ଷୀ ବାନ୍ଧିବା ଦିନରେ ସୀମିତ ନୁହେଁ। ନାରୀଙ୍କ ପ୍ରତି ସମ୍ମାନ, ସମାନ ଅଧିକାର ଓ ନିରାପଦ ପରିବେଶ ସୃଷ୍ଟି କରିବା ସମଗ୍ର ସମାଜର ଦାୟିତ୍ୱ। ସେହିପରି ରକ୍ଷା ବନ୍ଧନର ପ୍ରକୃତ ବାର୍ତ୍ତା ହେଉଛି ଯେ ପରସ୍ପରକୁ ସମ୍ମାନ କରିବା, ଆବଶ୍ୟକ ସମୟରେ ସାଥୀ ହେବା ଏବଂ ସମ୍ପର୍କର ମର୍ଯ୍ୟାଦା ରକ୍ଷା କରିବା।

ଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ ଆମକୁ ଅନେକ ମୂଲ୍ୟବୋଧ ଶିଖାଏ। ଗହ୍ମା ପୂର୍ଣ୍ଣିମା ଆମକୁ ପଶୁପକ୍ଷୀ ପ୍ରତି ଦୟା, କୃଷକ ଓ କୃଷିଜୀବନ ପ୍ରତି ସମ୍ମାନ ଏବଂ ପ୍ରକୃତି ସହ ସହାବସ୍ଥାନର ଶିକ୍ଷା ଦିଏ। ରକ୍ଷା ବନ୍ଧନ ଆମକୁ ପରିବାରିକ ସ୍ନେହ, ବିଶ୍ୱାସ, ସମ୍ମାନ ଓ ପରସ୍ପର ଦାୟିତ୍ୱର ଶିକ୍ଷା ଦିଏ। ଏହି ଦୁଇ ପର୍ବର ମୂଳ ସନ୍ଦେଶ ହେଉଛି ଯେ ଯେଉଁ ସମ୍ପର୍କ ଆମକୁ ଜୀବନରେ ସହାୟତା କରେ, ତାହାକୁ ସମ୍ମାନ କରିବା ଓ ତାହା ପ୍ରତି କୃତଜ୍ଞ ରହିବାଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ ଶ୍ରାବଣ ପୂର୍ଣ୍ଣିମାକୁ ଭାରତୀୟ ତଥା ଓଡ଼ିଆ ସଂସ୍କୃତିରେ ଏକ ଅର୍ଥପୂର୍ଣ୍ଣ ଦିନରେ ପରିଣତ କରିଛି। ଗହ୍ମା ପୂର୍ଣ୍ଣିମା ଆମ କୃଷିଭିତ୍ତିକ ଜୀବନ, ଗୋପାଳନ ଓ ପଶୁପ୍ରେମର ପ୍ରତୀକ। ରକ୍ଷା ବନ୍ଧନ ହେଉଛି ଭାଇ-ଭଉଣୀଙ୍କ ଅମୂଲ୍ୟ ସମ୍ପର୍କ, ସ୍ନେହ ଓ ବିଶ୍ୱାସର ପ୍ରତୀକ। ଆଧୁନିକତାର ପ୍ରଭାବରେ ଜୀବନଶୈଳୀ ବଦଳିଯାଉଥିଲେ ମଧ୍ୟ ଏହି ପର୍ବଗୁଡ଼ିକର ମୂଳ ମୂଲ୍ୟବୋଧକୁ ଆମେ ଭୁଲିବା ଉଚିତ ନୁହେଁ। ଗୋରୁ ଓ ଅନ୍ୟ ପଶୁପକ୍ଷୀଙ୍କ ପ୍ରତି ଦୟା, କୃଷକଙ୍କ ପ୍ରତି ସମ୍ମାନ, ଭାଇ-ଭଉଣୀଙ୍କ ପ୍ରତି ସ୍ନେହ ଏବଂ ସମାଜ ପ୍ରତି ଦାୟିତ୍ୱ ଯେ ଏସବୁ ହେଉଛି ଏହି ପର୍ବର ଅମୂଲ୍ୟ ଶିକ୍ଷା। ତେଣୁ ଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ କେବଳ ଆନନ୍ଦ ଓ ଉତ୍ସବର ଦିନ ନୁହେଁ, ଏହା ସ୍ନେହ, କୃତଜ୍ଞତା, ଦାୟିତ୍ୱ, ପ୍ରକୃତିପ୍ରେମ ଓ ସାମାଜିକ ଏକତାର ମହାପର୍ବ। ଏହି ମହାନ ପରମ୍ପରାକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ସଠିକ୍ ମୂଲ୍ୟବୋଧ ସହ ପହଞ୍ଚାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ -
୮୨୪୯୫୦୨୭୭୬

'ସ୍ନେହର ବନ୍ଧନ:- ରାକ୍ଷୀ'

ଉମା ଶଙ୍କର ପ୍ରସାଦ

ଏକ ଛୋଟ ସହରର ଉପକଣ୍ଠରେ ଏକ ଖୁସି ପରିବାର ରହୁଥିଲା। ପରିବାରରେ ଆର୍ଥିକ ଅଭାବ ଥିଲେ ବି ଆନନ୍ଦର କୌଣସି ସୀମା ନଥିଲା। ଘରେ ପାଞ୍ଚ ଭାଇ ଓ ଗୋଟିଏ ବୋଲି ଭଉଣୀ। ଭଉଣୀ କେବଳ ସେହି ପରିବାରର ନୁହେଁ, ବରଂ ସାରା ଗାଁର ସ୍ନେହର ପାତ୍ରୀ ଥିଲା। ସବୁଠାରୁ ସାନ ଭାଇ ଅଶୋକ ସହିତ ଭଉଣୀର ସମ୍ପର୍କ ଥିଲା ସବୁଠୁ ନିବିଡ଼। ରକ୍ଷାବନ୍ଧନ ପର୍ବ ପାଖେଇ ଆସୁଥିଲା। ଭଉଣୀ ଦୁଇ ଦିନ ପୂର୍ବରୁ ଆସି ପହଞ୍ଚିବ ବୋଲି କହିଥିଲା। ଅଶୋକ ଅଫିସରୁ ଛୁଟି ନେଇ ଘର ସଜାଇବାରେ ଲାଗିପଡ଼ିଥିଲା। ଭଉଣୀ ସୁନ୍ଦର ଗୀତ ଗାଏ, ତେଣୁ ସେ ହାରମୋନିୟମ୍ ସାଜି ଗୀତର ଆସର ଜମାଇବାକୁ ପ୍ରସ୍ତୁତ ହୋଇ ରହିଥିଲା। ଅଶୋକ ତା'ର ଖାଲି ମଣିବନ୍ଧ (ହାତ) କୁ ଦେଖି ବାରମ୍ବାରେ ଉଦାସ ହୋଇ ବସିଛି। ଚାରିପାଖରେ ନିରବତା।

ସମୟ ବିତିଗଲା, ପରିସ୍ଥିତି ବଦଳିଗଲା। ଭଉଣୀର ବିବାହ ହୋଇଗଲା ଏବଂ ସେ ଦୂର ସହରକୁ ଚାଲିଗଲା। ସମୟ ସହିତ ଘର ବିଚ୍ଛୁରିଗଲା। ବଡ଼ ଭାଇମାନେ ଆପଣା ଆପଣା ସଂସାରରେ ବ୍ୟସ୍ତ ହୋଇଗଲେ। ସେମାନେ ଭଉଣୀ ପ୍ରତି ନିଜର ଦାୟିତ୍ୱ ଭୁଲିବାକୁ ଲାଗିଲେ। କିନ୍ତୁ ସାନ ଭାଇ ଅଶୋକ ଆଜି ବି ସେହି ପୁରୁଣା ସ୍ମୃତିକୁ ସାଉଁଟି ରଖିଥିଲା। ଭଉଣୀ କହିଥିଲା ଯେ ସେ ରକ୍ଷାବନ୍ଧନ ଦିନ ସକାଳୁ ଅନ୍ୟ ଭାଇମାନଙ୍କୁ ରାଖୀ ବାନ୍ଧି ସାନ ଭାଇ ଘରକୁ ଆସିବ। ଅଶୋକ ସକାଳୁ ଭଉଣୀର ଅପେକ୍ଷାରେ ଚାହିଁ ରହିଥିଲା।ପଡ଼ୋଶୀ ଘରଗୁଡ଼ିକରେ ଖୁସିର ମାହୋଲ ଥିବାବେଳେ ଅଶୋକ ଦ୍ୱାର ଆଡ଼କୁ ଅପଲକ ନୟନରେ ଚାହିଁରହିଛି। ସକାଳ ନଅଟା ବାଜିଗଲା, ଭଉଣୀ ଆସିଲାନି। ଅଶୋକ ଫୋନ୍ କଲା, କିନ୍ତୁ କୌଣସି ଉତ୍ତର ମିଳିଲା ନାହିଁ। ଦ୍ୱିପ୍ରହର ହୋଇଗଲା। ଅଶୋକ ନିଜେ ନଖାଇ ଭଉଣୀ ପାଇଁ ଅପେକ୍ଷା କରି ରହିଲା। ଦେଖୁ ଦେଖୁ ସନ୍ଧ୍ୟା ପାଞ୍ଚଟା ବାଜିଗଲା। ପଡ଼ୋଶୀ ଘରେ ଉହ୍ୱର ଆନନ୍ଦରେ ପାଳନ ହେଉଥିବା ବେଳେ ଅଶୋକର ହାତ ସେମିତି ଖାଲି ପଡ଼ିଥିଲା। ସେ ମନେ ମନେ ଭାବିଲା, 'ସମୟ ସହିତ ହୁଏତ ଭଉଣୀର ସ୍ନେହ କମିଯାଇଛି, ସେ ଆଉ ଆସିବ ନାହିଁ।' ତା'ର ଆଖିରୁ ଲୁହ ଗଡ଼ିପଡ଼ିଲା।

ଦ୍ୱାର ମୁହଁରେ ଭଉଣୀ ଛିଡ଼ା ହୋଇଛି, ଆଖିରେ ଅଶ୍ରୁ ଓ ହାତରେ ରାଖୀ ଥାଳି। ଭାଇ-ଭଉଣୀଙ୍କ ଆବେଗପୂର୍ଣ୍ଣ ମିଳନ।

ରାତି ଆଠଟା ବାଜିବାକୁ ବସିଲାଣି। ହଠାତ୍ ଦ୍ୱାର ମୁହଁରେ ପାଦଶବ୍ଦ ଶୁଣାଗଲା। ଅଶୋକ ଧାଇଁଗଲା—ସାମ୍ନାରେ ତା'ର ପ୍ରିୟ ଭଉଣୀ ଛିଡ଼ା ହୋଇଛି ! ସାରା ଦିନର ପରିଶ୍ରମ, ବିଳମ୍ବର ପଶ୍ଚାତାପ ଏବଂ ଭାଇ ପ୍ରତି ଥିବା ଗଭୀର ଭାଲପାଇବା ଭଉଣୀର ଆଖିରେ ସ୍ପଷ୍ଟ ଦେଖାଯାଉଥିଲା। ବିଳମ୍ବ ହୋଇଥିବାରୁ ଭଉଣୀ କ୍ଷମା ମାଗିଲା। ସମସ୍ତ ସନ୍ଦେହ ଦୂର ହୋଇଗଲା। ଭଉଣୀ ଅଶୋକର ମଣିବନ୍ଧରେ ସ୍ନେହର ରାଖୀ ବାନ୍ଧିଦେଲା, ମିଠା ଖୁଆଇଦେଲା। ଭାଇ-ଭଉଣୀଙ୍କ ଆଖିରୁ ଖୁସିର ଲୁହ ବୋହିଗଲା। ହାରମୋନିୟମର ସପ୍ତ ସ୍ୱର ପୁଣି ଥରେ ସ୍ନେହର ସଙ୍ଗୀତରେ ଗୁଞ୍ଜରିତ ହୋଇଉଠିଲା। ସମୟ ଓ ପରିସ୍ଥିତି ଯେତେ ବଦଳିଲେ ବି, ଭାଇ-ଭଉଣୀଙ୍କ ପବିତ୍ର ସ୍ନେହର ବନ୍ଧନ କେବେ ଫିକା ପଡ଼ିନଥାଏ।

ଖୋର୍ଦ୍ଧା, (୬୩୭୦୬୭୫୫୬୨)

ଜ୍ଞାନାମୃତ

ସାହସୀ ରାଜପୁତ୍ର

କୁହାଯାଏ କି ଅଶୋକ୍, ଆକବର ଏବଂ ଆଲେକଜାଣ୍ଡାର ଇତିହାସର ତିନି ପ୍ରସିଦ୍ଧ ବୀର। ସେହିଭଳି ବୀର ଥିଲେ ଆକବର ଯେ କି ଦିଲ୍ଲୀରୁ ନିଜର ଶାସନ ଚଳାଉ

ধানের শীষে ভোট চেয়ে দ্বারে দ্বারে প্রচার বিএনপি নেতাদের

কালজয়ী (দ্বাদশ শ্রেণি) : ভোটের দিন যতই ঘনিয়ে আসছে ততই বাড়ছে প্রার্থীদের ব্যস্ততা। ভোটারদের দ্বারে দ্বারে গিয়ে ধানের শীষে ভোট চেয়ে প্রচার চালাচ্ছেন বিএনপি নেতারা। শনিবার সকাল থেকে দুপুর পর্যন্ত কালজয়ী উপজেলার বিভিন্ন ইউনিয়নে ঘুরে ঘুরে ভোটারদের কাছে ধানের শীষে ভোট চেয়েছেন বিএনপি নেতারা। এসময় উপস্থিত ছিলেন উপজেলা বিএনপির সভাপতি মোস্তাফিজুর রহমান ভূঁইয়া, সাধারণ সম্পাদক আবুল কাশেম মজুমদার, যুগ্ম আহ্বায়ক মাহবুবুর রহমান সোহাগ, সহ-সভাপতি মোস্তাফিজুর রহমান মিলন, সাংগঠনিক সম্পাদক মোস্তাফিজুর রহমান রনি, সাংগঠনিক সম্পাদক মোস্তাফিজুর রহমান রাজু, যুগ্ম সাধারণ সম্পাদক মোস্তাফিজুর রহমান রাজু, সাংগঠনিক

କେସିଙ୍ଗା ଚୋରିରୁ ଖୋଲିଲା ଆନ୍ତଃଜିଲ୍ଲା ରାକେଟ୍ ଗୁମର

୫ ଚୋର ସହ ରିସିଭର ଗିରଫ; ୨.୬୦ ଲକ୍ଷ ନଗଦ, ୭୨ ଗ୍ରାମ ସୁନା ଓ ୧୦୩୮ ଗ୍ରାମ ରୁପା ଜବତ

ରାୟଗଡ଼ାରୁ କେସିଙ୍ଗା ଯାଏଁ ଲମ୍ବିଛି ଚୋରି ରାକେଟ୍‌ର ଚେର
୧୧ରୁ ଅଧିକ ଚୋରି ଘଟଣାରେ ସମ୍ପୃକ୍ତି ନେଇ ଖୋଳତାଡ଼

କଳାହାଣ୍ଡି (ଅମୃତ ମିଡ଼ିଆ) : କେସିଙ୍ଗାରେ ଜଣେ ବ୍ୟବସାୟୀଙ୍କ ଘରେ ହୋଇଥିବା ଚୋରି ଘଟଣାର ତଦନ୍ତ କରି କଳାହାଣ୍ଡି ପୋଲିସ ଏକ ବଡ଼ ଆନ୍ତଃଜିଲ୍ଲା ଚୋରି ରାକେଟ୍‌ର ପର୍ଦ୍ଦାଫାସ କରିଛି । ଏହି ଘଟଣାରେ ପୋଲିସ ୫ ଜଣ କଥିତ ଚୋର ଓ ଜଣେ କଥିତ ରିସିଭରଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ବିପୁଳ ପରିମାଣର ନଗଦ ଟଙ୍କା ସହ ସୁନା ଓ ରୁପା ଅଳଙ୍କାର ଜବତ କରାଯାଇଛି । ପୋଲିସର ସୂଚନା ଅନୁସାରେ, କେସିଙ୍ଗାରେ ଘଟିଥିବା ଚୋରି ଘଟଣାର ତଦନ୍ତ ସମୟରେ ଏହି ରାକେଟ୍‌ର ସୁରାକ୍ ମିଳିଥିଲା । କେସିଙ୍ଗା ଅଞ୍ଚଳର ଜଣେ ବ୍ୟକ୍ତି ଚୋରି ଘଟଣାରେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିବା ପରେ ତାଙ୍କ ମାଧ୍ୟମରେ ରାୟଗଡ଼ା ଅଞ୍ଚଳରୁ ଅନ୍ୟ ବ୍ୟକ୍ତିମାନଙ୍କୁ ଡାକି ଚୋରି କରାଯାଇଥିବା ନେଇ ପୋଲିସ ତଥ୍ୟ ପାଇଥିଲା । ତଦନ୍ତ ଆଗକୁ ବଢ଼ିବା ସହ ଚୋରି ରାକେଟ୍‌ର ଚେର କେସିଙ୍ଗାରୁ ରାୟଗଡ଼ା ଜିଲ୍ଲା ପର୍ଯ୍ୟନ୍ତ ଲମ୍ବିଥିବା ପୋଲିସ ଜାଣିବାକୁ ପାଇଥିଲା । ଏହାପରେ ପୋଲିସ ତଦନ୍ତକୁ ଆହୁରି ଗଭୀର କରିଥିଲା । ପୋଲିସ ତଦନ୍ତରେ ଆହୁରି ଏକ ଚମକପ୍ରଦ ତଥ୍ୟ ସାମ୍ନାକୁ ଆସିଛି । ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇ ଜଣ ରାୟଗଡ଼ା ଅଞ୍ଚଳରେ ଘଟିଥିବା ୧୧ରୁ ଅଧିକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି । ଫଳରେ ଏହି ଗିରଫଦାରୀ କେବଳ କେସିଙ୍ଗା ଚୋରି ଘଟଣାର ସମାଧାନ ନୁହେଁ, ବରଂ ଅନେକ ଚୋରି ଘଟଣାର ତଦନ୍ତକୁ ନୂଆ ଦିଗ ଦେଇଥିବା କୁହାଯାଉଛି ।

ବିପୁଳ ଟଙ୍କା ଓ ଅଳଙ୍କାର ଜବତ

ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୋଲିସ ୨ ଲକ୍ଷ ୭୦ ହଜାର ଟଙ୍କା ନଗଦ, ୭୨ ଗ୍ରାମ ସୁନା ଏବଂ ୧୦୩୮ ଗ୍ରାମ ରୁପା ଜବତ କରିଛି । ଏହି ଜବତ ସାମଗ୍ରୀ ଚୋରି ରାକେଟ୍‌ର କାର୍ଯ୍ୟପ୍ରଣାଳୀ ନେଇ ତଦନ୍ତକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ସୁରାକ୍ ଦେଇଥିବା କୁହାଯାଉଛି । କେସିଙ୍ଗାର ଏକ ଚୋରି ଘଟଣାରୁ ଆରମ୍ଭ ହୋଇଥିବା ତଦନ୍ତ ଏବେ ଦୁଇ ଜିଲ୍ଲାର ଚୋରି ଘଟଣାକୁ ଯୋଡ଼ି ଦେଇଛି । ଏହି ରାକେଟ୍‌ରେ ଆଉ କେତେଜଣ ସମ୍ପୃକ୍ତ ଅଛନ୍ତି, ଚୋରି ସାମଗ୍ରୀ କେଉଁଠାରେ ଓ କିପରି ବିକ୍ରି ହେଉଥିଲା ଏବଂ ଅନ୍ୟ କେଉଁ କେଉଁ ଜିଲ୍ଲାରେ ଏମାନଙ୍କ ନେଟୱର୍କ ରହିଛି ସେନେଇ ପୋଲିସ ଖୋଳତାଡ଼ ଜାରି ରଖିଛି ।

ଆହୁରି ଗୁମର ଖୋଲିବା ଅପେକ୍ଷା

କେସିଙ୍ଗା ଚୋରି ଘଟଣାର ତଦନ୍ତ ଏବେ ଆନ୍ତଃଜିଲ୍ଲା ଚୋରି ନେଟୱର୍କର ତଦନ୍ତରେ ପରିଣତ ହୋଇଛି । ଗିରଫ ବ୍ୟକ୍ତିମାନଙ୍କୁ ପଚରାଉଚରା କରି ପୋଲିସ ଆହୁରି ଅନେକ ତଥ୍ୟ ହାସଲ କରିବା ଦିଗରେ ଆଗକୁ ବଢୁଛି । ଏହି ରାକେଟ୍ ସହ ଆଉ କେଉଁମାନେ ସମ୍ପୃକ୍ତ, ଚୋରି ହୋଇଥିବା ଅନ୍ୟ ସାମଗ୍ରୀ କେଉଁଠି ରହିଛି ଏବଂ ରାୟଗଡ଼ା ସମେତ ଅନ୍ୟ ଅଞ୍ଚଳରେ ଏମାନଙ୍କ କାର୍ଯ୍ୟକଳାପ କେତେଦୂର ବ୍ୟାପିଛି, ତାହା ଆଗାମୀ ତଦନ୍ତରେ ସ୍ପଷ୍ଟ ହେବ । ଏ ନେଇ କଳାହାଣ୍ଡି ଅରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ସୂଚନା ଦେଇଛନ୍ତି । କେସିଙ୍ଗାର ଏକ ଚୋରି ଘଟଣାରୁ ଆରମ୍ଭ ହୋଇଥିବା ତଦନ୍ତ ଏବେ ରାୟଗଡ଼ା ପର୍ଯ୍ୟନ୍ତ ପହଞ୍ଚିଛି । ପୋଲିସର ଏହି ସଫଳତା ଆନ୍ତଃଜିଲ୍ଲା ଚୋରି ନେଟୱର୍କ ବିରୋଧରେ ଏକ ବଡ଼ ପଦକ୍ଷେପ ହୋଇଥିବା ବେଳେ, ଆଗାମୀ ଦିନରେ ଏହି ରାକେଟ୍‌ର ଆହୁରି କେତେ ଗୁମର ଖୋଲୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ।

ବରଗଡ଼ରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଶିବିର ଅଦାଲତ

ମହିଳାମାନଙ୍କ ସମ୍ପର୍କିତ ୨୪ଟି ମାମଲା ଶୁଣାଣି

ବରଗଡ଼ (ଅମୃତ ମିଡ଼ିଆ) : ମହିଳାମାନଙ୍କ ଅଭିଯୋଗର ତ୍ୱରିତ ଶୁଣାଣି ଓ ସମସ୍ୟାର ସମାଧାନ ବ୍ୟବସ୍ଥାକୁ ସେମାନଙ୍କ ଦ୍ୱାରଦେଶରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆଜି ବରଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି । ମହିଳାମାନଙ୍କୁ ନ୍ୟାୟ, ସୁରକ୍ଷା ଓ ଆବଶ୍ୟକ ସହାୟତା ସହଜରେ ଉପଲବ୍ଧ କରାଇବା ଲକ୍ଷ୍ୟରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଆୟୋଗ ପକ୍ଷରୁ ନିୟମିତ ଭାବେ ମାସିକ ଜିଲ୍ଲାଭିତ୍ତିକ ଶିବିର ଅଦାଲତ ଆୟୋଜନ ଦ୍ୱାରା ମହିଳାମାନଙ୍କୁ ନିଜ ଜିଲ୍ଲାରେ ହିଁ ଅଭିଯୋଗ ଜଣାଇବା ସହ ଆୟୋଗଙ୍କ ନିକଟରୁ ଆବଶ୍ୟକ ସହାୟତା ପାଇବାର ସୁଯୋଗ ମିଳୁଛି । ମହିଳାମାନେ ଯେପରି ନିଜର ଅଧିକାର, ସୁରକ୍ଷା ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ସମ୍ପର୍କରେ ସଚେତନ ହେବା ସହ ନ୍ୟାୟ ଓ ସୁରକ୍ଷା ପାଇବାର ମାର୍ଗ ସମ୍ପର୍କରେ ଅବଗତ ହୋଇପାରିବେ, ସେଥିପାଇଁ ଆୟୋଗ ପକ୍ଷରୁ ଏଭଳି ଶିବିର ଆୟୋଜନ କରାଯାଇ ଆୟୋଗ ପକ୍ଷରୁ ସମସ୍ତ ସେବା ଓ ସହାୟତା ବିନା ମୂଲ୍ୟରେ ପ୍ରଦାନ କରାଯାଉଛି । ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିର ଅଦାଲତରେ ଘରୋଇ ହିଂସା, ଯୌନ ଉତ୍ପୀଡ଼ନ, ପାରିବାରିକ ବିବାଦ, ଅପହରଣ, ମହିଳା ଚାଲାଣ ସମେତ ମହିଳାମାନଙ୍କ ସୁରକ୍ଷା, ସମ୍ମାନ ଓ ଅଧିକାର ସହ ସମ୍ପୃକ୍ତ ସମ୍ପର୍କିତ ସମୁଦାୟ ୨୪ଟି ମାମଲା ଶୁଣାଣି କରି ୧୧ଟି ମାମଲାର ଆପୋଷ ସମାଧାନ କରାଯାଇଥିବାବେଳେ ୬ଟି ମାମଲାକୁ ଆରକ୍ଷୀ ଅଧିକ୍ଷକ ଏବଂ ୪ଟି ମାମଲାକୁ ସୁରକ୍ଷା ଅଧିକାରୀଙ୍କ ନିକଟକୁ ସମାଧାନ ପାଇଁ ପ୍ରେରଣ କରାଯାଇଛି । ଅବଶିଷ୍ଟ ୩ଟି ମାମଲାରେ ସମ୍ପୃକ୍ତ ପକ୍ଷମାନଙ୍କ ପୁନର୍ବାର ଉପସ୍ଥିତି ପାଇଁ ନୋଟିସ୍ ଜାରି କରାଯାଇଛି । ଏହି ଅବସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର ନାଥ ଶତପଥୀ, ଓଡ଼ିଶା ରାଜ୍ୟ ମହିଳା ଆୟୋଗର ସଦସ୍ୟା ମୁକ୍ତା ସାହୁ ଏବଂ ପ୍ରତିଭା ଶତପଥୀ, ଡିଏସପି ବରଗଡ଼ ଶିପ୍ରା କୁମାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକ, ଆଇନ ଅଧିକାରୀ ଅରବିନ୍ଦ ପଟ୍ଟନାୟକ, ଅଧ୍ୟକ୍ଷାଙ୍କ ଷ୍ଟେନୋଗ୍ରାଫର ତଥା ଅନ୍ୟାନ୍ୟ ଅଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ରହି ମହିଳାମାନଙ୍କ ପାଇଁ ସହଜରେ ନ୍ୟାୟ ଓ ପ୍ରତିଷ୍ଠାନଗତ ସହାୟତା ଉପଲବ୍ଧ କରାଇବାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଆୟୋଗ ପକ୍ଷରୁ ଅଭିଯୋଗକାରୀମାନଙ୍କ ଠାରୁ ସିଧାସଳଖ ଭାବେ ସେମାନଙ୍କ ସମସ୍ୟା ଶୁଣାଯାଇ ମାମଲାଗୁଡ଼ିକର ଆଇନସମ୍ମତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଓ ପରାମର୍ଶ ପ୍ରଦାନ କରାଯାଇଥିଲା । ମହିଳାମାନଙ୍କ ସମସ୍ୟାର ସମାଧାନ ପାଇଁ ଆୟୋଗଙ୍କ ପକ୍ଷରୁ ଜିଲ୍ଲାସ୍ତରରେ ଏଭଳି କ୍ୟାମ୍ପ କୋର୍ଟ ଆୟୋଜନ କରାଯିବା ଦ୍ୱାରା ମହିଳାମାନେ ନିଜ ସମସ୍ୟାକୁ ନିର୍ଭୟରେ ଉପସ୍ଥାପନ କରିବା ସହ ଆଇନଗତ ଅଧିକାର ଓ ଉପଲବ୍ଧ ସହାୟତା ବ୍ୟବସ୍ଥା ସମ୍ପର୍କରେ ଜାଣିପାରୁଛନ୍ତି । ଏହା ମହିଳାମାନଙ୍କୁ ନ୍ୟାୟ, ସୁରକ୍ଷା, ଅଧିକାର ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ପ୍ରଦାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ନିଟ୍ ପରୀକ୍ଷାରେ ସଫଳତା ହାସଲ ପରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ

ରାଇଘର (ଅମୃତ ମିଡ଼ିଆ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଯୋଡ଼ିଙ୍ଗା ପଂଚାୟତ ବରଙ୍ଗା ଗ୍ରାମର ପଦ୍ମାବତୀ ଗଣ୍ଡଙ୍କୁ ସ୍ୱାଗତ ସମ୍ବର୍ଧନା ଜଣାଇଲେ ସ୍କୁଲର ଶିକ୍ଷକ ଓ ଛାତ୍ରଛାତ୍ରୀ । ପ୍ରକାଶଥାଉ କି ପଦ୍ମାବତୀ ୨୫,୨,୨୦୦୭ ମସିହାର ବରଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ତତ୍କାଳୀନ ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ପାଣିଗ୍ରାହି ଖଡି ଛୁଆଁ ଆରମ୍ଭ କରି ବରଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ ଆରମ୍ଭ କରିଥିଲେ । ତତ୍କାଳୀନ ପ୍ରଧାନଶିକ୍ଷକଙ୍କ ପରାମର୍ଶ ରେ ଯୋଡ଼ିଙ୍ଗା କନ୍ୟାଶ୍ରମରେ ଅଧ୍ୟୟନ ପରେ କଳିଙ୍ଗ ମୋଡେଲ ବିଦ୍ୟାଳୟ ଉମରକୋଟରେ ଅଧ୍ୟୟନ କରି ଏକଲବ୍ୟ ମଡେଲ ସ୍କୁଲ ହିଲି ନବରଙ୍ଗପୁରରେ ଅଧ୍ୟୟନ କରିଥିଲେ । ତାପରେ ନିଟ୍ ପ୍ରସ୍ତୁତି ନିମନ୍ତେ ମହାରାଷ୍ଟ୍ରର ପୁନେଠାରେ ଅବସ୍ଥିତ ଦକ୍ଷିଣା କୋଚିଂ ସେଣ୍ଟରରେ ଭର୍ତ୍ତି ହୋଇଥିଲେ । ପ୍ରଥମ ନିଟ୍ ପରୀକ୍ଷା ବାତିଲ ହେବା ପରେ ପୁଣି ଗତ ଜୁନ ୨୧ ତାରିଖରେ ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟ ନିଟ୍ ପରୀକ୍ଷା ଦେଇଥିଲେ । ପ୍ରଥମ ଥରରେ ହିଁ ପଦ୍ମା ନିଟ୍ ପରିକ୍ଷାରେ ସଫଳତା ହାସଲ କରିଛନ୍ତି । ବାପା ଜଣେ କୃଷକ ଏବଂ ମା ଗୃହିଣୀ ଅଟନ୍ତି । ପଦ୍ମାର ସଫଳତା ପରେ ସ୍କୁଲର ଶିକ୍ଷକ ଓ ଗ୍ରାମବାସୀ ପଦ୍ମା ଓ ପରିବାରକୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ଏହା ଶହ ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଯୋଡ଼ିଙ୍ଗା ସରପଞ୍ଚ ଏବଂ ଗଣ୍ଡ ସମାଜ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି ।

ଗ୍ରାମ ପଞ୍ଚାୟତ ବିକାଶ ପାଣ୍ଠି ଓ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ଯୋଜନା ପ୍ରସ୍ତୁତି ତାଲିମ

ବେଲପଡା (ଅମୃତ ମିଡ଼ିଆ) : ବେଲପଡା ବ୍ଲକ୍‌ର ସଂଜ୍ଞିଳନୀ କକ୍ଷଠାରେ ଅରୁଣା, ଆଇସିଡିଏସଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ବଲାଙ୍ଗୀରର ଆୟୋଜନ କ୍ରମେ ବ୍ଲକ୍ ସ୍ତରୀୟ ଟାସ୍କ ଫୋର୍ସ କମିଟି, ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଓ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନଙ୍କ ପାଇଁ ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି କରିବାକୁ ଏକ ତାଲିମ ଅନୁଷ୍ଠିତ କରାଯାଇଛି । ଏହି ତାଲିମ କାର୍ଯ୍ୟକ୍ରମରେ ବେଲପଡା ବ୍ଲକ୍‌ର ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ ଶ୍ରୀ ଆଶୁତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ତାଲିମ ଅନୁଷ୍ଠିତ ହୋଇଯାଇଛି,ଏହି ଅବସରରେ ସିଡିପିଓ ବିଦ୍ୟୁତ୍‌ପ୍ରଭା ନାଗ କହିଲେ ଶିଶୁମାନଙ୍କ ଆବଶ୍ୟକ ଯତ୍ନ ଓ ସୁରକ୍ଷା ଜରୁରୀ କାଳୀନ ଭିତ୍ତିରେ ଗ୍ରାମ ପଞ୍ଚାୟତ ବିକାଶ ପାଣ୍ଠି ରୁ ଶତକଡା ୫ ପ୍ରତିଶତ ସହ ଅର୍ଥ କୁ ସୁନିଶ୍ଚିତ କରିବା ପାଇଁ

ସମସ୍ତଙ୍କର ସାହାଯ୍ୟ କାମନା କରିଥିଲେ । ଏହି ଅବସରରେ ସିଡିପିଓ କହିଲେ ବାଲ୍ୟ ବିବାହ ବନ୍ଦ କରିବା, ବାଲ୍ୟ ବିବାହ ଅଧିକାରୀମାନେ ପଞ୍ଚାୟତସ୍ତରରେ ବୋର୍ଡ ଲଗାଇବା, ବେଟି ବଚାଓ ବେଟି ପଢାଓ ଉପରେ ଜଣାଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ ଖୁଆସ ସମସ୍ତଙ୍କୁ ସ୍ୱାଗତ ଜଣାଇ କିଶୋର ନ୍ୟାୟ ଆଇନ୍ ଉପରେ ଶିଶୁ ମାନଙ୍କର ଯତ୍ନ ଓ ସୁରକ୍ଷା ଉପରେ ବିଭିନ୍ନ ପ୍ରକାର ଆଇନ୍ ତଥା ବାଲ୍ୟବିବାହ ନିରୋଧ ଆଇନ, ପୋକ୍ସୋ ଆଇନ୍, ଶିଶୁ ଶ୍ରମିକ ନିରୋଧ ଆଇନ, ପିପିପିଏନ୍‌ଡିଟି ଆଇନ୍ ଉପରେ ଜଣାଇଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ ଅବସ୍ଥିତ ଥିବା ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ତାଲିମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ କହିବା ସହ ସରପଞ୍ଚ ଓଇଓମାନଙ୍କର ଭୂମିକା, ଦାୟିତ୍ୱ ଉପରେ ଜଣାଇଥିଲେ । ଗ୍ରାମ ପଞ୍ଚାୟତ ବିକାଶ ପାଣ୍ଠିର ଅନ୍ ଟାଏଡ ପାଣ୍ଠିର ୫ % ବିପଦ ସଙ୍କୁଳ ଅବସ୍ଥାରେ ଥିବା ଶିଶୁମାନଙ୍କୁ ଚିହ୍ନଟ କରି ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି କରିବାକୁ ଗୋଷ୍ଠି ଭିତ୍ତିକ ଯୋଜନା ଓ ବ୍ୟକ୍ତିଗତ ଯୋଜନା ପ୍ରସ୍ତୁତି କରିବା ପାଇଁ ଏକ ତାଲିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବେଲପଡା ଥାନାର ଏଏସଆଇ ଭଜମନ ବିଶି ବାଲ୍ୟ ବିବାହ ଆଇନ ଉପରେ ମତାମତ ଦେଇଥିଲେ,ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ଚତୁର୍ଭୁଜ ମିଶ୍ର୍ଵା କହିଲେ ଅଧାରୁ ପାଠ ପଢା ଛାଡିଥିବା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଏନ୍‌ଆଇଓଏସ, ଏସଆଇଓଏସ ମଧ୍ୟରେ ନାମ ଲେଖାଇବାକୁ ପରାମର୍ଶ ପ୍ରଦାନ କରିଥିଲେ । ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପାଣ୍ଡେ ଅପ୍ରାପ୍ତ ବୟସ୍କ । ଗର୍ଭବତୀ ହୋଇ ମାତୃତ୍ୱ ଲାଭ କରିବା ନିଜ ପାଇଁ ସ୍ୱାସ୍ଥ୍ୟ ହାନି, ଅଯଥା ପାରିବାରିକ ବୋଝ, ନବଜାତକର ଯତ୍ନ ନେବା ସମସ୍ୟା ଉପୁଜୁ ଥିବା ବେଳେ ଜନ୍ମିତ ଶିଶୁର ମଧ୍ୟ କ୍ଷତି ହୋଇଥାଏ ବୋଲି ବୁଝାଇଥିଲେ ।

ଅସହାୟତା ଭାଇ-ଭଉଣୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି

କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) : କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ସଦର ମହକୁମାର ଆରଧା ନାଏକ(୧୦)ଓ ଆହାନ ନାଏକ (୭)ବର୍ଷ, ଦୁଇ ଭାଇ ଭଉଣୀ ଅସହାୟ ହୋଇ ପଡିଛନ୍ତି, ବାପା ଟୁନା ନାଏକଙ୍କ ମୃତ୍ୟୁର ବର୍ଷେ ନ ହେଉଣୁ ମାଆ ମମତା ନାଏକ ନିଖୋଜ ହୋଇ ଯାଇଛି । ପରିବାର କହିଲେ ଆରଧା ଆହାନ ସମେତ ବିଧବା ଶାଶୁ- ବୋହୂ ଗୋଟିଏ ଜାଗାରେ ରହି ଆସୁଥିଲେ । ଗତ ୨୪ ତାରିଖ ରାତିରେ ପୁତ୍ରବଧୂ ମମତା ନାଏକ କୁଆଡେ ନିଖୋଜ ହୋଇଯାଇଥିବା ନେଇ ଶାଶୁ ବୈଦେହୀ ନାଏକ କଲମପୁର

ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଆଧାର କରି କଲମପୁର ଥାନା ପକ୍ଷରୁ ମାମଲା ପଞ୍ଜିକୃତ ହୋଇଥିବା ବେଳେ ମମତା ର ଖୋଜ ଖବର ଏଯାଏ ଆଜି ଯାଏ ମିଳିନାହିଁ । ଏପଟେ ଜଣେ ପଡୋଶୀ ଯୁବକ ମଧ୍ୟ ସେ ଦିନରୁ ଅନ୍ତରଧାନ ହୋଇଯାଇ ଥିବାରୁ ଅଭିନାଶ ସହିତ ମମତା କୁଆଡେ ଚାଲି ଯାଇଥିବା ସଂଦେହ କରି ଶାଶୁ ବୈଦେହୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ଏପଟେ ନାତି ନାତୁଣୀଙ୍କ ପାଇଁ ଆଇ ବୈଦେହୀର ଚିନ୍ତା ବଢ଼ି ଯାଇଛି । ବୈଦେହୀ ନିଜେ ହୃଦରୋଗୀ ହୋଇଥିବା ବେଳେ ସରକାରୀ ଚାଉଳ ଓ ମାସିକ ୧ ହଜାର ଟଙ୍କା ଭତ୍ତା ହିଁ ତାଙ୍କର ଶେଷ ରୋଜଗାର । ଏତିକିରେ ବୈଦେହୀ ନିଜର ଔଷଧ ପତ୍ର କରିବା ସହିତ ନାତି ନାତୁଣୀଙ୍କ ଭରଣ ପୋଷଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ହତାଶ ହୋଇ ପଡିଛନ୍ତି । ଖାଦ୍ୟ ପେୟର ଘୋର ଅନାଟନର ସମ୍ମୁଖୀନ ହୋଇଥିବା ବେଳେ ନାତି ନାତୁଣୀଙ୍କ ଭବିଷ୍ୟତ ଅନ୍ଧାର ପଥକୁ ଦେଖି ବିବ୍ରତ ଅବସ୍ଥାରେ ବାଉଳି ହେଉଛନ୍ତି । ନାତି ନାତୁଣୀଙ୍କ ପାଠ ପଢ଼ାରେ ମଧ୍ୟ ଏହା ପ୍ରଭାବିତ ହେଉ ଥିବାରୁ ସରକାରଙ୍କ ତରଫରୁ ସହାୟତା ନ ମିଳିଲେ ସେଥିରେ ବି ଡୋର ପଡିବା ନିଶ୍ଚିତ ହୋଇପଡ଼ିଛି । ବାପା ମାଆଙ୍କୁ ହରାଇବା ପରେ ସଂସାର ଦେଖିବା ପୂର୍ବରୁ ଭାଇ ଭଉଣୀଙ୍କ ଭାଗ୍ୟ ଉପରେ ତଡକ ପଡ଼ିଛି, ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଅସହାୟ ଭାଇ ଭଉଣୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

ସୋନପୁରରେ ଶ୍ରାବଣୀ ମେଳା ଉଦ୍‌ଯାପିତ

ସୁବର୍ଣ୍ଣପୁର (ଅମୃତ ମିଡିଆ) : ଶ୍ରାବଣ ଶେଷ ସୋମବାର ଏକାଦଶୀ ତିଥି ସଂନ୍ଧ୍ୟାରେ ଗଙ୍ଗାଧର ମେହେର ଛକ ବୋଲବମ୍ କମିଟି ନୁଆଁପଡ଼ା ସୋନପୁର ପକ୍ଷରୁ 'ଶ୍ରାବଣୀ ମେଳା' ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଗୀତ ନାଚ ପରିବେଷଣ ସହିତ ମହାସମାରୋହରେ ଉଦଯାପିତ ହୋଇଯାଇଛି । ଗୁରୁ ସଞ୍ଜୟ ସାହୁ, ଗୁରୁ ପ୍ରହଲ୍ଲାଦ ରଣା, ଗୁରୁ ରଞ୍ଜିତା ଷଷ୍ଠଁ, ଗୁରୁ ଶ୍ରୀ ଅଞ୍ଜଳୀ ବେହେରା ପ୍ରମୁଖ ଗାୟକ ଗାୟିକା ଓ ଟ୍ରୁପ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓମ୍ ଶ୍ରୀ ସଂକୀର୍ତ୍ତନ ଧାରା ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଯୁବ ନେତା ପ୍ରକାଶ ସାହୁ, ଅଭିମନ୍ୟୁ କୁଶଳ, ଟିକେଲାଲ ମେହେର ଯୋଗ ଦେଇ ଥିବା ବେଳେ ବୋଲବମ୍ କମିଟି ଉପଦେଷ୍ଟା ଅଶ୍ୱିନୀ

ମେହେର, ସଭାପତି ମଧୁ ସୂଦନ ମେହେର, ସଂପାଦକ ହରି ମେହେର, କୋଷାଧ୍ୟକ୍ଷ ଶ୍ୟାମ ମେହେର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରା ଯାଇଥିଲା । ରାତି ସାରା ହଜାର ହଜାର ବୋଲବମ୍ ଭକ୍ତ ଓ ଶ୍ରଦ୍ଧାଳୁ ଏହି ସାଂସ୍କୃତିକ

ସୀମାରେ ମୁତୟନ ଯବାନଙ୍କ ପାଇଁ ଏବିଭିପିର 'ସୈନିକ ପାଇଁ ରାକ୍ଷୀ' ଅଭିଯାନ

ବାରିପଦା /କରଞ୍ଜିଆ(ଅମୃତମିଡିଆ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସୀମାରେ ଦେଶର ସୁରକ୍ଷା ପାଇଁ ମୁତୟନ ଥିବା ଯବାନମାନଙ୍କ ଉଦ୍ଦେଶ୍ୟରେ 'ସୈନିକ ପାଇଁ ରାକ୍ଷୀ' ଅଭିଯାନ ଆୟୋଜିତ ହୋଇଛି । ଏହି ଅଭିଯାନ ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଠାରୁ ରାକ୍ଷୀ ଓ ଶୁଭେଚ୍ଛାପତ୍ର ସଂଗ୍ରହ କରାଯାଇ ଯବାନମାନଙ୍କ ନିକଟକୁ ପଠାଯାଇଛି । କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ, ମା' ବାଶୁଳି ମହାବିଦ୍ୟାଳୟ, ଠାକୁରମୁଣ୍ଡା, ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟ, କାଦଡିହା ଏବଂ ଯଶିପୁର ମହାବିଦ୍ୟାଳୟ, ଯଶିପୁରରୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ରାକ୍ଷୀ ଓ ପତ୍ର ସଂଗ୍ରହ କରାଯାଇଛି । ଦେଶର ସୁରକ୍ଷା ପାଇଁ ଘରଠାରୁ ଦୂରରେ ରହି କର୍ତ୍ତବ୍ୟ ସମ୍ପାଦନ କରୁଥିବା ଯବାନ ମାନଙ୍କ ପ୍ରତି ଛାତ୍ରଛାତ୍ରୀଙ୍କ ସ୍ନେହ, ସମ୍ମାନ ଓ କୃତଜ୍ଞତା ପ୍ରକାଶ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅଭିଯାନକୁ ସଫଳ କରିବାରେ ଏବିଭିପିର କାର୍ଯ୍ୟକର୍ତ୍ତା ସ୍ମୃତିରାଣୀ ମହନ୍ତ, ଗାୟତ୍ରୀ ମହାନ୍ତ, ପୂଜାରିଣୀ ମହାନ୍ତ, ମେଞ୍ଚବତୀ ସିଂ ଖୁଣ୍ଟିଆ, ସୁଜିତ୍ ଦାସ ଓ ସତ୍ୟବ୍ରତ ମାଝୀ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଯବାନମାନଙ୍କ ପ୍ରତି ଏହି ଭାବପୂର୍ଣ୍ଣ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ବାରିପଦା /ସାହାରପଡ଼ା(ଅମୃତମିଡିଆ): କେନ୍ଦୁଝର ଜିଲ୍ଲା, ଘଟଗାଁ ବ୍ଲକ ଅନ୍ତର୍ଗତ ଧୋବାପାଟଣା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ଦୁଃଖଦ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ଧୋବାପାଟଣା ଗ୍ରାମର ମାଧବ ଗାଗରାଏ ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, କିଛି ଦିନ ହେବ ଧୋବାପାଟଣା ଓ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୨୦ଟିକିଆ ହାତୀପଲ ଡେରା ପକାଇଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ

ଲାଗିରହିଥିଲା । ଏହି ସମୟରେ ଆଜି ଅପରାହ୍ନରେ ମାଧବଙ୍କୁ ହାତୀ ଆକ୍ରମଣ କରିଥିଲା । ଆକ୍ରମଣରେ ଘଟଣାସ୍ଥଳରେ ହିଁ ମାଧବଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଘଟଣା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିବା ବେଳେ ହାତୀପଲକୁ ନେଇ ଲୋକଙ୍କ ମଧ୍ୟରେ ଆହୁରି ଭୟ ବଢ଼ିଛି । ଖବର ପାଇ ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ହାତୀପଲର ଗତିବିଧି ଉପରେ ନଜର ରଖିବା ସହ ଲୋକଙ୍କୁ ସତର୍କ ରହିବାକୁ ବନବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

ହଜରତ ମହମ୍ମଦଙ୍କ ଜୟନ୍ତୀ ଧୁମ୍‌ଧାମ୍‌ରେ ପାଳିତ

ବାରିପଦା(ଅମୃତମିଡିଆ): ଆଜି ଇସଲାମ ଧର୍ମର ଧର୍ମଗୁରୁ ହଜରତ ମହମ୍ମଦଙ୍କ ୧୫୦୧ ତମ ଜନ୍ମଜୟନ୍ତୀ ରାଇରଙ୍ଗପୁରରେ ମୁସଲିମ ସମାଜ ତରଫରୁ ଧୁମଧାମରେ ପାଳନ କରାଯାଇଛି । ଆଜି ସକାଳୁ ରାଇରଙ୍ଗପୁର ପୌରାଞ୍ଚଳ ଅନ୍ତର୍ଗତ ଠାକୁରାଣୀବେଡ଼ା, ଇଚିଣ୍ଡାର ସମସ୍ତ ପରିବାରର ଲୋକେ ଘର ଦ୍ୱାର ପରିଷ୍କାର କରି ନବ ବସ୍ତ୍ର ପରିଧାନ କରି ମସଜିଦରେ ପହଁଚିଥିଲେ । ପରେ ସଂଖ୍ୟାଲଘୁ ସଂପ୍ରଦାୟର ଆବାଳ ବୃଦ୍ଧବନିତା ହାତରେ ଧର୍ମୀୟ ପତକା ଧରି

ଏକ ବିଶାଳ ଶୋଭାଯାତ୍ରା ବାହାରି ରାଇରଙ୍ଗପୁର ସହରର ବଜାର ଗୋଲେଇ, ବିଜୁପଟ୍ଟନାୟକ ଛକ, ମେଡିକାଲ ଛକ, ଷ୍ଟେସନ ଛକ, ଛିଣ୍ଡା ଛକ ଦେଇ ସହର ପରିକ୍ରମା କରିଥିଲେ। ଧର୍ମୀୟ ଗୁରୁମୌଲାନା ହଜରତ ମହମ୍ମଦଙ୍କ ଯେଉଁ ସନ୍ଦେଶ ରହିଥିଲା ଭାଇଚାରାର, ପ୍ରେମର ଏବଂ ଶାନ୍ତିର ତାହା ଉପସ୍ଥାପନା କରିଥିଲେ । ଆଖପାଖ ଅଞ୍ଚଳରୁ ଆସିଥିବା ସମସ୍ତ ମୁସଲମାନ ଭାଇମାନେ ଯୋଗଦେଇଥିଲେ। ପରସ୍ପରକୁ କୁଣ୍ଢାଇବା ମୁବାରକ ଜଣାଇଥିଲେ । ମହମ୍ମଦ ଜୟନ୍ତୀ ହେଉଛି ଭାଇଚାରାର ସମ୍ପର୍କ । ଅସହାୟକୁ ସାହାଯ୍ୟ ସହଯୋଗ, ସହାନୁଭୂତି ଓ ପ୍ରେମ ଦେବା । କମିଟି ତରଫରୁ ସମସ୍ତଙ୍କ ପାଇଁ ଅନ୍ନ ବ୍ୟବସ୍ଥା କରାଯାଇଥିଲା ।

ଏବିଭିପି ତରଫରୁ ବହଳଦାର ବିଭିନ୍ନ ସ୍ଥାନରେ ରକ୍ଷା ବନ୍ଧନ

ବାରିପଦା(ଅମୃତମିଡିଆ): ହିନ୍ଦୁ ସଂସ୍କୃତିରେ ଭାଇ ଭଉଣୀ ଘର ପବିତ୍ର ସଂପର୍କ ଓ ସ୍ନେହ ମମତା ପରଂପରା ସାରା ବିଶ୍ୱରେ ଅନନ୍ୟ ଓ ଅବର୍ଣ୍ଣନୀୟ । ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦର ସଦସ୍ୟ ବୃନ୍ଦ ରକ୍ଷାବନ୍ଧନ ଉଦ୍ଦେଶ୍ୟରେ ମୟୂରଭଂଜ ଜିଲ୍ଲାର ବହଳଦା ଧରଣୀଲାଲ କଲେଜରେ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀମାନଙ୍କ ପାଖକୁ ମଥାରେ ଅରୁଆ ଚାଉଳ, ସିନ୍ଦୂର ଲଗାଇ ହାତରେ ପବିତ୍ର ରାକ୍ଷୀ ବାନ୍ଧି ସମ୍ମାନ ଜଣାଇଥିଲେ । ସେଠାରୁ ବାହାରି ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର, ଡାକ୍ତରାଣୀ, ନର୍ସ,

କର୍ମଚାରୀ ଓ ରୋଗୀମାନଙ୍କୁ ରାକ୍ଷୀ ପିନ୍ଧାଇ ଥିଲେ । ସେଠାରୁ ବାହାରି ବହଳଦା ବନ୍ୟାଞ୍ଚଳ କାର୍ଯ୍ୟାଳୟରେ ବନବିଭାଗ ଅଧିକାରୀ ଓ କର୍ମଚାରୀମାନଙ୍କୁ, ପରେ ବହଳଦା ଥାନାରେ ଥାନାଧିକାରୀ ଏବଂ ପୋଲିସ କର୍ମଚାରୀ, ପରେ ବହଳଦା ତହସିଲ କାର୍ଯ୍ୟାଳୟରେ ତହସିଲଦାର ଓ କର୍ମଚାରୀମାନଙ୍କ ହାତରେ ରାକ୍ଷୀ ପିନ୍ଧାଇ ଥିଲେ । ପରେ ବହଳଦା ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓ, ଯନ୍ତ୍ରୀ ଏବଂ କର୍ମଚାରୀମାନଙ୍କ ହାତରେ ପବିତ୍ର ରାକ୍ଷୀ ପିନ୍ଧାଇ ଥିଲେ । ଏବିଭିପିର ଏହି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି । ଏହି ପବିତ୍ର କାର୍ଯ୍ୟକ୍ରମରେ ସ୍ମୃତି ଶିଖା ସାହୁ, ସିମରନ ବେହେରା, ପ୍ରୀତିପ୍ରଜ୍ଞା, ମନୀଷା, ବଣ୍ଟି ମହାନ୍ତିଙ୍କ ସମେତ ଏବିଭିପିର ବହୁ ସଦସ୍ୟ ଓ ସଦସ୍ୟା ସାମିଲ ହୋଇଥିଲେ ।

ପଦ୍ମଶ୍ରୀ ଡ. ରାମଦୟାଲ ମୁଣ୍ଡାଙ୍କ ଜୟନ୍ତୀ ପାଳିତ

ବାରିପଦା(ଅମୃତମିଡିଆ): ରଙ୍ଗାମାଟିଆ ସ୍ଥିତ ମୁଣ୍ଡା ସଂସ୍କୃତି ଭବନରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ଏବଂ ଓଡ଼ିଶା ପାହାନ ଗୁରୁଗାମ ମିଳିତ ଆନୁକୂଲ୍ୟରେ ପଦ୍ମଶ୍ରୀ ଡଃ ରାମଦୟାଲ ମୁଣ୍ଡାଙ୍କ ୮୭ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ମୁଣ୍ଡା ସମ୍ପ୍ରଦାୟର ପୂଜକ (ପାହାନ)ମାନଙ୍କୁ ନେଇ ମୁଣ୍ଡାରୀ ସଂସ୍କୃତି, ଆଦିବାସୀଙ୍କ ଧାର୍ମିକ ବିଶ୍ୱାସ, ପାରମ୍ପରିକ ରୀତିନୀତି ଓ ପରମ୍ପରାର ସଂରକ୍ଷଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଆଦିବାସୀ ସମାଜର ଧାର୍ମିକ ବିଶ୍ୱାସ ଓ ପାରମ୍ପରିକ ପୂଜାପଦ୍ଧତିକୁ ସୁସଂଗଠିତ କରିବା ସହିତ ସେମାନଙ୍କର ସଂସ୍କୃତି ଓ ରୀତିନୀତିର ସଂରକ୍ଷଣ ନିମନ୍ତେ ଆସନ୍ତା ସେପ୍ଟେମ୍ବର ୧୩ରୁ ୧୫ ପର୍ଯ୍ୟନ୍ତ ଏକ ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି । ସେହିପରି ମୁଣ୍ଡା ସମ୍ପ୍ରଦାୟର ଧାର୍ମିକ ପୀଠ ଗୁଡ଼ିକର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ଦିଗରେ ମଧ୍ୟ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର କେନ୍ଦ୍ରୀୟ ଆବାହକ ବିରବଲ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଇଂ. ସୁନାରାମ ସିଂ, ମୁଣ୍ଡାରୀ ଶିକ୍ଷା ପରିଷଦର ସମ୍ପାଦକ ବୁଧୁଆ ସିଂ, ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ପର୍ଯ୍ୟବେକ୍ଷକ ଅଜିତ କୁମାର ସିଂ, ବାଙ୍ଗଶବିଲା ଗ୍ରାମପଞ୍ଚାୟତ ଆବାହକ ସୁନାରାମ ସିଂ, ଖୁଣ୍ଟା ବ୍ଲକ ଆବାହକ ରାଙ୍ଗା ସିଂ, ଉପଦେଷ୍ଟା ବିଲକାନ ପ୍ରଭୁଦୟାଲ ନାଗ, ପାହାନ ଗୁରୁ ପୂର୍ଣ୍ଣଚନ୍ଦ୍ର ସିଂ ଓ ପାହାନ ବସନ୍ତ କୁମାର ସିଂ, ମଧୁ ସିଂ, ଶୁକଦେବ ସିଂ, ମହାଦେବ ସିଂ ଙ୍କ ସମେତ ବହୁ ପାହାନ ଓ ସମାଜର ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।

ଚୋରା ମଦ ଧରପଗଡ଼; ୨ ମହିଳା ଗିରଫ, ୧୯ ଲିଟର ଦେଶୀ ମଦ ଜବତ

ବାରିପଦା(ଅମୃତମିଡିଆ): ଠାକୁରମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚୋରା ମଦ ଧର ପଗଡ଼ କରାଯାଇ ୨ ଜଣ ମହିଳାଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ମୋଟ ୧୯ ଲିଟର ଦେଶୀ ମଦ ଜବତ କରାଯାଇଛି । ସୂଚନା ଅନୁସାରେ, ଅବକାରୀ ବିଭାଗ ଖମଡିହା ଗ୍ରାମ ରାସ୍ତା ଏବଂ ଖୁଣ୍ଟାପୋଷି ଗ୍ରାମ ରାସ୍ତାରେ ଚଢାଉ କରିଥିଲା। ପ୍ରଥମ କେଶରେ ଅଭିଯୁକ୍ତ ଖମଡିହା ଗ୍ରାମର ଉର୍ବଶୀ ସାହୁ(ବୟସ ୪୦)ଙ୍କ ନିକଟରୁ ୧୧ ଲିଟର ଦେଶୀ ମଦ ଜବତ କରାଯାଇଛି ଦ୍ୱିତୀୟ କେଶରେ ଅନାମନୀ ମୁର୍ମୁ, (ବୟସ ୩୭)ଙ୍କୁ ଖୁଣ୍ଟାପୋଷି ଗ୍ରାମ ରାସ୍ତାରୁ ୮ ଲିଟର ଦେଶୀ ମଦ ସହ ଗିରଫ କରାଯାଇଛି । ଉଭୟଙ୍କ ବିରୁଦ୍ଧରେ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ସାମାଜିକ ସୁରକ୍ଷାରୁ ବଂଚିତ ବେଲମଣି

ବାରିପଦା /ଉଦଳା(ଅମୃତମିଡିଆ): ଉଦଳା ବ୍ଲକର କୋଚିଲାଡ଼ିହା ପଂଚାୟତ

ଅନ୍ତର୍ଗତ ଧୁଳିନ୍ଦା ଗ୍ରାମର ବାସିନ୍ଦା ନନ୍ଦ ଦେହୁରିଙ୍କ ସହଧର୍ମିଣୀ ବେଲମଣି ଦେହୁରୀ ସ।ମ। ଜଣିକ ସୁରକ୍ଷାରୁ ବଂଚିତ ଥିବାର ଜଣାଇଛନ୍ତି । ଆଧାରକାର୍ଡ଼ରେ ଉଲ୍ଲେଖ ଥିବା ଜନ୍ମତାରିଖ ଅନୁସାରେ ବେଲମଣିଙ୍କୁ ବର୍ତମାନ ବୟସ ୬୪ ବର୍ଷ ଛୁଇଁଲା । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ବେଲମଣି ବୟସ ଅଧିକ ହୋଇ ଯାଇଥିବାରୁ ଆଉ ଆଗଭଳି କାମକରି ପାରୁ ନାହାଁନ୍ତି । ଫଳରେ ସେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା କହିଛନ୍ତି । ତେବେ ଏଥିପାଇଁ ସେ ପଂଚାୟତ କାର୍ଯ୍ୟଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବୀ ଅନୁରୋଧ ଜଣାଇଛନ୍ତି ।

ସ୍ୱାମୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଏସଆଇଟି ତଦନ୍ତ ଦାବି

ଏସପିଙ୍କୁ ଦାବିପତ୍ର ପ୍ରଦାନ କଲେ ସ୍ତ୍ରୀଙ୍କ ସହ ଶତାଧିକ ଲୋକ

ବାରିପଦା(ଅମୃତମିଡିଆ): ବାରିପଦା ରାଣୀଭୋଳ ଅଞ୍ଚଳର ଲକ୍ଷ୍ମୀମଣି ହେମ୍ବ୍ରମ ତାଙ୍କ ସ୍ୱାମୀ ସ୍ୱର୍ଗତ ହରିଶ ଚନ୍ଦ୍ର ହେମ୍ବ୍ରମଙ୍କ ସନ୍ଦେହଜନକ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଘଟଣାର ନିରପେକ୍ଷ, ବ୍ୟାପକ ଓ ବୈଜ୍ଞାନିକ ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ ପାଇଁ ଦାବି କରିଛନ୍ତି । ଏନେଇ ସେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଏକ ଲିଖିତ ଆବେଦନ କରିଛନ୍ତି । ଆବେଦନ ଅନୁଯାୟୀ, ୪୫ ବର୍ଷୀୟ ହରିଶ ଚନ୍ଦ୍ର ହେମ୍ବ୍ରମ, ଅଗଷ୍ଟ ୧୯ ତାରିଖ ରାତି ପ୍ରାୟ ୧୧ଟା ୪୫ରେ ବାରିପଦାରୁ ଭୁବନେଶ୍ୱର ଅଭିମୁଖେ ତାଙ୍କ ହ୍ୟୁଣ୍ଡାଇ ଆଇ ୨୦ ନଂ. ଓଡି ୧୧ଏସ ୮୩୧୦ ଯୋଗେ ବାହାରିଥିଲେ । ତାଙ୍କ ସହିତ ବନ୍ଧୁ ସତ୍ୟଜିତ ବେହେରା ଥିଲେ । ଅଗଷ୍ଟ ୨୦ ତାରିଖ ରାତି ପ୍ରାୟ ୧ଟା ୧୦ରେ ସୋରୋ ଥାନା ଅନ୍ତର୍ଗତ ଆଲିପୁର ନିକଟରେ ଗାଡ଼ିଟି ରାସ୍ତାକଡ଼ରେ ରହିଥିବା ବେଳେ ହରିଶ ଚନ୍ଦ୍ର ଗାଡ଼ିରୁ ବାହାରକୁ ଆସିଥିଲେ । ଏହି ସମୟରେ ଏକ ଅଜଣା

ଗାଡ଼ି ତାଙ୍କୁ ଧକ୍କା ଦେଇଥିବା ର ଜଣାପଡ଼ିଥିଲା । ଗୁରୁତର ଆହତ ହରିଶଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା ।ତାଙ୍କ ସହଯାତ୍ରୀ ସତ୍ୟଜିତ ବେହେରା ମଧ୍ୟ ସାମାନ୍ୟ ଆହତ ହୋଇ ବାଲେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସିତ ହୋଇ ପରେ ଡିସ୍ଚାର୍ଜ ହୋଇଥିଲେ । ଘଟଣାର ପରିସ୍ଥିତିକୁ ନେଇ ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି । ଦୁର୍ଘଟଣାରେ ସମ୍ପୃକ୍ତ ଅଜଣା ଗାଡ଼ିକୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନଥିବାରୁ ଘଟଣାର ପ୍ରକୃତ କାରଣ ଜାଣିବା ଆବଶ୍ୟକ ବୋଲି ଆବେଦନରେ ଦର୍ଶାଯାଇଛି । ହରିଶ ଚନ୍ଦ୍ର ରିଅଲ ଇଷ୍ଟେଟ କାରବାର, ସମ୍ପତ୍ତି ବିବାଦ ଏବଂ ନିକଟ ଅତୀତରେ କାହା ସହିତ ବିବାଦ ଥିଲା କି ନାହିଁ, ତାହା ମଧ୍ୟ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହୋଇଛି । ଆବେଦନରେ ଅଜଣା ଗାଡ଼ିକୁ ଚିହ୍ନଟ ପାଇଁ ଆଲିପୁର, ସୋରୋ ଓ ଆଖପାଖ ଅଞ୍ଚଳର ସିସି ଟିଭି ଫୁଟେଜ, ଟୋଲପ୍ଲାଜା ଓ ଟ୍ରାଫିକ ରେକର୍ଡ ଯାଞ୍ଚ, ଦୁର୍ଘଟଣାସ୍ଥଳର ଫୋରେନସିକ ପରୀକ୍ଷା, ଗାଡ଼ିର କ୍ଷତିର ଧାରା ଓ ଭଙ୍ଗା ଅଂଶର ବିଶ୍ଳେଷଣ, ସାକ୍ଷୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ, ସହଯାତ୍ରୀ ସତ୍ୟଜିତ ବେହେରାଙ୍କୁ ପଚରାଉଚରା ଏବଂ ମୃତକଙ୍କ ମୋବାଇଲ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ ତଥ୍ୟ ବାଲେଶ୍ୱର ଓ ମୟୂରଭଞ୍ଜ ପୁଲିସ ମଧ୍ୟରେ ସମନ୍ୱୟ ରକ୍ଷା ତଦନ୍ତ କରିବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି । ଘଟଣାଟି ସାଧାରଣ ସଡ଼କ ଦୁର୍ଘଟଣା ନା କୌଣସି ଯୋଜନାବଦ୍ଧ ଧକ୍କା, ପିଛା କରିବା, ଅବରୋଧ କିମ୍ବା ଅନ୍ୟ କୌଣସି ଅପରାଧିକ ଷଡ଼ଯନ୍ତ୍ର ରହିଛି, ତାହା ତଦନ୍ତ ମାଧ୍ୟମରେ ସ୍ପଷ୍ଟ କରିବାକୁ ଦାବି ହୋଇଛି । ଦାବିପତ୍ର ପ୍ରଦାନ ବେଳେ ଭଞ୍ଜ ଦିଶୋମ ମାଝୀ ମୋହଲ ମେନେଜିଙ୍ଗର କମିଟୀ ର ଉପଦେଷ୍ଟା ଆଡ଼ଭୋକେଟ ପ୍ରଭୁଦାନ ମାରାଣ୍ଡି, ବିଜୁ ଛାତ୍ର ଜନତା ଦଳର ସଭାପତି ଆଭାସ ଦେ ଦୁର୍ଯୋଧନ ମୁର୍ମୁ, ସଭାପତି ସୁବୋଧ ସୋରେନ, ସୁନ୍ଦର ମୋହନ ବାସ୍କେ, ମନୋରଞ୍ଜନ ହେମ୍ବ୍ରମ, ଲାଲବାହାଦୁର ମାରାଣ୍ଡିଙ୍କ ସହ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ମୁଖ୍ୟମନ୍ତ୍ରୀଙ୍କୁ ୫ ଦଫା ଦାବିପତ୍ର ଦେଲା ଏବିଭିପି

୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ଦାବି

ବାରିପଦା /କରଞ୍ଜିଆ(ଅମୃତମିଡିଆ): କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ଓ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ କରାଇବା ଦାବିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ମହାବିଦ୍ୟାଳୟ ଶାଖା ପକ୍ଷରୁ ଅଧ୍ୟକ୍ଷଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଦାବିଗୁଡ଼ିକ ମଧ୍ୟରେ ନୂତନ ନିର୍ମିତ ଛାତ୍ର ଓ ଛାତ୍ରୀ ଛାତ୍ରାବାସକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ମହାବିଦ୍ୟାଳୟ ପରିଚାଳନା କମିଟିର ତୁରନ୍ତ ଗଠନ, ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ପାଇଁ ସରକାରୀ ଘୋଷଣା କରିବା ରହିଛି । ସେହିପରି ଛାତ୍ରଛାତ୍ରୀଙ୍କ ପାଇଁ ସୁବ୍ୟବସ୍ଥିତ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ ସହ ଉପଲବ୍ଧ ଶୌଚାଳୟଗୁଡ଼ିକର ମରାମତି ଓ ନିୟମିତ ପରିଷ୍କାର-ପରିଚ୍ଛନ୍ନତା ବ୍ୟବସ୍ଥା କରିବାକୁ ଦାବି ହୋଇଛି । ଏଥିସହ ମହାବିଦ୍ୟାଳୟ ପରିସରକୁ ନିଶାମୁକ୍ତ ଓ ଅଣଛାତ୍ରମୁକ୍ତ କରିବାକୁ ମଧ୍ୟ ଏବିଭିପି ଦାବି କରିଛି । ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷ ୧୫ ଦିନ ମଧ୍ୟରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଏବିଭିପି ପକ୍ଷରୁ କୁହାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଛାତ୍ରଛାତ୍ରୀଙ୍କୁ ସାଥୀ କରି ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ଏବିଭିପି ଚେତାବନୀ ଦେଇଛି । କାର୍ଯ୍ୟକ୍ରମରେ ଏବିଭିପି କାର୍ଯ୍ୟକର୍ତ୍ତା ସୁଜିତ୍ ଦାସ, ସତ୍ୟବ୍ରତ ମାଝୀ, ସୁରେନ୍ଦ୍ର ମୁଣ୍ଡା, ସଞ୍ଜୟ ଦେଓଗାଁ, ପୂଜାରିଣୀ ମହାନ୍ତ, ମେଞ୍ଚବତି ସିଂ ଖୁଣ୍ଟିଆଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ନିଉ ମଡର୍ଣ୍ଣ ଟେକ୍ନୋମେକ୍ କାରଖାନାରେ ଶ୍ରମିକ ଅଶାନ୍ତି

ଶ୍ରମିକଙ୍କ ସମସ୍ୟାର ଶୁଣାଣି କଲେ ଜିଲ୍ଲା ଶ୍ରମ ଉପ ଆୟୁକ୍ତ

ବାରିପଦା(ଅମୃତମିଡିଆ): ବାରିପଦା ସ୍ଥିତ ନିଉ ମଡର୍ଣ୍ଣ ଟେକ୍ନୋମେକ ପ୍ରାଇଭେଟ ଲିମିଟେଡ କାରଖାନାରେ ୧୫୦ ରୁ ଊର୍ଦ୍ଧ୍ୱ ଶ୍ରମିକ ଦୀର୍ଘ ବର୍ଷରୁ କାମ କରୁଥିଲେ ସୁଦ୍ଧା ସଠିକ ମଜ

ବେଗୁନିଆପଡା ବ୍ଲକକୁ ତଦନ୍ତକାରୀ ଦଳର ଗସ୍ତ

ବିଭିନ୍ନ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ତଦାରଖ

ବେଗୁନିଆପଡା (ଅମୃତ ମିଡିଆ): ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ୍ରମେ ନିର୍ବାହୀ ଯନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ସହ ଏକ ତଦନ୍ତକାରୀ ଦଳ ବେଗୁନିଆପଡା ବ୍ଲକ ଗସ୍ତ କରିଛନ୍ତି। ଗସ୍ତ ସମୟରେ ଏହି ବ୍ଲକ ଅନ୍ତର୍ଗତ କେ. ବରିଡା, ଚନ୍ଦନପୁର, ମର୍ଦକୋଟ ଓ ମର୍ଦମେଖ ପଞ୍ଚାୟତ ପରିଦର୍ଶନ କରି ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ତଦାରଖ କରିଥିଲେ। ବିଭିନ୍ନ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟର ମାନ, ଅଗ୍ରଗତି ଓ ଲୋକଙ୍କ ପାଇଁ ଏହାର ଉପଯୋଗିତା ସମ୍ପର୍କରେ ତଦନ୍ତକାରୀ ଦଳ ସ୍ଥଳ ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ। ମନରେଗା, ଏସ ଏଫ ସି, ସି ଏଫ ସି, ବ୍ଲକ ଓ ପଂଚାୟତ ସେର ରେ ନିର୍ମିତ ରାସ୍ତା, ଆବାସ ଗୃହ, ଫେବର ରାସ୍ତା, ବିଲଡିଂ ପାନୀୟ ଜଳ ପ୍ରକଳ୍ପ ଆଦି ବୁଲି ଦେଖିଥିଲେ । ଏଥିସହ ପଞ୍ଚାୟତସ୍ତରରେ ଚାଲିଥିବା କାର୍ଯ୍ୟଗୁଡ଼ିକରେ ସ୍ୱଚ୍ଛତା, ଗୁଣବତ୍ତା ଓ ସମୟାନୁସାରେ କାର୍ଯ୍ୟ ସମ୍ପାଦନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।ସରକାରୀ ଯୋଜନାର ସୁଫଳ ଯେପରି ତୃଣମୂଳସ୍ତରରେ ଲୋକଙ୍କ ନିକଟରେ ପହଞ୍ଚିବ ଏବଂ ଉନ୍ନୟନ କାର୍ଯ୍ୟରେ କୌଣସି ଅବ୍ୟବସ୍ଥା ନରହିବ, ସେଥିପାଇଁ ଏଭଳି ତଦାରଖ ଓ ସମୀକ୍ଷା ଗୁରୁତ୍ୱ ବହନ କରୁଛି। ତଦନ୍ତକାରୀ ଦଳର ଏହି ଗସ୍ତ ଦ୍ୱାରା ବେଗୁନିଆପଡା ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅଧିକ ସ୍ୱଚ୍ଛତା ଓ ଗୁଣବତ୍ତା ଆସିବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି। ଏଥିରେ ବେଗୁନିଆପଡା ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ସାହୁ, ସରପଞ୍ଚ ପ୍ରତିନିଧି, ଜଳ ଓ ପରିମଳ ଯନ୍ତ୍ରୀ,ସମ୍ପୃକ୍ତ ପଂଚାୟତର କନିଷ୍ଠ ଯନ୍ତ୍ରୀ, ପି ଇ ଓ ମାନେ ଉପସ୍ଥିତ ଥିଲେ ।

ଆସିକାରେ ଇଦ୍-ମିଲାଦୁନ୍ ନବୀ ପାଳିତ

ଆସିକା (ଅମୃତ ମିଡିଆ): ମହାପୁରୁଷ ହଜରତ ମହମ୍ମଦଙ୍କ ଜନ୍ମଦିନ ଅବସରରେ ଇଦ୍?-ମିଲାଦୁନ୍? ନବୀ ପର୍ବ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନ ସମେତ ଆସିକାରେ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ଆସିକା ଜାମିଆ ମସଜିଦ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲା।

ଶୋଭାଯାତ୍ରା ପରେ ମହାପୁରୁଷ ମହମ୍ମଦଙ୍କ ଜୀବନୀ ଓ ତାଙ୍କର ମାନବିକ ମୂଲ୍ୟବୋଧ ଉପରେ ଆଲୋଚନା କରାଯାଇଥିଲା। ଜାମିଆ ମସଜିଦର ଇମାମ ସାନାଓ୍ୱାଜ୍ ହୁସେନ ମହମ୍ମଦଙ୍କ ଜୀବନୀ ଓ ତାଙ୍କ ଶିକ୍ଷା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇଥିଲେ। ପରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ମୁନାଫ ସରିଫ, ଇମାମ ଅବଦୁଲ ମାନାନ୍, ଶେଖ ସାଜିଦ, ନାଶେର ସରିଫ, ମେହେମୁଦ ସରିଫ, ଓ୍ୱାଲି ମହମ୍ମଦ, ଅବଦୁସ ସମ୍ମି, ଅବଦୁଲ ରିଜଓ୍ୱାନ, ରାଶିଦ ଅଲ୍ଲୀ, ସୟଦ ଇମତିଜ, ହୁସେନ ସରିଫ, ମେହେମୁଦ ଖାନ, ଅଲ୍ଲୀ ଖାନ, ଆବୁ ଖାନ, ସୟଦ ଓ୍ୱାସିମ, ଶେଖ ଆସଲାମ, ରିଆଜ ମହମ୍ମଦଙ୍କ ସମେତ ଆସିକା ଓ କୋଟିନଡ଼ା ଅଞ୍ଚଳର ବହୁ ମୁସଲିମ ସମ୍ପ୍ରଦାୟର ଲୋକେ ଯୋଗଦେଇଥିଲେ।

ଶୋଭାଯାତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆସିକା ଥାନା ପକ୍ଷରୁ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

ପ୍ରତିଭା ଆବାସିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଛତ୍ରପୁର (ଅମୃତ ମିଡିଆ): ଛତ୍ରପୁର ପୌର ପରିଷଦ ଅନ୍ତର୍ଗତ ପ୍ରତିଭା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନବାଗତ ବିଦ୍ୟାର୍ଥୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠାନର ମୁଖ୍ୟ ଚିନ୍ମୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବାଗତ ବିଦ୍ୟାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ସ୍ୱତନ୍ତ୍ର ଅତିଥି ଭାବେ ବ୍ରହ୍ମପୁର ଫିଜିକାଲ୍ ଏକାଡେମୀର ପ୍ରତିଷ୍ଠାତା ତଥା ସଫଳ ଟ୍ରେନର ହାବିଲଦାର ସିମାଞ୍ଚଳ ବାରିକ ଯୋଗଦେଇ ବିଦ୍ୟାର୍ଥୀ ମାନେ ନିଷ୍ଠା, ଏକାଗ୍ରତା ଓ ଶୃଙ୍ଖଳାର ସହ ପାଠପଢ଼ି ନିଜର ଲକ୍ଷ୍ୟ ନିର୍ଦ୍ଧାରଣ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ସୁଚିତ୍ରା ପାଣିଗ୍ରାହୀ ଶିକ୍ଷା ସହିତ ଶୃଙ୍ଖଳା, ନୈତିକତା ଓ ଉତ୍ତମ ଚରିତ୍ର ଗଠନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ବିଦ୍ୟାର୍ଥୀ ଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଧୋବାପିଟଣା ଗ୍ରାମରେ ହାତୀ ଆକ୍ରମଣରେ ଯୁବକ ମୃତ

ଘଟଗାଁ (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଧୋବାପୀଟଣା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଧୋବାପୀଟଣା ଗ୍ରାମର ମାଧବ ଗାଗରାଏ। ସୂଚନା ଅନୁଯାୟୀ, କିଛି ଦିନ ହେବ ସ୍ଥାନୀୟ ଅଞ୍ଚଳରେ ପ୍ରାୟ ୨୦ଟିକିଆ ହାତୀପଲ ଡେରା ପକାଇ ବିଭିନ୍ନ ସ୍ଥାନରେ ଉପଦ୍ରବ ଚଳାଇଛନ୍ତି। ହାତୀପଲଙ୍କ ଉପଦ୍ରବକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଲାଗିରହିଛି।ତେବେ ଆଜି ଅପରାହ୍ନରେ ମାଧବଙ୍କୁ ଏକ ହାତୀ ଆକ୍ରମଣ କରିଥିଲା। ହାତୀ ଆକ୍ରମଣରେ ଘଟଣାସ୍ଥଳରେ ହିଁ ମାଧବଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବର ପାଇ ବନବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ହାତୀପଲଙ୍କ ଉପଦ୍ରବ ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ଏବେ ଭୟ ଓ ଆତଙ୍କ ଦେଖାଦେଇଛି।

ଅନ୍ୟପକ୍ଷରେ, ଡିଜିଟାଲ୍ ପେମେଣ୍ଟ ସୁବିଧା ସବୁଠି ଉପଲବ୍ଧ ନଥିବାରୁ ନଗଦ ଟଙ୍କାର ଆବଶ୍ୟକତା ପଡୁଛି। ଏଭଳି ସ୍ଥିତିରେ ମନ୍ଦିର ପରିସରରେ ଥିବା ଏକମାତ୍ର ଏଟିଏମ୍ ଦୀର୍ଘଦିନ ଧରି ବନ୍ଦ ରହିବାକୁ ନେଇ ଭକ୍ତମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଟିଏମ୍‌ଟିକୁ କାର୍ଯ୍ୟକ୍ଷମ କରିବା ସହ ଭକ୍ତଙ୍କ ସୁବିଧା ପାଇଁ ଆବଶ୍ୟକ ହେଲେ ଆଉ ଏକ ଏଟିଏମ୍ ସ୍ଥାପନ କରିବାକୁ ଭକ୍ତମାନେ ଦାବି କରିଛନ୍ତି।

ପଦୋନ୍ନତି ଆଶାୟୀ ଶିକ୍ଷକଙ୍କ ବୈଠକ

ବ୍ରହ୍ମପୁର (ଅମୃତ ମିଡିଆ): ଗଞ୍ଜାମ ଜିଲା ପଦୋନ୍ନତି ଆଶାୟୀ ପ୍ରାଥମିକ ମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅଗଷ୍ଟ ୨୬ ତାରିଖ ବୁଧବାର ଦିନ ବ୍ରହ୍ମପୁର ସ୍ଥିତ ଏନ୍ ଜି ଓ ହଲ୍ ଠାରେ ବରିଷ୍ଠ ଶିକ୍ଷକ ଶ୍ରୀ ଗୌତମ ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ର ଶତାଧିକ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସମ୍ପ୍ରତି ରାଜ୍ୟର ଅନେକ ଜିଲ୍ଲାରେ ପଦୋନ୍ନତି ପ୍ରକ୍ରିୟା ସରି ଯାଇଥିବା ବେଳେ ଗଞ୍ଜାମ ଜିଲ୍ଲାରେ ପଦୋନ୍ନତି ହୋଇ ପାରିନଥିବାରୁ ଶିକ୍ଷକ ଶିକ୍ଷୟତ୍ରୀ ମାନେ କ୍ଷୋଭ ପ୍ରକାଶ କରିଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ଏକ ପ୍ରତିନିଧି ମଣ୍ଡଳ ଗଠନ କରା ଯାଇଅଛି । ଏହି ପ୍ରତିନିଧି ମଣ୍ଡଳ ଦୁଇ ଦିନ ମଧ୍ୟରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରି ପଦୋନ୍ନତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନିଆଯାଇଛି ।

ଜନକଲ୍ୟାଣ ଓ ଶିକ୍ଷା କ୍ଷେତ୍ରରେ ଅବଦାନକୁ ସ୍ମରଣ

ପ୍ରଫୁଲ୍ଲ ନାୟକଙ୍କ ୨୪ତମ ଶ୍ରାଦ୍ଧ ଦିବସ

ଛତ୍ରପୁର (ଅମୃତ ମିଡିଆ):ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସ୍ୱର୍ଗତ ପ୍ରଫୁଲ୍ଲ ନାୟକଙ୍କ ୨୪ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କ ସ୍ମୃତିଚାରଣ କରାଯାଇବା ସହ ଅଞ୍ଚଳର ଜନକଲ୍ୟାଣ ଓ ଶିକ୍ଷା କ୍ଷେତ୍ରରେ ତାଙ୍କ ଅବଦାନକୁ ମନେ ପକାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇଥିବା ବେଳେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ବ୍ଲକ୍ କଂଗ୍ରେସ ସଭାପତି ସୁଦାମ ପୁରୋହିତ, ପୂର୍ବତନ ସରପଞ୍ଚ ନରହରି ରେଡ୍ଡୀ, ଲକ୍ଷ୍ମୀପୁର ସରପଞ୍ଚ ଝୁଲି ନାହାକ, ପୂର୍ବତନ ସମିତି ସଭ୍ୟ ଏନ୍. ଦୁର୍ଯ୍ୟଧନ ରେଡ୍ଡୀ, ସରକାରୀ ଓକିଲ ବାବୁ ନାହାକ, ଯୁବ ନେତା ମାଗୁଣି ବିଷୋୟୀ, ପୂର୍ବତନ ପ୍ରଧାନଶିକ୍ଷକ କୁମୁଦ ବେହେରା ଓ ସାମ୍ବାଦିକ ରବୀନ୍ଦ୍ରନାଥ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

ଅତିଥିମାନେ ସ୍ୱର୍ଗତ ପ୍ରଫୁଲ୍ଲ ନାୟକଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟ ଓ ଏହି ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ତାଙ୍କ ଉଦ୍ୟମ ପ୍ରଶଂସନୀୟ ଥିଲା ବୋଲି କହିଥିଲେ। ତାଙ୍କ ଆଦର୍ଶ ଓ ସେବାମନୋଭାବକୁ ଆଗାମୀ ପିଢ଼ି ଅନୁସରଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା।

କ୍ରୀଡ଼ା ଶିକ୍ଷକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ଗୋଲକ ନାୟକ, ମନୁ ନାୟକ, ପ୍ରଧାନଶିକ୍ଷକ ସେରା ନାହାକ, ଶିକ୍ଷୟିତ୍ରୀ ଧରିତ୍ରୀ ପାଣିଗ୍ରାହୀ, ସୋମେୟା ପାତ୍ର, ଅଶୋକ ପଟ୍ଟନାୟକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିଥିଲେ।

ତିନିବର୍ଷର ପୁଅ ପେଟରେ ଲୁହାକଣ୍ଟା

ଚିନ୍ତାରେ ପରିବାର

ଭଞ୍ଜନଗର (ଅମୃତ ମିଡିଆ): ଭଞ୍ଜନଗର ତିନି ବର୍ଷର ପୁଅ ପେଟରେ ଲୁହାକଣ୍ଟା । ଖେଳୁଥିବା ସମୟରେ ରାସ୍ତାରୁ ଗୋଟାଇ ଲୁହାକଣ୍ଟା ଟି ଗିଳି ଦେଇଥିଲା । ଏବେ ଗତ ପ୍ରାୟ ଏକମାସ ହେଲା, ପୁଅ ପେଟରେ ରହିଛି କଣ୍ଟା । ଗଂଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଚଢିଆପଲ୍ଲୀ ଗାଁରେ ନଜରକୁ ଆସିଛି ଏଭଳି ଘଟଣା । ଏହି ଗାଁର ତୋଫାନ ଜେନାଙ୍କ ତିନି ବର୍ଷର ପୁଅ ଆକାଶର ଏଭଳି ଅବସ୍ଥା । ପ୍ରଥମେ ଭଂଜନଗର ଏବଂ ପରେ ବ୍ରହ୍ମପୁର ମେଡିକାଲ କୁ ନେଇ ପୁଅ ପେଟରୁ କଣ୍ଟା ବାହାର କରିବାକୁ ଡାକ୍ତରଙ୍କୁ ନେହୁରା ହେଲେ । ଡାକ୍ତର କହିଲେ ଅପରେସନ ହେବ । କିଛି ଦିନ ପରେ କହିଲେ, ଅପରେସନ୍ ନକରି ଅପେକ୍ଷା କରିବାକୁ । ଝାଡ଼ା ହେଲେ, ମଳଦ୍ୱାର ଦେଇ ତାହା ଆପେ ଆପେ ବାହାରିଯିବ ବୋଲି କହିଲେ, ଡାକ୍ତର । ହେଲେ ଆଜି ଯାଏଁ ପେଟରୁ କଣ୍ଟା ବାହାରି ପାରି ନାହିଁ । ଏନେଇ ଚିନ୍ତାରେ ପରିବାର ଲୋକେ । ବାପା ତୋଫାନ ଜେନା, ଦିନ ମଜୁରିଆ ଭାବେ କାମ କରନ୍ତି । ଅନ୍ୟର ମୂଲ ଲାଗିଲେ, ସନ୍ଧ୍ୟାରେ ଯାହା ମିଳେ ସେଥିରେ ଘର ଚଳେ । ଦୁଇ ପୁଅ ମଧ୍ୟରେ, ଆକାଶ ସାନ ପୁଅ । ଗଲା ପ୍ରାୟ ୧ ମାସ ହେବ, ପୁଅ ପେଟରେ ଲୁହା କଣ୍ଟା ରହିଥିବାରୁ ତାକୁ ନେଇ ଏବେ ବିବ୍ରତ ହୋଇ ପଡିଛନ୍ତି । ଅନ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେବାକୁ, ପାଖରେ ଅର୍ଥ ନାହିଁ । ଏବେ ସେ ସରକାରୀ କିମ୍ବା କୌ।ଣସି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ଲୋଡ଼ିଛନ୍ତି । କାରଣ ପୁଅ ପେଟରେ ଥିବା, ଲୁହାକଣ୍ଟା ବାହାରିବାରେ ଯେତିକି ବିଳମ୍ବ ହେଉଛି, ବାପା ଓ ମା' ସେତିକି ଅଧୈର୍ଯ୍ୟ ହୋଇପଡୁଛନ୍ତି । ଏ ସଂକ୍ରାନ୍ତରେ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇବା ଜରୁରୀ ବୋଲି, ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

ସାପ କାମୁଡ଼ାରେ ମହିଳା ମୃତ

ବେଗୁନିଆପା (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ବେଗୁନିଆପଡା ଥାନା ଅନ୍ତର୍ଗତ କେ ବରିଡା ପଞ୍ଚାୟତର ନିମିନା ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଚନ୍ଦନପୁର ପଞ୍ଚାୟତ ମୁଣ୍ଡୁଳା ଗ୍ରାମର ପର୍ଶୁରାମ ବିଶ୍ୱାଳଙ୍କ ସ୍ତ୍ରୀ ଜାନକୀ ବିଶ୍ୱାଳ (୪୨)। ପ୍ରାପ୍ତସୂଚନା ଅନୁଯାୟୀ ମୃତ ଜାନକୀ କୌଣସି କାମରେ ତାଙ୍କ ବାପଘର ଯାଇ ନିମିନା ଗ୍ରାମରେ ଥିଲେ । ସୋମବାର ରାତ୍ର ପ୍ରାୟ ୧ ଘଣ୍ଟ ସମୟରେ ଶୋଇଥିବା ଅବସ୍ଥାରେ ଏକ ରଣା ସାପ ତାଙ୍କୁ କାମୁଡ଼ିଥିଲା । ତୁରନ୍ତ ତାଙ୍କୁ ପ୍ରଥମେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା । ମଙ୍ଗଳବାର ବିଳମ୍ବିତ ରାତ୍ରରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ ପରେ ଆଜି ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ମୃତକଙ୍କ ସ୍ୱାମୀ, ଦୁଇପୁଅ ଏବଂ ଜଣେ ଝିଅ ଅଛନ୍ତି । ପରିବାରକୁ ସରକାରୀ ସହାୟତା ପାଇଁ ଦାବି ହୋଇଛି ।

ନୟାଗଡ଼ ରେଳ ସାଇଡିଂ ନିକଟରୁ ଲୁହାପଥର ଚୋରାଚାଲାଣ ବେଳେ ମାଡିବସିଲା ପୋଲିସ

କେନ୍ଦୁଝର (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ବାମେବାରୀ ଥାନା ଅନ୍ତର୍ଗତ ନୟାଗଡ଼ ଡମ୍ପ୍?ୟାର୍ଡ ଓ ରେଳ ସାଇଡିଂ ନିକଟରୁ ପୁଲିସ ଖଣିଜ ଚୋରାଚାଲାଣ କାରି ଙ୍କ ଉପରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିବା ସଙ୍ଗେସଙ୍ଗେ ଚୋରି ରେ ବେବହୃତ ବିପୁଳ ସାମଗ୍ରୀ ଜବତ କରିଛି। ଗତ କାଲି ୨୫/୮ ମଙ୍ଗଳ ବାର ରାତି ଲୁହାପଥର ଲୋଡିଂ ଓ ପରିବହନ କରାଯାଉଥିବା ବେଳେ ପୋଲିସ ଏହି ଚଢ଼ାଉ କରିଥିବା ଜଣା ପଡିଛି।

ଏନେଇ ବାମେବାରୀ ଥାନାରେ କେସ୍ ନମ୍ବର ୨୦୦, ତାରିଖ ୨୬।୦୮।୨୦୨୬ରେ ବି ଏନ୍ ଏସ ଧାରା ୩୦୩(୨)(୩)(୫), ଏମ୍ ଏମ୍ ଡି ଆର୍ ଆକ୍ଟ ଧାରା ୨୧ ଏବଂ ଓ ଏମ୍ ପି ଟି ଏସ ରୁଲ୍ ଧାରା ୧୮ ଅନୁସାରେ ମାମଲା ରୁଜୁ ହୋଇଥିବା ସୂଚନା।

ପୁଲିସ ଜବତ କରିଥିବା ୪୨ ମେଟ୍ରିକ୍ ଟନ୍ ଲୁହା ପଥର ବୋଝେଇ (ଏପି-୩୯ ଡବ୍ଲୁ - ୩୧୨୮ ନମ୍ବର ଟ୍ରକ୍, ନମ୍ବର ବିହୀନ ଏକ ଜେସିବି ଲୋଡର, ଓଡ଼ି ୧୪ ଏଜେ-୨୨୭୫ ନମ୍ବର ଏକ ସ୍କର୍ପିଓ, ୩ଟି ମୋବାଇଲ୍ ଫୋନ୍, ନଗଦ ୩ ଲକ୍ଷ ଟଙ୍କା ଏବଂ ୩ଟି ବାୟୋମେଟ୍ରିକ୍ ୟୁ ଏଚ ଏଫ (ଏଫ୍ ଏମ୍) ୱାର୍କି-ଟକି ରହିଛି। ଏହି ଘଟଣାରେ ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଅଞ୍ଚଳର ଚାଳକ ସି .ସୁରେଶ (୩୮), ସୁନ୍ଦରଗଡ଼ ରାଉରକେଲାର ବିଭୁଧେନ୍ଦ୍ର ମହାପାତ୍ର (୩୭) ଏବଂ କେନ୍ଦୁଝର ବରିଆ ଥାନା ଅଞ୍ଚଳର ରାହୁଲ କୁମାର ସେଠୀ (୨୪)ଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ପୂର୍ବ ଅପରାଧିକ ରେକର୍ଡ ସମ୍ପର୍କରେ ଯାଞ୍ଚ ଚାଲିଥିବା ପୋଲିସ ପକ୍ଷରୁ କୁହାଯାଇଛି। ପୋଲିସର ସୂଚନା ଅନୁସାରେ, ଘଟଣାର ପୂର୍ବଦିନ ରାତିରେ ଅଭିଯୁକ୍ତମାନେ କିଛି ସ୍ଥାନୀୟ ବ୍ୟକ୍ତିଙ୍କ ସହ ମିଶି ନୟାଗଡ଼ ଡମ୍ପ୍ୟାର୍ଡ ନିକଟରୁ

ଖଣିଜ ଲୋଡ୍ କରି ରେଳ ସାଇଡିଂ ନିକଟକୁ ପରିବହନ କରୁଥିଲେ। ଏହି ସମୟରେ ପୁଲିସ ଚଢ଼ାଉ କରି ସେମାନଙ୍କୁ ଧରିବା ସହ ଖଣିଜ ଓ ବ୍ୟବହୃତ ଗାଡ଼ିଗୁଡ଼ିକୁ ଜବତ କରିଥିଲା।

ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ଜବତ ଖଣିଜର ପ୍ରକୃତ ଉତ୍ସ ଓ ମାଲିକାନା କ'ଣ ଏବଂ ଏହା ସମ୍ପର୍କିତ କୌଣସି ବୈଧ କାଗଜପତ୍ର ଥିଲା କି ନାହିଁ, ସେନେଇ ପୁଲିସର ତଦନ୍ତ ଜାରି ରହିଛି।

୧୪୮ ଦିନରେ ନୀରବ ସତ୍ୟାଗ୍ରହ ପଦଯାତ୍ରା

ଥକିନି ପାଦ କି ନଇଁନି ସଂକଳ୍ପ

ପୁରୀ (ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀବାସୀଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ରବେଶ ଓ ଦର୍ଶନ ବ୍ୟବସ୍ଥା ଦାବିରେ ଆରମ୍ଭ ହୋଇଥିବା ନୀରବ ସତ୍ୟାଗ୍ରହ ସଚେତନତା ପଦଯାତ୍ରା ଆଜି ୧୪୮ତମ ଦିନରେ ପହଞ୍ଚିଛି। ଗତ ଉତ୍କଳ ଦିବସ, ୧ ଏପ୍ରିଲରୁ ବଳଗଣ୍ଡିସ୍ଥିତ ଭକ୍ତ ସାଳବେଗ ପାଠରୁ ଶ୍ରୀମନ୍ଦିର ଅଭିମୁଖେ ପ୍ରତିଦିନ ଜାରି ରହିଥିବା ଏହି ପଦଯାତ୍ରା ଏବେ ପୁରୀବାସୀଙ୍କ ଧୈର୍ଯ୍ୟ, ଆସ୍ଥା ଓ ଅଧିକାର ପାଇଁ ଦୃଢ଼ ସଂକଳ୍ପର ପ୍ରତୀକ ପାଲଟିଛି। ୧୪୮ ଦିନ ଧରି ନା ଥକିଛି ପାଦ, ନା ଦୁର୍ବଳ ହୋଇଛି ସଂକଳ୍ପ। ପ୍ରବଳ ଖରା, ବର୍ଷା, ପର୍ବପର୍ବାଣୀ ଓ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସତ୍ୟାଗ୍ରହୀମାନେ ନୀରବତାକୁ ଅସ୍ତ୍ର କରି, ହାତରେ ଦାବି ସମ୍ବଳିତ ପ୍ଲାକାର୍ଡ ଧରି ପ୍ରତିଦିନ ଶ୍ରୀମନ୍ଦିର ଅଭିମୁଖେ ପଦଯାତ୍ରା କରୁଛନ୍ତି। ଏହି ନୀରବ ପଦକ୍ଷେପ ମାଧ୍ୟମରେ ସେମାନେ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛନ୍ତି; ପୁରୀବାସୀଙ୍କ ଭାବନା, ଆସ୍ଥା ଓ ନ୍ୟାୟସଙ୍ଗତ ଅଧିକାରକୁ ସମ୍ମାନ ମିଳୁ। ଆଜି ମଧ୍ୟ ଭକ୍ତ ସାଳବେଗ ପାଠରୁ ସତ୍ୟାଗ୍ରହୀମାନଙ୍କ ପଦଯାତ୍ରା ଶ୍ରୀମନ୍ଦିର ଅଭିମୁଖେ ବାହାରିଥିଲା। ପଦଯାତ୍ରା ସିଂହଦ୍ୱାରରେ ପହଞ୍ଚିବା ପରେ ସତ୍ୟାଗ୍ରହୀମାନେ ପତିତପାବନଙ୍କ ଦର୍ଶନ କରିଥିଲେ। ଏହାସହ ପୁରୀବାସୀଙ୍କ ଦାବି ପୂରଣ ଏବଂ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୂର୍ବରୁ ରହିଥିବା ସୁବିଧା ପୁନଃସ୍ଥାପନ ନିମନ୍ତେ ଭକ୍ତି ଓ ଶ୍ରଦ୍ଧାର ସହ ପ୍ରାର୍ଥନା କରିଥିଲେ। ସତ୍ୟାଗ୍ରହ ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "୧୪୮ ଦିନ ଧରି ଆମର ନୀରବ ପଦଯାତ୍ରା ଅବିରତ ଭାବେ ଜାରି ରହିଛି। ଏହା କେବଳ ଏକ ପଦଯାତ୍ରା ନୁହେଁ; ଏହା ପୁରୀବାସୀଙ୍କ ଆସ୍ଥା, ଭାବନା ଓ ଅଧିକାରର ଏକ ଶାନ୍ତିପୂର୍ଣ୍ଣ ସ୍ୱର। ଆମେ ସତ୍ୟ ଓ ଅହିଂସାର ପଥରେ ରହି ଆମର ନ୍ୟାୟସଙ୍ଗତ ଦାବି ସରକାର ଓ ପ୍ରଶାସନଙ୍କ ନିକଟରେ ପହଞ୍ଚାଇ ଚାଲିଛୁ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ସତ୍ୟାଗ୍ରହ ଜାରି ରହିବ।" ସେ ଆହୁରି କହିଛନ୍ତି, "ଆମର ପାଦ ଅଧିକାର ପାଇଁ ଚାଲୁଛି, ଆମର ନୀରବତା ନ୍ୟାୟର କଥା କହୁଛି ଏବଂ ଆମର ହୃଦୟ ଅପେକ୍ଷା କରୁଛି ମହାପ୍ରଭୁଙ୍କ ଦର୍ଶନ ପାଇଁ। ଏହି ଆନ୍ଦୋଳନ କୌଣସି ବ୍ୟକ୍ତି, ରାଜନୈତିକ ଦଳ କିମ୍ବା ସରକାର ବିରୋଧରେ ନୁହେଁ। ଏହା ପୁରୀବାସୀଙ୍କ ଭାବନା, ଆସ୍ଥା ଓ ନ୍ୟାୟସଙ୍ଗତ ଅଧିକାର ପାଇଁ ଏକ ଶାନ୍ତିପୂର୍ଣ୍ଣ ଅହିଂସାତ୍ମକ ପ୍ରୟାସ।" ୧୪୮ ଦିନର ଏହି ଅବିରତ ଯାତ୍ରା ଆଜି ଏକ ଗଭୀର ବାର୍ତ୍ତା ଦେଉଛି-ସତ୍ୟର ପଥ ଦୀର୍ଘ ହୋଇପାରେ, କିନ୍ତୁ ଦୃଢ଼ ସଂକଳ୍ପ ଥିଲେ ପଦକ୍ଷେପ କେବେ ଅଟକି ରହେ ନାହିଁ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପେକ୍ଷାରତ ପୁରୀବାସୀଙ୍କ ଏହି ନୀରବ ସ୍ୱର ଦିନେ ନା ଦିନେ ନ୍ୟାୟର ଦ୍ୱାର ଖୋଲିବ-ଏହି ଆଶା, ଆସ୍ଥା ଓ ବିଶ୍ୱାସ ସହ ସତ୍ୟାଗ୍ରହୀମାନେ ଆଜି ମଧ୍ୟ ଆଗକୁ ବଢ଼ିଛନ୍ତି। ଆଜିର ପଦଯାତ୍ରାରେ ସର୍ବଶ୍ରୀ ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ନୃସିଂହନାଥ ନାୟକ, ପ୍ରକାଶ ଚନ୍ଦ୍ର ନାୟକ, ଅଭିମନ୍ୟୁ ରାୟଗୁରୁ, ରମେଶ ଚନ୍ଦ୍ର ମହାନ୍ତି, ଅରୁଣା ପଟ୍ଟନାୟକ, ସନ୍ଧ୍ୟାରାଣୀ ମିଶ୍ର, ଅଞ୍ଜୁବାଳା ମହାନ୍ତି, ମମତା ଦାସ, ଛବିରାଣୀ ମହାରଣା, ମମତା ସ୍ୱାଇଁ, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, ଜୟପ୍ରକାଶ ସାମନ୍ତରାୟ, ଯାଦବନନ୍ଦ ରାୟ, ଲିଙ୍ଗରାଜ ସାହୁ, ସୁବାଷ ପଟ୍ଟନାୟକ, ଭୋଳା, କାଶୀନାଥ ସାହୁ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ସାମିଲ ହୋଇଥିଲେ।

ଝାଡ଼େଶ୍ୱରୀ କ୍ଲବଠାରେ 'ପରମ୍ପରାରୁ ପ୍ରଗତି' କାର୍ଯ୍ୟକ୍ରମ

ନୂଆପିଢ଼ିର ପ୍ରଗତିକୁ ଯୋଡ଼ିବାର ପ୍ରୟାସ

ପୁରୀ (ବ୍ୟୁରୋ): ଡବ୍ଲୁଆଇସିସିଆଇ ଓଏଚ୍‌ଆର୍‌ସି ପୁରୀ ଜିଲ୍ଲା ପରିଷଦ ଏବଂ ସିଆଇ ଆର୍‌ଟିଟି ପକ୍ଷରୁ ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ ଅବସରରେ ପୁରୀର ଝାଡ଼େଶ୍ୱରୀ କ୍ଲବଠାରେ "ପରମ୍ପରାରୁ ପ୍ରଗତି" କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଇନରହୁଇଲ କ୍ଲବ୍ ଶ୍ରୀକ୍ଷେତ୍ର, ପୁରୀ ପକ୍ଷରୁ ସାମାଜିକ ସେବା ସହଯୋଗୀ ଏବଂ ଝାଡ଼େଶ୍ୱରୀ କ୍ଲବ୍ ସମୁଦାୟ କ୍ରୀଡ଼ା ସହଯୋଗୀ ଭାବେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ସିଏସ୍ କଲେଜର ଅଧ୍ୟକ୍ଷ, ଏସିସି ଓ ଏନ୍‌ଏସ୍‌ଏସ୍ ଛାତ୍ରଛାତ୍ରୀ, ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ, ବିଭିନ୍ନ ବୟସର କ୍ରୀଡ଼ାବିତ୍, ଜାତୀୟସ୍ତରର ଖେଳାଳି, ଅବସରପ୍ରାପ୍ତ କ୍ରୀଡ଼ାବିତ୍, ବିଭିନ୍ନ କ୍ରୀଡ଼ାର ପ୍ରଶିକ୍ଷକ ଏବଂ ଜିଲ୍ଲାସ୍ତରୀୟ ବିଭିନ୍ନ କ୍ରୀଡ଼ା ସଂଘର ସମ୍ପାଦକମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମଟିର ଆୟୋଜକ ଥିଲେ ଶ୍ରୀମତୀ ରୁଚିମିତ୍ରା ଜଗଦେବ ମହାପାତ୍ର, ରାଜ୍ୟ ସଭାପତି, ଡବ୍ଲୁଆଇସିସିଆଇ ଓଡ଼ିଶା ହ୍ୟୁମ୍ୟାନ୍ ରାଇଟ୍‌ସ୍ କାଉନସିଲ୍, ସମ୍ମାନିତ ଅତିଥି ଭାବେ ରାଜଲକ୍ଷ୍ମୀ ଦାସ, ସଭାପତି, ଇନର ହୁଇଲ କ୍ଲବ୍ ଅଫ୍ ଶ୍ରୀକ୍ଷେତ୍ର, ପୁରୀ; ମିନତୀ ନାୟକ, ସମ୍ପାଦିକା, ଇନର ହୁଇଲ କ୍ଲବ୍ ଅଫ୍ ଶ୍ରୀକ୍ଷେତ୍ର, ପୁରୀ; ଏବଂ ଜିତେନ୍ଦ୍ର ନାଥ ଦାସ, ସମ୍ପାଦକ, ଝାଡ଼େଶ୍ୱରୀ କ୍ଲବ ଯୋଗ ଦେଇଥିଲେ। ଏଥିସହ ଡବ୍ଲୁଆଇସିସିଆଇ ଓଏଚ୍‌ଆର୍‌ସି ପୁରୀ ଜିଲ୍ଲା ପରିଷଦର ସଦସ୍ୟ ଏବଂ ସିଆଇଆର୍‌ଟିଟି ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଖେଳାଳିମାନେ ସୁବିଧା, ପ୍ରଶିକ୍ଷଣ, ସୁଯୋଗ, ପ୍ରୋତ୍ସାହନ ଓ ଆବଶ୍ୟକ ସହଯୋଗ ସମ୍ପର୍କରେ ନିଜ ଅନୁଭୂତି ଓ ମତାମତ ରଖିଥିଲେ। କାର୍ଯ୍ୟକ୍ରମର ଏକ ଅଂଶ ଭାବେ ସମସ୍ତ ଅଂଶଗ୍ରହଣକାରୀ ପାରମ୍ପରିକ ଖେଳ, କ୍ରୀଡ଼ା ଓ ସାଂସ୍କୃତିକ ଐତିହ୍ୟକୁ ସମ୍ମାନ, ସଂରକ୍ଷଣ ଓ ପ୍ରୋତ୍ସାହନ ଦେବା ସହ ନୂଆ ପିଢ଼ିକୁ ନିଜ ମୂଳ ସହ ଯୋଡ଼ି ରଖିବା ପାଇଁ ଶପଥ ନେଇଥିଲେ।

ଶ୍ରୀମନ୍ଦିର ଭିତରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ମାଡ଼ଗୋଳ

ଉଭୟଗୋଷ୍ଠୀଙ୍କ ପକ୍ଷରୁ ଥାନାରେ ଏତଲା

ପୁରୀ (ବ୍ୟୁରୋ): ଶ୍ରୀମନ୍ଦିରରେ ପୁଣି ଅଘଟଣ । ଶ୍ରୀମନ୍ଦିର ଭିତରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ମାଡଗୋଳ। ମହାପ୍ରଭୁଙ୍କ ମଙ୍ଗଳ ଆଳତୀ ଚାଲିଥିବା ସମୟରେ ମାଡଗୋଳ ହୋଇଥିବା ସୂଚନା। ଉଭୟ ପକ୍ଷଙ୍କୁ ସିଂହଦ୍ୱାର ଥାନାରେ ଅଟକ ରଖି ପଚରାଉଚରା କରୁଛି ପୋଲିସ। ଖବର ଅନୁଯାୟୀ, ବୁଧବାର ଦିନ ମହାପ୍ରଭୁଙ୍କ ମଙ୍ଗଳ ଆଳତୀ ଚାଲିଥିଲା । ମହାପ୍ରଭୁଙ୍କ ଦର୍ଶନ ସମୟରେ କୌଣସି କଥାକୁ ନେଇ ଦୁଇଗୋଷ୍ଠୀଙ୍କ ମଧ୍ୟରେ ପ୍ରଥମେ ଯୁକ୍ତି ତର୍କ ହୋଇଥିଲା। ପରେ ଜଣେ ଝିଅକୁ ଲୋକାଲ୍ ଲୋକ ଚାପୁଡ଼ା ମାରିଥିବା ଅଭିଯୋଗ। ଦେଖୁ ଦେଖୁ ବିବାଦ ବଢିଥିଲା । ଯାହାପରେ ଶ୍ରୀମନ୍ଦିର ପୋଲିସ ଘଟଣାରେ ହସ୍ତକ୍ଷେପ କରିଥିଲା ।

ଉଭୟ ଗୋଷ୍ଠୀଙ୍କ ମନ୍ଦିର ବାହାରକୁ ଆଣିଥିଲା ଏବଂ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲା । ହେଲେ ଉଭୟ ପକ୍ଷ ମାନିବାକୁ ନାରାଜ ଥିଲେ । ଶେଷରେ ଉଭୟ ପକ୍ଷଙ୍କ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି । ପୋଲିସ ଉଭୟ ଗୋଷ୍ଠୀଙ୍କ ଅଟକ ରଖି ଜେରା କରୁଥିବା ସୂଚନା ମିଳିଛି । ଏହାସହିତ କେଉଁ ପରିସ୍ଥିତିରେ ଏବଂ କେମିତି ଗଣ୍ଡଗୋଳ ହେଲା, ସେନେଇ ମଧ୍ୟ ତଦନ୍ତ ଜାରି ରଖିଛି ପୋଲିସ ।

ସିପିଆଇର ଜନଜାଗରଣ ଶୋଭାଯାତ୍ରା

ପୁରୀ (ବ୍ୟୁରୋ): କମ୍ୟୁନିଷ୍ଟ ପାର୍ଟିର ଦେଶବ୍ୟାପୀ ଶାସନ ପରିବର୍ତ୍ତନ ଜରୁରୀ ଆନ୍ଦୋଳନ ଓ ସେପ୍ଟେମ୍ବର ୧ ଦିଲ୍ଲୀ ଚାଲ ଡାକରାରେ ପୁରୀ ଜିଲ୍ଲାର ବ୍ରହ୍ମଗିରି ଅଞ୍ଚଳ କମିଟି ପକ୍ଷରୁ ଅଗଷ୍ଟ ୨୬ ତାରିଖରେ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ହୋଇଯାଇଛି । ଧର୍ମ ନାମରେ ଦେଶରେ ବିଭେଦ ସୃଷ୍ଟି ବନ୍ଦ କରିବା,ସମସ୍ତ ଯୁବକଙ୍କୁ ନିଯୁକ୍ତି ଗ୍ୟାରେଣ୍ଟି, କୃଷକଙ୍କୁ ଫସଲର ଲାଭଜନକ ଦର ଆଇନି ପ୍ରଣୟନ, ଶ୍ରମିକ ବିରୋଧୀ ଚାରିଟି ଶ୍ରମ ଆଇନ ବାତିଲ କରିବା, ଏକ ଦେଶ ଏକ ଶିକ୍ଷାନୀତି ପ୍ରଚଳନ, ସମସ୍ତଙ୍କୁ ମାଗଣା ଓ ସମାନ ଶିକ୍ଷା ପ୍ରଦାନ, ସମସ୍ତଙ୍କୁ ଚିକିତ୍ସା ଗ୍ୟାରେଣ୍ଟି, ସରକାରୀ କଳ କାରଖାନା, ଖଣିଖାଦାନ, ବ୍ୟବସାୟୀ ପ୍ରତିଷ୍ଠାନ ବିକ୍ରି ବନ୍ଦ କରିବା, ଜନବିରୋଧୀ ୨୦୨୫ବିଦ୍ୟୁତ୍ ଆଇନ ବାତିଲ କରିବା,ଗଣତନ୍ତ୍ରର ସୁରକ୍ଷା, ଓଡ଼ିଶାର ଖଣିଖାଦାନ ଉପରେ ଓଡ଼ିଶାର ଅଧିକାର ଛଡାଇନେବା ଆଇନ ବାତିଲ କରିବା, ଖାଦ୍ୟ ଅପମିଶ୍ରଣ ମୁକ୍ତ ଓ ଦୁର୍ନିତୀମୁକ୍ତ ଭାରତ ଗଠନ ପ୍ରଭୃତି ଦାବୀ ଜରି ଏକ ମୋଟର ସାଇକେଲ ଶୋଭାଯାତ୍ରା ଗୋରୁଆଳ ଛକରୁ ବାହାରି ବ୍ରହ୍ମଗିରି ବଜାର ପରିକ୍ରମା କରିଥିଲା। ଏହି ପରିବର୍ତ୍ତନ ଶୋଭାଯାତ୍ରା ଗୋରୁଆଳ, ଆମ୍ବପଡ଼ା, କପିଲେଶ୍ୱରପୁର, ରେବଣା ନୂଆଗାଁ, ବେଣ୍ଟପୁର, ବ୍ରହ୍ମଗିରି, ମନପଡା, ରାଇବିଧାର, ଡିମିରିସେନା, ଘଟକୁଡ଼ି, ରହାଡମଲ୍ଲ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜେପି ସରକାରର ଜନବିରୋଧୀ ନୀତି ବିରୋଧରେ ସଚେତନ ସଭା କରିଥିଲେ । ବ୍ରହ୍ମଗିରି ବଜାରରେ ଏକ ପ୍ରତିବାଦ ସଭାରେ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ବ୍ରଜବନ୍ଧୁ ପ୍ରଧାନ, ଜିଲ୍ଲା ସହସମ୍ପାଦକ ହରିହର ସେନାପତି, ଅଞ୍ଚଳ କମିଟି ସମ୍ପାଦକ ବନମାଳୀ ସାହୁ, ସହଦେବ ମହାରଣା, ଗୋପାଳ ପ୍ରଧାନ ପ୍ରମୁଖ ବିଜେପିର ଜନବିରୋଧୀ ନୀତିକୁ ତୀବ୍ର ବିରୋଧ କରିଥିଲେ ଓ ବିଜେପି ଶାସନର ଶୀଘ୍ର ଅନ୍ତ ଘଟାଇବାକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ସେପ୍ଟେମ୍ବର ୧ ଦିଲ୍ଲୀରେ ପରିବର୍ତ୍ତନ ଜରୁରୀ ମହାସମାବେଶକୁ ସଫଳ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

'ସମ୍ଭୋ ତୋ ଯୁବ ନେଟୱର୍କ' ପକ୍ଷରୁ ମହଲ୍ଲା ସଭା

ପୁରୀ (ବ୍ୟୁରୋ): ବିଗତ ଦିନରେ ସ୍ପନ୍ଦନ ଅନୁଷ୍ଠାନ ପେଣ୍ଡକଟାର ଯୁବଗୋଷ୍ଠୀକୁ ନେଇ ବହୁତ ଗୁଡିଏ ଦୁଷ୍ଟାନ୍ତ ମୂଳକ କାର୍ଯ୍ୟ କରିଆସିଛି। ଏହି ଯୁବଗୋଷ୍ଠୀ ଜାତୀୟ ସ୍ତରରେ ସମ୍ଭୋ ତୋ ଯୁବ ନେଟୱର୍କ ସହିତ କାର୍ଯ୍ୟ କରିଆସୁଅଛି। ଗତ ୨୫ ତାରିଖ ମଙ୍ଗଳବାର ପେଣ୍ଡକଟା ରେ ଯୁବଗୋଷ୍ଠୀଙ୍କ ଉଦ୍ୟମରେ ସାହିସ୍ତରୀୟ ସଭା ବା ମହଲ୍ଲା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୦ ଜଣ ଶିଶୁ ଓ ଯୁବ ବର୍ଗ ଓ ୭୮ ଜଣ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ। ଆଲୋଚନାର ବିଷୟବସ୍ତୁ ଥିଲା ବସ୍ତି ବାସିନ୍ଦା ଓ ପୁରୀ ମହା ନଗର ନିଗମର ସ୍ୱଚ୍ଛତା ସେବା ମଧ୍ୟରେ ଆସୁଥିବା ସମସ୍ୟା ଓ ତାହାର ସମାଧାନ। ଏଥିରେ ମୁଖ୍ୟ ଅତିଥି ରୁପେ ପୁରୀ ମହାନଗର ନିଗମ ତରଫରୁ ସାନିଟେସନ ଅଫିସର କେଶବ ଚରଣ ସାହୁ ଯୋଗ ଦେଇଥିଲେ। ଯୁବଗୋଷ୍ଠୀ ତରଫ ରୁ କୌରୀ ମହାଲଷ୍ମୀ, କୌରୀ ମାନସା, ଦୀନଶ୍ରୀ, ପି. ମନୋଜ, ନଙ୍କମା ଇତ୍ୟାଦି ଯୁବ ଲିଡର ମାନେ ଆଲୋଚନାକୁ ଆଗକୁ ନେଇଥିଲେ। ସ୍ୱଚ୍ଛ ଗାଡି ଠିକ ସମୟରେ ବସ୍ତି ଭିତରକୁ ଆସିବ, ଲୋକମାନେ ଅଳିଆକୁ ପୃଥକ ପୃଥକ କରି ଏହି ଗାଡିରେ ଦବା ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥି ମାନଙ୍କ ମଧ୍ୟରେ ଡ଼ବ୍ଲୁର ବିକ୍ରମ ଦାସ ଓ ସ୍ପନ୍ଦନ ର ଡାଇରେକ୍ଟର ଶାଶ୍ୱତ କୁମାର ମହାପାତ୍ର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମଟିକୁ ଦୁର୍ଗା ଦେ, ଭି. ସୁଗୁନା, କେ. ସତୀଶ, ଅଭିଜିତ ଦେ, ଲିପ୍ସା ମହାନ୍ତି ମିଳିତ ଭାବେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ପ୍ରଗତି ପବ୍ଲିକ ସ୍କୁଲ ର ପ୍ରିନସିପାଲ ସି.ଏଚ.ରାମବାବୁ ଓ ସି.ଏତ. ଶ୍ରୀରୁ ଧନ୍ୟବାଦ ଅର୍ପଣ କରିଥିଲେ।

ଶ୍ରୀଜଗନ୍ନାଥଙ୍କ ଆନିମେଟେଡ୍ ଫିଲ୍ମ ବିବାଦ ପ୍ରସଙ୍ଗ

ଜଗନ୍ନାଥଙ୍କୁ ବିକୃତ ରୂପରେ ପ୍ରଦର୍ଶନ କରାଯାଇଛି: ଶଙ୍କରାଚାର୍ଯ୍ୟ

ପୁରୀ (ବ୍ୟୁରୋ): ଶ୍ରୀଜଗନ୍ନାଥଙ୍କ ଆନିମେଟେଡ୍ ଫିଲ୍ମ ବିବାଦଘେରରେ। ଏହା ଶାସ୍ତ୍ର, ପରମ୍ପରା ଓ ଇତିହାସ ବିରୋଧୀ ବୋଲି କହିଛନ୍ତି ଜଗଦଗୁରୁ ସ୍ୱାମୀ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ। ଧାର୍ମିକ ଓ ଆଧ୍ୟାତ୍ମିକ ପ୍ରସଙ୍ଗରେ କୋର୍ଟଙ୍କ ହସ୍ତକ୍ଷେପ ଅନୁଚିତ। ଫିଲ୍ମରେ ଜଗନ୍ନାଥଙ୍କୁ ବିକୃତ ରୂପରେ ପ୍ରଦର୍ଶନ କରାଯାଇଛି। ଏହାଦ୍ୱାରା ହିନ୍ଦୁ ଦେବାଦେବୀଙ୍କ ପ୍ରତି ପିଲାଙ୍କ ମନରେ ଭୁଲ ଧାରଣା ଆସିବ ବୋଲି କହିଛନ୍ତି ଶଙ୍କରାଚାର୍ଯ୍ୟ। ସେପଟେ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିର୍ଣ୍ଣୟକୁ ନେଇ ଗଜପତିଙ୍କୁ ଚିଠି ଲେଖି ଅବଗତ କରିଛନ୍ତି ମୁକ୍ତିମଣ୍ଡପ ପଣ୍ଡିତ ସଭା। ଆନିମେସନ ଫିଲ୍ମ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ପରମ୍ପରା, ସଂସ୍କୃତି ଓ ତତ୍ତ୍ୱ ନଷ୍ଟ ହେଉଛି । ଫିଲ୍ମରେ ଜଗନ୍ନାଥଙ୍କୁ ବିକୃତ ଭାବେ ଦର୍ଶାଯାଇଛି। ସମସ୍ତ ମାଧ୍ୟମରେ ଏହାର ପ୍ରସାରଣ ଉପରେ ରୋକ ଲଗାଇବା କୁ ଦାବି ହୋଇଛି । ପୂର୍ବରୁ ଫିଲ୍ମ ରିଲିଜ୍ ଉପରେ ରୋକ୍ ପାଇଁ ମନା କରିଥିଲେ ସୁପ୍ରିମକୋର୍ଟ ।ଜୁଲାଇ ୨୯ ତାରିଖରେ ଫିଲ୍ମ ରିଲିଜ ବିରୋଧରେ ଓଡ଼ିଶା ସରକାରଙ୍କ ଆବେଦନକୁ ଖାରଜ କରିବା ସହ ଫିଲ୍ମ ରିଲିଜ ବ୍ୟାନ୍ କରିବାକୁ ପ୍ରତ୍ୟାଖ୍ୟାନ କରିଥିଲେ ସୁପ୍ରିମକୋର୍ଟ । ଯାହା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ନିର୍ମିତ କାର୍ଟୁନ୍ ଚଳଚ୍ଚିତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥ ବିଷୟକୁ ନେଇ ବଡ଼ ବୈଠକ ବସିଥିଲା। ଯାହା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ନିର୍ମିତ କାର୍ଟୁନ୍ ଚଳଚ୍ଚିତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥ ବିଷୟକୁ ନେଇ ବଡ଼ ବୈଠକ ବସିଥିଲା। ଚଳଚ୍ଚିତ୍ରର ଟ୍ରେଲର ଏବଂ ପ୍ରଭୁ ଜଗନ୍ନାଥଙ୍କ ଚିତ୍ରଣକୁ ନେଇ ଆପତ୍ତିରୁ ଏହି ବିବାଦ ଉପୁଜିଥିଲା ।

■ ଜଗନ୍ନାଥବଲ୍ଲଭ ବେଣ୍ଟ ପୋଖରୀ ହତ୍ୟାକାଣ୍ଡ ଘଟଣା

ମୃତକ ମାନସିକ ବିକାରଗ୍ରସ୍ତ

ପୁରୀ (ବ୍ୟୁରୋ): ପୁରୀରେ ହତ୍ୟାକାଣ୍ଡ । ଜଗନ୍ନାଥ ବଲ୍ଲଭ ଭିତରେ ଥିବା ବେଣ୍ଟ ପୋଖରୀରେ ଘଟିଛି ଅଘଟଣ। ଜଣେ ବ୍ୟକ୍ତିଙ୍କୁ ପଥର ଛେଚି ହତ୍ୟା ଅନୁମାନ କରାଯାଉଛି ।ତେବେ ଟାଉନଥାନା ଆଇ ଆଇସିଙ୍କ ସୂଚନା ଅନୁଯାୟୀ ସେ ମୃତକ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଅଟନ୍ତି ।ସେ ସେଠାରେ ସବୁଦିନ ଶୋଇଥାନ୍ତି । ଘଟଣା ସ୍ଥଳରେ ଶୋଉଥିବା ଆଉ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିର ମଧ୍ୟ ଗତକାଲି ରାତି ୧୦ଟା ପର ଠାରୁ ପତ୍ତା ନାହିଁ । ତେଣୁ ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଏପରି ଘଟିଥାଇ ପାରେ ବୋଲି ଅନୁମାନ କରୁଛି ପୋଲିସ। ଅଧିକ ତଦନ୍ତ କରୁଛି ପୋଲିସ । ପୁରୀର କୁମ୍ଭାରପଡା ଅଞ୍ଚଳରେ ସୋମବାର ପୁଅ ମାକୁ ମାରି ସ୍ଲାପ ତଳେ ପ୍ଲାଷ୍ଟର କରି ହତ୍ୟାକାଣ୍ଡ ଘଟିଥିବା ଘଟଣା ପରେ ବୁଧବାର ଜଗନ୍ନାଥ ବଲ୍ଲଭ ହତ୍ୟାକାଣ୍ଡ ଘଟଣା ଏବେ ସହରରେ ଚର୍ଚ୍ଚା ହେଉଛି ।

୨୯ରେ ରୋଟାରୀ ଭବନରେ ସୁପରସ୍ପେସିଆଲିଟି କ୍ଲିନିକ୍ ଶୁଭାରମ୍ଭ

ପୁରୀ (ବ୍ୟୁରୋ): ୧୯୬୯ ମସିହାରେ ପୁରୀରେ ପ୍ରତିଷ୍ଠିତ ପୁରୀ ରୋଟାରୀ କ୍ଲବ ଗତ ୫୭ ବର୍ଷ ମଧ୍ୟରେ ସେବା, ସଚେତନତା ଓ ସଦ୍ଭାବନା କ୍ଷେତ୍ରରେ ବହୁ କୀର୍ତ୍ତିମାନ ସ୍ଥାପନ କରିଛି। ଗତ ପ୍ରାୟ ଚାରି ବର୍ଷରୁ ଊର୍ଦ୍ଧ

ରାକ୍ଷୀ

ସୁକାନ୍ତି ମିଶ୍ର

ରାକ୍ଷୀ ସେନେହର ମଧୁଗୀତି
ରାକ୍ଷୀ ଅଳି ଅଝଟର ସାକ୍ଷୀ
ଛାତିଏ ପାଣିରୁ କଇଁ ଫୁଲତୋଳା
ପୁଲକିତ ଦୁଇ ଆଖି ....
ରାକ୍ଷୀ ତିତିକ୍ଷାର ମଧୁରାଗ
ରାକ୍ଷୀ ପ୍ରୀତି ଭରା ଅନୁରାଗ
ତେର ନଈ ସାତ ଦରିଆ- ସେପାରେ
ଅଭୁଲା ସ୍ମୃତିର ଦାଗ.....
ରାକ୍ଷୀ ସୁନା ଲୁହ ପୋଛା ହାତ
ରାକ୍ଷୀ ବଡ଼ଦେଉଳର ନେତ
ଲୁହର ତୁଠରେ ହସ ବାଣ୍ଟୁଥିବା
ନାଲି କଇଁ ଓଠ ଗୀତ.....
ରାକ୍ଷୀ ଶରଧାର ରଜଦୋଳି
ରାକ୍ଷୀ ସମ୍ପର୍କର ପୂଜାଥାଳି
ବେଦନା ସାଉଁଳା କଅଁଳ ମନରେ
ଚାନ୍ଦ ପୁନେଇଁର ଅଳି....
ରାକ୍ଷୀ ପ୍ରତିକ୍ଷାର ବଡପଣ
ରାକ୍ଷୀ ଅଲିଅଳି ଅଭିମାନ
ଅଣ୍ଟିଏ ସୁଖର ସାଉଁଟା ସରାଗେ
ଅକୁଣ୍ଠିତ ସମର୍ପଣ .....
ରାକ୍ଷାଶୁଭ ମନାସର ତିଥି
ରାକ୍ଷୀ ରେଶମୀ ଡୋରି ର ବିଥି
ଅତୁଟ ମନ୍ତର ପ୍ରଣବ ଓଁକାର
ଭରସାର ପ୍ରତିଶ୍ରୁତି ..

ଶିକ୍ଷୟିତ୍ରୀ
'ସଂପର୍କ' ସାରସ୍ୱତ ନଗର,
ସିଦ୍ଧ ମହାବୀର, ପୁରୀ
ମୋ: ୭୮୯୪୩୭୫୭୫୧

ରାକ୍ଷୀ

ଶୀତଲ୍ ଦାସ

ପ୍ରତି ମୁହୂର୍ତ୍ତରେ ନିର୍ଯାତିତ, ପ୍ରତାରିତ
ଅଜସ୍ର ଭଉଣୀ ଏଠି
ରାଜରାସ୍ତା ଅବା ବନ୍ଦ କୋଠରୀରେ,
ସବୁଠି ରୂପଲୋଭୀ ରାକ୍ଷସଙ୍କ ଭିଡ଼ ।
ଭାବେ, କ'ଣ ବା ଯାଏଆସେ ମୋର
ନାହିଁ ତ ଭଉଣୀ ଗୋଟେ ଦୃଢ଼ ସମ୍ପର୍କର,
ଯାହାଅଛି ଦୂର ଦୂରାନ୍ତରେ, ସୁରକ୍ଷିତ ଘରେ ।
ଜାଣିନି କାଇଁ ମୁଁ ଆଖି ବୁଜିଦିଏ,
ନିଜ ଆଉ ପରର ଫରକ ଭିତରେ।
ସେ ତ ସୁରକ୍ଷା ଓ ଭରସା ଦିଅନ୍ତି
ସୁଭଦ୍ରାଙ୍କ ରାକ୍ଷୀ ପିନ୍ଧି,
ଷାଠିଏ ପଉଠି ଖାଇ, ଚଉବାହା ମେଲାଇ
ମୁଁ କ'ଣ ଦେଇପାରିବି ସେ ଭରସା ?
ମୋ ଆଖି ଆଗରେ ହେବାକୁ ଦେବିନି
କେବେ କେଉଁ ଭଉଣୀର ଅସ୍ମିତା ହନନ
ଅବା ହେଉ ଲୋକହସା ।

ଭୁବନେଶ୍ୱର
ମୋ:୯୯୩୭୬୫୫୮୭୪

ବିଶ୍ୱାସର ବନ୍ଧନ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ସବୁ ସୂତା ରେଶମି ନୁହେଁ,
କିଛି ସୂତା ବୁଣାହୁଏ ଅଦୃଶ୍ୟ ବିଶ୍ୱାସରେ,
ଜୀବନର ପ୍ରତିଟି ମୋଡ଼ରେ
ସେମାନେ ଠିଆହୁଅନ୍ତି ନିରବ ଭରସା ହୋଇ।
?ରାକ୍ଷୀ କେବଳ ଗୋଟିଏ ପର୍ବ ନୁହେଁ,
ଏହା ମୂକ ସାକ୍ଷୀ—
ସାଙ୍ଗ ହୋଇ ବଢ଼ିବାର,
ଛୋଟ ଛୋଟ କଥାରେ କଳି କରି
ସଞ୍ଜ ହେଲେ ପୁଣି ଏକାଠି ହସିବାର।
ଭଉଣୀର ସେହି ଅଭିମାନୀ ଆଖିର ଚାହାଣି,
ଯାହା ବିନା କହିବି ବୁଝିପାରେ ସବୁ କଷ୍ଟ,
ଆଉ ଭାଇର ସେହି ନିଶବ୍ଦ ପ୍ରତିଶ୍ରୁତି,
ଯାହା କୌଣସି ଝଡ଼କୁ ପାଖକୁ ଆସିବାକୁ ଦିଏନି।
?ବୟସ ବଢ଼େ, ବାଟ ଅଲଗା ହୁଏ,ହେଲେ -
ଘରର ଅଗଣାରୁ ନେଇ ସହରର ବ୍ୟସ୍ତତା ଯାଏ,
ହାତପାପୁଲିରେ ସେହି ପବିତ୍ର ସୂତାର ସ୍ପର୍ଶ
ସଦା ଚେତାଏ— ତୁ ଏକା ନାହୁଁ, ମୁଁ ଅଛି।
ଏହା ରକ୍ତ ଅପେକ୍ଷା ହୃଦୟର ସମ୍ପର୍କ,
ଯେଉଁଠି ପ୍ରତିଟି ଖିଅରେ ବନ୍ଧା ହୋଇଥାଏ
ସଜଳ ପ୍ରାର୍ଥନା, ନିଷ୍ପାପ ଭଲପାଇବା
ଆଉ କାଳଜୟୀ ଆତ୍ମୀୟତା।
ସମୟର ବଦଳୁଥିବା କାନଭାସରେ
ଆଜି ନୂଆ ରୂପ ନେଇଛି ଏ ଆତ୍ମୀୟତା।
ଇମୋଜିର ରେଶମି ଡୋରା,
ଭର୍ଚୁଆଲ୍ ଆଳତି ଥାଳି,
ଡିଜିଟାଲ୍ ସ୍କ୍ରିନ୍‌ରେ ଭାସିଆସେ ହସର ଲହରୀ,
ହସିଉଠେ ସ୍କ୍ରିନ୍, ଛଳଛଳ ହୁଏ ଆଖି,
ଭିଡିଓ କଲ୍‌ର ଗୋଟିଏ କ୍ଲିକ୍‌ରେ
ନୋଟିଫିକେସନ୍‌ର ଗୋଟିଏ ଶବ୍ଦରେ
ଜୀବନ୍ତ ହୋଇଉଠେ ପିଲାଦିନର ସେଇ ମିଠା ଝଗଡ଼ା।
ପରିବର୍ତ୍ତିତ ସମୟର ଏ ନୂଆ ଚିତ୍ରପଟ,
ହେଲେ.....
ବଦଳିନାହିଁ ଭାବନାର ନିବିଡ଼ ସଂମ୍ପର୍କ
କାଚ ସ୍କ୍ରିନ୍ ଟପି ସ୍ପର୍ଶ ଦିଏ ଆତ୍ମୀୟତା,
ଏହା ଦୁଇଟି ସମାନ ହୃଦୟର ସହଯୋଗୀ ପଦକ୍ଷେପ।
ସେ କେବଳ ଭାଇର ଦୀର୍ଘାୟୁ ମାଗେନି,
ଭାଇ ବି ଭଉଣୀର ସ୍ୱପ୍ନକୁ ଡେଣା ଦେବାକୁ ଆଗେଇ ଆସେ।
ରୂପ ବଦଳିଛି, ପରମ୍ପରା ପାଇଛି ନୂଆ ଶ୍ୱାସ,
ହେଲେ, ବନ୍ଧନ ଆଜି ବି ସେମିତି ଅତୁଟ,
ସମ୍ପର୍କର ଗଭୀରତାରେ ଆଜି ବି ସେତିକି ବିଶ୍ୱାସ।

ନୟାଗଡ଼
ମୋ: ୯୪୩୭୬୪୨୯୪୭

ରାକ୍ଷୀ ତୁ ସାକ୍ଷୀ

ସୁନନ୍ଦା ମହାନ୍ତି

ସକାଳକୁ କେବେ ପଚାରି ନାହିଁ
ଆଲୋକ କେଉଁଠୁ ଆଣୁ
ଫୁଲକୁ କେବେ ପଚାରିନାହିଁ
ବାସ୍ନା କୋଉଠୁ କିଣୁ
ପବନକୁ କେବେ ପଚାରିନାହିଁ
ଦିଗ ତୁ କେମିତି ଜାଣୁ
ବର୍ଷାକୁ କେବେ ପଚାରିନାହିଁ
କେମିତି ଗାଉ ଗୀତ ଗୁଣୁଗୁଣୁ
ଶ୍ରାବଣକୁ କେବେ ପଚାରିନାହିଁ
କେଉଁଠି ବରଷା ରେଣୁ
ସୂର୍ଯ୍ୟଙ୍କୁ କେବେ ପଚାରିନାହିଁ
ରଙ୍ଗରେ କେତେ ଅଣୁ
କୋଇଲିକି କିନ୍ତୁ ଖତେଇ ହୋଇଛି
ଫଗୁଣ ଆସିବା ଜାଣୁ
ନଈକୁ କିନ୍ତୁ ପଚାରିନି କେବେ
ଢେଉ ଶବ୍ଦ କେବେ ଶୁଣୁ
ସମୁଦ୍ରରେ ମିଶି ନଈ ଦେଲେ ହସି
ବୁଝେ ନଈ ହସେ ଜିଣୁ ଜିଣୁ
ପ୍ରଜାପତି କୁ ପଚାରି ପାରେନା
ଫୁଲରୁ ନେଇ ଡିୟାଣୁ
କେତେ ପଇସା ତୁ ଗଣୁ
କଙ୍କି ଧରଣ ମାଆ ମରଣ ଶୁଣି
କଙ୍କିକୁ ପଚାରେ ପାଣିକୁ ଛାଣୁ
କଙ୍କିଟା ଉଦାସୀ ଚାହେଁ ବାରମାସୀ
ପ୍ରଶ୍ନଟା ମୋର କାଳେ ପରମାଣୁ
ରାକ୍ଷୀ ଏକା ଦେବ ଉତ୍ତର ସବୁର
ନିରୁତ୍ତର ସିଏ ଯେଣୁ
ବର୍ଷକେ ଥରେ ଶ୍ରାବଣ ଆସିବା ପରେ
ଭାଇ ଭଉଣୀ ରାକ୍ଷୀକୁ ଜାଣୁ
ବନ୍ଧନ ସିଏ ବାନ୍ଧି ରଖେ ଯିଏ
ସ୍ନେହ ମମତା ପ୍ରୀତି ମୈତ୍ରୀରେ
ଭାଇକି ଭଉଣୀ ଜାଣୁ
ଭଉଣୀ ଭାଇକି ଜାଣୁ
ରାକ୍ଷୀ ପୁନେଇଁରେ ରାକ୍ଷୀ କାଇଦାରେ
ଶାନ୍ତି ଓ ପ୍ରାପ୍ତି ପୁଣି ଗତି ମୁକ୍ତି
ହରି ମିଶାଇ ଫେଡ଼ି ଗୁଣୁ
ବଳଭଦ୍ର ଜନ୍ମ ଗୋମାତା ପୂଜନ
ରାକ୍ଷୀ ବନ୍ଧନ ଟାଣୁ।

ସାକ୍ଷୀଗୋପାଳ , ପୁରୀ
ମୋ:୯୦୪୦୯୭୭୩୩୨୭

ବାନ୍ଧିବି ରାଖି ଜଗାକୁ ଡାକି

ପ୍ରଶାନ୍ତ କୁମାର ଦାଶ

ଭାଇ ତୋ ହାତେ ବାନ୍ଧିବି ରାଖୀ
ଚକାଆଖିକି ଡାକି
ଆଣିଛି କିଣି ବାଜରୁ ରାଖୀ
ସେନେହ ଶ୍ରଦ୍ଧା ମାଖି ।।
ମଥାରେ ତୋର ଟିପିରି ଟିପା
ଦେବି ଚନ୍ଦନ ଟିପା
ଖୁଆଇ ଦେବି ତତେରେ ମିଠା
କିଣି ଆଣିଛି ଅପା ।।
ଅଝଟ ହେଲେ ଅଳି କରିଲେ
କେତେ ଆଦର କରୁ
କଣ୍ଢେଇଟିଏ ଦେଇକି ମନେ
ହସ ଖୁସୀଯେ ଭରୁ ।।
ପିଲାଦିନର ମଜା ମଉଜ
ପଡୁଛି ଆଜି ମନେ
ତୁହିତ ଆମ କୁସୁମ କଳି
ଫୁଟିବୁ ଉପବନେ ।।
ରାଖୀତ ଆମ ବନ୍ଧନ ଡୋର
ଛିଣ୍ଡିବ ନାହିଁ ଜମା
ଚାଲିବା ପାଇଁ ହେବ ଜୀବନେ
ନମାନି ଖାଲ ଖମା ।।
କନିଆ ଆଜି ହେବିତ ବୋହୂ
ଯିବି ମୁଁ ଶାଶୂଘର
ମୋ ଦୁଃଖ ବେଳେ ହେବୁରେ ଠିଆ
କରିବୁ ନାହିଁ ପର ।।
ତୁ ମୋର ଜଗା ମୁଁ ତୋ ସୁଭଦ୍ରା
ସମ୍ପର୍କ ଥିବ ଜିଇଁ
ପୂରୁଯ ଶଶୀ ଆକାଶେ ହସି
ଆସୁଥିବେତ ଉଇଁ ।।

ପିପିଲି, ପୁରୀ
ମୋ:୯୬୬୮୨୨୧୯୦

ଅମୀୟ ବନ୍ଧନ ଧାରା

ସୁଜିତ କୁମାର ମିଶ୍ର

ମନ ଅଗଣାରେ ତୁମେ ଶ୍ରାବଣରେ ମହକ ନଈର ଗୀତି,
ବିନ୍ଦୁ ବିନ୍ଦୁ ବର୍ଷା ଝରୁଥାଏ ତୁମ ବୁକୁତଳୁ ଦିନରାତି
ତୁମେ ଲେଖୁଥାଅ ମିଳନ କାବ୍ୟର ଗ୍ରନ୍ଥଟିଏ ତମସାରେ,
ଯାତନା ଆଉ କି ଫେରେ ପୂର୍ବପରି ଜହ୍ନରାତି ପରଶରେ
କିଏ କହେ ତୁମେ ରେଶମୀ ଡୋରିଟେ କିଏ କହେ କିଣା ରାକ୍ଷୀ,
ଅମୀୟ ବନ୍ଧନ ଧାରାର ତୁମେ ତ ଆଦିକାଳୁ ପୁଣ୍ୟ ସାକ୍ଷୀ
ଦୂର ବହୁଦୂର ତୁମେ ମିଠାଝର ଦରଦୀପଣର ସ୍ରୋତେ,
ସକଳ ସୁଖର ସଖା ତୁମେ ପରା ସମର୍ପିତ କୋଳାଗ୍ରତେ।
ଓଠେ ଭରିଦିଅ ମଧୁର ଆଳାପ ଅଦେଖା ଆନନ୍ଦ ଢେଉ,
ଅନୁରାଗ ଭରା ଅଙ୍ଗୀକାର ତୁମ ଅସରନ୍ତି ପ୍ରୀତି ମହୁ।
ହାତ ଓ ହୃଦୟ ହୁଏ ଏକାକାର ତୁମେ ଭାବେ ଦେଲେ ଛୁଇଁ,
ବନ୍ଧନ ପାଚେରୀ ନିର୍ମାଣ ହୁଅଇ ଭାଙ୍ଗେ ଆଉ କେବେ କାହିଁ?
ଫୁଲ ଚନ୍ଦନର ସୁବାସରେ ତୁମେ ପ୍ରେମର ପ୍ରଦୀପ ଜାଳ,
ପଲକେ ପୁଲକ ଋତୁର ତୁମେ ତ ଫଗୁଣର ମଧୁ କାଳ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ: ୭୬୮୩୮୬୭୭୪୨

ରାକ୍ଷୀ ସ୍ପେଶ୍ୟାଲ

ବିଶ୍ୱାସର ମୂକସାକ୍ଷୀ

ରାମଚନ୍ଦ୍ର ବେହେରା

ଶ୍ରାବଣ ପୁନେଇଁ ପବିତ୍ର ତିଥିରେ
ଆସୁଛି ରାକ୍ଷୀ ପରବ
ଭାଇ ହାତେ ରାକ୍ଷୀ ବାନ୍ଧିବ ଭଉଣୀ
ଆମ ରାଇଜ ଗରବ।
ଅତି ଶରଧାରେ ରେଶମ ଡୋରୀକୁ
ଭାଇ ହାତରେ ବାନ୍ଧିବ
ମସ୍ତକେ ଲଗାଇ ଚନ୍ଦନ ସିନ୍ଦୂର
ଧୂପ ଆଳତି କରିବ।
ଭାଇର ଜୀବନେ ନଆସୁ ବିପତ୍ତି
ଶୁଭ ମନାସି ମନରେ
ଦୁଃସମୟେ ତା'ର ସାହା ହେବା ପାଇଁ
ଭାଇକୁ କହିବ ଧୀରେ।
ଶ୍ରଦ୍ଧାର ପ୍ରତୀକ ଉପହାରଟିଏ
ଭଉଣୀର ହାତେ ଦେଇ
ତା' ରକ୍ଷା କବଚ ସାଜିବ ଜୀବନେ
ପ୍ରତିଶୃତି ଦେବ ଭାଇ।
ପିନ୍ଧାବସ୍ତ୍ର ଚିରି ବାନ୍ଧିଥିଲେ ରାକ୍ଷୀ
ସଖାଙ୍କ ହାତେ ପାଂଚାଳୀ
କୋଟି ବସ୍ତ୍ର ଦେଇ ରକ୍ଷା କରିଥିଲେ
ଦ୍ରୌପଦୀଙ୍କୁ ଚକ୍ରଧାରୀ।
ସୁଭଦ୍ରା ଭଉଣୀ ବାନ୍ଧିଥାନ୍ତି ରାକ୍ଷୀ
କାଳିଆ ବଳିଆ ହାତେ
ଖୁସିହୋଇ ପ୍ରଭୁ ଗେହ୍ଲା ଭଉଣୀକୁ
ନେଇଥାନ୍ତି ରଥ ଯାତେ।
ରଂଗ ବେରଂଗର ରେଶମ ଡୋରୀଟି
ବିଶ୍ୱାସର ମୂକସାକ୍ଷୀ
ଭାଇ ଭଉଣୀର ପବିତ୍ର ସମ୍ପର୍କ
ବାନ୍ଧି ରଖିଥାଏ ରାକ୍ଷୀ।
ରାକ୍ଷୀ ପୁନେଇଁରେ ଗୋ'ମାତାଙ୍କ ପୂଜା
କରିଥାନ୍ତି ସର୍ବ ଜନେ
ସ୍ନେହ ଶ୍ରଦ୍ଧା ଭରା ପବିତ୍ର ଦିନଟି
ଖୁସି ଭରିଦିଏ ମନେ।

ଜଗତସିଂହପୁର
ମୋ: ୭୩୫୫୨୩୪୩୪୨

ଅତୁଟ ବନ୍ଧନ

ଅଧ୍ୟାପିକା ବସନ୍ତ ମଞ୍ଜରୀ ମିଶ୍ର

ଶ୍ରାବଣ ମାସର ପୂର୍ଣ୍ଣିମା ତିଥିରେ
ଭାଇ ହସ୍ତେ ଭଗ୍ନୀ ବାନ୍ଧେ ପ୍ରୀତି ଡୋର
ଅତୁଟ ବନ୍ଧନ ସେ ଜନ୍ମ ଜନ୍ମର
ଛିଣ୍ଡେଇ ପାରେନା ତାକୁ ସମୟର ଧାର
ନ ରଖି ପ୍ରାପ୍ତିର ଆଶା
ଅକୁହା ଶ୍ରଦ୍ଧାକୁ ଜଗାଏ ତା ମନର ଭାଷା....
ଥାଏ କିନ୍ତୁ ଅନେକ ଭରସା ....
ହାତରେ ବାନ୍ଧି ସ୍ନେହର ରାକ୍ଷୀ,
ରକ୍ଷାର କବଚ ପାଏ ତା ଆଖି
ଖୁସିରେ ନାଚି ଉଠେ ମନ
ସତରେ ଅତୁଟ ଏ ଅନନ୍ୟ ବନ୍ଧନ ।
?ଭଉଣୀ ହାତରୁ ରାକ୍ଷୀଟି ପାଇ,
ମୁଣ୍ଡ ହଲାଇ, ହସ ଖେଳାଇ
ସୁରକ୍ଷାର ବଚନ ଦିଏ ସେ ଭାଇ।
ମୁହଁ ମିଠା କରି ଆଶୀଷ ମାଗେ,
କୋଟି ପରମାୟୁ ପ୍ରଭୁଙ୍କୁ ମାଗେ
ନୁହେଁ ସେ କେବଳ ସୂତାର ଡୋର,
ଅଶେଷ ପ୍ରେମର ସମ୍ପର୍କ ଗଭୀର
ରାକ୍ଷୀ ପୂର୍ଣ୍ଣିମାର ଅମୃତ ବେଳା
ଭାଇ ଭଉଣୀଙ୍କ ଆନନ୍ଦ ମେଳା
ରାଗ ଅଭିମାନ ଦିଏ ପୂରେଇ
ବାଧା ବନ୍ଧନ କୁ ନିଏ ଚୋରେଇ
ଏକ କରିଦିଏ ଦୁଇ ହୃଦୟ
ଚେନାଏ ହସ ଓଠରେ ଦେଇ
ସାଥେ ରହିବାକୁ ଦିଏ ଅଭୟ।।

ଚାଳଚେର
ମୋ:୯୮୬୧୧୯୨୪୪୫

ଭାଇ ଭଉଣୀର ମଧୁର ସମ୍ପର୍କ

ତନୁଜ କୁମାର ମଲଣା

ଗୋଟିଏ ଗର୍ଭରୁ ଜନ୍ମ ଆମର,
ଗୋଟିଏ ସେ ଘର ଅଗଣା,
ଖେଳୁଥିଲେ ଦିନେ କାନ୍ଧକୁ କାନ୍ଧେଇ,
ସୁଖ-ଦୁଃଖ ଥିଲା ଅଜଣା ।
ହେଲେ ସମୟର ଚକ ବୁଲିଗଲା ଏମିତି,
ନିଜ ରକ୍ତ ହେଲେ ଆଜି ପର ସତେ ଯେମିତି।
କାଲି ଯେଉଁମାନେ ଏକାଠି ହସୁଥିଲେ,
ଆଜି ସେମାନେ ନିଜ ନିଜ ଘରର କୁଣିଆ ସାଜିଲେ...।
ବାପାର ସେ ସ୍ନେହ, ମାଆର ସେ କୋଳ,
ଥିଲା ଆମ ପାଇଁ ସ୍ୱର୍ଗ,
ଛୋଟ ଛୋଟ କଥାରେ କଳିତକରାଳ,
ପୁଣି ଭାଙ୍ଗୁଥିଲା ଅଭିମାନର ମେଘ ।
ସେ ଲୁଚକାଳି ଖେଳ,
ସେ ଜାନିଯାତ୍ରାର ମେଳ,
ଆଜି କେବଳ ସ୍ମୃତି
କାହିଁ ହଜିଗଲା ସେ ପିଲାଦିନ,
କାହିଁ ବଦଳିଗଲା ସେ ପ୍ରୀତି ।
ଆଜି ଦେଖାହେଲେ ପଚାରନ୍ତି ଭଲମନ୍ଦ,
ଯେମିତି କେଉଁ ଦୂର ବନ୍ଧୁର ସମ୍ପର୍କ,
ଆଖିର ଲୁହକୁ ଆଖିରେ ଲୁଚାଇ,
ଦେଖାନ୍ତି ଓଠରେ ମିଛ ହସର ଝଲକ।
ସମୟର ସ୍ରୋତରେ ଭଉଣୀ ଗଲା ପରଘର,
ଭାଇ ବି ବାନ୍ଧିଲା ନୂଆ ସଂସାର,
ବଦଳିଗଲା ଜୀବନ ହେଲା ଓଲଟ ପାଲଟ ,
ଦାୟିତ୍ୱର ବୋଝ, ଆଉ ରତୁ ଜୀବନର ।
ପର୍ବପର୍ବାଣୀରେ ଆସନ୍ତି ସେମାନେ,
ହେଲେ ଅତିଥିର ସାଜି ବେଶ,
ଦିନେ ଯେଉଁ ଘର ନିଜର ଥିଲା,
ସେଠି ଆଜି ଦିନ ଦୁଇଟାର ଆବେଶ ।
ସଞ୍ଜ ନଇଁଗଲେ ଫେରିଯିବାକୁ ପଡ଼େ,
ଘରର ମୋଲାଣି ଡାକ ଶୁଭେ,
ବଡ଼ ବିଚିତ୍ର ଏ ଦୁନିଆର ରୀତି,
ନିଜ ଘରମାଟି ଆଜି ଅନ୍ୟର ଦିଶେ ।
ଗୋଟିଏ ଗର୍ଭରୁ ଜନ୍ମ ହୋଇ ବି ଆମେ,
ହେଲୁ ନିଜ ନିଜ ଭାଗ୍ୟର ବାଟୋଇ,
ସମୟର ଚକ୍ରେ ଆଜି ଆମେ ସବୁ,
ପରସ୍ପର ପାଇଁ କୁଣିଆ ଗଲୁ ଯେ ହୋଇ।

ପାରାଦୀପ
ମୋ:୯୦୬୪୮୨୦୯୧୧

ରକ୍ଷା ବନ୍ଧନ ଏକ ପ୍ରତିଜ୍ଞା

ଦୀପ୍ତି ମିଶ୍ର

ଶ୍ରାବଣ ପୂର୍ଣ୍ଣିମା ତିଥି, ପବିତ୍ର ପ୍ରଭାତ କାଳ,
ଭଗିନୀ ହସ୍ତେ ଶୋଭେ ରଙ୍ଗିମ ରାକ୍ଷୀ ଥାଳ।
ସୂତ୍ର ନୁହେଁ ଏ କେବଳ, ଏ ତ ସ୍ନେହର ପ୍ରବାଳ,
ଯୁଗ ଯୁଗାନ୍ତର ଧରି ଅତୁଟ ଯାର ଜାଲ।
ଜନନୀ ଗର୍ଭଜାତ, ଏକ ରକ୍ତର ସମ୍ପର୍କ,
ଶୈଶବର କଳହ ମଧ୍ୟେ ଲୁଚିଛି ଅନୁରାଗ।
ଭାଇର ଦୁଃଖେ ଭଉଣୀ, ହୁଏ ଅତି ବିକଳ,
ଭଉଣୀର ନୟନାଶ୍ରୁ, ଭାଇ ପାଇଁ ଅନଳ।
ହେ ଭଗିନୀ ! ଶୁଣ ମୋର ଦୃଢ଼ ଅଙ୍ଗୀକାର,
ରାକ୍ଷୀ ସୂତ୍ର ସାକ୍ଷୀ ରଖି କରୁଛି ହୁଙ୍କାର।
ସମୟର ଝଡ଼ ଝଞ୍ଜା, ବିପତ୍ତି ପ୍ରଚଣ୍ଡ,
ତୋ ସମ୍ମୁଖେ ଆସିଲେ, ହେବି ମୁଁ ପ୍ରଚଣ୍ଡ।
ସମ୍ପଦ ନୁହେଁ, ବିପଦେ ଭାଇ ହିଁ ଢାଲ,
ଭଗିନୀର ସମ୍ମାନ ରକ୍ଷା, ଭାଇର ପରମ ଧର୍ମ।
ଏହି ଶାଶ୍ୱତ ସତ୍ୟ, ବେଦର ମହାମନ୍ତ,
ରାକ୍ଷୀ ବନ୍ଧନ ଅର୍ଥ, ଏହି ଦିବ୍ୟ ତନ୍ତ।
ରକ୍ତ ସମ୍ପର୍କରୁ ଉର୍ଦ୍ଧ୍ୱରେ, ଏ ଆତ୍ମାର ବନ୍ଧନ,
ଭାଇ-ଭଉଣୀ ସ୍ନେହ ରହୁ, ଚିର ଅମ୍ଳାନ ।

ଶିକ୍ଷୟିତ୍ରୀ, ପୁରୀ
ମୋ: ୯୪୩୬୩୩୪୬୫୯

ରକ୍ଷା ବନ୍ଧନ

ଅଲେଖ ପ୍ରସାଦ ମହାନ୍ତି

ମମତା ମଧୁର ଅମୃତ ନାଦ
ଭାଇ ଭଉଣୀଙ୍କ ସ୍ନେହ ସମ୍ବାଦ
ଲଲାଟେ ଚନ୍ଦନ ସିନ୍ଦୂର ଟୀକା
ସୁତାଖଣ୍ଡ ରଙ୍ଗ ନପଡୁ ଫିକା
ଭଉଣୀର ବନ୍ଦାପନା
ରକ୍ଷା ବନ୍ଧନର ପବିତ୍ର ପର୍ବରେ
ବହୁଛି ପ୍ରୀତି ଝରଣାଧାରା
କାମନା ଭାଇର ସୁଖ ସମ୍ପଦ
ଧୋଇଯାଉ ସବୁ ଦୁଃଖ ବିପଦ
ହୃଦୟ ବୀଣାରେ ସ୍ୱର୍ଗ ସଙ୍ଗୀତ
ଗୁଞ୍ଜରିତ ହେଉ ଅନବରତ
ଭାଇ ହେଉ ଚିରଞ୍ଜିବୀ
ଭାଇ ଭଉଣୀଙ୍କ ପ୍ରେମ ଅଶ୍ରୁଧାର
ସୁରକ୍ଷାର ପ୍ରତିଛବି ।।
ଦୁଇଟି ହୃଦୟ ଏକ ଭାବନା
ବିଷାଦ ବେଳର ବ୍ରତ ସାଧନା
ଜଣଙ୍କ ନୟନୁ ଝରିଲେ ଲୁହ
ଆନ ଛାତି ତଳେ ଯାତନା କୋହ
ଅପୂର୍ବ ତାଙ୍କ କାହଣୀ
ସୁତା ଖଣ୍ଡ ମାନ ବିଶ୍ୱାସର ଚିହ୍ନ
ଶ୍ରଦ୍ଧା ଭରସା ତରଣୀ ।।
ବଦଳୁଛି ଯୁଗ ବଦଳେ ପାଗ
ମନ ଖୋଜି ବୁଲେ ପୂର୍ବ ସୁହାଗ
ବିନା ଅନୁରାଗ ସମ୍ପର୍କ ଛନ୍ଦ
ଲୋଭ ଅହଂ ଭରି ହୋଇଲେ ଅନ୍ଧ
ଲିଭିବ ମମତା ଜ୍ୟୋତି
ଭାବନା ଦ୍ୱନ୍ଦରେ ସ୍ମୃତି ଝୁରିହେଲେ
ହଜିବ ମାତ୍ର କିର୍ତ୍ତୀ ।।

ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ:୯୯୩୭୦୩୩୨୩୨

ରକ୍ଷା ବନ୍ଧନ

ଅମରନାଥ ବାରିକ୍

ଆସିଲେ ପରବ ରକ୍ଷା ବନ୍ଧନ
କଇଁକଇଁ ହୋଇ କାନ୍ଦେ ମୋ ମନ ।
ମନେ ପଡ଼େ ପିଲାଦିନର ସ୍ମୃତି
ଅମୂଲ୍ୟ ଅତୀତ ଯାଇଛି ବିତି ।
ଭାଇ ଭଉଣୀଙ୍କ ସରାଗ ପାଇଁ
ଜଗା ପାଦ ତଳେ ମୁଣ୍ଡ ନୁଆଇଁ ।
ପିଠା କ୍ଷୀରି ମାଆ ଗଢ଼େ ଯତନେ
ରାକ୍ଷୀ ପୁନେଇଁ ବରଷକେ ଦିନେ ।
ବାନ୍ଧୁଥିଲି ରାକ୍ଷୀ ଭାଇ ହାତରେ
ଚନ୍ଦନ ସିନ୍ଦୂର ଫୁଲ କାନରେ ।
ବନ୍ଧାଏ ଭାଇକୁ ଚିନ୍ତି ଜୀବନେ
ନ ଆସୁ ବିପଦ ଝଡ଼ ଅଦିନେ ।
ତତେ ମିଳୁ ପେଟା-କାଳିଆ ବର
କଳୁହୁଡ଼ି ତୁହି ଭଉଣୀ ମୋର ।
ଚିଡାଏ ଭାଇ ମୋ ଖାଇଲେ ଭାଗ
ବାପା ଆଣିଥିବା ମୋହନ ଭୋଗ ।
ଭାଉଜ ଆସିଲେ ବୋଲ ମାନିବୁ
ନିଜ କାମ ସବୁ ନିଜେ କରିବୁ ।
ସେତେବେଳେ ତୋ'ର ଏଇ ଭଉଣୀ
ମନେ ପକାଇବୁ ହେବୁ ତୁ ଗୁଣି ।
କେତେ ମିଠାଥିଲା ମୋ ଭାଇ ପ୍ରେମ
ମିଛ ରାଗ ରଷା କଳହ ଆମ ।
ପୁଣି ବୁଝିଯାଇ ଏକା ଥାଳିରେ
ଖାଇଥାଉ ଦୁହେଁ ସରାଗ ଭରେ ।
ପିତା ମାତା ପରି କିଏ ସେ ହେବ
ପିଲାଙ୍କ ମଙ୍ଗଳ ମନାସୁଥିବ ।
ଅସୁମାରୀ ଦୁଃଖ ନିଜର କରି
ଅସରନ୍ତି ସୁଖ ଦେବ ସେ ଭରି ।
ଆମ ଧର୍ମ ବିଧି କେତେ ମହାନ
ସନାତନ ନାମ ଯାହାର ଜାଣ ।
ପବିତ୍ର ସମ୍ପର୍କରେ ଯୋଡ଼ି ହୋଇ
ଜନ ଜୀବନ ରସମୟ ହୋଇ ।
ଭିନ୍ନ ଭିନ୍ନ ଜାତି ଭିନ୍ନ ପରବ
ଭିନ୍ନ ଏ ଓଡ଼ିଆ ଭାଷା ଗରବ ।
ପଲ୍ଲୀ ଠାରୁ ଦିଲ୍ଲୀ ଗର୍ବ ଗୌରବ
ତିନି ଠାକୁରଙ୍କ ଅପୂର୍ବ ଭାବ ।

ମଙ୍ଗଳପୁର, ଯାଜପୁର
ମୋ: ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

ଭାଇ ହାତେ ରାକ୍ଷୀ ବାନ୍ଧିବ ଭଉଣୀ

ନିରଞ୍ଜନ ସାହୁ

ଗହ୍ମା ପୁନେଇଁରେ ଭାଇ ହାତେ ରାକ୍ଷୀ
ବାନ୍ଧିବ ଭଉଣୀ ଜାଣି
ମନପସନ୍ଦର ରାକ୍ଷୀ ରଖିଅଛି
ବଜାରରୁ କିଣି ଆଣି ।
ସେଦିନ ସକାଳୁ ଗାଧୁଆପାଧୁଆ
ସାରିବେ ଭଉଣୀ ଭାଇ
ରକ୍ଷାବନ୍ଧନଟି ପାଳନ ହୋଇବ
ଆପଣାର ଘରେ ଥାଇ
ଆସନ ଉପରେ ଭାଇ ବସିଥିବ
ଦେଖାଇ ଆପଣା ଠାଣି ।
ଭାଇର ମଥାରେ ଚନ୍ଦନ ସିନ୍ଦୂର
ଭଉଣୀ ଲଗାଇ ଦେବ
ଦୁବ, ବରକୋଳି ପତ୍ର, ଫୁଲ ପୁଣି
ଅରୁଆ ଚାଉଳ ନେବ
ଭାଇର ମଥାରେ ପକାଇବ ତାହା
କହି ସୁମଧୁର ବାଣୀ ।
ଅତି ଶରଧାରେ ରାକ୍ଷୀ ବାନ୍ଧିଦେଇ
କରିବ ସେ ବନ୍ଦାପନା
ଭାଇକୁ ନିଶ୍ଚୟ ମିଠା ଖାଇବାକୁ
କରିବ ସେ ତନାଘନା
ସାନ ହୋଇଥିଲେ ଜୁହାର କରିବ
ଗେହ୍ଲେଇ ଭଉଣୀ ରାଣୀ ।
ଭାଇ ଯାହା ଉପହାର ଦେଇଥିବେ
ଖୁସିରେ ଗ୍ରହଣ କରି
କହିବ, ' ଜଗତେ କିଏ ହେବେନାହିଁ
ମୋ ଭାଇର ସମସରି '
ସାରାଦିନ ପାଇଁ ସୁରକ୍ଷା ମାଗିବ
ରହିବନି ମୁହଁ ହାଣି ।

ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ
ମୋ: ୯୯୩୮୭୪୧୫୮୩

ନେପାଳରେ ଭୟଙ୍କର ଜଳ ପ୍ରଳୟ

ବାଲେନ ଶାହଙ୍କ ସହ କଥାହେଲେ ମୋଦୀ

- ସହଯୋଗ ପାଇଁ ଭାରତରୁ ଯିବ ବିମାନ
- ଉଦ୍ଧାର ଓ ରିଲିଫ କାର୍ଯ୍ୟ କରିବ ତ୍ୱରାନ୍ୱିତ
- ଶତାଧିକ ଭାରତୀୟ ନିଖୋଜ

ନୂଆଦିଲ୍ଲୀ,୨୬।୮: ନେପାଳର ଭୟଙ୍କର ଜଳ ପ୍ରଳୟକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଥିପାଇଁ ସେ ନେପାଳର ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ କଥା ହୋଇଛନ୍ତି। ବନ୍ୟାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ସେ ଶୋକ ପ୍ରକାଶ କରିଛନ୍ତି। ଭାରତର ଲୋକମାନେ ଏହି କଷ୍ଟକର ସମୟରେ ନେପାଳ ଭାଇ ଭଉଣୀଙ୍କ ସହ ରହିଥିବା ମୋଦି ତାଙ୍କୁ ଜଣାଇଛନ୍ତି। ଏଥିସହ ଭାରତ ପକ୍ଷରୁ ନେପାଳକୁ ସମସ୍ତ ପ୍ରକାରର ମାନବୀୟ ସହାୟତା ଦିଆଯିବ ବୋଲି ମୋଦି ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ମୋଦିଙ୍କ ପ୍ରତିଶ୍ରୁତି ପରେ ଆକ୍ଟିଭ ହୋଇଛି ଭାରତୀୟ ବାୟୁସେନା। ନେପାଳରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବାୟୁସେନା ପ୍ରସ୍ତୁତ ରହିଛି। ଭାରତ ପକ୍ଷରୁ ରିଲିଫ ସାମଗ୍ରୀ ପଠାଇବାକୁ ଯୋଜନା ଆରମ୍ଭ ହୋଇଥିବା ବେଳେ ବାୟୁ ସେନା ସରକାରଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରି ରହଛି। ଭାରତୀୟ ବାୟୁ ସେନାର ସି-୧୭ ଓ ସି-୧୩୦ ପରିବହନ ବିମାନ ଏବେ ଷ୍ଟାଣ୍ଡବାଇରେ ରହିଛନ୍ତି। ଏଥିରେ ରିଲିଫ ସାମଗ୍ରୀ, ମେଡିସିନ ଓ ମାଟିକୁ ସାଇଡ୍ କରିବା ପାଇଁ ବ୍ୟବହୃତ ହେଉଥିବା ସରଞ୍ଜାମ ଲୋଡ କରାଯାଇଛି।

ଆଜି ହିଁ ସି-୧୩୦ ବିମାନ ନେପାଳ ଅଭିମୁଖେ ଉଡ଼ାଣ ଭରିବ। ଆସନ୍ତାକାଲି ଉଦ୍ଧାର କାର୍ଯ୍ୟରେ ସି-୧୭ ସାମିଲ ହେବ ବୋଲି ଜଣାପଡ଼ିଛି। ଏହାବାଦ ଦରକାର ପଡ଼ିଲେ ପଡ଼ୋଶୀ ଦେଶରେ ଉଦ୍ଧାର କାର୍ଯ୍ୟ ପାଇଁ ଏନଡିଆରଏଫ ବି ଯାଇପାରେ। ବୁଧବାର ସକାଳେ ତିବ୍ଦତୀୟ ପାର୍ଶ୍ୱରୁ ଆରମ୍ଭ ହୋଇଥିବା ବନ୍ୟା ନେପାଳର ରାସୁଓ୍ୱା, ନୁ୍ୱାକୋଟ ଓ ଧାଡିଙ୍ଗ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବର୍ତ୍ତମାନ ସୁଦ୍ଧା ଏଥିରେ ୧୯ ଜଣ ପ୍ରାଣ ହରାଇଥିବେ ବେଳେ ନିଖୋଜ ହୋଇ ଯାଇଛନ୍ତି ଶହଶହ ଲୋକ। ଏମାନଙ୍କ ମଧ୍ୟରେ ଅଛନ୍ତି ୧୩୩ ଭାରତୀୟଙ୍କ ସମେତ ୪୦୦ରୁ ଅଧିକ କୈଳାସ ମାନସରବର ଶ୍ରଦ୍ଧାଳୁ।

ଏହି ଭୟଙ୍କର ବନ୍ୟାରେ ରାସ୍ତାଘାଟ ଓ ବିଦ୍ୟୁତ୍ ଭିତ୍ତିଭୂମିକୁ ମଧ୍ୟ ନଷ୍ଟ ହୋଇଛି। ନେପାଳ ଇଲେକ୍ଟ୍ରିସିଟି ଅଥରିଟି କହିଛି ଯେ ରସୁଓ୍ୱାଗଢ଼ି, ଚିଲିମେ, ତ୍ରିଶୂଳୀ ୩ଏ, ତ୍ରିଶୂଳୀ ୩ବି ହବ୍ ୨୨୦ କେବି ସବଷ୍ଟେସନ୍, ତ୍ରିଶୂଳୀ ଜଳ ବିଦ୍ୟୁତ୍ କେନ୍ଦ୍ର ଓ ଦେବୀଘାଟ ଜଳବିଦ୍ୟୁତ୍ କେନ୍ଦ୍ର ଭଳି ୬ଟି ପ୍ରମୁଖ ପ୍ରକଳ୍ପ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛି। ଏହାଯୋଗୁ ବିଦ୍ୟୁତ୍ ଯୋଗାଣ ପ୍ରଭାବିତ ହୋଇଛି। ଅନେକ ଜାତୀୟ ରାଜପଥକୁ ମଧ୍ୟ ସ୍ଥିତିକୁ ଦେଖି ବନ୍ଦ କରି ଦିଆଯାଇଛି।

ପକ୍ଷପାତିତା ଅଭିଯୋଗ | ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ବଦଳି କରିବାକୁ ଚିଠି

ନୂଆଦିଲ୍ଲୀ,୨୬।୮: ଦେଶର ନ୍ୟାୟପାଳିକାରେ ଦେଖିବାକୁ ମିଳିଛି ଅପ୍ରତ୍ୟାଶିତ ଘଟଣା। ରାଜସ୍ଥାନ ହାଇକୋର୍ଟର କାମଚଳା ମୁଖ୍ୟ ବିଚାରପତିଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ସୁପ୍ରିମକୋର୍ଟର ଜଣେ ବିଚାରପତି। ପକ୍ଷପାତିତା ଅଭିଯୋଗ ଆଣି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ସନ୍ଦୀପ ମେହତା ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କୁ ଲେଖିଛନ୍ତି ଚିଠି। ସେ ଚିଠିରେ ରାଜସ୍ଥାନ ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୀବ ପ୍ରକାଶ ଶର୍ମାଙ୍କୁ ତୁରନ୍ତ ବଦଳି କରିବାକୁ ଅନୁରୋଧ କରିଛନ୍ତି। ରାଜସ୍ଥାନ ହାଇକୋର୍ଟରୁ ପଦୋନ୍ନତି ପାଇ ସୁପ୍ରିମକୋର୍ଟ ଆସିଥିବା ଜଷ୍ଟିସ ମେହତା ଅଗଷ୍ଟ ୨, ଅଗଷ୍ଟ ୧୦ ଓ ଅଗଷ୍ଟ ୧୭ରେ ଲେଖିଥିବା ଚିଠିରେ ସିଜେଆଇଙ୍କୁ ନିର୍ଦ୍ଦିଷ୍ଟ ଭାବେ ତତ୍କାଳ ଭାବେ ଆଉ ଗୋଟିଏ ହାଇକୋର୍ଟରୁ ମୁଖ୍ୟ ବିଚାରପତିଙ୍କୁ ରାଜସ୍ଥାନରେ ନିଯୁକ୍ତ କରନ୍ତୁ ବୋଲି କହିଛନ୍ତି। ଏଥିସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଲଗାତର ବିଫଳତା ସଂସ୍ଥାର ସ୍ୱାର୍ଥକୁ କ୍ଷତି ପହଞ୍ଚାଇବା ସହ ସମାନ ବୋଲି ସେ ଚେତାବନୀ ଦେଇଛନ୍ତି। ଅଗଷ୍ଟ ୨ରେ ଜଷ୍ଟିସ ମେହତା ନିଜର ପ୍ରଥମ ଚିଠିରେ ଲେଖିଥିଲେ ଯେ ଜଷ୍ଟିସ ଶର୍ମା କାମଚଳା ମୁଖ୍ୟ ବିଚାରପତି ଭାବେ ନିଜ କ୍ଷମତାର ଦୁର୍ବ୍ୟବହାର କରିବାର ଅସଂଖ୍ୟ ଘଟଣା ରହିଛି। ଜଷ୍ଟିସ ଶର୍ମାଙ୍କ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ମୋତେ ଅନେକ ଅଭିଯୋଗ ମିଳିଛି। ପ୍ରାଥମିକ ଆକଳନରୁ ଏହା ତାଙ୍କ ସଚ୍ଚୋଟତା ଉପରେ ସନ୍ଦେହ ସୃଷ୍ଟି କରିଛି। ଜଷ୍ଟିସ ମେହତା ଆହୁରି କହିଛନ୍ତି ଯେ "ରାଜସ୍ଥାନ ଗସ୍ତ ସମୟରେ ସେଠାକାର ହାଇକୋର୍ଟର ଅନେକ ବିଚାରପତି ମୋତେ ଜଷ୍ଟିସ ଶର୍ମାଙ୍କ ଆଚରଣକୁ ନେଇ ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ସେ ସାଥୀ ବିଚାରପତିମାନଙ୍କୁ ବାରମ୍ବାର ହଇରାଣ କରିବା ସହ ବଦଳିର ଧମକ ଦେଉଛନ୍ତି। ଭାରତର ପ୍ରଧାନ ବିଚାରପତିଙ୍କ ସହ ନିଜର ଘନିଷ୍ଠତା ଥିବା ଦାବି କରି ସେ ଏଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି।" ଅଗଷ୍ଟ ୧୦ ତାରିଖ ଚିଠିରେ ଜଷ୍ଟିସ ମେହତା ଜଷ୍ଟିସ ଶର୍ମା କିଛି ନିର୍ଦ୍ଦିଷ୍ଟ ଆଇନଜୀବୀଙ୍କ ପ୍ରତି ପକ୍ଷପାତିତା କରିଥିବା ଓ ରୋଷ୍ଟର ସମ୍ପର୍କିତ କ୍ଷମତାର ଅପବ୍ୟବହାର କରିଥିବାର ଅଧିକ ନିର୍ଦ୍ଦିଷ୍ଟ ଉଦାହରଣ ଦେଇଥିଲେ। ଅଗଷ୍ଟ ୧୭ର ଚିଠିରେ ଜଷ୍ଟିସ ମେହତା କହିଥିଲେ ଯେ ପୂର୍ବ ଚିଠିଗୁଡ଼ିକରେ ସେ ଜଷ୍ଟିସ ଶର୍ମାଙ୍କ ଗୁରୁତର ପ୍ରଶାସନିକ ଅବ୍ୟବସ୍ଥା ଓ କାର୍ଯ୍ୟକଳାପ ବିଷୟରେ ଉଲ୍ଲେଖ କରିସାରିଛନ୍ତି। ଏଭଳି ସ୍ଥିତିରେ ତାଙ୍କୁ କାହିଁକି ପଦରେ ରହିବାକୁ ଦିଆଯାଉଛି ବୋଲି ସେ ପ୍ରଶ୍ନ କରିଥିଲେ। ଜଷ୍ଟିସ ଶର୍ମା ଦୀର୍ଘ ୧୦ ମାସ ଧରି କାମଚଳା ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱରେ ଅଛନ୍ତି। ତେଣୁ ସୁପ୍ରିମକୋର୍ଟ କଲେଜିୟମ ଯଥାଶୀଘ୍ର ବୈଠକ କରି ରାଜସ୍ଥାନ ହାଇକୋର୍ଟରେ ଜଣେ ନିୟମିତ ମୁଖ୍ୟ ବିଚାରପତି ନିଯୁକ୍ତ କରନ୍ତୁ ଓ ଜଷ୍ଟିସ ଶର୍ମାଙ୍କ ତୁରନ୍ତ ରାଜ୍ୟ ବାହାରକୁ ବଦଳି କରନ୍ତୁ ବୋଲି ଜଷ୍ଟିସ ମେହତା ଚିଠିରେ ଅନୁରୋଧ କରିଛନ୍ତି।

ଲୋକସଭା ବାଚସ୍ପତିଙ୍କ ଆକ୍ସନ

ଟିଏମ୍‌ସିର ୨୦ ବିଦ୍ରୋହୀ ସାଂସଦଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୨୬।୮: ତୃଣମୂଳ କଂଗ୍ରେସର ୨୦ ବିଦ୍ରୋହୀ ସାଂସଦଙ୍କ ସହ ଜଡିତ ମାମଲା ଏବେ ଆହୁରି ବିବାଦୀୟ ରୂପ ନେଇଛି। ବିଦ୍ରୋହୀଙ୍କ ଉପରେ ନିଷ୍ପତ୍ତି କ'ଣ ହେବା ଉଚିତ ସେ ନେଇ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ସୁପ୍ରିମକୋର୍ଟ କେବଳ ସମସ୍ତଙ୍କଠାରୁ ଉତ୍ତର ମାଗି ନାହାଁନ୍ତି, ବରଂ ଏବେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏହି ସମସ୍ତ ସାଂସଦଙ୍କୁ ନୋଟିସ୍ ମଧ୍ୟ ପଠାଇଛନ୍ତି। ସେମାନଙ୍କୁ ୭ ଦିନ ମଧ୍ୟରେ ସେମାନଙ୍କର ଉତ୍ତର ଦାଖଲ କରିବାକୁ କୁହାଯାଇଛି। ଏହି ଘଟଣା ଟିଏମସି ସାଂସଦ ତଥା ଦଳର ସାଧାରଣ ସଚିବ ଅଭିଷେକ ବାନାର୍ଜୀଙ୍କ ସୁପ୍ରିମକୋର୍ଟ ଆବେଦନ ପରେ ସାମ୍ନାକୁ ଆସିଛି। ଅଭିଷେକ ବାନାର୍ଜୀ ଅଭିଯୋଗ କରିଥିଲେ ଯେ, ୨୦ ବିଦ୍ରୋହୀ ସାଂସଦଙ୍କ ବିରୋଧରେ ଦାଖଲ ହୋଇଥିବା ଅଯୋଗ୍ୟତା ଆବେଦନ ଉପରେ ନିଷ୍ପତ୍ତି ନେବାରେ ବିଳମ୍ବ ହେଉଛି। ସେ ଏହି ମାମଲାର ଶୀଘ୍ର ନିଷ୍ପତ୍ତି ପାଇଁ ସୁପ୍ରିମକୋର୍ଟର ହସ୍ତକ୍ଷେପ ଚାହିଁଥିଲେ।

ସୁପ୍ରିମକୋର୍ଟରେ ଶୁଣାଣି ସମୟରେ ୨୦ ଜଣ ବିଦ୍ରୋହୀ ସାଂସଦଙ୍କୁ ମଧ୍ୟ ନୋଟିସ ଜାରି କରାଯାଇଥିଲା। ଶୁଣାଣି ସମୟରେ ସ୍ପଷ୍ଟ କରାଯାଇଥିଲା ଯେ କେବଳ ନୋଟିସ ଜାରି କରିବା ନୁହେଁ, ଅଯୋଗ୍ୟତା ପ୍ରକ୍ରିୟାକୁ ଏକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ କରିବା ମୁଖ୍ୟ ପ୍ରସଙ୍ଗ। ଏହାପରେ ଲୋକସଭା ସଚିବାଳୟ ପକ୍ଷରୁ ୨୦ ଜଣ ସାଂସଦଙ୍କୁ ପୃଥକ ନୋଟିସ ପଠାଯାଇଛି। ଟିଏମସି ପକ୍ଷରୁ ଦାଖଲ ହୋଇଥିବା ଅଯୋଗ୍ୟତା ଆବେଦନ ଉପରେ ସେମାନଙ୍କ ମତାମତ ଓ ଜବାବ ଦାଖଲ କରିବାକୁ କୁହାଯାଇଛି।

୮୫୦ ଅଫିସରଙ୍କୁ ଗୃହମନ୍ତ୍ରୀ ଅମିତ ଶାହଙ୍କ ବଡ଼ ଟାର୍ଗେଟ୍

ଏଠାରେ କେବଳ ଭାରତୀୟ ନାଗରିକଙ୍କ ଅଧିକାର

- ଦେଶକୁ ଅବୈଧ ଅନୁପ୍ରବେଶରୁ ମୁକ୍ତ କରିବା ପ୍ରୟାସ

ନୂଆଦିଲ୍ଲୀ,୨୬।୮: ଦିଲ୍ଲୀରେ ୮୫୦ ଅଫିସରଙ୍କୁ ଗୃହମନ୍ତ୍ରୀ ଅମିତ ଶାହଙ୍କ ବଡ଼ ଟାର୍ଗେଟ୍ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ଦିନ ସ୍ପଷ୍ଟ କରିଛନ୍ତି ଯେ, ମୋଦୀ ସରକାର ଖୁବ୍ କମ୍ ସମୟ ମଧ୍ୟରେ ଦେଶକୁ ଅବୈଧ ଅନୁପ୍ରବେଶରୁ ମୁକ୍ତ କରିବା ପାଇଁ ଏକ ବଡ଼ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏଥିପାଇଁ ଗତ ୮ ମାସ ମଧ୍ୟରେ ସୀମାନ୍ତ ରାଜ୍ୟଗୁଡ଼ିକ ସହ ଆଲୋଚନା କରାଯାଇ ସୀମା ସୁରକ୍ଷା ପାଇଁ ଏକ 'ଚତୁର୍ମୁଖୀ ଦୃଷ୍ଟିକୋଣ' ଥିବା ଦସ୍ତାବିଜ୍ ହସ୍ତାନ୍ତର କରାଯାଇଛି । ଏହି ନୀତିରେ ସୀମା ସୁରକ୍ଷା ବାହିନୀ, ରାଜ୍ୟ ଓ ଜିଲ୍ଲା ପ୍ରଶାସନ, କେନ୍ଦ୍ରୀୟ ବିଭାଗ ଏବଂ ସ୍ଥାନୀୟ ଲୋକଙ୍କୁ ମୁଖ୍ୟ ଭାଗିଦାର ଭାବେ ସାମିଲ କରାଯାଇଛି । ଇଣ୍ଟେଲିଜେନ୍ସ ବ୍ୟୁରୋ ଦ୍ୱାରା ଆୟୋଜିତ 'ନ୍ୟାସନାଲ ସିକ୍ୟୁରିଟି ଷ୍ଟାଟେଜୀ କନଫରେନ୍ସ'ର ଉଦ୍‌ଯାପନୀ ସମାରୋହରେ ଅଧ୍ୟକ୍ଷତା କରି ଶାହ ସୀମାନ୍ତ ରାଜ୍ୟର ପ୍ରାୟ ୮୫୦ ଅଫିସରଙ୍କୁ ସମ୍ବୋଧିତ କରିଥିଲେ । ସେ କହିଥିଲେ, 'ଏହି ଦେଶ କୌଣସି 'ଧର୍ମଶାଳା' ନୁହେଁ ଏବଂ ଏଠାରେ ରହିବାର ଅଧିକାର କେବଳ ଭାରତୀୟ ନାଗରିକଙ୍କର ଅଛି ।' ଏନଏସଏସ୍‌ସିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଗାମୀ ୧୫-୨୦ ବର୍ଷର ସୁରକ୍ଷା ସମ୍ଭାବ୍ୟ ଆହ୍ୱାନଗୁଡ଼ିକୁ ପୂର୍ବାନୁମାନ କରି ରଣନୀତି ପ୍ରସ୍ତୁତ କରିବା । ଗୃହମନ୍ତ୍ରୀ କହିଛନ୍ତି ଯେ, ବିପଦ ବଡ଼ ହେବା ପୂର୍ବରୁ ହିଁ ତାହାକୁ ଚିହ୍ନଟ କରି ନଷ୍ଟ କରିବାକୁ ପଡ଼ିବ । ଏକ ସୁରକ୍ଷିତ, ଅନୁପ୍ରବେଶମୁକ୍ତ ଏବଂ ନିଶାମୁକ୍ତ ଭାରତ ଗଢ଼ିବା ପାଇଁ ଏକ ମଜବୁତ ଇକୋସିଷ୍ଟମ ପ୍ରସ୍ତୁତ କରାଯାଉଛି । ସୁରକ୍ଷା ବାହିନୀ, କେନ୍ଦ୍ରୀୟ ଏଜେନ୍ସି ଓ ରାଜ୍ୟ ପୁଲିସକୁ ପ୍ରଶଂସା କରି ଶାହ କହିଛନ୍ତି ଯେ ଜମ୍ମୁ-କାଶ୍ମୀର, ନକ୍ସଲବାଦ ପ୍ରଭାବିତ ଅଞ୍ଚଳ ଏବଂ ଉତ୍ତର-ପୂର୍ବାଞ୍ଚଳ ଭଳି ୩ଟି ପ୍ରମୁଖ ସୁରକ୍ଷା ହଟସ୍ପଟରେ ସମସ୍ୟାର ସମାଧାନ କରାଯାଇପାରିଛି । ପୂର୍ବତନ ସରକାରଗୁଡ଼ିକ ଏହି ସମସ୍ୟାକୁ ପ୍ରାରମ୍ଭିକ ସ୍ତରରେ ରୋକିଥିଲେ ଦେଶକୁ ଦଶନ୍ଧି ଦଶନ୍ଧି ଧରି ଏହାର ପରିଣାମ ଭୋଗିବାକୁ ପଡ଼ିନଥାନ୍ତା। ଶାହ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ ଉପରେ ଗୋଟିଏ ରାତିରେ ବ୍ୟାନ୍ ଲଗାଇ ତାର ନେଟୱାର୍କ ଧ୍ୱଂସ କରିବାକୁ କେନ୍ଦ୍ର-ରାଜ୍ୟ ସମନ୍ୱୟର ଶ୍ରେଷ୍ଠ ଉଦାହରଣ ଭାବେ ଦର୍ଶାଇଛନ୍ତି । ପ୍ରଯୁକ୍ତିବିଦ୍ୟାର ବ୍ୟବହାର: ଯୁବ ଅଫିସରମାନେ ଏଆଇ ଏବଂ ଡାଟା ଆନାଲିସିସ୍ ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ୨୦୪୭ ବିକଶିତ ଭାରତ ଲକ୍ଷ୍ୟରେ ଭାଗିଦାର ହୁଅନ୍ତୁ । ନିଶା କାରବାରକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ ରାଜ୍ୟ ପୋଲିସକୁ Detect, Disrupt ଏବଂ Destroy- ଏହି "3D' ସୂତ୍ରରେ କାମ କରିବାକୁ ଗୃହମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଚୁଟ୍‌କୀରେ...

କଣ୍ଟେନରକୁ ଧକ୍କାଦେଲା ବସ୍: ୬ ମୃତ

ତେଲେଙ୍ଗାନା,୨୬।୮: ଆଜି ଭୋର ସମୟରେ ତେଲେଙ୍ଗାନାର ସୂର୍ଯ୍ୟପେଟ୍ ଜିଲ୍ଲାର କୋଡାଡ ମଣ୍ଡଳର ଦୋରାକୋଣ୍ଡା ନିକଟରେ ଥିବା ଏକ ଘରୋଇ ଟ୍ରାଭେଲ ବସ୍ କଣ୍ଟେନର ଲରି ସହିତ ଧକ୍କା ହୋଇଛି । ଫଳରେ ଏହି ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ୨୦ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ହସ୍ପିଟାଲ ପଠାଇବା ସହ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଛି । ସୂଚନାନୁଯାୟୀ, ଦୁର୍ଘଟଣାଗ୍ରସ୍ତ ବସରେ ୪୩ ଜଣ ଯାତ୍ରୀ ଥିଲେ। ଘରୋଇ ବସ୍ ଟି ହାଇଦ୍ରାବାଦରୁ ଆନ୍ଧ୍ରପ୍ରଦେଶର ବିଜୟୱାଡା ଯାଉଥିବା ବେଳେ ଠିଆ ହୋଇଥିବା ଏକ କଣ୍ଟେନର ସହିତ ଧକ୍କା ହୋଇଥିଲା। ଧକ୍କା ଏତେ ଜୋରରେ ଥିଲା ଯେ, ବସର ସାମ୍ନା ଭାଗ ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ୬ ଜଣଙ୍କ ମୃତ୍ୟୁ ଘଟିଥିଲାବେଳେ ୨୦ ଜଣ ଆହତ ହୋଇଥିଲେ । ମୃତକଙ୍କ ମଧ୍ୟରେ ୫ ଜଣ ମହିଳା ଥିଲାବେଳେ ଜଣେ ପୁରୁଷ ଥିଲେ ଏବଂ ୨୦ ଜଣ ଆହତ ହୋଇଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏଥିସହ ପୋଲିସ ମାମଲା ରୁଜୁ କରି ଦୁର୍ଘଟଣାର କାରଣ ଜାଣିବାକୁ ତଦନ୍ତ ଆରମ୍ଭ କରିଛି ।

ଗଙ୍ଗାରେ ଓଲଟିଲା ଶ୍ରମିକଙ୍କ ଡଙ୍ଗା, ୨୦ ଉଦ୍ଧାର, ୨ ନିଖୋଜ

ବିହାର,୨୬।୮: ବିହାରର ଭାଗଲପୁର ଜିଲ୍ଲା ନବଗଛିଆ ଅଞ୍ଚଳରେ ଗଙ୍ଗା ନଦୀରେ ବଡ଼ ଅଘଟଣ । ରାଘୋପୁର ଅଞ୍ଚଳରେ ବନ୍ଧ ମରାମତି ଓ ବନ୍ୟା ନିୟନ୍ତ୍ରଣ କାମରେ ନିୟୋଜିତ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ଗଙ୍ଗାର ପ୍ରଖର ସ୍ରୋତରେ ଓଲଟି ପଡ଼ିଛି । ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ଏସଡିଆରଏଫ୍ ଟିମ୍ ଉଦ୍ଧାର କରିଥିବାବେଳେ ୨ ଜଣ ଏବେବି ନିଖୋଜ ରହିଛନ୍ତି । ଖବର ମୁତାବକ, ରାଘୋପୁର ଅଞ୍ଚଳରେ ବନ୍ଧ ମରାମତି ଓ ବନ୍ୟା ନିୟନ୍ତ୍ରଣ କାମରେ ନିୟୋଜିତ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ଓଲଟି ପଡିଥିଲା । ଗଙ୍ଗା ନଦୀ ସ୍ରୋତରେ ଡଙ୍ଗା ହଠାତ୍ ଓଲଟି ପଡିଥିଲା । ଡଙ୍ଗାରେ ଥିବା ଶ୍ରମିକ ପାଣିକୁ ଡେଇଁ ନିଜ ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିଲେ । କିଛି ଶ୍ରମିକ ପହଁରି ବାହାରିଥିବା ବେଳେ ଆଉ କେତେକଙ୍କୁ ଏସଡିଆରଏଫ ଟିମ୍ ରେସକ୍ୟୁ କରିଥିଲା । ଡଙ୍ଗାରେ ପ୍ରାୟ ୨୨ ଜଣ ଶ୍ରମିକ ଥିଲେ । ରାଘୋପୁର ଅଞ୍ଚଳରେ ଗଙ୍ଗା ନଦୀର ଚାପ ଯୋଗୁଁ ବନ୍ଧ କ୍ଷତିଗ୍ରସ୍ତ ହୋଇଥିଲା । ଏହାର ମରାମତି ଏବଂ କଟାଉ ରୋକିବା ପାଇଁ ଶ୍ରମିକମାନେ କାମ କରୁଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ଡଙ୍ଗା କୂଳକୁ ଯାଉଥିବା ବେଳେ ଗଙ୍ଗା ସ୍ରୋତରେ ପୁଣି ଟାଣି ହୋଇଯାଇଥିଲେ। ସେଥିପାଇଁ ଡଙ୍ଗା ଓଲଟି ପଡିଥିଲା । ଏଥିରେ ଦୁଇ ଜଣ ନାରୀଥିଲେ । ଘଟଣାର ସୂଚନା ପାଇବା ପରେ ସ୍ଥାନୀୟ ପ୍ରଶାସନ, ପୋଲିସ ଏବଂ ଏନଡିଆର ଟିମ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ମୋଟରବୋଟ୍ ଓ ଡାଇଭରଙ୍କ ସହାୟତାରେ ଗଙ୍ଗା ନଦୀରେ ନିଖୋଜ ଶ୍ରମିକଙ୍କୁ ଖୋଜିବା ପାଇଁ ଅଭିଯାନ ଚାଲିଛି ।

ଏଚ୧ଏନ୍୧କୁ ଭୟ ନୁହେଁ ସତର୍କ ରହିବାକୁ ଆଇଏମ୍‌ଏର ପରାମର୍ଶ

ନୂଆଦିଲ୍ଲୀ,୨୬।୮: ଏଚ୍୧ଏନ୍୧ ବା ସ୍ୱାଇନ ଫ୍ଲୁ ବୃଦ୍ଧି ଉପରେ ସତର୍କ ରହିବାକୁ ଭାରତୀୟ ମେଡିକାଲ ଆସୋସିଏସନ୍ ସାର୍ବଜନୀନ ସ୍ୱାସ୍ଥ୍ୟ ପରାମର୍ଶ ଜାରି କରିଛି। ଲୋକଙ୍କୁ ଭୟଭୀତ ନ ହୋଇ ସତର୍କ ରହିବାକୁ ଆଇଏମ୍‌ଏ କହିଛି। ବିନା ଡାକ୍ତରଙ୍କ ପରାମର୍ଶରେ ନିଜେ ନିଜେ ଔଷଧ ସେବନ ନ କରିବା ଓ ଆଣ୍ଟିବାୟୋଟିକ୍ ବ୍ୟବହାର କରିବା ଉପରେ ସର୍ତକ ରହିବାକୁ ପରାମର୍ଶ ଜାରି କରିଛି। ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର) ଦ୍ୱାରା କରାଯାଇଥିବା ପର୍ଯ୍ୟବେକ୍ଷଣରୁ ଭାଇରସ ରଡୁକାଳୀନ ଇନଫ୍ଲୁଏଞ୍ଜା ୧ (ଏଚ୍୧ଏନ୍୧) , ଏଥିରେ କୌଣସି ନୂତନ ଜେନେଟିକ୍ ପରିବର୍ତ୍ତନ ଚିହ୍ନଟ କରାଯାଇ ନାହିଁ। ଆଇଏମ୍‌ଏ କହିଛି ଯେ, ଇନଫ୍ଲୁଏଞ୍ଜା ୧ (ଏଚ୍୧ଏନ୍୧) ଏକ ଭାଇରାଲ୍ ରୋଗ ଓ ଆଣ୍ଟିବାୟୋଟିକ୍ ଭାଇରସକୁ ମାରିପାରେ ନାହିଁ। ଫ୍ଲୁ ଲକ୍ଷଣ ପାଇଁ ଆଜିଥ୍ରୋମାଇସିନ୍, ଆମୋକ୍ସିସିଲିନ୍-କ୍ଲାଭୁଲାନେଟ୍, ସେଫିକ୍ସାଇମ୍ କିମ୍ବା ଅନ୍ୟାନ୍ୟ ଆଣ୍ଟିବାୟୋଟିକ୍ ସେବନ ନ କରିବାକୁ ଏହା ଚେତାବନୀ ଦେଇଛି। ଭାଇରାଲ୍ ଜ୍ୱର ବୃଦ୍ଧି ସମୟରେ ଅନିୟମିତ ଆଣ୍ଟିବାୟୋଟିକ୍ ବ୍ୟବହାର ସୁରକ୍ଷାତ୍ମକ ମାଇକ୍ରୋବାଇଓମ୍ ଫ୍ଲୋରାକୁ ନଷ୍ଟ କରିପାରେ ଓ ଆଣ୍ଟିମାଇକ୍ରୋବାୟଲ୍ ରେଜିଷ୍ଟାନ୍ସକୁ ଇନ୍ଧନ ଦେଇପାରେ। ଆଇଏମ୍‌ଏ ସ୍ପଷ୍ଟ କରିଛି ଯେ, କ

ୟୁଜିଏସ୍ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ଯୋଗ କାର୍ଯ୍ୟକ୍ରମ

ଯୋଗ ଶାରୀରିକ ସୁସ୍ଥତା, ମାନସିକ ଶାନ୍ତି ଓ ସମନ୍ୱୟକୁ ପ୍ରୋତ୍ସାହିତ କରିଥାଏ

ସତ୍ୟବାଦୀ/ ସୁଆଣ୍ଡୋ (ଅମୃତ ମିଡିଆ): ୟୁ.ଜି.ଏସ୍ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ଯୋଗ କାର୍ଯ୍ୟକ୍ରମ ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ସ୍ୱତନ୍ତ୍ର ଯୋଗ ସମ୍ବନ୍ଧରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଫିଟ୍ ଓଡ଼ିଶା ସହଯୋଗରେ ଏହା ଆୟୋଜିତ ହୋଇଥିଲା । ସମାଜରେ ଯୋଗର ଆବଶ୍ୟକତା ବହୁ କାଳରୁ ରହିଆସିଛି। ଏହି ପରିପ୍ରେକ୍ଷୀରେ ଜନସମୁଦାୟ ଶାରୀରିକ ସୁସ୍ଥତା , ମାନସିକ ଶାନ୍ତି ଓ ସମନ୍ୱୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟ ନେଇ ସ୍ୱନାମଧନ୍ୟ ଯୋଗ ଶିକ୍ଷକ ତଥା ସାମାଜିକ କର୍ମୀ ଡ଼ ଭାସ୍କର ଚନ୍ଦ୍ର ଜେନା କଲେଜର ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି ଅବସରରେ ଆୟୋଜିତ ଯୋଗ ଅଧିବେଶନରେ ସେ ଛାତ୍ର, ଅଧ୍ୟାପକ ଏବଂ କର୍ମଚାରୀଙ୍କ ପାଇଁ ଏକ ଆକର୍ଷଣୀୟ ଯୋଗ ଅଧିବେଶନ ସୁପରିଚାଳନା କରିଥିଲେ। କଲେଜର ଅଧ୍ୟାପକ , ଅଧ୍ୟାପିକା ଓ କର୍ମଚାରୀମାନେ ଉତ୍ସାହର ସହିତ ବିଭିନ୍ନ ଯୋଗ ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ ଏବଂ ସୁସ୍ଥ ଶରୀର ଏବଂ ଶାନ୍ତ ମନ

ବଜାୟ ରଖିବା ପାଇଁ ନିୟମିତ ଯୋଗର ଗୁରୁତ୍ୱ ଶିଖିଥିଲେ।ଏହି କାର୍ଯ୍ୟକ୍ରମତିରେ, ଯୋଗ ଶିକ୍ଷକ ଡ ଜେନା ଆଲୋକପାତ କରିଥିଲେ ଯେ ଯୋଗ କେବଳ ଏକ ଶାରୀରିକ ବ୍ୟାୟାମ ନୁହେଁ ବରଂ ଆନ୍ତରିକ ଶାନ୍ତି, ଶୃଙ୍ଖଳା, ସକାରାତ୍ମକ ଚିନ୍ତାଧାରା ଏବଂ ସାମାଜିକ ସମନ୍ୱୟ ହାସଲ କରିବାର ଏକ ଉପାୟ। ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନରେ ଯୋଗ ଏବଂ ସୁସ୍ଥ ଅଭ୍ୟାସଗୁଡ଼ିକୁ ସାମିଲ କରିବାକୁ ଉତ୍ସାହିତ କରାଯାଇଥିଲା। ଛାତ୍ରମାନେ ବହୁତ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ଏବଂ ଶିକ୍ଷା କରିଥିଲେ ଯେ ଆତ୍ମ-ଶୃଙ୍ଖଳା, ମାନସିକ ଶାନ୍ତି, ପାରସ୍ପରିକ ସମ୍ମାନ ଏବଂ ସକାରାତ୍ମକ ଚିନ୍ତାଧାରା ସମ୍ପ୍ରଦାୟ ମଧ୍ୟରେ ଶାନ୍ତି ଏବଂ ସମନ୍ୱୟ ସୃଷ୍ଟି କରିବାରେ କିପରି ଯୋଗଦାନ ଦେଇପାରେ। ଏହି କାର୍ଯ୍ୟକ୍ରମରେ ସୁସ୍ଥ ଏବଂ ଉତ୍ପାଦନଶୀଳ ଜୀବନର ଏକ ଅତ୍ୟାବଶ୍ୟକ ଅଂଶ ଭାବରେ ଫିଟନେସର ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।ଏହି ଅବସରରେ, ଇଂରାଜୀ ବିଭାଗର ମୁଖ୍ୟ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଅଞ୍ଚଳର ବୟସ୍କ ଏବଂ ଜ୍ଞାନୀ ଲୋକଙ୍କ ସହିତ ସଂଯୋଗ ସ୍ଥାପନ କରିବାକୁ ଉତ୍ସାହିତ କରିଥିଲେ। କବିତା, ସାହିତ୍ୟ, କଳା, ସଂସ୍କୃତି, ସମାଜସେବା ଏବଂ ଅନ୍ୟାନ୍ୟ ସୃଜନଶୀଳ କ୍ଷେତ୍ରରେ ଅବଦାନ ଦେଇଥିବା ବୟସ୍କ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବାକୁ ଏବଂ ସେମାନଙ୍କ ମୂଲ୍ୟବାନ ଅଭିଜ୍ଞତା ଏବଂ ଜ୍ଞାନକୁ ଲିପିବଦ୍ଧ କରିବା ଏବଂ ସେଥିରୁ ଶିଖିବା ପାଇଁ ସେମାନଙ୍କ ସହିତ ପାରସ୍ପରିକ କ୍ରିୟା କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଇଂରାଜୀ ବିଭାଗ ମୁଖ୍ୟ ଧନ୍ୟବାଦ ଦେଇଥିଲେ ।

ପାର୍ବଣ ଆରମ୍ଭ, ମୂର୍ତ୍ତି ନିର୍ମାଣରେ କାରିଗରଙ୍କ ପ୍ରାରମ୍ଭିକ ସ୍ପର୍ଶ

ପୁରୀ (ବ୍ୟୁରୋ): ପାର୍ବଣ ନେଇ ଫେରିଛି ଶରତ । ସାଙ୍ଗରେ ଆଣିଛି ଉତ୍ସାହ ଓ ଉଦ୍ଦୀପନାର ପରଶ । ମା'ଙ୍କ ଧରାବତରଣକୁ ସ୍ୱାଗତ ପାଇଁ କାଶତଣ୍ଟୀରେ ସଜେଇ ହୋଇଛି ପରିବେଶ । ଆଉ ମାତ୍ର କେଇଦିନର ଅପେକ୍ଷା, ମୂର୍ତ୍ତି ନିର୍ମାଣରେ ପ୍ରାରମ୍ଭିକ ସ୍ପର୍ଶ ଦିଆସରିଛି । ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ପାର୍ବଣ ମନସ୍କ ଶ୍ରଦ୍ଧାଳୁ ଏକରକମ ଓଲଟଗଣତି ଆରମ୍ଭ କରିଦେଇଛନ୍ତି। ଏଣେ ଷଠୀଓଷା, ଖୁଦୁରୁକୁଣୀ, ବୁଦ୍ଧି ବାମନ ଓଷା, ଗଣେଶ ପୂଜା ର ପର୍ବ ପାଖେଇ ଆସିଛି ।ଏହାସହ ଆଗକୁ ବିଶ୍ୱକର୍ମା ପୂଜା,ଦୁର୍ଗା ପୂଜା ସହ ରାଧାଷ୍ଟମୀରେ କାଳା ପୂଜା ମଧ୍ୟ ପାଖେଇ ଆସୁଛି ।ଏଥିପାଇଁ ଚଳଚଞ୍ଚଳ ରହିଛନ୍ତି ମୂର୍ତ୍ତି କାରିଗର ,ମୃତ୍ତିକା ଅଣାଯିବା ପରେ ମୂର୍ତ୍ତି ଗଢ଼ା କାର୍ଯ୍ୟରେ ପ୍ରାରମ୍ଭିକ ସ୍ପର୍ଶ ଦେଇଛନ୍ତି କାରିଗର । ଚଳିତ ବର୍ଷ ପର୍ବ ପାଳନକୁ ନେଇ ବର୍ଷା ବାଟ ଛାଡ଼ିନପାରେ । ତେବେ ଗଣେଶପୂଜାରେ ବୁଲାବୁଲି ପାଇଁ ଅନ୍ତତଃ ଭଲ ପାଗ ରହିବ ବୋଲି ଲୋକେ ଆଶା ବାନ୍ଧିଲେଣି ।ପୂଜାକୁ ଆଡ଼ମ୍ବରରେ ପାଳନ କରିବା ପାଇଁ

ଯୋଜନା ଆରମ୍ଭ ହୋଇଯାଇଛି । ଶ୍ରୀକ୍ଷେତ୍ରରେ ଏହି ପରମ୍ପରା ଅନ୍ୟଠୁ ନିଆରା ହୋଇଥିବାରୁ ଏହା ବେଶ ଉପଭୋଗ୍ୟ ହୋଇଥାଏ। ବିଶେଷ କରି ପୁରୀ ସହରର ବିଭିନ୍ନ ସ୍ଥାନରେ ଦେବୀ ଙ୍କ ପୂଜା କୁଆଁରୀ ଝିଅ ମାନେ ପାଳନ କରିବାକୁ ଥିବା ବେଳେ ଏହାପରେ ଗଣେଶ ଙ୍କ ପୂଜା ବିଭିନ୍ନ ସ୍ଥାନରେ କରାଯାଉଥିବା ବେଳେ ବାଲିସାହିଠୁ ନେଇ ଅନ୍ୟ ସ୍ଥାନମାନଙ୍କରେ ପୂଜନର ବିଧି ପୂଜାକୁ ଆହୁରି ଆକର୍ଷଣୀୟ କରିବ । ମୂର୍ତ୍ତି ନିର୍ମାଣ ପାଇଁ ଦାରୁରେ କୀଳା ପ୍ରସ୍ତୁତ ହୋଇ ରହିଥିବା ବେଳେ ଏଥିରେ ନଡ଼ାଖଞ୍ଜି ମୂର୍ତ୍ତି ପ୍ରସ୍ତୁତି ଆରମ୍ଭ ହୋଇଛି । ମାଟି ଅନୁକୂଳ ପରେ କାରିଗରମାନେ ହବିଷ୍ୟାନ୍ନ ଭକ୍ଷଣ କରି କାମ କରୁଛନ୍ତି । ଅରୁଆକୁଣ୍ଡା ମାଟି ଓ ତୁଳାମାଟି ବିନିଯୋଗ ହେଉଥିବା ବେଳେ ମୂର୍ତ୍ତିରେ ଜୈବିକ ରଙ୍ଗ ସ୍ୱରୂପ ହରିତାଳ, ଗେରୁ, ଶଙ୍ଖ ଓ ରାଶି ତେଲ ବ୍ୟବହାର କରାଯିବ ବୋଲି ମୂର୍ତ୍ତି କାରିଗର କହିଛନ୍ତି ।

ଜିଲ୍ଲାପାଳଙ୍କ ଜନଶୁଣାଣି

ସତ୍ୟବାଦୀ/ ସୁଆଣ୍ଡୋ(ଅମୃତ ମିଡିଆ): ପୁରୀ ଜିଲା ସତ୍ୟବାଦୀ ବ୍ଲକର ପଞ୍ଚାୟତ ସମିତିର ସଦ୍‌ଭାବନା ଗୃହ ପରିସରରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପାନୀୟ ଜଳରୁ ଅଭିଯୋଗ ଆରମ୍ଭ ହୋଇ ଶେଷ ମଧ୍ୟ ହେଲା ସେହି ପାନୀୟ ଜଳ ସମସ୍ୟାରେ । ଏଥିରେ ୭୮ଗୋଟି ଅଭିଯୋଗ ଆସିଥିଲା ବେଳେ ସମାଧାନ ମାତ୍ର ଛଅ ଗୋଟି ହୋଇଥିବା କୁହାଯାଉଛି । ଅଭିଯୋଗ କରିଥିବା ଲୋକମାନେ କେବଳ ହଳଦିଆ କାଗଜ ଖଣ୍ଡେ ଖଣ୍ଡେ ହାତରେ ଧରି ଯାଇଛନ୍ତି । ଏହି ଅଭିଯୋଗ ଶିବିରରେ ପୁରୀ ଏସପି ପ୍ରତୀକ ଗୀତା ସିଂ, ଉପଜିଲ୍ଲାପାଳ ରାଜକିଶୋର ଜେନା, ଏଡିଏମ ଶରତ ବେହେରା (ଏଡିଏମ୍ ରେଭିନ୍ୟୁ) ଓ ପିଡି ଦାୟିତ୍ୱରେ ଥିବା ସୁଶାନ୍ତ କୁମାର ପତି, ଏସଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ କୁମାର ପଣ୍ଡା, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ଶେଷରେ ଏକ ବ୍ୟାଟେରୀ ଚାଳିତ ଅଟେ ରିକ୍ସା ଓ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା ।

ସିନିଅର୍ ସିଟିଜେନ ଫୋରମ୍‌ର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ପୁରୀ (ବ୍ୟୁରୋ): ପୁରୀ ଜିଲ୍ଲା ସିନିୟର୍ ସିଟିଜେନ ଫୋରମ୍‌ର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ମାରୁତି ନଗରସ୍ଥିତ କଲ୍ୟାଣୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଫୋରମର ସଭାପତି ପ୍ରଫେସର କାର୍ତ୍ତିକ କୁମାର ଦାସଙ୍କ ଅଧ୍ୟକ୍ଷତା କରିଥିଲେ । ଫୋରମର ଉପସଭାପତି ସନ୍ତୋଷ ମହାନ୍ତି, ଗୁଣ୍ଡିଚା ବରାଳ, ସମ୍ପାଦକ ଦେବେନ ଦାଶ , ଯୁଗ୍ମ ସମ୍ପାଦକ ପତିତପାବନ ସାମନ୍ତରାୟ, କୋଷାଧକ୍ଷ ଗୋଲକ ଚନ୍ଦ୍ର ଜେନା, ପ୍ରଫୁଲ କୁମାର ମିଶ୍ର ପ୍ରମୁଖ ମଞ୍ଚାସିନ ଥିଲେ । ଏହି ବୈଠକରେ ପୁରୀ ଜିଲ୍ଲାର ସମସ୍ତ ୧୧ ଟି ବ୍ଲକର ବରିଷ୍ଠ ନାଗରିକ ମାନେ ଯୋଗଦେଇ ଜିଲ୍ଲାରେ ବରିଷ୍ଠ ନାଗରିକ ପାଇଁ ସୃଷ୍ଟି ହୋଇଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ । ନିମାପଡ଼ା , ଅଷ୍ତରଙ୍ଗ, କଣାସ , ଡେଲାଙ୍ଗ ବ୍ଲକ ରୁ ଭୁବନେଶ୍ୱରକୁ ଆମ ବସ୍ ସେବା ଯୋଗାଇଦେବା ପାଇଁ ବରିଷ୍ଠ ନାଗରିକମାନେ ମତବ୍ୟକ୍ତ କରିଥିବାବେଳେ ବିଭିନ୍ନ ବିବାହ ଉତ୍ସବରେ ଉଚ୍ଚଶବ୍ଦ ସୃଷ୍ଟିକାରୀ ବାଜା (ଡିଜେ) ବନ୍ଦ କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବୀ କରିଥିଲେ ଏବଂ ଯଥାଶୀଘ୍ର ପୁରୀ ବଡ଼ ଡାକ୍ତରଖାନାରେ ନିୟମିତ ଭାବେ ହୃଦ୍‌ରୋଗ ଡାକ୍ତର ନିୟୋଜିତ କରିବା ପାଇଁ ଦାବୀ ରଖିଥିଲେ । ଏହି ବୈଠକରେ ମହେନ୍ଦ୍ର ରଣସିଂହ, ଲକ୍ଷ୍ମୀଧର

ପରିଡ଼ା, ସନ୍ତୋଷ କୁମାର ମହାନ୍ତି, କାଳନ୍ଦୀ ଛାଟୋଇ , ପ୍ରଫୁଲ୍ଲ ମହାରଣା ଓ ଦୀନବନ୍ଧୁ ମଲ୍ଲିକ ପ୍ରମୁଖ ବିଭିନ୍ନ ବ୍ଲକର ନେତୃତ୍ୱମାନେ ଯୋଗ ଦେଇଥିଲେ । ପୁରୀ ମାରୁତି ନଗର କଲ୍ୟାଣ ମଣ୍ଡପର ସଦସ୍ୟ ନୃସିଂହ ପ୍ରଧାନ, ଫକୀର ବେହେରା, ପ୍ରଫୁଲ୍ଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ , ବଟକୃଷ୍ଣ ସ୍ୱାଇଁ, ଶଙ୍କର ବାରିକ, ପ୍ରଫୁଲ୍ଲ ରାଉତ ଓ ସଞ୍ଜୟ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଗଣେଶ୍ୱର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

ବଜାରରେ ଜେନ୍-ଜି ରାକ୍ଷୀର ଜବରଦସ୍ତ କ୍ରେଜ୍

- ଲାଇଟ୍, ଟେଡିରାକ୍ଷୀ, ମଉଡ଼ମଣି ରାକ୍ଷୀର ଚାହିଦା ବୃଦ୍ଧି
- କାକଟପୁର-ଅଷ୍ତରଙ୍ଗରେ ଭିଡ଼ ଜମାଉଛନ୍ତି ଭଉଣୀମାନେ

କାକଟପୁର/ଅଷ୍ତରଙ୍ଗ(ଅମୃତ ମିଡିଆ):ଝଗଡା, ଅଭିମାନ ପରେ ବି ଯେଉଁ ସମ୍ପର୍କ କେବେ ଭାଙ୍ଗେନି ତା ନାଁ ଭାଇ-ଭଉଣୀ। ପବିତ୍ର ରାକ୍ଷୀ ପୂର୍ଣ୍ଣିମାକୁ ଆଉ କିଛି ଘଣ୍ଟା ବାକି। ଆଉ ଏଥର ରାକ୍ଷୀ ବଜାରର ଚେହେରା ପୁରା ବଦଳି ଯାଇଛି। ପୁରୀ ଜିଲ୍ଲା କାକଟପୁର, ଅଷ୍ତରଙ୍ଗ ବଜାରରେ ଏବେ ପାରମ୍ପରିକ ରାକ୍ଷୀକୁ ପଛରେ ପକାଇ ଆଗରେ ଚାଲିଛି ଜେନ-ଜି ରାକ୍ଷୀର ଜବରଦସ୍ତ କ୍ରେଜ୍। ଏଥର ବଜାରର ହିରୋ ହେଉଛି ଜେନ-ଜି ଷ୍ଟାଇଲ। ସବୁଠୁ ଅଧିକ ବିକ୍ରି ହେଉଛି ଚାଉଳରୁ ତିଆରି ଇକୋ-ଫ୍ରେଣ୍ଡଲି ରାକ୍ଷୀ। ଏହା ପିନ୍ଧିବା ପରେ ମାଟିରେ ପୋତିଦେଲେ ଗଛ ହେବ, ଯାହାକୁ ଯୁବପିଢି ବେଶ୍ ପସନ୍ଦ କରୁଛନ୍ତି। ସେହିପରି ରାତିରେ ଜଳୁଥିବା ଏଲଇଡି ଲାଇଟ୍ ରାକ୍ଷୀ, ଛୋଟ

ଭାଇ ପାଇଁ ଟେଡି ବିୟର, ସାଇଡରମ୍ୟାନ, ଭୀମ, ଡୋରେମନ କାର୍ଟୁନ ରାକ୍ଷୀ ଜବରଦସ୍ତ ହିଟ୍ ହେଉଛି। ସ୍କୁଲ, କଲେଜ ଝିଅମାନେ ଦୋକାନରେ ଭିଡ ଜମାଇ ଖୋଜୁଛନ୍ତି କିଛି ହଟକେ, କିଛି ୟୁନିକ୍। ଟ୍ରେଣ୍ଡ ବଦଳିଛି, କିନ୍ତୁ ଭାବନା ସେଇ ପୁରୁଣା - ମୋ ଭାଇ ପାଇଁ ସବୁଠୁ ସୁନ୍ଦର। ନୂଆ ସହ ପୁରୁଣାର ମେଳ ବି କମ୍ ନୁହେଁ। ଏବେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ମଉଡମଣୀ, ରୁଦ୍ରାକ୍ଷ ଓ ତୁଳସୀ ରାକ୍ଷୀର ବଜାର ସରଗରମ। ଭକ୍ତି ସହ ଫ୍ୟାସନକୁ ମିଶାଇ ଲୋକେ ଏହାକୁ ବେଶ୍ ପସନ୍ଦ କରୁଛନ୍ତି। କାକଟପୁର, ନୟାହାଟରୁ ଅଷ୍ତରଙ୍ଗ ଯାଏଁ ପ୍ରତି ଦୋକାନରେ ୨ ଟଙ୍କାରୁ ୨ ହଜାର ଟଙ୍କା ଯାଏଁ ରାକ୍ଷୀ ଉପଲବ୍ଧ। ସବୁ ବଜେଟର ରାକ୍ଷୀ ରହିଛି। ସବୁଠି ଗୋଟିଏ ଉଦ୍ଦେଶ୍ୟ - ଗୋଟେ ସୂତାରେ ବାନ୍ଧି ହେବ ଭଲ ପାଇବା। ସେପଟେ ଅନଲାଇନର ଫଟୋ ଫ୍ରେମ୍ ରାକ୍ଷୀ ଓ ନାଁ ଲେଖା ରାକ୍ଷୀ ଲୋକାଲ ବଜାର ଉପରେ ଟିକେ ପ୍ରଭାବ ପକାଇଛି ସତ, ହେଲେ ହାତରେ ବାନ୍ଧିବାର ମଜା ଯେ ଅଲଗା ବୋଲି କହୁଛନ୍ତି ବ୍ୟବସାୟୀ। ଡିଜାଇନ ବଦଳିବ, ଫ୍ୟାସନ ବଦଳିବ, ହେଲେ ଗୋଟିଏ ଛୋଟ ସୂତା ଭିତରେ ବନ୍ଧା ହୋଇଥିବା ଭାଇ-ଭଉଣୀର ଅକୁହା ସ୍ନେହ, ରକ୍ଷା ବନ୍ଧନର ପ୍ରତିଶ୍ରୁତି କେବେ ପୁରୁଣା ହେବନି। ଏହା ହିଁ ରାକ୍ଷୀର ଅସଲ ପରିଚୟ।

ସଡ଼କ ସୁରକ୍ଷା ଓ ଦୁର୍ଘଟଣା ତଦନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ପୁରୀ (ବ୍ୟୁରୋ): ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଓଡ଼ିଶାର ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାରେ ଓଡ଼ିଶା ପୁଲିସ ପକ୍ଷରୁ କଟକସ୍ଥିତ ଆଇଜିପି, କେନ୍ଦ୍ରାଞ୍ଚଳଙ୍କ କାର୍ଯ୍ୟାଳୟରେ ଏକଦିନିଆ 'ସଡ଼କ ସୁରକ୍ଷା ଓ ଦୁର୍ଘଟଣା ତଦନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଆୟୋଜିତ ହୋଇଥଯାଇଛି। ଆଇଜିପି, କେନ୍ଦ୍ରାଞ୍ଚଳ ଡଃ ସତ୍ୟଜିତ ନାୟକଙ୍କ ତତ୍ତ୍ୱାବଧାନରେ ଏବଂ ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ସହ ସମନ୍ୱୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀଙ୍କ ସମେତ ସଡ଼କ ସୁରକ୍ଷା ସହ ସମ୍ପୃକ୍ତ ବିଭିନ୍ନ ଅଂଶୀଦାର ଯୋଗଦେଇଥିଲେ। ଏସ୍‌ଟିଏ, ଓଡ଼ିଶାର ବୈଷୟିକ ପରାମର୍ଶଦାତା ଭାବେ କାର୍ଯ୍ୟରତ ଆଇଆଇଟି ମାଡ୍ରାସର ବୈଷୟିକ ବିଶେଷଜ୍ଞମାନେ ଏଥିରେ ଯୋଗଦେଇ ବୈଜ୍ଞାନିକ ଢଙ୍ଗରେ ସଡ଼କ ଦୁର୍ଘଟଣା ତଦନ୍ତ ଓ ସଡ଼କ ସୁରକ୍ଷା ପରିଚାଳନା ସମ୍ପର୍କରେ ବିଶେଷ ବୈଷୟିକ ଜ୍ଞାନ ଏବଂ ବ୍ୟବହାରିକ ଅନୁଭୂତି ପ୍ରଦାନ କରିଥିଲେ। ପ୍ରଶିକ୍ଷଣରେ ଦୁର୍ଘଟଣା ତଦନ୍ତ ପାଇଁ ଏକ ବ୍ୟବସ୍ଥିତ ଓ ବୈଜ୍ଞାନିକ ପଦ୍ଧତି ବିକଶିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଦୁର୍ଘଟଣାସ୍ଥଳ ପରୀକ୍ଷା, ଦୁର୍ଘଟଣାରେ ସହାୟକ କାରକ ଚିହ୍ନଟ, ପ୍ରମାଣର ବୈଜ୍ଞାନିକ ସଂଗ୍ରହ ଓ ସୁରକ୍ଷିତ ସଂରକ୍ଷଣ, ଦୁର୍ଘଟଣା ପୁନର୍ନିର୍ମାଣ, ଦୁର୍ଘଟଣାର ପରିସ୍ଥିତି ବିଶ୍ଳେଷଣ ଏବଂ ତଦନ୍ତ ରିପୋର୍ଟ ପ୍ରସ୍ତୁତି ଆଦି ବିଷୟ ସାମିଲ ଥିଲା। ଦୁର୍ଘଟଣା ତଦନ୍ତରୁ

ମିଳୁଥିବା ତଥ୍ୟକୁ ପ୍ରତିଷେଧମୂଳକ ଓ କାର୍ଯ୍ୟକ୍ଷମ ପଦକ୍ଷେପରେ ପରିଣତ କରିବା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ପ୍ରଶିକ୍ଷଣର ବୈଷୟିକ ଅଧିବେଶନଗୁଡ଼ିକ ଏସ୍‌ଟିଏ, ଓଡ଼ିଶାର ବୈଷୟିକ ପରାମର୍ଶଦାତା ଆଇଆଇଟି ମାଡ୍ରାସର ବିଶେଷଜ୍ଞମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ବିଶେଷଜ୍ଞମାନେ ବୈଜ୍ଞାନିକ ଦୁର୍ଘଟଣା ତଦନ୍ତ ସମ୍ପର୍କରେ ନିଜର ଜ୍ଞାନ ଏବଂ କ୍ଷେତ୍ରଭିତ୍ତିକ ପଦ୍ଧତି ବିଷୟରେ ଅବଗତ କରାଇଥିଲେ। ଏହା ଦ୍ୱାରା ଅଂଶଗ୍ରହଣକାରୀ ଅଧିକାରୀମାନେ ସଡ଼କ ଦୁର୍ଘଟଣାର ବୈଷୟିକ ଓ ବିଶ୍ଳେଷଣାତ୍ମକ ଦିଗ ସମ୍ପର୍କରେ ଅଧିକ ସ୍ପଷ୍ଟ ଧାରଣା ହାସଲ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଯାପନୀ ସମାରୋହରେ ଶ୍ରୀ ଅମିତାଭ ଠାକୁର, ଆଇପିଏସ୍, ପରିବହନ କମିଶନର-ତଥା-ଅଧକ୍ଷ, ରାଜ୍ୟ ପରିବହନ ପ୍ରାଧିକରଣ, ଓଡ଼ିଶା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷରେ ଅଂଶ ଗ୍ରହଣକାରୀ ଅଧିକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ବ୍ଲକ୍ ନାକ ତଳେ କାନ୍ଦୁଛି ଶିଶୁ ପାର୍କ

- ଲକ୍ଷାଧିକ ଟଙ୍କା ଖର୍ଚ୍ଚ ପରେ ବି ଅବହେଳିତ, ଦୁଇବର୍ଷ ହେଲା ରକ୍ଷଣାବେକ୍ଷଣ ଠପ୍
- ଭାଙ୍ଗିଲା ଦୋଳି, ଲିଭିଲା ଆଲୁଅ, ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ଲୋକେ

କାକଟପୁର /ଅଷ୍ତରଙ୍ଗ (ଅମୃତ ମିଡିଆ):ପିଲାଙ୍କ ମୁହଁରେ ହସ ଫୁଟାଇବାକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଗଢା ହୋଇଥିଲା ସୁନ୍ଦର ପାର୍କ। ଆଜି ସେହି ପାର୍କରେ ପିଲାଙ୍କ କୋଳାହଳ ବଦଳରେ କେବଳ ଜଙ୍ଗଲ ଓ ଅଳିଆ ଆବର୍ଜନାର ରାଜୁତି। ପୁରୀ ଜିଲ୍ଲା ଅଷ୍ତରଙ୍ଗ ବ୍ଲକ ମୁଖ୍ୟ କାର୍ଯ୍ୟାଳୟର ଠିକ୍ ପଛପଟେ ଥିବା ଏକମାତ୍ର ଗ୍ରାମୀଣ ପାର୍କର। ବ୍ଲକ ପ୍ରଶାସନ ନାକ ତଳେ ଥାଇ ବି ଏଭଳି ସରକାରୀ ସମ୍ପତ୍ତି ନଷ୍ଟ ହେଉଥିବାରୁ ସାଧାରଣରେ ଅସନ୍ତୋଷ ବଢିଛି। ଗ୍ରାମାଞ୍ଚଳର ଲୋକଙ୍କୁ ସହରୀ ସୁବିଧା ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ଏହା ଏକ ଯୁଗାନ୍ତକାରୀ ଯୋଜନା ଥିଲା। ଅଷ୍ତରଙ୍ଗ ବ୍ଲକର ୧୪ଟି ପଞ୍ଚାୟତ ମଧ୍ୟରେ ଏହି ପାର୍କ ସବୁଠୁ ସୁନ୍ଦର ଓ ଆକର୍ଷଣୀୟ ଥିଲା। କିଛି ବର୍ଷ ତଳେ ଏଠାରେ ହାତୀ, ଘୋଡା, ଡାଇନୋସର ଆକୃତିର ମୂର୍ତ୍ତି, ପିଲାଙ୍କ ପାଇଁ ଦୋଳି, ସ୍ଲାଇଡ, ପରିବାର ବସି ଗପିବା ପାଇଁ ପିଣ୍ଡି ଥିଲା। ସବୁଠୁ ବଡ ଆକର୍ଷଣ ଥିଲା 'ଆଇ ଲଭ୍ ଅଷ୍ତରଙ୍ଗ' ସେଲଫି ପଏଣ୍ଟ। ସନ୍ଧ୍ୟା ହେଲେ ରଙ୍ଗୀନ ଆଲୋକରେ ପାର୍କ ଝଲସୁଥିଲା। ସ୍କୁଲ ଛୁଟି ପରେ ପିଲା, ଅପରାହ୍ନରେ ଯୁବକଙ୍କ ର

ଅନ୍ତ୍ୟୋଦୟ ଗୃହ ଯୋଜନାରେ ମହା ଘୋଟଲା ଅଭିଯୋଗ
ଉପଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

ବାଲିଗୁଡା (ଅମୃତ ମିଡିଆ): ଅନ୍ତ୍ୟୋଦୟ ଗୃହ ଯୋଜନାରେ ମହା ଘୋଟଲା ଅଭିଯୋଗ । ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗରିବ, ଅସହାୟ, ଦିବ୍ୟାଙ୍ଗ, ବିଧବା ଙ୍କ ଭଳି ପ୍ରକୃତ ହିତାଧିକାରୀଙ୍କୁ ସାମିଲ କରାଯାଇ ଗୃହ ବଣ୍ଟନ କରାଯିବାର ନିୟମ ରହିଛି । କିନ୍ତୁ ପ୍ରକୃତ ହିତାଧିକାରୀଙ୍କୁ ଯୋଜନାରେ ରେ ଗୃହ ଦିଆ ନ ଯାଇ ୱାର୍ଡ ମେମ୍ବର, ଆର୍ଥିକ ଅନଗ୍ରସର ନ ଥିବା ଭଳି ଅଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ରେ ସାମିଲ କରାଯାଇ ଗୃହ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି । ଆଦିବାସୀ ଅଧୁଷିତ କନ୍ଧମାଳ ଜିଲ୍ଲା ର ସୀମାନ୍ତ କୋଟଗଡ଼ ବ୍ଲକର ଦୁର୍ଗମ ବନ ପାହାଡ଼ ଘେରା ପକାରୀ ପଂଚାୟତରୁ ଆସିଛି ଏପରି ସାଙ୍ଘାତିକ ଅଭିଯୋଗ । କୋଟଗଡ଼ ବ୍ଲକର ପକାରୀ ପଂଚାୟତର ସରପଞ୍ଚ, ପିଇଓ ଓ ଏଡିଇଓ ମିଳିତ ଭାବେ ଚଞ୍ଚକତା କରି ଅନ୍ତ୍ୟୋଦୟ ଗୃହ ଯୋଜନା ହଡ଼ପ କରିଥିବା ଅଭିଯୋଗ କରିଛନ୍ତି ପକାରୀ ଗ୍ରାମବାସୀ । ପୂର୍ବରୁ ପକାରୀ ପଂଚାୟତ ଟି ମାଓ ପ୍ରବଣ ଅଂଚଳ ଭାବେ ବେଶ ଜଣାଶୁଣା ରହିଥିଲା । ମାଓବାଦୀ ଭୟର ଫାଇଦା ନେଇ ଏହି ଦୁର୍ଗମ ପଂଚାୟତ ରେ ସରକାରୀ କର୍ମଚାରୀ ଙ୍କ ପାଦ ଠିକ ସେ ପଡୁନଥିବା ବେଳେ ଗରିବ ଗୁରୁବାଙ୍କ ଯୋଜନାକୁ ଏପରି ହଡ଼ପ କରାଯାଇଥିବା ସଙ୍ଗୀନ ଅଭିଯୋଗ କରିଛନ୍ତ ପକାରୀ ଗ୍ରାମବାସୀ । ଏହି ପକାରୀ ପଂଚାୟତ ରେ ମୋଟ ଏଗାର ଗୋଟି ୱାର୍ଡ ରୁ ପାଖାପାଖି ଦୁଇ ଶହ ଜଣ କେବଳ ଦିବ୍ୟାଙ୍ଗ, ବିଧବା ହିତାଧିକାରୀ ରହିଥିବା ଅଂଚଳ ବାସୀ କହିଛନ୍ତି । କିନ୍ତୁ ଅନ୍ତ୍ୟୋଦୟ ଯୋଜନାରେ ଏହି ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ପ୍ରଦାନ କରିବା ପରିବର୍ତ୍ତେ ବାଦ ଦେଇ ଅଯୋଗ୍ୟ ହିତାଧିକାରୀଙ୍କୁ ସରପଞ୍ଚ, ପିଇଓ ଓ ଏଡିଇଓ ବାଟ ମାରଣା କରି ଗୃହ ପ୍ରଦାନ କରିଥିବା ନେଇ ପକାରୀ ପଂଚାୟତରେ ଏବେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଦିବ୍ୟାଙ୍ଗ, ଅସହାୟ ଓ ବିଧବା ମହିଳାଙ୍କ ଭଳି ପକାରୀ ପଂଚାୟତ ରେ ଶତାଧିକ ଯୋଗ୍ୟ ହିତାଧିକାରୀ ଥିବା ସତ୍ୱେ ଯୋଗ୍ୟ ହିତାଧିକାରୀଙ୍କୁ ଉପହାସ୍ୟ ସଦୃଶ

ଆନ୍ଦୋଳନ ଚେତାବନୀ

ତେବେ ମାର୍ଗରିତା ନାୟକ ନାମକ ଜଣେ ମହିଳାଙ୍କ ଛଅ ବର୍ଷ ହେବ ହାତ କଟି ଯାଇଥିବା ବେଳେ ଅସହାୟ ଅବସ୍ଥା ରେ ଦିନ କାଟୁଥିବା କହିଛନ୍ତି । ତଥାପି ବାରୟାର ପଂଚାୟତ ରୁ ବ୍ଲକ କୁ ଧାଇଁ ଧାଇଁ ନିରାଶ ହୋଇଥିବା ଅଭିଯୋଗ କରିଛନ୍ତି ମାର୍ଗରିତା ନାୟକ ।

ସେହିପରି ଶୁଭ୍ରାଞ୍ଜଳି ନାୟକ ନାମକ ଜଣେ ମହିଳା ଏବେ ବି ଗୃହ ପାଇବା ରୁ ବଂଚିତ ଅଛନ୍ତି । ଶୁଭ୍ରାଞ୍ଜଳିଙ୍କ ଛବିଶି ଓ ଚବିଶି ବର୍ଷ ର ଦୁଇ ଦିବ୍ୟାଙ୍ଗ ଝିଅ ଅଛନ୍ତି । ସେମାନଙ୍କ ଗୃହ ହଡ଼ପ କରାଯାଇଥିବା ନେଇ ଏବେ ଏହି ପଂଚାୟତ ରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି ।

ଖଡ୍ଗ ନଦୀରେ ଓଲଟିଲା ଡଙ୍ଗା
ଡଙ୍ଗା ଓଲଟି ନଦୀରେ ଭାସିଗଲେ ଶ୍ୱଶୁର, ବୋହୂ

ବାଲିଗୁଡା (ଅମୃତ ମିଡିଆ): ବାଲିଗୁଡା ଥାନା ସଲାଗୁଡା ପଂଚାୟତ ର ଡାକା ଗାଁ ଖଡ୍ଗ ନଦୀରେ ଅଘଟଣ । ଖଡ୍ଗ ନଦୀ ମଝିରେ ଭାରସାମ୍ୟ ହରାଇ ଓଲଟିଲା ଡ଼ଙ୍ଗା । ଡ଼ଙ୍ଗା ଓଲଟି ନଦୀ ର ପ୍ରଖର ସ୍ରୋତ ରେ ଭାସିଗଲେ ଡ଼ଙ୍ଗାରେ ବସିଥିବା ୮ ଜଣ ଯାତ୍ରୀ । ତେବେ ୬ ଜଣ ଙ୍କୁ ସ୍ଥାନୀୟ ଲୋକ ଜୀବିତ ଅବସ୍ଥା ରେ ଉଦ୍ଧାର କରିଥିବା ବେଳେ ଶ୍ୱଶୁର ଓ ବୋହୂ ଏବେ ବି ନିଖୋଜ ଅଛନ୍ତି କ୍ଷ ତେବେ ଗତକାଲି ଅପରାହ୍ନ ରେ ଶୁଦ୍ଧ କାର୍ଯ୍ୟକ୍ରମ ସାରି ଖଡ୍ଗ ନଦୀ ପାର ହୋଇ ନିଜ ଗାଁ କୁ ଫେରିବା ସମୟରେ ଏପରି ଅଘଟଣ ଘଟିଛି । ନିଖୋଜ ଶ୍ୱଶୁର ବିରୁଦ୍ଧରେ ଯଥାଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ କୋଟଗଡ଼ ବ୍ଲକ ଘେରାଓ ସହ ରାଜରାସ୍ତା କୁ ଓଲ୍‌ହେଇବାକୁ ଚେତାବନୀ ଦେଇଛନ୍ତି ଅଂଚଳ ବାସୀ । ପକାରୀ ପଂଚାୟତର ସରପଞ୍ଚ ସାକୁଡା ରୁପାମାଝୀ ଗୃହ ବଣ୍ଟନ ରେ ଅନିୟମିତତା ଘଟଣା କୁ ଖଣ୍ଡନ କରିଛନ୍ତି । ସେପଟେ ଅନ୍ତ୍ୟୋଦୟ ଗୃହ ଯୋଜନା ରେ ଅନିୟମିତତା ନେଇ ବାଲିଗୁଡା ଉପଜିଲ୍ଲାପାଳ ପ୍ରଣୀତା ଦାସ ଘଟଣା ର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ତେବେ ଶତାଧିକ ଯୋଗ୍ୟ ହିତାଧିକାରୀଙ୍କୁ କେବେ ନ୍ୟାୟ ମିଳୁଛି ତଦନ୍ତ ପରେ ହିଁ ସବୁକିଛି ସ୍ପଷ୍ଟ ହୋଇ ପାରିବ ।

ଶକ୍ତିଶ୍ରୀ ଆତ୍ମରକ୍ଷା ତାଲିମ ଶିବିରର ଉଦ୍‌ଯାପନୀ

ଭଞ୍ଜନଗର (ଅମୃତ ମିଡିଆ): ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଶକ୍ତି ଶ୍ରୀ ସଶକ୍ତିକରଣ କେନ୍ଦ୍ର ଆନୁକୂଲ୍ୟରେ ଆତ୍ମରକ୍ଷା ତାଲିମ ଶିବିରର ଉଦଯାପନୀ କାର୍ଯ୍ୟକ୍ରମ ଆଜି ତା ୨୫/୦୮/୨୬ ରେ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଡ଼ ଦିଲ୍ଲୀପ କୁମାର ପ୍ରଧାନ ଛାତ୍ରୀମାନଙ୍କୁ ତାଙ୍କ ଉଦବୋଧନରେ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ବିଦେଶୀ ବେହେରା, ଏ. ଏସ. ଆଇ. ଭଞ୍ଜନଗର ପୋଲିସ ଷ୍ଟେସନ, ଆତ୍ମରକ୍ଷା ଶିବିରର ଗୁଣାତ୍ମକ ଉଦ୍ଦେଶ୍ୟ ଗୁଡ଼ିକ ସହିତ, ଅନେକ ଆଇନ୍ କାନୁନ୍ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଉର୍ମିଳା ପାଟଯୋଷୀ ଚାରିତ୍ରିକ ବିକାଶର ଦିଗଗୁଡ଼ିକ ଅବଲୋକନ କରିଥିଲେ । ଅନ୍ତରାଣ ଅଭିଯୋଗ କମିଟିର ମୁଖ୍ୟ ଶ୍ରୀମତୀ ସନ୍ଧ୍ୟାରାଣୀ ପ୍ରଧାନ ବିଭିନ୍ନ ସଶକ୍ତିକରଣ କାର୍ଯ୍ୟ ଓ ଉଦ୍ଦେଶ୍ୟ ଗୁଡ଼ିକ ଜଣାଇଥିଲେ । ଶକ୍ତିଶ୍ରୀ ସଂଯୋଜିକା ଶ୍ରୀମତୀ ଜୟଲକ୍ଷ୍ମୀ ରଥ କାର୍ଯ୍ୟକ୍ରମର ଆଭିମୁଖ୍ୟ ଗୁଡ଼ିକ ଜଣାଇଥିଲେ । ଗତ ଷଷ୍ଠ ଦିବସ ବ୍ୟାପୀ ଚାଲୁ ରହିଥିବା ଏହି କାର୍ଯ୍ୟକ୍ରମର ଅନୁଭବଗୁଡ଼ିକ ଛାତ୍ରୀମାନେ କହିଥିଲେ । ଏହା ଛଡା ପ୍ରଶିକ୍ଷକ ମାନେ ଛାତ୍ରୀମାନଙ୍କୁ ଉତ୍ସାହିତ ବାର୍ତ୍ତା ଦେଇଥିଲେ । ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକାଗଣ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ମା'ତାରିଣୀ ମନ୍ଦିର ପରିସରରେ ଥିବା ଏଟିଏମ୍‌ରେ ପଡିଛି ତାଲା

ଘଟଗାଁ (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲାର ପ୍ରସିଦ୍ଧ ମା' ତାରିଣୀ ପୀଠକୁ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ଆଗମନ ହୋଇଥାଏ । ଦୂରଦୂରାନ୍ତରୁ ଆସୁଥିବା ଭକ୍ତଙ୍କ ସୁବିଧା ପାଇଁ ମନ୍ଦିର ପରିସରରେ ଥିବା ଏକମାତ୍ର ଏଟିଏମ୍ ଏବେ ଦୀର୍ଘଦିନ ହେବ ବନ୍ଦ ପଡ଼ିଛି । ଏଟିଏମ୍ ଗୃହରେ ତାଲା ଝୁଲୁଥିବାରୁ ଟଙ୍କା ଉଠାଇବା ପାଇଁ ଭକ୍ତମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ମନ୍ଦିର ପରିସରରେ ଏହା ଏକମାତ୍ର ଏଟିଏମ୍ ହୋଇଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ଏହା ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଦୀର୍ଘଦିନ ଧରି ଏଟିଏମ୍ ବନ୍ଦ ରହିବା ଯୋଗୁଁ ଜରୁରୀ ସମୟରେ ଟଙ୍କା ଉଠାଇବା ଭକ୍ତଙ୍କ ପାଇଁ କଷ୍ଟକର ହୋଇପଡ଼ିଛି ।

ସାଇ ଶାନ୍ତି ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଶୁଖିଲାଖାଦ୍ୟ ବଣ୍ଟନ

ଆଳି (ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକରେ ପ୍ରବାହିତ ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଆସି ବ୍ଲକର ୨୩ ଟି ପଞ୍ଚାୟତ ପ୍ରଭାବିତ ହୋଇ ପାଣି ଘେରରେ ରହିଛନ୍ତି । ପାଣି ଘେରରେ ଥିବା ବନ୍ୟା ବିପନ୍ନ ମାନଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଖିଲା ଖାଦ୍ୟ ଓ ରନ୍ଧାଖାଦ୍ୟ ଯୋଗାଇ ଦିଆ ଯାଉଥିବା ବେଳେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛି ପଟ୍ଟାମୁଣ୍ଡାଇର ସାଇ ଶାନ୍ତି ଚକ୍ଷୁ ଚିକିତ୍ସାଳୟ । ବନ୍ୟା ଯୋଗୁଁ ଆଳି ବ୍ଲକର ମାଣିକପାଟଣା, ପଦନାପାଳ, ଡ଼ିମିରିପାଳ, ଅରଗଳ, ଜୁଆଣିଆ, ଗୋବିନ୍ଦପୁର, ଦେସାଡ଼ି, କେତୁଆପାଳ, ଏରଡ଼ଙ୍ଗ, ପାଳିମି, ପେତପଡା, ସଂସିଧା ଆଦି ୧୨ ଟି

ପଞ୍ଚାୟତର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘ ୨୫ ଦିନରୁ ଊର୍ଦ୍ଧ୍ୱ ହେବ ବନ୍ୟାଘେରରେ ଥିବା ଲୋକମାନଙ୍କ ନିକଟରେ ଥିବା ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସରି ଆସିଥିବା ବେଳେ ତାହା ସଂଗ୍ରହ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି । ବନ୍ୟା ବିପନ୍ନମାନଙ୍କ ନିକଟରେ ସାଇ ଶାନ୍ତି ଚକ୍ଷୁ ଚିକିତ୍ସାଳୟର ସଦସ୍ୟ ମାନେ ବୋଟ ଯୋଗେ ଗସ୍ତ କରି ସେମାନଙ୍କ ସମସ୍ୟା ବୁଝିବା ସହିତ ବନ୍ୟା ବିପନ୍ନମାନଙ୍କୁ ଶୁଖିଲାଖାଦ୍ୟ ଓ ପାନୀୟଜଳ ବଣ୍ଟନ କରିଥିଲେ । ଚିକିତ୍ସାଳୟର ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

ରଙ୍ଗଶାଳା ପକ୍ଷରୁ ଅଭିନୟ କର୍ମଶାଳା ଶୁଭାରମ୍ଭ
'ଅଭିନୟ ଶିକ୍ଷା ମଣିଷକୁ ଶୃଙ୍ଖଳିତ ସହିତ ଆତ୍ମ ବିଶ୍ୱାସ ଜାଗ୍ରତ କରାଏ'

ବ୍ରହ୍ମପୁର (ଅମୃତ ମିଡିଆ): ବ୍ରହ୍ମପୁର ସହରରେ ଆରମ୍ଭ ହୋଇଥିବା ରଙ୍ଗଶାଳା ଅଭିନୟ ଓ ନୃତ୍ୟ ଶିକ୍ଷା ସ୍କୁଲ ପକ୍ଷରୁ ଅଭିନୟ ଶିକ୍ଷା କର୍ମଶାଳା ମଙ୍ଗଳବାର ଦିନ ଶୁଭାରମ୍ଭ ହୋଇଯାଇଛି । ବଶିଷ୍ଠ ନାଟ୍ୟକାର ରବି ନାରାୟଣ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଆଲୱାର, ରାଜସ୍ଥାନରୁ ପ୍ରଶିକ୍ଷକ ଭାବେ ଡ଼. ଦେଶରାଜ ମୀନା ଯୋଗଦାନ କରି ପ୍ରଥମ ଦିନରେ ଅଭିନୟ ଶିକ୍ଷା କଣ, ଅଭିନୟ ଶିକ୍ଷାର ଆବଶ୍ୟକତା, ଅଭିନୟ କ୍ଷେତ୍ରରେ ପାରଦର୍ଶିତା କିଭଳି ହାସଲ କରିବେ ତାହା ଅଂଶ ଗ୍ରହଣ କରିଥିବା ଯୁବ ବର୍ଗଙ୍କୁ ଅବଗତ କରାଇ ଥିଲେ । ଅଭିନୟ ଶିକ୍ଷାକରି ପ୍ରତ୍ୟେକ ନିଜ ଜୀବନକୁ ଶୃଙ୍ଖଳିତ କରି ଗଢ଼ିବା ସହିତ ସମାଜର କିଭଳି ମଙ୍ଗଳ ସାଧିତ ହୋଇପାରିବ ତାହା ବୁଝାଇ ଅଭିନୟ ଶିକ୍ଷା ମଣିଷକୁ ଶୃଙ୍ଖଳିତ କରିବା ସହିତ ଆତ୍ମ ବିଶ୍ୱାସ ଜାଗ୍ରତ କରାଇଥାଏ ବୋଲି ଅବଗତ କରାଇଥିଲେ । ମଞ୍ଚ ଓ ଚଳଚ୍ଚିତ୍ର କ୍ଷେତ୍ରରେ କଳାକାର କିଭଳି ନିଜକୁ ପ୍ରଦର୍ଶିତ କରିପାରିବେ ତାହା ଅବଗତ କରାଇ ଥିଲେ । ସାତ ଦିନି ଧରି ଚାଲିବାକୁ ଥିବା ଏହି କର୍ମଶାଳା ମାଧ୍ୟମରେ ମଞ୍ଚ ଓ ଚଳଚ୍ଚିତ୍ର ଅଭିନୟ ଶିକ୍ଷା ସହିତ ରଙ୍ଗଶାଳା ପକ୍ଷରୁ ଚଳଚ୍ଚିତ୍ର ନିର୍ମାଣ ହେବ ବୋଲି ଅବଗତ କରାଯାଇଥିଲା । ମେଜର ଡ. ରମାରମଣ ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କର୍ମଶାଳାର ଶୁଭାରମ୍ଭ କରି ନିଜ ବକ୍ତବ୍ୟରେ ଅବଗତ କରାଇ ଥିଲେ ଅଭିନୟ ଶିକ୍ଷା ନିମନ୍ତେ ଉଦ୍ଦିଷ୍ଟ କର୍ମଶାଳା ନିଶ୍ଚିତ ଅଭିନୟ ପ୍ରତିଭା ପ୍ରଦର୍ଶନ ଯୁବ ପିଢ଼ିକୁ ପ୍ରେରଣା ଯୋଗାଇ ଉଚିତ ମାର୍ଗ ଦେଖାଇବ । ଭବାନୀ ଶଙ୍କର ମିଶ୍ର, ରାମଚନ୍ଦ୍ର ସାସମଲ, ଅନୁରାଧା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ଅପରାହ୍ନ ସମୟରେ ରାଜବ ସ୍ଥିତ ସଂକଳ୍ପ ସିନିୟର୍ ସେକେଣ୍ଡାରୀ ସ୍କୁଲ ଠାରେ ରଙ୍ଗଶାଳା ଅଭିନୟ ଓ ନୃତ୍ୟ ଶିକ୍ଷା ସ୍କୁଲ ପକ୍ଷରୁ ଛାତ୍ର ଛାତ୍ରୀ ମାନଙ୍କୁ ଅଭିନୟ ଶିକ୍ଷା କାର୍ମଶାଳା ହୋଇଥିଲା । ବିଦ୍ୟାଳୟର ପରିଚାଳକ ଇ. ଟି, ରାଓଙ୍କ ନେତୃତ୍ୱରେ ଆୟୋଜିତ ଏହା ଆୟୋଜିତ ହୋଇଯାଇଛି ।

ମୟୂରଭଞ୍ଜରୁ ଲୁଟ୍ ଅଳଙ୍କାର ଆସିକାରୁ ଜବତ
୨୧ ଲକ୍ଷ ଟଙ୍କାର ଅଳଙ୍କାର ଉଦ୍ଧାର, ଜଣେ ଗିରଫ

ଆସିକା (ଅମୃତ ମିଡିଆ): ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ କ୍ରମାଗତ ଭାବେ ଘଟିଥିବା ଚୋରି ଓ ଡକାୟତି ଘଟଣାର ପର୍ଦାଫାସ କରିଛି ପୋଲିସ । ମୟୂରଭଞ୍ଜ ଓ ଗଞ୍ଜାମ ପୋଲିସର ମିଳିତ ତଦନ୍ତ ଏବଂ ଚଢ଼ାଉରେ ଆସିକା ଅଞ୍ଚଳରୁ ପ୍ରାୟ ୨୧ ଲକ୍ଷ ଟଙ୍କା ମୂଲ୍ୟର ସୁନା ଓ ରୁପା ଅଳଙ୍କାର ଜବତ ହୋଇଥିବା ବେଳେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଏନେଇ ମଙ୍ଗଳବାର ଆସିକା ଉପଖଣ୍ଡ ପୋଲିସ ଅଧିକାରୀ (ଏସ୍‌ଡିପିଓ) ସୌରଭ ରଞ୍ଜନ ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପୋଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୨୧ରୁ ଅଗଷ୍ଟ ୨୨ ତାରିଖ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଲଗାତାର ୫ଟି ଚୋରି ଓ ଡକାୟତି ଘଟଣା ଘଟିଥିଲା । କୋଳିଅଣା ଥାନାରେ ଗୋଟିଏ, ମୋରଡ଼ା ଥାନାରେ ଦୁଇଟି, ଝାରପୋଖରିଆ ଥାନାରେ ଗୋଟିଏ ଏବଂ ଯଶିପୁର ଥାନାରେ ଗୋଟିଏ ମାମଲା ରୁଜୁ ହୋଇଥିଲା ।

ବିଶେଷକରି ଅଗଷ୍ଟ ୨୨ ତାରିଖରେ ମୋରଡ଼ା ଥାନା ଅଧୀନ ଏକ ସାପ୍ତାହିକ ହାଟରୁ ବ୍ୟବସାୟ ସାରି ତପନ କୁମାର ପଇଡ଼ି କାର୍ ଯୋଗେ ଘରକୁ ଫେରୁଥିବା ବେଳେ ଚାରିଜଣ ଦୁର୍ବୃତ୍ତ ତାଙ୍କୁ ପିଛା

କରିଥିଲେ । ରାସ୍ତାରେ ଜଣେ ଦୁର୍ବୃତ୍ତ ବାଇକ୍‌ରୁ ପଡ଼ିଯିବାରୁ ତପନ ଗାଡ଼ି ଅଟକାଇଥିଲେ । ଏହାର ସୁଯୋଗ ନେଇ ଅନ୍ୟ ତିନିଜଣ ତାଙ୍କୁ ଭୟଭୀତ କରି ତାଙ୍କ ନିକଟରେ ଥିବା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିଲେ ।

ଏନେଇ ତପନ ମୋରଡ଼ା ଥାନାରେ ଅଭିଯୋଗ କରିବା ପରେ ମୋରଡ଼ା ଥାନା କେସ୍ ? ନମ୍ବର ୩୩୪/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଘଟଣାସ୍ଥଳରୁ ଏକ ହୋଣ୍ଡା ୟୁନିକର୍ଣ୍ଣ ବାଇକ୍ ଜବତ କରି ପୋଲିସ ତଦନ୍ତକୁ ଆଗକୁ ବଢ଼ାଇଥିଲା । ତଦନ୍ତରୁ ଲୁଟ୍ ଘଟଣାର ଲିଙ୍କ୍ ଗଞ୍ଜାମ ଜିଲ୍ଲାର ଆସିକା ଅଞ୍ଚଳ ସହ ଥିବା ଜଣାପଡ଼ିଥିଲା । ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଓ ଗଞ୍ଜାମ ପୋଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ? ଗଠନ କରାଯାଇ ଆସିକା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ଏ. ନରେଶ ନାମକ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା । ତାଙ୍କ ନାମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏକାଧିକ ଅପରାଧିକ ମାମଲା ଥିବା ପୋଲିସ କହିଛି ।

ଅଭିଯୁକ୍ତଙ୍କ ବୟାନ ଆଧାରରେ ଆସିକା ପାକଲାପଲ୍ଲୀ ଅଞ୍ଚଳର ଏରେଗଲା କ୍ୟାମ୍ପରୁ ୭ କିଲୋ ୫୦୦ ଗ୍ରାମ ରୁପା ଅଳଙ୍କାର ଓ ୬୦ ଗ୍ରାମ ସୁନା ଅଳଙ୍କାର ଜବତ କରାଯାଇଛି । ଜବତ ଅଳଙ୍କାରର ଆନୁମାନିକ ମୂଲ୍ୟ ପ୍ରାୟ ୨୧ ଲକ୍ଷ ଟଙ୍କା ବୋଲି ପୋଲିସ ସୂଚନା ଦେଇଛି ।

ମୟୂରଭଞ୍ଜ ଜିଲ୍ଲାର ସାପ୍ତାହିକ ହାଟଗୁଡ଼ିକରେ ସୁନା ବ୍ୟବସାୟୀଙ୍କୁ ଟାର୍ଗେଟ କରି ଲୁଟ୍ ଯୋଜନା କରାଯାଉଥିବା ତଦନ୍ତରୁ ଜଣାପଡ଼ିଛି । ଘଟଣାରେ ଆଉ କେତେଜଣ ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି । ଏହି ଚଢ଼ାଉରେ ଆସିକା ଏସ୍‌ଡିପିଓ ସୌରଭ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁଙ୍କ ସମେତ ମୋରଡ଼ା ଥାନା ଅଧିକାରୀ ସୁମିତ କୁମାର ସୋରେନ, ଯଶିପୁର ଥାନା ଅଧିକାରୀ ରାଜେଶ କୁମାର ସେଠୀ, ସାଇବର ସେଲ୍ ହାବିଲଦାର କାବ୍ୟକଣ୍ଠ ତ୍ରିପାଠୀ, ବଳରାମ ମହାଳିକ, ସ୍ପେଶାଲ ସ୍କ୍ୱାଡ୍ ହାବିଲଦାର ମାନସ ରଞ୍ଜନ ତରେଇଙ୍କ ସମେତ ପୋଲିସ କର୍ମଚାରୀମାନେ ସାମିଲ ଥିଲେ । ଘଟଣାରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ଏବଂ ଅନ୍ୟ ଚୋରି ଓ ଡକାୟତି ଘଟଣା ସହ ଏହି ଗ୍ୟାଙ୍ଗ୍‌ର ସମ୍ପର୍କ ରହିଛି କି ନାହିଁ, ସେନେଇ ପୋଲିସର ତଦନ୍ତ ଜାରି ରହିଛି ।

ନାଳରୁ ସ୍କୁଲ ଛାତ୍ରଙ୍କ ମୃତଦେହ ଉଦ୍ଧାର

ଜୟପୁର (ଅମୃତ ମିଡିଆ) : ଅନୁସୂଚିତ ଜାତୀ ଏବଂ ଜନ ଜାତି ବିଭାଗ ଦ୍ୱାରା ପରିଚାଳିତ ଛାତ୍ରାବାସରୁ ଜଣେ ଛାତ୍ର ୩ ଦିନ ଧରି ନିଖୋଜ ହେଉଛି ପରେ ଆଉ ଚତୁର୍ଥଦିନରେ ସ୍କୁଲ ପଛ ପଟ ନାଳରୁ ରକ୍ତାକ୍ତ ଅବସ୍ଥାରେ ସବ ଉଦ୍ଧାର ହୋଇଛି । ଘଟଣା ପ୍ରଚାର ପରେ ଆଦିବାସୀ ଅଧୁଷିତ ଅଞ୍ଚଳରେ ଆଦିବାସୀ ଛାତ୍ରଛାତ୍ରୀ ମାନେ କିଭଳି ଶିକ୍ଷା ପ୍ରତି ଆକୃଷ୍ଟ ହେବେ ଏବଂ ଶିକ୍ଷିତ ହୋଇ ସମାଜର ମୁଖ୍ୟ ସ୍ରୋତ ରେ ସାମିଲ ହେବେ ସେଥି ପାଇଁ ସରକାର ପିଲାଙ୍କୁ ରହିବା ଖାଇବା ଓ ପୋଷାକ ଅନ୍ୟ ସମସ୍ତ ସୁବିଧା କରିଛନ୍ତି । ଏ ସବୁ ସତ୍ତ୍ୱେ ମଧ୍ୟ ଅନେକାଂଶରେ କେତେକ ସ୍କୁଲରେ ଦାୟିତ୍ୱ ହୀନତା ଏବଂ ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବ କାରଣରୁ ଅନେକ ଛାତ୍ରାବାସ ରେ ଛାତ୍ର ମୃତୁ ଘଟଣା ସମାନାକୁ ଆସୁଛି । ଏଭଳି ଦୃଶ୍ୱ ସାମନା କୁ ଆସିଛି ବୋରିଗୁମ୍ଭା ବ୍ଲକ ଗୁମୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ । ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଗୁରୁନାଥଙ୍କର ମୃତଦେହ ସ୍କୁଲ ପଛନାଳରୁ ଉଦ୍ଧାର ହୋଇଛି । ମୃତ ଛାତ୍ର ଜଣକ ହରଡାଗୁଡ଼ା ପଞ୍ଚାୟତ ମାରାଡ ମାଲିଗୁଡ଼ା ବୋଲି ଜଣା ପଡିଛି ସେ ବିଦ୍ୟାଳୟରେ ହଷ୍ଟେଲରେ ରହି ଅଧ୍ୟୟନ କରୁଥିଲେ । ଗତ ଷୋମବାର ଦିନ ଠାରୁ ସମ୍ପୃକ୍ତ ଛାତ୍ର ଜଣକ ବିଦ୍ୟାଳୟ ପରିସରରୁ ନିଖୋଜ ଥିଲେ । ଆଜି ତାଙ୍କ ସବ ପରିତିକ୍ତ ଅବସ୍ଥା ରୁ ଉଦ୍ଧାର ହୋଇଛି । ବିଦ୍ୟାଳୟ କତୃପକ୍ଷ ପକ୍ଷରୁ ଛାତ୍ର ନିଖୋଜ ନେଇ ଥାନ କିମ୍ବା ଉପରିସ୍ଥ ଅଧିକାରୀଙ୍କୁ ଅବଗତି ନ କରିବା ସୂଚନା ମିଳିଛି ଏମିତିକି ମୃତ ଛାତ୍ରଙ୍କ ପରିବାର କୁ ମଧ୍ୟ ବିଦ୍ୟାଳୟ ପକ୍ଷରୁ କୌଣସି ସୂଚନା ଦିଆଯାଇନଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ । ସେପଟେ ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଏଭଳି ଘଟଣା ଦୁର୍ଭାଗ୍ୟ ଜଣକ ଏବଂ ଏହି ଘଟଣା ପାଇଁ ଯେଉଁମାନେ ସବୁ ଦାୟୀ ସେମାନଙ୍କ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଛନ୍ତି ସ୍ଥାନୀୟ ଜିଲ୍ଲା ପରିଷଦ ନୃସିଂହ ନାଥ ଶତପଥୀ । ଘଟଣା ସମ୍ପର୍କରେ ସ୍କୁଲ କିମ୍ବା ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ହସ୍ତଗତ ହୋଇନଥିବା ବେଳେ ବି ସିଂହପୁର ପୋଲିସ ପହଞ୍ଚି ସବ ଉଦ୍ଧାର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି ।

ଗୁନେଇପଡ଼ା ଅଞ୍ଚଳରେ ଭାଲୁ ଆତଙ୍କ



ଜୟପୁର (ଅମୃତ ମିଡିଆ) : କୋରାପୁଟ ଜିଲ୍ଲା ଲାମତାପୁଟ ବ୍ଲକ ଗୁନେଇପଡ଼ା ଅଞ୍ଚଳ ରେ ଗୋଟାଏ ଭାଲୁ ଆତଙ୍କ ସୃଷ୍ଟି କରିଛି । ଏକ ବିରାଟ ବଡ଼ ଭାଲୁ ଗୁନେଇପଡ଼ା ଅଞ୍ଚଳର ବିଭିନ୍ନ ଗାଁରେ ଘୁରି ବୁଲୁଛି । ଆଜି ଭୋର୍ ସକାଳେ ସ୍କୁଲ ବାରଣ୍ଡା ରେ ଶୋଇ ଥିବା କିଛି ଲୋକ ଦେଖିଥିଲେ । ଭାଲୁକୁ ଦେଖି ଲୋକେ ପାଟି କଲେ ଜଙ୍ଗଲ ଭିତରକୁ ଚାଲି ଯାଉଛି ଓ ପୁଣି ସନ୍ଧ୍ୟାରେ ଗାଁ ମୁହାଁ ହେଉ ଥିବା ଜଣାପଡିଛି । କିନ୍ତୁ ଏବେ ଯାଏଁ ଭାଲୁଟି କାହାର କ୍ଷତି କରି ଥିବା ନଜରକୁ ଆସିନାହିଁ । କିନ୍ତୁ ଗୁନେଇ ପଡ଼ା ସ୍କୁଲ ଭିତରେ ଭାଲୁ ଆସୁଥିବାରୁ ଭୟରେ ଛାତ୍ରଛାତ୍ରୀ ଓ ଶିକ୍ଷକ ରହିଛନ୍ତି । ଏନେଇ ପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ବଣୁଆ ଭାଲୁ ପଶି ଆସିବାରୁ ଆତଙ୍କ ଖେଳିଯାଇଛି । ଭାଲୁ ହଠାତ୍ ସ୍କୁଲ ଗେଟ୍ ଡେଇଁ ଭିତରକୁ ପଶି ଆସିଥିଲା । ପ୍ରାୟ ଏକ ଘଣ୍ଟା ଧରି ଭାଲୁଟି ସ୍କୁଲ ରୋଷେଇ ଘର ଓ ଖେଳ ପଡ଼ିଆରେ ବୁଲିଥିଲା । ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଭାଲୁକୁ ଜଙ୍ଗଲ ଆଡକୁ ଘଉଡାଇ ଦିଆଯାଇଛି । ସୌଭାଗ୍ୟବଶତଃ କେହି ଆହତ ହୋଇନାହାନ୍ତି । ତେବେ ଏହି ଘଟଣା ପରେ ଅଭିଭାବକମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ସ୍କୁଲ ଚାରିପଟେ ସୁରକ୍ଷା ପାଚେରୀ ନଥିବାରୁ ବାରମ୍ବାର ବନ୍ୟଜନ୍ତୁ ପଶି ଆସୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଏନେଇ ପ୍ରଧାନ ଶିକ୍ଷକ କହିଛନ୍ତି, 'ପିଲାମାନେ ସୁରକ୍ଷିତ ଅଛନ୍ତି । ଆମେ ବନ ବିଭାଗ ଓ ପ୍ରଶାସନକୁ ଲିଖିତ ଭାବେ ଜଣାଇବୁ ।

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

ନେପାଳରେ...

ଅପରେସନ୍ ଆରମ୍ଭ କରାଯାଇଛି । ଉତ୍ତର ନେପାଳର ରସୁଓ୍ୱା ଜିଲ୍ଲାରେ ନଦୀକୂଳବର୍ତ୍ତୀ ଅନେକ ଅଞ୍ଚଳ ବନ୍ୟାରେ ପ୍ରଭାବିତ ହୋଇଛି ।ନେପାଳ ଜଳ ପ୍ରଳୟକୁ ନେଇ ଆସିଛି ଭୟଙ୍କର ତଥ୍ୟ । ନେପାଳର ଅନେକ ଅଂଶକୁ ଛିନଛତ୍ର କରି ଦେଇଥିବା ଅଚାନକ ବନ୍ୟା ଘଟାଇଛି ବ୍ୟାପକ କ୍ଷୟକ୍ଷତି । ପ୍ରକୃତିର ଏହି ତାଣ୍ଡବରେ ଭାସି ଯାଇଛନ୍ତି ୩୮୪ ପର୍ଯ୍ୟନ୍ତକ । ଆଉ ଏମାନଙ୍କ ମଧ୍ୟରେ ରହିଛନ୍ତି ୧୦୫ ଭାରତୀୟ । ସେମାନଙ୍କୁ ପାଣି ମାଡ଼ି ଯିବାକୁ ଘଟଣା ପରଠାରୁ ଖୋଜାଖୋଜି ଚାଲିଥିବା ବେଳେ ଏଯାଏ କୌଣସି ପତ୍ତା ମିଳିନାହିଁ । ବୁଧବାର ନେପାଳର ରାସୁଓ୍ୱା ଜିଲ୍ଲାରେ ଥିବା ଭୋଟେ କୋଶି ନଦୀ ହଠାତ୍ ଫୁଲିବା ପରେ ସ୍ପଞ୍ଜ ଭାଗକୁ ମାଡ଼ି ଆସିଥିଲା ପ୍ରଳୟଙ୍କରୀ ବନ୍ୟା । ପାଣିର ସ୍ରୋତ ଏତେ ଅଧିକ ରହିଥିଲା ଯେ ମାତ୍ର କିଛି ସେକେଣ୍ଡ ମଧ୍ୟରେ ଏକାଧିକ ଗାଁ, ବ୍ରିଜ ଓ ଅନ୍ୟାନ୍ୟ ଭିତ୍ତିଭୂମି ଭାସି ଯାଇଛି । ଉଦ୍ଧାର କାର୍ଯ୍ୟରେ ୧୫ଟି ହେଲିକପ୍ଟର ଠାରୁ ଆରମ୍ଭ କରି ସେନା ବାହିନୀ ନିୟୋଜିତ ହୋଇଥିଲେ ହେଁ ପ୍ରତିକୂଳ ପରିସ୍ଥିତି ଏଥିରେ ବାଧକ ସାଜିଛି ।ଏସବୁ ଭିତରେ ନେପାଳ ପର୍ଯ୍ୟଟନ ବୋର୍ଡ ନିଖୋଜ ପର୍ଯ୍ୟଟକଙ୍କ ତାଲିକା ଜାରି କରିଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଜାରି ନିଖୋଜ ତାଲିକାରେ ୨୯୧ ଜଣଙ୍କ ବିଦେଶୀ ରହିଛନ୍ତି । ଏମାନଙ୍କ ବ୍ୟତୀତ ୯୩ ଜଣ ନେପାଳୀଙ୍କ ପତ୍ତା ମଧ୍ୟ ଜଳ ପ୍ରଳୟ ପରେ ମିଳୁନି । ୨୯୧ ନିଖୋଜ ବିଦେଶୀଙ୍କ ମଧ୍ୟରେ ୧୦୫ ଭାରତୀୟ ରହିଥିବା ବେଳେ ଅନ୍ୟ ୩୭ ଜଣ ହେଉଛି ଏନଆରଆଇ । ତାଲିକାରେ ଅଷ୍ଟ୍ରେଲିଆ, ନେଦରଲ୍ୟାଣ୍ଡ, ଆମେରିକା, ମାଲେସିୟା, ବ୍ରିଟେନ ଓ ଦକ୍ଷିଣ ଆଫ୍ରିକା ପର୍ଯ୍ୟଟକ ମଧ୍ୟ ରହିଛନ୍ତି । ଏବେ ବି ନିଖୋଜ ଥିବା ଅନେକ ପର୍ଯ୍ୟଟକଙ୍କ ନାଗରିକତାର ଯାଞ୍ଚ ଚାଲିଛି । ନେପାଳ ପର୍ଯ୍ୟଟନ ବିଭାଗ କହିଛି ଯେ ପ୍ରାଥମିକ ପର୍ଯ୍ୟାୟରେ ୧୦ଟି ଟୁରିଜିମ ଓ ଟ୍ରାଭେଲ ଏଜେନ୍ସିରୁ ଏପରି ତଥ୍ୟ ମିଳିଛି । ଏବେ ଅଧିକାରୀମାନେ ପ୍ରକୃତ ତଥ୍ୟ ହାସଲ କରିବା ପାଇଁ ଅନ୍ୟ ଟ୍ରାଭେଲ ଏଜେନ୍ସି, ସ୍ଥାନୀୟ ଅଧିକାରୀ, ଗାଇଡ ଓ ସୁରକ୍ଷା ଏଜେନ୍ସି ଗୁଡ଼ିକ ସହ କାମ କରୁଛନ୍ତି । ଅନ୍ୟପକ୍ଷରେ ବନ୍ୟା ପାଣି ତଳିଆ ଅଞ୍ଚଳକୁ ମାଡ଼ି ଚାଲିଥିବାରୁ ନେପାଳ ସୀମାନ୍ତି ଭାରତର ଉତ୍ତର ପ୍ରଦେଶ ଓ ବିହାରରେ ମଧ୍ୟ ଆଲର୍ଟ ଜାରି କରାଇଛି । ବିଷେଷ କରି ଗଣ୍ଡକ ନଦୀ କୂଳିଆଙ୍କୁ ସତର୍କ କରାଯାଇଛି ।କାରଣ ତିବ୍ବତୀୟ ପାର୍ଶ୍ୱରୁ ହଠାତ୍ ଘୁଘୁ ହୋଇ ବର୍ଷା ପାଣି ନେପାଳର ଭୋଟେ କୋଶି ନଦୀରେ ପଶିଥିଲା । ଏହାପରେ ରାସୁଓ୍ୱା ଜିଲ୍ଲାର ପାହାଡ଼ ତିଳିଆ ଅଞ୍ଚଳ ସୟାପ୍ରୁ ବେସି ଓ ତିମୁରକୁ ଏହା ଛିନିଛତ୍ର କରିଛି । ଭୋଟେ କୋଶି ନଦୀ ତିବ୍ବତରୁ ବାହାରିଛି ଓ ଏହା ନେପାଳର ତ୍ରିଶୁଳୀ ନଦୀରେ ମିଶିଛି । ଏହା ସେଠାରୁ ଭାରତର ଗଣ୍ଡକ ନଦୀ ସହ ମଧ୍ୟ ଯୋଡ଼ି ହୋଇ ରହିଛି । ତେଣୁ ଭାରତର ୟୁପି ଓ ବିହାରରେ ଆଲର୍ଟ ଜାରି କରାଯାଇଛି । ସବୁ କିଛି ତଛାଡ଼ି ଦେଇଛି ଜଳ ପ୍ରଳୟ । ମାତ୍ର କିଛି ସେକେଣ୍ଡ ଭିତରେ ବଦଳି ଯାଇଛି ସବୁ କିଛି । ନେପାଳରେ ମୃତ୍ୟୁର ତାଣ୍ଡବ ରଚିଛି ଭୋଟେ କୋଶି ନଦୀରେ ଆସିଥିବା ଅଚାନକ ବନ୍ୟା । ରାସୁଓ୍ୱା, ନୁୱାକୋଟ ଓ ଧାଡିଙ୍ଗ ଜିଲ୍ଲା ବନ୍ୟାଯୋଗୁ ଏକ ପ୍ରକାରର ମାଟିରେ ମିଶି ଯାଇଛି । ବର୍ତ୍ତମାନ ସୁଦ୍ଧା ଏଥିରେ ୧୦୦ ଜଣ ପ୍ରାଣ ହରାଇଥିବେ ବେଳେ ନିଖୋଜ ହୋଇ ଯାଇଛନ୍ତି ଶହଶହ ଲୋକ । ଏମାନଙ୍କ ମଧ୍ୟରେ ଅଛନ୍ତି ୧୦୫ ଜଣ ଭାରତୀୟ । ତିବ୍ବତୀ ପାର୍ଶ୍ୱରୁ ଆସିଥିବା ବନ୍ୟା ଜଳ ନେପାଳକୁ କରି ଦେଇଛି ଛାରଖାର । ଭାସାଇ ନେଇଛି ଅନେକ ଗାଁ, ଘର, ବ୍ରିଜ ଓ ଗାଡ଼ି ମୋଟର । ବିଦ୍ୟୁତ ପ୍ରକଳ୍ପ ଓ ସାଧାରଣ ଲୋକ ମଧ୍ୟ ପ୍ରକୃତିର ଏହି ପ୍ରଳୟଙ୍କରୀ ରୂପରୁ ବର୍ତ୍ତି ନାହାନ୍ତି ।ସମୟ ସକାଳ ପ୍ରାୟ ୯ଟା । ହଠାତ୍ ତିବ୍ବତୀୟ ପାର୍ଶ୍ୱରୁ ହଠାତ୍ ଘୁଘୁ ହୋଇ ବର୍ଷା ପାଣି ଭୋଟେ କୋଶି ନଦୀରେ ପଶିଥିଲା । ଏହାପରେ ନେପାଳରେ ରଚିଥିଲା ମୃତ୍ୟୁର ତାଣ୍ଡବ । ରାସୁଓ୍ୱା, ନୁୱାକୋଟ୍ ଓ ଧାଡିଙ୍ଗ୍ ଜିଲ୍ଲାର ଅନେକ ଅଞ୍ଚଳକୁ ପ୍ରଳୟଙ୍କରୀ ଜଳସ୍ରୋତରେ ପୂରା ଛାରଖାର କରିଦେଇଛି ।ନଦୀକୂଳିଆ ଅନେକ ଗାଁ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୦୦ଟି ମୃତଦେହ ଉଦ୍ଧାର କରାଯାଇଛି ।

'ଆମ...

ରକ୍ଷା ବନ୍ଧନ ଦିନଟିକୁ ସ୍ମରଣୀୟ କରିବା ନିମନ୍ତେ ମହିଳାମାନଙ୍କୁ ଆମ ବସ୍ ? ଯାତ୍ରାର ସାଥୀ କରି ନିରାପଦ, ସୁବିଧାଜନକ ଓ ଚିନ୍ତାମୁକ୍ତ ଯାତ୍ରାର ଅନୁଭୂତି ନେବାକୁ ଜୁଟ୍ ଆହ୍ୱାନ କରିଛି ।

ଶଙ୍ଖ...

କିଛି ଷୋଭ ରହୁଛି । ଦକ୍ଷିଣ ଓଡ଼ିଶାକୁ ଅବହେଳା ନେଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦୀପଙ୍କ ଚିଠି ଏହାର ଜ୍ୱଳନ୍ତ ଉଦାହରଣ । ଏମିତିକି ରାଜ୍ୟ ସରକାରଙ୍କ ଆବଭାବକୁ ନେଇ ସେ ପ୍ରଶ୍ନକରିବା ଆରମ୍ଭ କଲେଣି । ପ୍ରଦୀପଙ୍କ ଭଳି ସମଦଶାରେ ନିମାପଡ଼ାର ବରିଷ୍ଠ ନେତା ସମୀର ଦାଶ । ଲାଗୁଛି ଯେମିତି ବିଜେପିରେ ସେ ଏବେ ଅଣନିଶ୍ୱାସୀ ଅବସ୍ଥାରେ । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସମୀରଙ୍କ ବିବାଦ ଦାଣ୍ଡରେ ପଡ଼ି ହାତରେ ଗଡ଼ିଲାଣି । ବିଜେପିର ଶୀର୍ଷ ସ୍ତରୀୟ ନେତା ଏହାକୁ ମ୍ୟାନେଜ କରିବାକୁ ପ୍ୟାଚ୍ ପକାଉଥିଲେ ମଧ୍ୟ ଫାଟ ଜଳ ଜଳ ହୋଇ ଦିଶୁଛି । ଆଗକୁ ପଞ୍ଚାୟତ ନିର୍ବାଚନରେ ନିମାପଡ଼ା ରାଜନୀତିରେ ଦେଖିବାକୁ ମିଳିପାରେ ପ୍ରଭାତୀ-ସମୀରଙ୍କ ମଧ୍ୟରେ ରୋଚକ ଲଢ଼େଇ । ନିମାପଡ଼ାରେ ସମୀରଙ୍କ କ୍ରେଜ ବହୁତ ଭଲ ରହିଛି । ହେଲେ ପ୍ରଭାତୀ ବିଜେପି ଟିକେଟରେ ସେଠାରୁ ଜିତିବା ପରେ ସମୀରଙ୍କ ପଲ୍ଲା ଦୁର୍ବଳ ହେଲାଣି । ଦୁଇ ବିଜେପି ନେତାଙ୍କ ମଧ୍ୟରେ ନପଡ଼ିବା ଓ ଉଭୟ ନିଜ ନିଜ କ୍ଷେତ୍ର ଜଗିବା ଉପରେ ଗୁରୁତ୍ୱ ଦେଲେଣି । ଆଗକୁ ଦଳ ସେଠାରେ ଭୟଙ୍କର କ୍ଷତି ସହିବ ବୋଲି କୁହାଯାଉଛି । ୨୦୨୪ ନିର୍ବାଚନ ପୂର୍ବରୁ ଏବଂ ପରେ ଅନେକ ନେତା ଶଙ୍ଖ ଛାଡ଼ି ପଦ୍ମ ପୋଖରୀକୁ ଡେଇଁଥିଲେ । ଏମାନଙ୍କ ଭିତରୁ ଅନେକ ବିଧାୟକ ଓ ସାଂସଦ ବନିଯାଇଛନ୍ତି । ଆଉ କିଛି ନିଗମ ଲଡୁ ଅପେକ୍ଷାରେ ଦିନ ଗଣୁଛନ୍ତି । ସମୀର ସେଇଥିରୁ ଗୋଟେ ବୋଲି କୁହାଯାଇପାରେ । ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ କେମିତି ଏହାକୁ ବିଜେପି ମ୍ୟାନେଜ କରୁଛି ତାକୁ ଅପେକ୍ଷା ।

ମୁସଲିମ ସମ୍ପ୍ରଦାୟର' ଇଦ-ମିଲାଦ-ଉନ-ନବୀ' ପର୍ବର ଜୁଲୁସ ପଦଯାତ୍ରା କାର୍ଯ୍ୟକ୍ରମ

ବଲାଣି/ବଡବିଲ (ଅମୃତ ମିଡ଼ିଆ) : କେନ୍ଦୁଝର ଜିଲ୍ଲାର ସୀମାନ୍ତ ଖଣି ଅଞ୍ଚଳ ବଲାଣିରେ ବୁଧବାର ଦିନ ହଜରତ ମହମ୍ମଦ ସାହାବଙ୍କ ଜନ୍ମ ଦିନ ମୁସଲିମ ସମ୍ପ୍ରଦାୟର ଲୋକମାନେ ଅତି ଆନନ୍ଦ ର ସହିତ ହର୍ଷୋଲ୍ଲାସ ରେ ପାଳନ କରାଯାଇଛି । ଏହି ଅବସରରେ ସମସ୍ତ ମୁସଲିମ ଭାଇମାନେ ପରସ୍ପରକୁ ମିଷ୍ଟାନ୍ନ ଖୁଆଇବା ସହ ସମାଜ ଦ୍ୱାରା ଆୟୋଜିତ ଏକ 'ଇଦ୍-ମିଲାଦ୍-ଉନ-ନବୀର ଜୁଲୁସ ପଦଯାତ୍ରାରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମ ସକାଳ ପ୍ରାୟ ୧୦ଟା ସମୟରେ ବଲାଣି ମୁଖ୍ୟ ବଜାରର ରଜା ମସଜିଦ (ଆଜାଦ ମହଲା)ରୁ ଆରମ୍ଭ କରି ମାଉଣ୍ଟ କୁଟ ଛକ, ଗୋପବନ୍ଧୁ ଛକ ପରିକ୍ରମା କରି ଟାଉନ୍ ସିପର ଜାମା ମସଜିଦ ପର୍ଯ୍ୟନ୍ତ ଯାଇ ପୁଣି ରଜା ମସଜିଦକୁ ଫେରିଯାଇଥିଲେ । ଏହି ପର୍ବକୁ ହଜରତ ମହମ୍ମଦଙ୍କ ଜନ୍ମଦିନ ରୂପେ ପାଳନ କରାଯାଏ । ଏହି ଅବସରରେ ଏମ୍ଡି ମୁକ୍ତାର ଆଲାମ, ଏମ୍ଡି ଜସିମ ଖାନ୍, ଇନାମୁଲ ହକ୍,ମୁଜାରିତ୍ କୁରାଇଶି, ଖୁର୍ଶିଦ୍ ଆଲାମ, ମୁଜଫର ହୁସେନ, ଆଫ୍ତାବ ହୁସେନ, ସଜାଦା ସଲିମ୍, ହାଇଦର ଅଲ୍ଲୁ, ଅନ୍ୱର୍ ଅଲ୍ଲୁ, ଇନ୍ତଖାଜ୍ ଅନସାରୀ, ନୌଶାଦ ହାଫିଜ୍ ସାହାବ,ସହ ମସଜିଦର ଇମାମ ମହମ୍ମଦ ଫୈଯାଜ ସହାବ ଓ ସଂଖ୍ୟାଧିକ କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳା ଭାବେ ସଫଳ କରିବା ନିମନ୍ତେ ବଲାଣି ପୁଲିସ ସହଯୋଗ କରିଥିବାର ଜଣାପଡିଛି ।

ଯାଜପୁର ଓ ଚଣ୍ଡିଖୋଲରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ

ଯାଜପୁର (ଅମୃତ ମିଡିଆ) : ସାଧାରଣ ଜନତାଙ୍କୁ ସ୍ୱାସ୍ଥ୍ୟକର ଓ ଗୁଣବତ୍ତାପୂର୍ଣ୍ଣ ଖାଦ୍ୟ ଯୋଗାଇଦେବା ଲକ୍ଷ୍ୟରେ ଯାଜପୁର ଟାଉନ୍ ଏବଂ ଚଣ୍ଡୀଖୋଲ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଏକ ବଡ଼ଧରଣର ଅଚାନକ ଚଢ଼ାଉ କରାଯାଇଛି । ଏହି ଯାଞ୍ଚ ସମୟରେ ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଓ ନିର୍ମ୍ମାନର ମନେହେଉଥିବା ପ୍ରାୟ ୧ କ୍ୱିଣ୍ଟାଲ (୧୦୦ କିଗ୍ରା) ଛେନା ଏବଂ ୬୦ କିଲୋଗ୍ରାମ ମିଠା ଜବତ କରାଯାଇ ତୁରନ୍ତ ନଷ୍ଟ କରାଯାଇଛି । ସୂଚନାଯୋଗ୍ୟ ଯେ, ଯାଜପୁର ଖାଦ୍ୟ ସୁରକ୍ଷା ଅଧିକାରୀ ଜୟ ପ୍ରକାଶ ସୋରେନ୍ ଏବଂ କେନ୍ଦୁଝରରୁ ଯାଜପୁର ପାଇଁ ବିଶେଷ ଭାବେ ନିୟୋଜିତ ହୋଇଥିବା ଖାଦ୍ୟ ସୁରକ୍ଷା ଅଧିକାରୀ ଅନିଲ କୁମାର ରଣା ଙ୍କ ମିଳିତ ନେତୃତ୍ୱରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ବିଭାଗୀୟ ଟିମ୍ ଯାଜପୁର ଟାଉନ୍ ଓ ଚଣ୍ଡୀଖୋଲର ବିଭିନ୍ନ ମିଠା ଦୋକାନ, ଖାଦ୍ୟ ବିକ୍ରି କେନ୍ଦ୍ର ସହ ବିଭିନ୍ନ ଅଞ୍ଚଳରୁ ଛେନା ଯୋଗାଣ କରୁଥିବା ଗାଡ଼ିଗୁଡ଼ିକୁ ଅଚାନକ ଅଟକାଇ କଡ଼ା ଯାଞ୍ଚ କରିଥିଲେ । ସନ୍ଦେହଜନକ ଖାଦ୍ୟ ଦ୍ରବ୍ୟଗୁଡ଼ିକର ନମୁନା (ସାମ୍ପୁଲ) ସଂଗ୍ରହ କରାଯାଇ ଅଧିକ ପରୀକ୍ଷା ପାଇଁ ରାଜ୍ୟ ଖାଦ୍ୟ ପରୀକ୍ଷାଗାର (ଲାବୋରେଟରୀ)କୁ ପଠାଯାଇଛି । ଏଥିସହିତ ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ କରିଥିବା ଓ ଅସ୍ୱାସ୍ଥ୍ୟକର ପରିବେଶରେ ବ୍ୟବସାୟ କରୁଥିବା ଅସାଧୁ ବ୍ୟବସାୟୀଙ୍କୁ କଡ଼ା ଚେତାବନୀ ନୋଟିସ୍ ଜାରି କରାଯାଇଛି । ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସହ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ ଏବଂ ନିମ୍ନମାନର ଓ ଭେଜାଲ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ ଏହିପରି କଡ଼ା କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇଛି ।

ମହମ୍ମଦଙ୍କ ୧୫୦୧ତମ ଜୟନ୍ତୀ

ଚଣ୍ଡିଖୋଲ (ଅମୃତ ମିଡ଼ିଆ) : ବଡ଼ଚଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଂଚଳରେ ମହମ୍ମଦଙ୍କ ୧୫୦୧ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ସୁଜୁଡ଼ା ମୁସଲିମ ବସ୍ତିରେ ଇସଲାମ ଧର୍ମର ପ୍ରବର୍ତ୍ତକ ମହାପୁରୁଷ ମହମ୍ମଦଙ୍କ ୧୫୦୧ ତମ ଜୟନ୍ତୀ ଭକ୍ତି, ଶ୍ରଦ୍ଧା, ଆନନ୍ଦ ଉଲ୍ଲାସର ସହିତ ପାଳନ ହେଇଯାଇଛି । ପ୍ରାତ ସମୟର ମୁସଲମାନ ଭାଇ ମାନେ ନୂତନ ବସ୍ତ୍ର ପରିଧାନ କରି ଶତାଧିକ ବଡ଼ ଓ ସାନ ପିଲା ଶୋଭଯାତ୍ରାରେ ସୁଜୁଡ଼ୁଷ ଗ୍ରାମର ପ୍ରତ୍ୟେକ ସାହି ପରିକ୍ରମା କରିଥିଲେ । ଶୋଭାଯାତ୍ରାକାରୀଙ୍କୁ ବସ୍ତି ବାସିନ୍ଦାମାନଙ୍କ ତରଫରୁ ବିଭିନ୍ନ ପ୍ରକାର ମିଷ୍ଟାନ୍ନ ଓ ଥଣ୍ଡା ବଣ୍ଟନ କରାଯିବା ସହିତ ସ୍ୱାଗତ କରାଯାଇଥିବା । ମସଜିଦ ସମ୍ମୁଖରେ ବସ୍ତି ବାସିନ୍ଦାର ଯୁବକ ମାନେ ବିଭିନ୍ନ ନକ୍ଷତିଆ କଲାମ ପରେ ମୋଲାନା ସାକିର୍ ହୋସେନ ହବିବି, ଦୁଆ ପାଠ କରାଯାଇ ପ୍ରତ୍ୟେକ ମୁସଲମାନ ଭାଇ ଭଉଣୀ ମାନେ ମହମ୍ମଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା, ଭାଇଚାରା, ସହିତ ଶ୍ରଦ୍ଧା ସ୍ନେହ ଆଦର କରିବା ସହିତ ପ୍ରତ୍ୟେକ ମୁସଲମାନ ଭାଇ ଓ ଭଉଣୀ ମାନେ ମହମ୍ମଦଙ୍କ ନିର୍ଦ୍ଦେଶିତ ପଥରେ ଚାଲିବାକୁ ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ବିଜେଡି ଯୁବନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ଜିଲ୍ଲା ବିଜେଡି ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ ଓ ସୁଜୁଡ଼ା ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ ବସ୍ତିରେ ଉପସ୍ଥିତ ରହି ମୁସଲମାନ ଭାଇ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ସୁଖ ସମୃଦ

ଆଇସିସି ରାଙ୍କିଙ୍ଗ: ମିଚେଲ ଷ୍ଟାର୍କ ହେଲେ ବିଶ୍ୱର ୧ ନମ୍ବର ଟେଷ୍ଟ ବୋଲର

ନୂଆଦିଲ୍ଲୀ : ଟେଷ୍ଟ କ୍ରିକେଟର ବୋଲିଂ ରାଙ୍କିଙ୍ଗରେ ବଡ଼ ପରିବର୍ତ୍ତନ। ଦୀର୍ଘ ଦିନ ଧରି ଆଇସିସି ଟେଷ୍ଟ ବୋଲିଂ ରାଙ୍କିଙ୍ଗର ୧ ନମ୍ବର ସ୍ଥାନରେ ଥିବା ଭାରତର ଯଶପ୍ରୀତ ବୁମ୍ରାଙ୍କୁ ବଡ଼ ଝଟକା। ତାଙ୍କ ଦୀର୍ଘ ଦିନର ଦବଦବାରୁ ଶେଷ କରି ଦେଇଛନ୍ତି ଅଷ୍ଟ୍ରେଲିଆର ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ। ଏବେ ଷ୍ଟାର୍କ ବନି ଯାଇଛନ୍ତି ବିଶ୍ୱ ଟେଷ୍ଟର ୧ ନମ୍ବର ବୋଲର। ଦୀର୍ଘ ବର୍ଷର କ୍ରିକେଟ କ୍ୟାରିୟର ମଧ୍ୟରେ ଷ୍ଟାର୍କ ପ୍ରଥମଥର ପାଇଁ ଟେଷ୍ଟ ବୋଲିଂ ରାଙ୍କିଙ୍ଗର ୧ ନମ୍ବର ସ୍ଥାନ ଦଖଲ କରିବାକୁ ସକ୍ଷମ ହୋଇଛନ୍ତି। ଯଶପ୍ରୀତ ବୁମ୍ରା ୨୦୨୪ ଫେବୃଆରୀରେ ପ୍ରଥମଥର ଟେଷ୍ଟ ବୋଲିଂ ରାଙ୍କିଙ୍ଗର ୧ ନମ୍ବର ସ୍ଥାନରେ ପହଞ୍ଚିଥିଲେ। ଏହପରେ ସେ ପ୍ରାୟ ୨ ବର୍ଷ ଧରି ଏହି ସ୍ଥାନରେ ରହିଥିଲେ। କିନ୍ତୁ ଶ୍ରୀଲଙ୍କା ବିପକ୍ଷରେ ଭାରତର ଚାଲିଥିବା ଟେଷ୍ଟ ସିରିଜରେ ବୁମ୍ରା ନଜର ଆସି ନାହାନ୍ତି।

ଏହାର ଫାଇଦା ଉଠାଇଛନ୍ତି ଷ୍ଟାର୍କ। ସେ ବାଂଲାଦେଶ ବିପକ୍ଷ ଦୁଇ ଟିକିଆ ସିରିଜରେ ନିଜର ଦମ୍ଭା ଦେଖାଇ ବୁମ୍ରାଙ୍କୁ ପଛକୁ ଠେଲି ଦେବାକୁ ସକ୍ଷମ ହୋଇଛନ୍ତି। ବିଶେଷ କରି ମ୍ୟାକେ ଟେଷ୍ଟରେ ଷ୍ଟାର୍କ ବାଂଲାଦେଶ ବିପକ୍ଷରେ ନିଜର ଜଲୱା ଦେଖାଇଥିଲେ। ସେ ପ୍ରଥମ ଇନିଂସରେ ୬ଟି ଓ ଦ୍ୱିତୀୟ ଇନିଂସରେ ଦଖଲ କରିଥିଲେ ୪ ୱିକେଟ। ଏଥିଯୋଗୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମଧ୍ୟ ମିଳିଥିଲା। ୧୦ ୱିକେଟ ସଫଳତା ପରେ ସେ ଟେଷ୍ଟ ବୋଲିଂ ରାଙ୍କିଙ୍ଗରେ ଦୁଇଟି ସ୍ଥାନ ଉପରକୁ ଉଠିଛନ୍ତି। ବୁମ୍ରା ଦ୍ୱିତୀୟ ଓ ନ୍ୟୁଜିଲ୍ୟାଣ୍ଡର ମ୍ୟାଟ ହେନରୀ ତୃତୀୟ ସ୍ଥାନକୁ ଖସି ଯାଇଛନ୍ତି। ଦୀର୍ଘ ୧୫ ବର୍ଷ ହେଲା ଅନ୍ତର୍ଜାତୀୟ କ୍ରିକେଟରେ ଯୋଡ଼ି ହୋଇ ରହିଥିବା ୩୬ ବର୍ଷୀୟ ଷ୍ଟାର୍କ ଅନେକ ସଫଳତା ପାଇଛନ୍ତି। ସେ ବର୍ଷ ବର୍ଷ ଧରି ଟେଷ୍ଟ ବୋଲିଂ ରାଙ୍କିଙ୍ଗର ଟପ ୧୦ରେ ରହି ଆସୁଥିଲେ। ଇଂଲଣ୍ଡ ବିପକ୍ଷ ଆଶେସରେ ସେ ଦମଦାର ପ୍ରଦର୍ଶନ ବଳରେ ଟପ୍ ୩ରେ ପ୍ରବେଶ କରିଥିଲେ। ଏବେ ସେ ପ୍ରଥମଥର ପାଇଁ ଆଇସିସି ଟେଷ୍ଟ ବୋଲିଂ ରାଙ୍କିଙ୍ଗର ୧ ନମ୍ବର ସ୍ଥାନ ଦଖଲ କରିଛନ୍ତି। କେବଳ ଷ୍ଟାର୍କ ନୁହନ୍ତି, ମ୍ୟାକେ ଟେଷ୍ଟରେ ୬ ୱିକେଟ ସଫଳତା ପାଇଥିବା ଅଷ୍ଟ୍ରେଲିଆର ଅଧିନାୟକ ପାଟ କମିନ୍ସ ୪ର୍ଥ ସ୍ଥାନକୁ ଓ ନାଥନ ଲାୟ ୨ଟି ସ୍ଥାନ ଉପରକୁ ଉଠି ଟପ୍ ୧୦ରେ ପ୍ରବେଶ କରିଛନ୍ତି। ଏପଟେ ବ୍ୟାଟିଂ ରାଙ୍କିଙ୍ଗରେ ଇଂଲଣ୍ଡର ହ୍ୟାରୀ ବ୍ରୁକ ପୂର୍ବଭଳି ୧ ନମ୍ବରରେ ରହିଥିବା ବେଳେ ଜୋ ରୁଟ ଦ୍ୱିତୀୟ, ଷ୍ଟିଭ ସ୍ମିଥ ତୃତୀୟ ଓ ଟ୍ରାଭିସ ହେଡ୍ ୪ର୍ଥରେ ରହିଛନ୍ତି। ଟପ୍ ୧୦ରେ ନୂଆ ମୁହଁ ଭାବେ ପ୍ରବେଶ କରିଛନ୍ତି ଋଷଭ ପନ୍ତ। ସେ ଶ୍ରୀଲଙ୍କା ବିପକ୍ଷ ପ୍ରଦର୍ଶନ ପରେ ୬ଟି ସ୍ଥାନ ଉପରକୁ ଉଠି ଯୁଗ୍ମଭାବେ ୭ମ ସ୍ଥାନରେ ପହଞ୍ଚିଛନ୍ତି। ତାଙ୍କ ସହ ସମାନ ପଏଣ୍ଟ ସହ ୭ ନମ୍ବରରେ ରହିଛନ୍ତି ମାର୍କସ ଲାବୁଶେନ।

ଆଇପିଏଲ୍‌ରେ ମହେନ୍ଦ୍ର ସିଂ ଧୋନି ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଫାଟ

ନୂଆଦିଲ୍ଲୀ : ଆଇପିଏଲ୍‌ରେ ମହେନ୍ଦ୍ର ସିଂ ଧୋନି ଓ ଚେନ୍ନାଇ ସୁପର କିଙ୍ଗ୍ସ, ଏହି ଦୁଇ ନାଁ ଦୀର୍ଘଦିନ ଧରି ପରସ୍ପର ସହ ଜଡ଼ିତ। କିନ୍ତୁ ଏବେ ଏହି ସମ୍ପର୍କକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏକ ରିପୋର୍ଟ ଅନୁସାରେ, ସିଏସ୍‌କେରେ ଅଂଶଧନ କିଣିବାକୁ ଧୋନିଙ୍କ ଆଲୋଚନା ଶେଷରେ ବିଫଳ ହୋଇଛି। ରିପୋର୍ଟ ଅନୁସାରେ, ଧୋନି ସିଏସ୍‌କେ ଫ୍ରାଞ୍ଚାଇଜିର ୨୫ ପ୍ରତିଶତ ଅଂଶଧନ କିଣିବାକୁ ଚାହୁଁଥିଲେ। ତେବେ ଟିମ୍ ମାଲିକଙ୍କ ପକ୍ଷରୁ ମାତ୍ର ୩ ପ୍ରତିଶତ ଅଂଶଧନ ଦେବାର ପ୍ରସ୍ତାବ ରହିଥିବା କୁହାଯାଇଛି। ପରେ ଧୋନି ତାଙ୍କ ଦାବିକୁ ୨୦ ପ୍ରତିଶତକୁ କମାଇଥିଲେ, କିନ୍ତୁ ମ୍ୟାନେଜମେଣ୍ଟ ୪ ପ୍ରତିଶତର ପ୍ରସ୍ତାବ ଦେଇଥିବା ରିପୋର୍ଟରେ ଦାବି କରାଯାଇଛି। ଏହାପରେ ଧୋନି ୧୮ ପ୍ରତିଶତ ଅଂଶଧନରେ ରାଜି ହୋଇଥିଲେ ମଧ୍ୟ ସିଏସ୍‌କେ ପକ୍ଷରୁ ମାତ୍ର ୫.୫ ପ୍ରତିଶତ

ଦେବାକୁ ପ୍ରସ୍ତାବ ଆସିଥିବା କୁହାଯାଇଛି। ଦୁଇ ପକ୍ଷ ମଧ୍ୟରେ ସହମତି ନ ହେବାରୁ ଆଲୋଚନା ଭାଙ୍ଗିଯାଇଥିବା ରିପୋର୍ଟରେ ଦାବି କରାଯାଇଛି। ଧୋନିଙ୍କ ସିଏସ୍‌କେ ସହ ସମ୍ପର୍କ ଆଇପିଏଲ୍‌ର ପ୍ରଥମ ସିଜିନ୍ ୨୦୦୮ରୁ ରହିଆସିଛି। ତାଙ୍କ ନେତୃତ୍ୱରେ ସିଏସ୍‌କେ ୫ ଥର ଆଇପିଏଲ୍ ଚାମ୍ପିଅନ୍ ହୋଇଛି। ତେଣୁ ଅଂଶଧନକୁ ନେଇ ଆଲୋଚନା ବିଫଳ ହେବା ଖବର ଧୋନି ଓ ଉଝକ ସମ୍ପର୍କକୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ କରିଛି। ଏପଟେ ଆଇପିଏଲ୍ ୨୦୨୫ ଅକ୍ସନ୍ ପୂର୍ବରୁ ସିଏସ୍‌କେ ଧୋନିଙ୍କୁ ୪ କୋଟି ଟଙ୍କାରେ ରିଟେନ୍ କରିଥିଲା। କିନ୍ତୁ ଆଇପିଏଲ୍ ୨୦୨୬ ସିଜିନ୍‌ରେ ଲଗାତାର ଇଞ୍ଜୁରି କାରଣରୁ ସେ ଗୋଟିଏ ମ୍ୟାଚ୍ ମଧ୍ୟ ଖେଳିନଥିଲେ। ଏବେ ସମସ୍ତଙ୍କ ନଜର ଆଇପିଏଲ୍ ୨୦୨୭ ଉପରେ। ଅଂଶଧନକୁ ନେଇ ହୋଇଥିବା ଏହି ଆଲୋଚନା ବିଫଳତା ଧୋନିଙ୍କ ଆଗାମୀ ଆଇପିଏଲ୍ ଭବିଷ୍ୟତକୁ ପ୍ରଭାବିତ କରିବ କି ନାହିଁ, ତାହା ଏବେ ସ୍ପଷ୍ଟ ହୋଇନାହିଁ। ତେବେ ଧୋନି-ସିଏସ୍‌କେ ସମ୍ପର୍କରେ ଏହି ଖବର ନିଶ୍ଚିତ ଭାବେ ଫ୍ୟାନ୍‌ମାନଙ୍କ ଚିନ୍ତା ବଢ଼ାଇଛି।

୨୮ରୁ ୩୪ତମ ରାଜ୍ୟସ୍ତରୀୟ ବଲ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତା

ଭୁବନେଶ୍ୱର(ବ୍ୟୁରୋ): ରାଜ୍ୟସ୍ତରୀୟ ବଲ୍ ବ୍ୟାଡମିଂଟନ ଚମ୍ପିଆନସିପ୍ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବ। ସବ୍‌ଜୁନିୟର ବିଭାଗରେ ପ୍ରତିଯୋଗିତା ୨୮ ତାରିଖ ଦିନ ୧୧ଟା ବେଳେ ଆରମ୍ଭ ହେବ ଏବଂ ୨୯ ତାରିଖ ଦିନ ଉଦ୍‌ଯାପନୀ ଉତ୍ସବ କରାଯିବ। ସେହିପରି ସିନିୟର ବିଭାଗରେ ୨୮ ତାରିଖରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବା ବେଳେ ୩୦ ତାରିଖ ଦିନ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ସମସ୍ତ ମ୍ୟାଚ୍ ସୋଆ ୟୁନିଭର୍ସିଟି ନିକଟ ଜାଗମରା ଖେଳପଡ଼ିଆ ଠାରେ ହେବ ବୋଲି ଅଲ୍ ଓଡ଼ିଶା ବଲ୍ ବ୍ୟାଡମିଂଟନ ସଂଘର ସମ୍ପାଦକ ପ୍ରଣୟ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

ଭାରତ ଦେଲା ଫଲୋଅନ୍, ୧୬ ରନରେ ଅଗ୍ରଣୀ ଶ୍ରୀଲଙ୍କା

କଲମ୍ବୋ : କଲମ୍ବୋରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ ଟେଷ୍ଟର ଚତୁର୍ଥ ଦିନ ଶେଷ ହୋଇଛି। ଫଲୋଅନ୍ ମିଳିବା ପରେ ଆୟୋଜକ ଶ୍ରୀଲଙ୍କା ୧୬ ରନର ଅଗ୍ରଣୀ ପାଇଛି। ଏହିଠାରୁ, ପଞ୍ଚମ ଦିନରେ ଭାରତର ବିଜୟ ପ୍ରାୟ ନିଶ୍ଚିତ ମନେ ହେଉଛି। ବର୍ଷା ଯୋଗୁ ଆଜିର ମ୍ୟାଚ ଶୀଘ୍ର ଶେଷ ହୋଇଥିଲା। ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରି ଶ୍ରୀଲଙ୍କା ୭୨.୪ ଓଭରରେ ୬ ୱିକେଟ ହରାଇ ୨୨୯ ରନ କରିଛି। ସୋନାଲ ଦିନୁଶା ୭ ଏବଂ କେଶରା ନୁଓ୍ୱାନ୍ଥୁ ୩ ରନ କରି ଅପରାଜିତ ଅଛନ୍ତି। ଚତୁର୍ଥ ଦିନ, ଶ୍ରୀଲଙ୍କା ତା'ର ପ୍ରଥମ ଇନିଂସରେ ୨୬୫/୮ ସ୍କୋର ରୁ ଆରମ୍ଭ କରିଥିଲା। ସେମାନେ ପ୍ରାୟ ପାଞ୍ଚ ଓଭରରେ ୨୯୦ ରନରେ ଅଲଆଉଟ୍ ହୋଇଯାଇଥିଲେ। ସେଠାରୁ, ଟିମ୍ ଇଣ୍ଡିଆ ପାଖରେ ୨୧୩ ରନର ଲିଡ୍ ରହିଥିଲା। ଫଲୋଅନ ଏଡ଼ାଇ

ବିଜୟର ନିକଟତର ଟିମ୍ ଇଣ୍ଡିଆ

ପାରିଲାନି ଶ୍ରୀଲଙ୍କା। ଏହା ପରେ ଭାରତୀୟ ଅଧିନାୟକ ଶୁଭମନ ଗିଲ୍ ମଧ୍ୟ ଶ୍ରୀଲଙ୍କାକୁ ଫଲୋଅନ ଦେଇ ଦ୍ୱିତୀୟ ଇନିଂସରେ ବ୍ୟାଟିଂ ପାଇଁ ଆମନ୍ତ୍ରିତ କରିଥିଲେ। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସରେ ବହୁତ କିଛି କରିପାରି ନଥିଲା। ଏଠାରେ ମଧ୍ୟ ଦଳ ଶୀଘ୍ର ୱିକେଟ୍ ହରାଇଥିଲା। ପ୍ରଥମ ଝଟକା ଲାହିରୁ ଉଡାରା (୩) ରନ୍ ରେ ଆଉଟ ହୋଇଥିଲେ। ଏହା ପରେ ୬୩ ରନ୍ ରେ ଦ୍ୱିତୀୟ ୱିକେଟ୍ ପଡ଼ିଥିଲା। ୧୭୮ ରନ୍ ରେ ତୃତୀୟ ୱିକେଟ୍ ପତନ ପୂର୍ବରୁ ଇନିଂସ କିଛି ସମୟ ପାଇଁ ସ୍ଥିର ହୋଇଥିଲା। ପାସିନ୍ଦୁ ସୁରିୟାବଦରା ଏବଂ କାମିନ୍ଦୁ ମେଣ୍ଡିସ୍ ତୃତୀୟ ୱିକେଟ୍ ସୁଦ୍ଧା ୧୧୫ ରନ୍ ଯୋଡ଼ିଥିଲେ। ପାସିନ୍ଦୁ ଦଳର ସର୍ବାଧିକ ୯୨ ରନ୍ ର ଇନିଂସ ଖେଳିଥିଲେ, ଯେଉଁଥିରେ ୧୦ ଚୌକା ଏବଂ ୧ ଛକା ଅନ୍ତର୍ଭୁକ୍ତ ଥିଲା। ମେଣ୍ଡିସ୍ ୫୫ ରନ୍ କରିଥିଲେ। ଏହି ଭାଗୀଦାରି ପରେ, ଶ୍ରୀଲଙ୍କା ପୁଣି ଥରେ ସନ୍ତୁଳନ ହରାଇଥିଲା । ଦଳ ୨୦୯ ରନରେ ଚତୁର୍ଥ, ୨୧୨ ରନରେ ପଞ୍ଚମ ଏବଂ ୨୧୮ ରନରେ ଷଷ୍ଠ ୱିକେଟ ହରାଇଥିଲା। ଭାରତ ପାଇଁ ମାନବ ସୁଥାର ଦୁଇଟି ୱିକେଟ ନେଇଥିଲେ। ପ୍ରସିଦ୍ଧ କୃଷ୍ଣ, ମହମ୍ମଦ ସିରାଜ, ସରାଂଶ ଜୈନ ଏବଂ ରବିନ୍ଦ୍ର ଜାଡେଜା ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ଶେଷ ଦିନରେ ଶ୍ରୀଲଙ୍କା ଭାରତ ପାଇଁ କେତେ ଟାର୍ଗେଟ ରଖିପାରିବ ତାହା ଦେଖିବା ଆକର୍ଷଣୀୟ ହେବ।

ଆନ୍ଥୋନି ଯୁବା ଫୁଟ୍‌ବଲ୍ ଦଳର ସହଯୋଗୀ ପ୍ରଶିକ୍ଷକ

ନୂଆଦିଲ୍ଲୀ: ଇଷ୍ଟବେଙ୍ଗଲର ପ୍ରବନ୍ଧକ ଆନ୍ଥୋନୀ ଆଣ୍ଡ୍ରିଉଜ୍ ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟ୍‌ବଲ୍ ଦଳର ସହଯୋଗୀ ପ୍ରଶିକ୍ଷକ ଭାବେ ନିଯୁକ୍ତି ହୋଇଛନ୍ତି। ଜୋଆକିମ୍ ଆଲେକ୍‌ଜାଣ୍ଡରସନ୍ ପୂର୍ବ ଭଳି ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ରହିଛନ୍ତି। ଏକାଧିକ ଆଇଡବ୍‌ଲ୍ୟୁ ଟ୍ରଫି ଜିତିବାରେ ଆନ୍ଥୋନୀ ଏକ ମାତ୍ର ପ୍ରଶିକ୍ଷକ। ନିଯୁକ୍ତି ପରେ ସେ ଏକାସାଙ୍ଗରେ ଉଭୟ କ୍ଲବ୍ ଓ ଦେଶର ଦାୟିତ୍ୱ ତୁଲାଇବେ। ଆଇଡବ୍‌ଲ୍ୟୁଏଲ୍‌ର ସବୁଠୁ ସଫଳ ପ୍ରଶିକ୍ଷକ ଆନ୍ଥୋନୀ ୪ ଥର ଟ୍ରଫି ଜିତିବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କ ପ୍ରଶିକ୍ଷରେ ଗୋକୁଳମ କେରଳ ଏଫ୍ ୨୦୨୧-୨୧, ୨୦୨୨-୨୩ରେ ଲଗାତାର ୨ ଥର ବିଜେତା ହୋଇଥିଲା। ବେଳେ ଇଷ୍ଟବେଙ୍ଗଲ ୨୦୨୪-୨୫ ଓ ୨୦୨୫-୨୬ରେ ଲଗାତାର ୨ଥର ଟ୍ରଫି ହାତେଇଥିଲା। ଅକ୍ଟୋବରରେ ଏଏଫ୍‌ସି ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍ ୨୦୨୭ର ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ତାସ୍‌କେଣ୍ଟରେ ଉଜବେକିସ୍ତାନ ବିପକ୍ଷ ୨ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ବେଳେ ସେ ଭାରତୀୟ ଦଳ ସହ ଯୋଗଦେବେ। ଏହା ସହ ଇଷ୍ଟବେଙ୍ଗଲ ସହ ମଧ୍ୟ କାର୍ଯ୍ୟ ଜାରି ରଖିବେ।

ଆଘାତ ସତ୍ତ୍ୱେ ବୋଲିଂକୁ ଫେରିଲେ ସିରାଜ

କଲମ୍ବୋ: ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟର ଚତୁର୍ଥ ଦିନରେ ଭାରତକୁ ବଡ଼ ଝଟକା ଲାଗିଥିଲେ ମଧ୍ୟ ଶେଷରେ ଆଶ୍ୱସ୍ତି ମିଳିଛି। ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ କ୍ୟାଚ୍ ଧରିବା ବେଳେ ଛାତିରେ ଆଘାତ ପାଇ ପଡ଼ିଆ ଛାଡ଼ିଥିଲେ। ତେବେ ଚିକିତ୍ସା ପରେ ସେ ପୁଣି ପଡ଼ିଆକୁ ଫେରି ଭାରତ ପାଇଁ ବୋଲିଂ କରିଥିଲେ। ଚତୁର୍ଥ ଦିନର ପ୍ରଥମ ସେସନରେ ଶ୍ରୀଲଙ୍କାର ଦ୍ୱିତୀୟ ଇନିଂସର ୧୧ତମ ଓଭରରେ ଏହି ଘଟଣା ଘଟିଥିଲା। ମାନବ ସୁଥାରଙ୍କ ବୋଲିଂରେ ଶ୍ରୀଲଙ୍କା ଯୁବ ବ୍ୟାଟର ପାସିନ୍ଦୁ ସୂରିଆବଦରାଙ୍କ କ୍ୟାଚ୍ ନେବାକୁ ଯାଇ ସିରାଜ ଭାରସାମ୍ୟ ହରାଇ ଛାତି ଉପରେ ପଡ଼ିଥିଲେ। ଯନ୍ତ୍ରଣା ଅନୁଭବ କରିବାରୁ ବିସିସିଆଇର ମେଡିକାଲ ଟିମ୍ ତୁରନ୍ତ ପଡ଼ିଆକୁ ଆସିଥିଲା। ଆଘାତ ଯୋଗୁଁ କିଛି ସମୟ ପାଇଁ ସିରାଜ ପଡ଼ିଆ ବାହାରକୁ ଯାଇଥିଲେ। ତେବେ ତାଙ୍କ ଫିଟ୍‌ନେସ୍‌କୁ ନେଇ ଆଶଙ୍କା ମଧ୍ୟରେ ସେ ପୁଣି ଦ୍ୱିତୀୟ ସେସନର ଶେଷ ଭାଗରେ ବୋଲିଂ କରିବାକୁ ଫେରିଥିଲେ। ଏହା ଭାରତୀୟ ଦଳ ପାଇଁ ଆଶ୍ୱସ୍ତିର କାରଣ ହୋଇଛି।ଏହି ଟେଷ୍ଟରେ ଭାରତ ଶ୍ରୀଲଙ୍କାକୁ ଫଲୋଅନ୍ ଦେଇଛି। ଦୁଇ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୨-୦ରେ ଜିତିବା ସହ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ୨୦୨୫-୨୭ ଚକ୍ରରେ ନିଜ ସ୍ଥିତି ମଜବୁତ କରିବା ଲକ୍ଷ୍ୟରେ ରହିଛି ଟିମ୍ ଇଣ୍ଡିଆ।

ବାରମ୍ବାର ଡିଆର୍‌ଏସ୍‌ରେ ଫେଲ୍ ରବୀନ୍ଦ୍ର ଜାଡ଼େଜା

ନୂଆଦିଲ୍ଲୀ : ଡିସିସନ ରିଭ୍ୟୁ ସିଷ୍ଟମ ବା ଡିଆରଏସ୍‌କୁ ରବୀନ୍ଦ୍ର ଜାଡେଜାଙ୍କ ଦୁସ୍ୱପ୍ନ ଜାରି। ଟେଷ୍ଟ କ୍ରିକେଟରେ ଜଣେ ବୋଲର ଭାବେ ଜାଡେଜା ବାରମ୍ବାର ଡିଆରଏସ୍‌ରେ ଫେଲ ମାରିବାରେ ଲାଗିଛନ୍ତି। ଶ୍ରୀଲଙ୍କା ବିପକ୍ଷ କଲୋମ୍ବୋ ଟେଷ୍ଟରେ ଜାଡେଜାଙ୍କ ସହ ପୁଣି ଡିଆରଏସ୍ ବିଫଳତା ଦେଖିବାକୁ ମିଳିଛି। ଏହାକୁ ମିଶାଇ ଟେଷ୍ଟ କ୍ରିକେଟର ବୋଲିଂ ବେଳେ ଜାଡେଜା ନେଇଥିବା ଡିଆରଏସ୍‌ରେ କ୍ରମାଗତ ୨୨ଥର ପାଇଁ ଫେଲ ମାରିଛନ୍ତି। ସେ ୨୨ ଥର ଡିଆରଏସ୍ ନେଇଥିବା ବେଳେ କୌଣସି ଗୋଟିଏରେ ମଧ୍ୟ ଅମ୍ପାୟାରଙ୍କ ନିଷ୍ପତ୍ତି ବଦଳି ନାହିଁ। ଅର୍ଥାତ ୨୨ଟି ରିଭ୍ୟୁରେ ଜାଡେଜାଙ୍କ ମିଳିଛି ଶୂନ ସଫଳତା। ମଙ୍ଗଳବାର ଜାଡେଜା ବୋଲିଂ କରିବା ସମୟରେ କେଶରା ନୁଓ୍ୱାନ୍ଥୁଙ୍କ ପ୍ୟାଡରେ ବଲ ମାଡ଼ ହୋଇଥିଲା। ସେ ଅପିଲ କରିଥିଲେ ହେଁ ଅମ୍ପାୟାର ଆଉଟ ଦେଇ ନଥିଲେ। ଅଧିନାୟକ ଶୁବମନ ଗିଲ ମଧ୍ୟ ଡିଆରଏସ୍ ନେବା ମୁଡରେ ନଥିଲେ। କିନ୍ତୁ ଜାଡେଜା ତାଙ୍କୁ ଡିଆରଏସ୍ ନେବାକୁ ବାଧ କରିଥିଲେ। କିନ୍ତୁ ରିପ୍ଲେରୁ ଜଣାପଡ଼ିଥିଲା ଯେ ବଲଟି ବ୍ୟାଟର ବ୍ୟାଟ୍‌ରେ ମାଡ଼ ହୋଇ ପ୍ୟାଡରେ ଲାଗିଥିଲା। ଫଳରେ ଭାରତକୁ ରିଭ୍ୟୁ ହରାଇବାକୁ ପଡ଼ିଥିଲା। ଜାଡେଜା ଶେଷ ଥର ପାଇଁ ଜଣେ ବୋଲର ଭାବେ ରିଭ୍ୟୁରେ ସଫଳତା ୩ ବର୍ଷ ତଳେ ପାଇଥିଲେ। ୨୦୨୩ ଜୁଲାଇରେ ସେ ୱେଷ୍ଟଇଣ୍ଡିଜର କେମାର ରୋଚଙ୍କୁ ଡିଆରଏସ୍ ଦ୍ୱାରା ପ୍ୟାଭିଲିୟନ ପଠାଇବାକୁ ସକ୍ଷମ ହୋଇଥିଲେ। ରୋଚଙ୍କୁ ବାସ୍ତବରେ ଅମ୍ପାୟାର ଆଉଟ ଦେଇ ନଥିଲେ। ହେଲେ ଜାଡେଜା ଅଧିନାୟକଙ୍କୁ ରାଜି କରାଇ ରିଭ୍ୟୁ ନେଇଥିଲେ। ରିପ୍ଲେ ବେଳେ ଜାଡେଜାଙ୍କୁ ସଫଳତା ମିଳିଥିଲା ଓ ରୋଚ୍ ଆଉ ହୋଇଥିଲେ। କିନ୍ତୁ ସେବେଠାରୁ ଜାଡେଜା ବୋଲିଂ ବେଳେ ନେଇଥିବା ଡିଆରଏସ୍‌ରେ ଆଦୌ ସଫଳତା ମିଳି ନାହାନ୍ତି। ୨୦୨୩ ଜୁଲାଇ ଠାରୁ ଇତି ମଧ୍ୟରେ ଜାଡେଜାଙ୍କ ବୋଲିଂ ବେଳେ ଭାରତ ୨୨ଥର ରିଭ୍ୟୁ ନେଇଛି। ହେଲେ କୌଣସି ଗୋଟିଏରେ ବି ସଫଳତା ପାଇନାହିଁ। ୨୨ଟି ମଧ୍ୟରୁ ୪ଟି ରିଭ୍ୟୁ ଅମ୍ପାୟାରଙ୍କ କଲ୍ ହୋଇଥିବା ବେଳେ ବାକି ୧୮ ଥର ଭାରତ ରିଭ୍ୟୁ ହରାଇଛି। ଜାଡେଜାଙ୍କ ଡିଆରଏସ୍ ବିଫଳତାକୁ ନେଇ ଏବେ ସୋଶାଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି। ଜାଡେଜା ଡିଆରଏସ୍‌ରେ ଫେଲ ମାରୁ ଥିଲେ ହେଁ ଜଣେ ଅଲରାଉଣ୍ଡର ଭାବେ ନିଜର ଦବଦବା ଜାରି ରଖିଛନ୍ତି। ସେ ଭାରତର ପ୍ରଥମ ବାମହାତୀ ବୋଲର ଭାବେ ଦେଶ ପାଇଁ ଟେଷ୍ଟ କ୍ରିକେଟରେ ୩୫୦ କିମ୍ବା ତା'ଠାରୁ ଅଧିକ ୱିକେଟ ନେଇଛନ୍ତି। ତାଙ୍କୁ ପଛକୁ ଜହିର ଖାନ ୩୧୧ ୱିକେଟ ସହ ରହିଛନ୍ତି। ୩୭ ବର୍ଷୀୟ ଜାଡେଜା ୫ମ ଭାରତୀୟ ଭାବେ ୩୫୦ରୁ ଅଧିକ ୱିକେଟ ନେବାର ଅଧିକାରୀ ହୋଇଛନ୍ତି। ଏହି ତାଲିକାର ୧ ନମ୍ବର ସ୍ଥାନରେ ଅନିଲ କୁମ୍ବଲେ(୬୧୯), ଦ୍ୱିତୀୟ ସ୍ଥାନରେ ରବିଚନ୍ଦ୍ରନ ଅଶ୍ୱିନ(୫୩୭), ତୃତୀୟ ସ୍ଥାନରେ କପିଲ ଦେବ(୪୩୪) ଓ ୪ର୍ଥ ସ୍ଥାନରେ ହରଭଜନ ସିଂହ(୪୧୭) ରହିଛନ୍ତି।

୨ୟ ଟେଷ୍ଟ : ଇଂଲଣ୍ଡ ଦଳରୁ କାର୍ସ ବାଦ୍

ଲଣ୍ଡନ:ଡର୍ବିରେ ଘଟିଥିବା ଏକ ପଡ଼ିଆ ବାହାର ଘଟଣା ପରେ ଲର୍ଡସରେ ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ ଇଂଲଣ୍ଡ ଦଳରୁ ଦ୍ରୁତ ବୋଲର ବ୍ରାଇଡନ୍ କାର୍ସଙ୍କୁ ବାଦ୍ ଦିଆଯାଇଛି। ପାକିସ୍ତାନ-ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟେଷ୍ଟ ଶୃଙ୍ଖଳାର ୨ୟ ଟେଷ୍ଟ ୨୭ରୁ ଲର୍ଡସରେ ଖେଳାଯିବ। ଏଥିପାଇଁ ଇଂଲଣ୍ଡ ୱେଲ୍‌ସ କ୍ରିକେଟ ବୋର୍ଡ ପକ୍ଷରୁ ମଙ୍ଗଳବାର ମନୋନୀତ ୧୫ ଜଣିଆ ଦଳରୁ ଦ୍ରୁତ ବୋଲର ବ୍ରାଇଡେନ କାର୍ସଙ୍କୁ କାଢ଼ି ଦିଆଯାଇଛି। ନାଇଟ୍ କ୍ଲବ୍‌ରେ ଗଣ୍ଡଗୋଳରେ ସମ୍ପୃକ୍ତି ଓ ଗିରଫ ହୋଇଥିବାରୁ ଇସିବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାର୍ସଙ୍କୁ ୨ୟ ଟେଷ୍ଟ ଦଳରୁ ବାଦ୍ ଦେ

ମହାକାଳପଡା ବିଧାନସଭା କ୍ଷେତ୍ରରେ ଏସଆଇଆର୍‌ରୁ ଯୋଗ୍ୟ ଭୋଟର ବାଦ୍‌ପଡିବା ଅଭିଯୋଗ

ଯୋଗ୍ୟ ଭୋଟରଙ୍କୁ ତାଲିକାଭୂକ୍ତ କରାଯିବାକୁ ଜିଲ୍ଲାପାଳଙ୍କୁ ବିଜେଡିର ଦାବି

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ଓଡିଶାରେ ଏସଆଇଆର ତାଲିକା ସଂଶୋଧନ କାର୍ଯ୍ୟ ଚାଲିଥିବା ବେଳେ ମହାକାଳପଡା ବିଧାନସଭା କ୍ଷେତ୍ରରେ ଏହି କାର୍ଯ୍ୟ ସଠିକ ଭାବରେ କରାଯାଉନାହିଁ । ଯୋଗ୍ୟ ଭୋଟର ଜିବୀତ ମହାକାଳପଡା ଓ ମାର୍ଶାଘାଇ ବ୍ଲକର ଏଏସଡିଡି ପ୍ରକାଶିତ ତାଲିକାରୁ ଯୋଗ୍ୟ ବ୍ୟକ୍ତିଙ୍କ ନାମ ବାଦ ଦିଆଯିବାର ଯୋଜନା ଚାଲିଛି । ବର୍ଷ ବର୍ଷ ଧରି ସ୍ଥାୟୀ ଭାବେ ବସବାସ କରି ଆସୁଥିବା ବ୍ୟକ୍ତି ବା ଭୋଟରମାନଙ୍କୁ ଅନ୍ୟତ୍ର ଥିବା କର୍ମା ମୃତ ଦର୍ଶାଯାଇ ତାଲିକାରୁ ବାଦ ଦିଆଯାଉଥିବା ମନ୍ତ୍ରୀ ଶ୍ରୀ ନାୟକ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଜିଲ୍ଲାରେ ମୋଟ ୬୦ହଜାର ଭୋଟରଙ୍କ ନାମ ବାଦ ପଡିଥିବା ବେଳେ ମହାକାଳପଡା ନିର୍ବାଚନ ମଣ୍ଡଳୀରେ କେବଳ ୩୦ହଜାର ୨୮୫ଜଣଙ୍କ ନାମ କଟିଛି। ସେହିଭଳି ସାରା ଜିଲ୍ଲାରେ ଅନୁପସ୍ଥିତ ବା ସ୍ଥାନାନ୍ତର କାରଣରୁ ୨୭ହଜାର ଲୋକଙ୍କ ନାମ ବାଦ ଦିଆଯାଇଥିବା ବେଳେ ମହାକାଳପଡା ନିର୍ବାଚନ ମଣ୍ଡଳୀରେ ୯ହଜାର ୯୩୧ଜଣଙ୍କ ନାମ ବାଦ ପଡିଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି। ବିଜେପି ଦଳର ନେତା ଓ କର୍ମୀମାନେ ବିଏଲଓଙ୍କ ଉପରେ ଚାପ ପ୍ରୟୋଗ କର ଯୋଗ୍ୟ ଭୋଟରମାନଙ୍କ ନାମ ବାଦ ଦେବାପାଇଁ ଫର୍ମ-୭ ଜରିଆରେ ଆବେଦନ ଦାଖଲ କରୁଥିବା ଅଭିଯୋଗ ହୋଇଛି । ମହାକାଳପଡା ବ୍ଲକର ବଡଦାଣ୍ଡୁଆ ପଞ୍ଚାୟତର ବଗଗହନ ଓ ରାଜଗଡ ପଞ୍ଚାୟତ ଏବଂ ମାର୍ଶାଘାଇ ବ୍ଲକର ହିନ୍ଦୁଜିଆ ପଞ୍ଚାୟତରେ ଏଭଳି କରାଯାଉଥିବା ଅଭିଯୋଗ ହୋଇଛି । ଏହାର ତଥ୍ୟ ଓ ପ୍ରମାଣ ରହିଥିବା ମନ୍ତ୍ରୀ ଶ୍ରୀ ନାୟକ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି। ଜଣେ ଜଣେ ଲୋକ ୪୬ଜଣଙ୍କ ନାମ ଭୋଟର ତାଲିକାରୁ କାଟିବା ପାଇଁ ଫର୍ମ ନଂ- ୭ରେ ବିଏଲଓଙ୍କ ପାଖରେ ଆବେଦନ କରୁଥିବା ଅଭିଯୋଗ ହୋଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଲ, ବରିଷ୍ଠ ବିଜେଡି ନେତା ବିଜୟ କୁମାର ଜେନା, ଜିଲ୍ଲା ପରିଷଦ ସଭ୍ୟ ଅନିରୁଦ୍ଧ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲ, ଜିଲ୍ଲା ପରିଷଦ ସଭ୍ୟା ଦୁର୍ଗାବତୀ ପ୍ରଧାନ, ସରପଞ୍ଚ ମମତା ସାମଲ, ସରପଞ୍ଚ ଅରବିନ୍ଦ ଜେନା, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ରଥ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ନଳିନୀ ପ୍ରଭା ଚୌଧୁରୀ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ କବିତା ମଲ୍ଲିକ, ସୁରଭି ଜେନା, କୈଳାସ ରାଉତ, ମନୋଜ ପାତ୍ର, ରବିନ୍ଦ୍ର ପାଲ, ସୁରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କୁ ସଂକ୍ରାନ୍ତରେ ସମସ୍ତ ଦସ୍ତାବିଜ ସହିତ ଦାବିପତ୍ର ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରଦାନ କରିବା ସହିତ ଅଭିଯୋଗର ନିରପେକ୍ଷ ଓ ନିଷ୍ପକ୍ଷ ତଦନ୍ତ ପୂର୍ବକ ବିଏଲଓମାନଙ୍କୁ ଚାପମୁକ୍ତ କରାଯାଇ ପ୍ରକୃତ ଯୋଗ୍ୟ ଭୋଟରମାନଙ୍କ ନାମ ଯାଞ୍ଚ କରି ସଠିକ ଭାବେ ତାଲିକା ଭୁକ୍ତ କରିବାକୁ ଦାବି କରିଛନ୍ତି । ଅନ୍ୟାୟ ଭାବେ ଯୋଗ୍ୟ ନାଗରିକଙ୍କ ନାମ ବାଦ ଦିଆନଯାଇ ସଠିକ ଭୋଟର ତାଲିକା ପ୍ରକାଶ କରାଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି ।

ଦେଓ କେନାଲ ପୋଲରେ ବଡ଼ଖାଲ

ମରଣଯନ୍ତା ପାଲଟିଛି ୨୨୦ ଜାତୀୟ ରାଜପଥ

ବାରିପଦା /ସାହାରପଡା (ଅମୃତ ମିଡିଆ) : କେନ୍ଦୁଝର ଜିଲ୍ଲା, ସାହାରପଡା ବ୍ଲକ, ଗୋରାଣ୍ଡିଯୋଡି ଛକ ନିକଟସ୍ଥ ୨୨୦ ନମ୍ବର ଜାତୀୟ ରାଜପଥର ଦେଓ କେନାଲ ପୋଲ ଏବେ ଯାତାୟାତ ପାଇଁ ବିପଦସଙ୍କୁଳ ହୋଇ ପଡ଼ିଛି । ପୋଲ ଅଞ୍ଚଳରେ ରାସ୍ତା ଦବିଯାଇ ବାରମ୍ବାର ବଡ଼ ବଡ଼ ଗାତ ସୃଷ୍ଟି ହେଉଥିବାରୁ ଦୁର୍ଘଟଣାର ଆଶଙ୍କା ବଢ଼ିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ରାଜପଥକୁ ବିଭିନ୍ନ ସମୟରେ ଖୋଳା ଯାଇ କାମ କରାଯିବା ପରେ ପୋଲ ନିର୍ମାଣ ହୋଇଥିଲା । ତେବେ ନିର୍ମାଣ ପରେ ମଧ୍ୟ ଏଠାରେ ରାସ୍ତା ଦବିଯାଇ ଗାତ ସୃଷ୍ଟି ହେବା ଏକ ନିୟମିତ ସମସ୍ୟାରେ ପରିଣତ ହୋଇଛି । ଏବେ ମଧ୍ୟ ରାସ୍ତା ମଝିରେ ବଡ଼ ଗାତ ହୋଇଥିବା ଦେଖିବାକୁ ମିଳୁଛି । ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସ୍ଥାନୀୟ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ଗାତ ମଧ୍ୟରେ ଇଟା ଓ ପଥର ପକାଇବା ସହ ଉପରେ ଡାଳପତ୍ର ରଖି ଯାତ୍ରୀମାନଙ୍କୁ ସତର୍କ କରିବାକୁ ଚେଷ୍ଟା କରିଛନ୍ତି । ହେଲେ ଏତେ ବଡ଼ ବିପଦ ସଙ୍କେତ ଥିବା ସତ୍ତ୍ୱେ ଜାତୀୟ ରାଜପଥ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ସ୍ଥାୟୀ ମରାମତି କିମ୍ବା ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରା ଯାଇନଥିବାର ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଏହି ରାସ୍ତା ଦେଇ ନିୟମିତ ଭାବେ ଭାରୀ ଟ୍ରକ୍ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ କରୁଥିବାରୁ ରାସ୍ତା ଉପରେ ଅଧିକ ଚାପ ପଡୁଛି । ଫଳରେ ପୋଲ ଅଞ୍ଚଳରେ ରାସ୍ତା ଦବିବା ଓ ଗାତ ସୃଷ୍ଟି ହେବା ସମସ୍ୟା ବଢୁଥିବା ସ୍ଥାନୀୟ ଲୋକେ କହିଛନ୍ତି । ଦିନରାତି ଏହି ରାସ୍ତାରେ ଶହଶହ ଯାନବାହନ ଚଳାଚଳ କରୁଥିବାରୁ,ଯଦି ତୁରନ୍ତ ଗାତଟି ମରାମତି କରାନଯାଏ, ତେବେ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି । ତେଣୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ଗାତକୁ ସ୍ଥାୟୀ ଭାବେ ମରାମତି କରିବା ସହ ଆବଶ୍ୟକ ସତର୍କତା ମୂଳକ ସୂଚନା ଓ ସୁରକ୍ଷା ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି ।

ମହିଳା ସରପଞ୍ଚଙ୍କ ଅକାଳ ବିୟୋଗ

ଚିଲିକା (ଅମୃତ ମିଡିଆ) : ଚିଲିକା ବ୍ଲକ ଅନ୍ତର୍ଗତ କୁମାଣ୍ଡୋଳ ପାଟଣା ଗ୍ରାମ ପଞ୍ଚାୟତର ମହିଳା ସରପଞ୍ଚ ସବିତା ସୁନ୍ଦରାୟଙ୍କର ଅକାଳ ବିୟୋଗ ସମଗ୍ର ଅଞ୍ଚଳରେ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି ।ସେ କିଛି ଦିନ ଧରି ଦୂରାରୋଗ୍ୟ ରୋଗରେ ପୀଡିତ ଥାଇ ଅସୁସ୍ଥ ଥିଲେ ।ଜଣେ ଲୋକପ୍ରିୟ ସରପଞ୍ଚ ଭାବରେ ସେ ଏ ଅଞ୍ଚଳରେ ଜଣାଶୁଣା ଥିଲେ । ପଦବୀରେ ଥାଇ ତାଙ୍କର ଅକାଳ ବିୟୋଗ ଗ୍ରାମପଞ୍ଚାୟତର ପ୍ରଶାସନିକ କାର୍ଯ୍ୟରେ ସମସ୍ୟା ସୃଷ୍ଟି କରିବ ବୋଲି ଚର୍ଚ୍ଚା ହେଉଛି । ଶ୍ରୀ ମତୀ ସୁନ୍ଦରାୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାତ କୁମାର ସୁନ୍ଦରାୟଙ୍କର ସହଧର୍ମିଣୀ । ମୃତ୍ୟୁ ଶଯ୍ୟା ନିକଟରେରେ ସ୍ୱାମୀ ପ୍ରଭାତ ସୁନ୍ଦରାୟ, ପୁତ୍ର ତନ୍ମୟ, ପୁତ୍ର ବଧୂ, କନ୍ୟା ଶର୍ମିଳା ଏବଂ ପରିବାର ବର୍ଗ ଉପସ୍ଥିତ ଥିଲେ । ତାଙ୍କ ମର ଶରୀରକୁ ପୁରୀ ସ୍ୱର୍ଗ ଦ୍ୱାରକୁ ନିଆଯାଇ ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ପୁତ୍ର ତନ୍ମୟ ମୁଖାଗ୍ନି ଦେଇଥିଲେ ।ସବିତା ସୁନ୍ଦରାୟଙ୍କ ବିୟୋଗରେ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ‘ ‘ଜାଗୃତିକା’ର ଉପଦେଷ୍ଟା ଗାୟକ ଦକ୍ଷାଶ କେଶରୀ ରାମଚନ୍ଦ୍ର କର, ସଭାପତି ପ୍ରାଧାପକ ଗଙ୍ଗାଧର ପ୍ରଧାନ, ସାମ୍ବାଦିକ ଭିକାରୀ ଚରଣ ପ୍ରଧାନ, ଯୁବଜ୍ୟୋତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଆଶିଷ କୁମାର ପତି ଓ ଶିକ୍ଷକ ଦୁଃଯ୍ୟୋଧନ ପ୍ରଧାନ ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି ।

ସ୍ୱାମୀ-ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ପରେ ଜୀବନରୁ ମାରିଦେବାକୁ ଧମକ ଅଭିଯୋଗ

ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) : ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ପଶ୍ଚିମଖଣ୍ଡୋଳ ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ଉକ୍ତ ଗ୍ରାମର ଯମୁନା ମଲିକଙ୍କ ଅଭିଯୋଗ ଅନୁଯାୟୀ ତାଙ୍କର ୧୦ବର୍ଷର ଜନୈକା କନ୍ୟାକୁ ତା.୧୦.୦୭.୨୦୨୬ରିଖରେ ତାଙ୍କ ଦେଢଶ୍ୱଶୁର(କନ୍ୟାଙ୍କ ଜେଜେ) ଦୁଷ୍କର୍ମ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ଜନୈକା କନ୍ୟା ଜୋରରେ ପାଟି କରିବାରୁ ତାଙ୍କ ମାଆ ଯମୁନା ଦୌଡ଼ି ଯାଇ ତାଙ୍କୁ ଉଦ୍ଧାର କରିଥିଲେ । ଉକ୍ତ ଘଟଣା ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନାରେ ଯମୁନାଙ୍କ ଅଭିଯୋଗ ପରେ ଥାନା ପକ୍ଷରୁ ୨୨୩/୨୦୨୬ରେ ଏକ ମାମଲା ରୁଜୁ କରାଯାଇ ଜେଜେଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । କିନ୍ତୁ ଦେଢଶ୍ୱଶୁର କିଛି ଦିନ ହେବ ଜେଲରୁ ଆସିବା ପରେ ଉକ୍ତ କେସକୁ ଆପୋଷ ଭିତରେ ସମାଧାନ କରିବା ପାଇଁ ଯମୁନା ଏବଂ ଗଣେଶକୁ ବାଧ କରିଥିଲେ । କିନ୍ତୁ ଯମୁନା ଏବଂ ଗଣେଶ ତାଙ୍କ କଥାରେ ରାଜି ନହେବାରୁ ଦେଢଶ୍ୱଶୁର ଏବଂ ତାଙ୍କ ପରିବାର ସଂଘବଦ୍ଧ ଭାବେ ମିଳିମିଶି ଯମୁନା ଏବଂ ଗଣେଶକୁ ବିଭିନ୍ନ ପ୍ରକାର ଗାଳିଗୁଲଜ କରିବା ସହ ମାରାଣାସ୍ତ୍ର ସାହାଯ୍ୟରେ ଦୁଇ ଜଣଙ୍କୁ ଆକ୍ରମଣ କରିବା ସହିତ, ଯମୁନାଙ୍କ ମୋବାଇଲ ଫୋନ୍, ତାଙ୍କ କନ୍ୟାଙ୍କ ସାଇକେଲ ଛଡ଼ାଇ ନେଇଯାଇଥିବା ବେଳେ ଜନୈକା କନ୍ୟା ଏବଂ ଯମୁନା, ଗଣେଶଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିବା ଅଭିଯୋଗ ହୋଇଛି । ଏପରିକି ଦେଢଶ୍ୱଶୁରଙ୍କ ପରିବାର ମିଳିମିଶି ଆକ୍ରମଣ କରିବାରୁ ଯମୁନା ଓ ଗଣେଶ ଗୁରୁତର ଭାବେ ଆହତ ହୋଇ ପ୍ରଥମେ ନିଶ୍ଚିନ୍ତକୋଇଲି ମେଡ଼ିକାଲ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ମେଡ଼ିକାଲରେ ଚିକିତ୍ସିତ ହୋଇ ଫେରିଛନ୍ତି । କିନ୍ତୁ ଫେରିବା ପରେ ନିଜ ଜୀବନ ପ୍ରତି ବିପଦ ଥିବାରୁ ସେ ତାଙ୍କ ଘରକୁ ନଯାଇ ନିଶ୍ଚିନ୍ତକୋଇଲି ଥାନାରେ ବସି ରହିଥିଲେ କିନ୍ତୁ ଥାନା ପକ୍ଷରୁ ଥାନାରେ ବସିବା ପାଇଁ ଥାନା ବାବୁମାନେ ମନା କରିବାରୁ ଯମୁନା ବାଧ ହୋଇ ଗୁରୁତର ଆହତ ଥିବା ସ୍ୱାମୀ ଗଣେଶ ମଲିକଙ୍କୁ ଧରି ନିଶ୍ଚିନ୍ତକୋଇଲି ମେଡ଼ିକାଲରେ ରିପୋର୍ଟ ଲେଖା ହେଲା ବେଳକୁ ବସି ରହିଥିଲେ । ଏପରିକି ଏହି ଅବସ୍ଥାରେ ଯମୁନା, ଗଣେଶ ଏବଂ ତାଙ୍କ କନ୍ୟା ଭୟଭୀତ ଅବସ୍ଥାରେ ରହିଥିବା ପ୍ରକାଶ କରିଛନ୍ତି । ଆଇନ ପ୍ରଶାସନ ତରଫରୁ ଯମୁନାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଯମୁନା ଦୃଢ ଦାବି କରିଛନ୍ତି । ଉକ୍ତ ଘଟଣାର ଅଭିଯୋଗ ପରେ ନିଶ୍ଚିନ୍ତକୋଇଲି ଥାନା ପକ୍ଷରୁ ୩୨୩/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଜଣାଯାଇଛି । ତେବେ ଉକ୍ତ ଘଟଣାରେ ଯମୁନା, ଗଣେଶ ଓ ତାଙ୍କ କନ୍ୟାଙ୍କୁ କି ପ୍ରକାର ନ୍ୟାୟ ମିଳୁଛି ତାହାହିଁ ଦେଖିବାକୁ ବାକି ରହିଲା ।

‘ବିକଶିତ ଭାରତ ଯୁବା କନେକ୍ଟ – ସ୍ପୋର୍ଟସ୍ ଏଡିସନ୍’

ଯାଜପୁର (ଅମୃତ ମିଡିଆ) : ଆସନ୍ତା ୨୭ ଅଗଷ୍ଟରେ ଯାଜପୁର ହରିପୁରସ୍ଥିତ ଭାରତୀ ବିହାର ମହାବିଦ୍ୟାଳୟ ପରିସରରେ ‘ବିକଶିତ ଭାରତ ଯୁବା କନେକ୍ଟ – ସ୍ପୋର୍ଟସ୍ ଏଡିସନ୍’ ଅନୁଷ୍ଠିତ ହେବାକୁ ଯାଉଛି । ମେରା ଯୁବା ଭାରତ , ଯାଜପୁର ଏବଂ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖାର ମିଳିତ ସହଯୋଗରେ ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ (୨୯ ଅଗଷ୍ଟ)କୁ ଆଧାର କରି ଦେଶବ୍ୟାପୀ ଯୁବ ସହଭାଗିତା ଓ କ୍ରୀଡ଼ାର ବିକାଶ ପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଭାବେ ୨୭ ଅଗଷ୍ଟ ପୂର୍ବାହ୍ନ ୧୦ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିର୍ଚୁଆଲ୍ ମାଧ୍ୟମରେ ଦେଶର ୧,୬୦୦ଟି ସ୍ଥାନରେ ଉପସ୍ଥିତ ୮ ଲକ୍ଷରୁ ଅଧିକ ଯୁବକଙ୍କୁ ସମ୍ବୋଧିତ କରିବେ। ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ମହାବିଦ୍ୟାଳୟ ପରିସରରେ ‘ଯୁବ ସମ୍ବାଦ’ ଆୟୋଜିତ ହେବ। ‘ଯୁବ ସମ୍ବାଦ’ ଏବଂ ୧୫ ମିନିଟ୍‌ର ‘ଯୁବ ସମ୍ବାଦ’ ଅନୁଷ୍ଠିତ ହେବ । ନିଶ୍ଚିନ୍ତକୋଇଲି ଥାନା ପକ୍ଷରୁ ୩୨୩/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଜଣାଯାଇଛି । ତେବେ ଉକ୍ତ ଘଟଣାରେ ଯମୁନା, ଗଣେଶ ଓ ତାଙ୍କ କନ୍ୟାଙ୍କୁ କି ପ୍ରକାର ନ୍ୟାୟ ମିଳୁଛି ତାହାହିଁ ଦେଖିବାକୁ ବାକି ରହିଲା ।

ରାଜ୍ୟସ୍ତରୀୟ ଦଶଦିନାତ୍ମକ ଗୋସ୍ୱାମୀ ତୁଳସୀଦାସ ଜୟନ୍ତୀ ଓ ମାନସ ମହୋତ୍ସବ ଉଦ୍‌ଯାପିତ

ଫୁଲନଖରା (ଅମୃତ ମିଡ଼ିଆ) : ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ନିଖିଳୋତ୍କଳ ପ୍ରବକ୍ତା ପରିଷଦର ମିଳିତ ସହଯୋଗରେ ପାଗା ଗୋପୀନାଥପୁର ସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀବାଲୁକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗତ ଅଗଷ୍ଟ ୧୬ ତାରିଖରୁ ଆରମ୍ଭ ହୋଇଥିବା ଦଶଦିନାତ୍ମକ ରାଜ୍ୟସ୍ତରୀୟ ସନ୍ଥ ତୁଳସୀ ଦାସ ଜୟନ୍ତୀ ଓ ଶ୍ରୀରାମ ଚରିତମାନସ ମହୋତ୍ସବ ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ବ୍ରହ୍ମଚାରୀ ସନ୍ତୋଷ ତିତନ୍ୟ ଜୀ ମୁଖ୍ୟ ଅତିଥି, ପ୍ରବକ୍ତା ପଣ୍ଡିତ ପଦ୍ମନାଭ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଜ୍ୟୋତିର୍ବିଦ ଦିବାକର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ହୃଷୀକେଶ ରଥ, କେନ୍ଦ୍ରାପଡ଼ା, ରାମାୟଣୀ ଅନନ୍ତରାମ ଖୁଟୁଲା, ବରଗଡ଼, ରାମାୟଣୀ ଅର୍ଜୁନ ନାଥ, ଯାଜପୁର, ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ଭଦ୍ରକ, ତ୍ରିଦଣ୍ଡି ସ୍ୱାମୀ ସଚ୍ଚିଦାନନ୍ଦ ଦାସ, ଗଞ୍ଜାମ ଏବଂ ମୟୂରଭଞ୍ଜର ପଣ୍ଡିତ ଭାଗବତ ପଣ୍ଡାଙ୍କୁ ‘ତୁଳସୀ ସମ୍ମାନ -୨୦୨୬’ ରେ ସମ୍ମାନିତ କରାଯାଇଥିଲା। ଏତଦ ବ୍ୟତୀତ ଅଗ୍ରଣୀ ଆଧ୍ୟାତ୍ମିକ ପତ୍ରିକା ‘ ଦିବ୍ୟାଲୋକ ସଂଧାନେ ’ ତରଫରୁ ଏଗାର ଜଣ ଶ୍ରୋତାଙ୍କୁ ‘ ଦିବ୍ୟ ଶ୍ରୋତା ସମ୍ମାନ ’ ପ୍ରଦାନ କରାଯାଇଥିବା ବେଳେ ପ୍ରବକ୍ତା ପରିଷଦ ତରଫରୁ କଥାବାଚକମାନଙ୍କୁ ‘ଶ୍ରାବଣୀ ସମ୍ମାନ’ ରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ଦିବସରେ ଚାରଣ କାଶୀନାଥ ଦାସ,ପଣ୍ଡିତ ଜିତୁ ଦାଶ, ମାଳିକା ଗବେଷକ ପ୍ରମୋଦ କୁମାର, ବିଭୁତି ପାଲ, ପଣ୍ଡିତ ରବିନାରାୟଣ ପଣ୍ଡା,ମନୋଜ ରଥ, ଶୁକଦେବ ପଣ୍ଡା, ପଣ୍ଡିତ ଶ୍ରୀକାନ୍ତ ନନ୍ଦ, ବ୍ରଜକିଶୋର ମହାନ୍ତି, କମଲେଶ ମହାରଣା, ପଣ୍ଡିତ ଭାବଗ୍ରାହୀ ମିଶ୍ର ପ୍ରବକ୍ତା ଭାବେ ଯୋଗ ଦେଇଥିଲେ। ମୌନି ବାବା, ସୁଧୀର ପତି ଅତିଥି ଭାବେ ଉପସ୍ଥିତ ଥିଲେ। ପଣ୍ଡିତ ଅଭୟ ଦାଶ ପାରାୟଣ ବ୍ୟାସ ଥିଲେ। ଶେଷରେ ବ୍ୟାସ ପୂଜନ ହୋଇଥିଲା। ଦଶ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମକୁ ପରିଷଦର ସାଧାରଣ ସମ୍ପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ପରିଚାଳନା କରିଥିବାବେଳେ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ଦେବତା, କୋଷାଧ୍ୟକ୍ଷ ଅର୍ଜୁନ ମହାନ୍ତି, ସମାଜସେବୀ ବିଶ୍ୱରଂଜନ ସାହୁ, ଶ୍ରୀଜଗନ୍ନାଥ ଭକ୍ତ ସମାଜ ଓ ଶ୍ରୀବାଲୁକେଶ୍ୱର ଉନ୍ନୟନ କମିଟି ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।

କାଦୁଆ ଗ୍ରାମରୁ କେବେ ହଟିବ ଜବରଦଖଲ

ପ୍ରଶାସନର ସ୍ଥାଣୁତାକୁ ନେଇ ପ୍ରଶ୍ନବାଚୀ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ତହସିଲ ଅଧିନ କାଦୁଆ ଗ୍ରାମରେ ପ୍ରାୟ ୫ ବର୍ଷ ଧରି ଜବରଦଖଲ ସମସ୍ୟା ଲାଗି ରହିଛି । ରାସ୍ତାର ଦୁଇପାର୍ଶ୍ୱରେ ଜବରଦଖଲ ସହ ରାସ୍ତା ମଝିରେ ଅଷ୍ଟପ୍ରହରୀ ମଣ୍ଡପ ଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବିଶେଷକରି ଆମ୍ବୁଲାନ୍ସ ଓ ଦମକଳ ଭଳି ଜରୁରୀକାଳୀନ ଗାଡ଼ି ଯାତାୟାତରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ଜବରଦଖଲ ହଟାଇବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦୀର୍ଘଦିନ ଧରି ପ୍ରଶାସନ ନିକଟରେ ଦାବି ହୋଇଆସୁଥିବା କହିଛନ୍ତି ଗ୍ରାମବାସୀ। ଏହାକୁ ନେଇ ଆଜି କାଦୁଆ ଗ୍ରାମରେ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଡେରାବିଶ ତହସିଲଦାର ସରୋଜ କୁମାର ନାୟକ, ଅତିରିକ୍ତ ତହସିଲଦାର ଦୀପକ କୁମାର ବେହେରା ଓ ତହସିଲ କର୍ମଚାରୀ ଏବଂ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ଏହି ଅଭିଯୋଗ ଶୁଣାଣିରେ ତହସିଲଦାର ଶ୍ରୀ ନାୟକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାର କୌଣସି ପ୍ରତିଶୃତି ନଦେଇ ଚାଲିଯାଇଥିଲେ। ତେଣୁ ରାସ୍ତା ଜବରଦଖଲ ଓ ଅଷ୍ଟପ୍ରହରୀ ମଣ୍ଡପ ସମ୍ପର୍କରେ ପ୍

ଓଡ଼ିଶା ଅସ୍ମିତା କଥା କହୁଥିବା ରାଜନୈତିକ ଦଳ ରାଜ୍ୟବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆଗଭର ହୁଅନ୍ତୁ

ଭୁବନେଶ୍ୱର (ବ୍ୟୁରୋ) : ଓଡିଶା ଅସ୍ମିତାକୁ ଗୁରୁତ୍ୱ ଦେଉଥିବା ବିଜେପି ଖଣି ଅଧିନିୟମ ସଂଶୋଧନ ଆଇନ ଓଡ଼ିଆ ସ୍ୱାର୍ଥ ବିରୋଧି ହୋଇଥିବାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ସଂସଦ ସଦସ୍ୟ ଓ କେନ୍ଦ୍ରମନ୍ତ୍ରୀମାନେ ଏହି ସଂଶୋଧନକୁ ପ୍ରତ୍ୟାହାର କରିବା ପାଇଁ ସରକାରଙ୍କ ଠାରେ ଦାବୀ କରିବା ପାଇଁ ଆଜି କଂଗ୍ରେସ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ଶ୍ରମିକ ନେତା ଡ. ରାମଚନ୍ଦ୍ର ଖୁଂଟିଆ ଦୃଢ଼ ଦାବି କରିଛନ୍ତି। ରାଜ୍ୟର ସ୍ୱାର୍ଥ ପାଇଁ କେନ୍ଦ୍ରରେ କଂଗ୍ରେସ ସରକାର ଥିବାବେଳେ କେରଳ ରାଜ୍ୟର ସ୍ୱାର୍ଥ ପାଇଁ ସିପିଏମ୍ ନେତାମାନଙ୍କ ସହ କଂଗ୍ରେସ ମୁଖ୍ୟମୁଖ୍ୟମନ୍ତ୍ରୀ ଓମେନ ଚଣ୍ଡି ଧାରଣାରେ ବସିଥିଲେ। ସେହିପରି ପଶ୍ଚିମବଙ୍ଗଲାର ସ୍ୱାର୍ଥ ପାଇଁ କମ୍ୟୁନିଷ୍ଟମାନଙ୍କ ସହ କଂଗ୍ରେସ ସରକାର ଥିବାବେଳେ କଂଗ୍ରେସ ନେତାମାନେ ଧାରଣା ଦେବାର ନଜର ଅଛି। କଂଗ୍ରେସ ସରକାର ଥିଲାବେଳେ ନାଲ୍‌କୋ ଘରୋଇକରଣ ଦାବୀରେ ନାଲ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ମୁଁ ସାଂସଦ ଭାବରେ ଗିରଫ ହୋଇଥିଲି ଏବଂ ଦିଲ୍ଲୀରେ ସଂସଦ ଆଗରେ ଧାରଣା ଦିଆଯାଇଥିଲା। ଏଣୁ ଓଡ଼ିଶା ରାଜ୍ୟର ସ୍ୱାର୍ଥ ପାଇଁ ବିଜେପିର ଓଡ଼ିଶା ନେତାମାନେ କେନ୍ଦ୍ର ସରକାରଙ୍କ ପାଖରେ ଆଇନ ପ୍ରତ୍ୟାହାର କରିବା ଦାବୀ ଉପସ୍ଥାପିତ କରିବା ଆବଶ୍ୟକ। ୨୦୨୬ର ଧାରା ୯ (ଡି) କାର୍ଯ୍ୟକାରୀ ହେଲେ, ୨୦୨୪ ରେ ସୁପ୍ରିମ୍‌କୋର୍ଟର ରାୟର ଅକାମୀ ହେବ। ଖଣି ଖାଦାନ ଥିବା ୧୫ ଟି ରାଜ୍ୟ ଖଣି ରୟାଲଟି ସଂଗ୍ରହ କରିପାରିବେ ନାହିଁ ଏବଂ ବକେୟା ପାଉଣା ଜୋରିମନା ମଧ୍ୟ ସଂଗ୍ରହ କରିପାରିବେ ନାହିଁ। ଯାହାଫଳରେ ଓଡ଼ିଶାର ଲକ୍ଷକୋଟିର ଉର୍ଦ୍ଧ୍ୱ ଟଙ୍କା ଓଡ଼ିଶା ରାଜକୋଷ ହରାଇବ। ସମଗ୍ର ଦେଶର ୩୩ ରୁ ୩୫ % ଲୁହାପଥର କେବଳ ଓଡ଼ିଶାରେ ଅଛି। ପ୍ରତିବର୍ଷ ଭାରତରୁ ଉତ୍ପାଦିତ ଉତ୍ପାଦନ ଓ ରପ୍ତାନି ହେଉଥିବା ୫୦% ଲୁହାପଥର କେବଳ ଓଡ଼ିଶାରୁ ଯାଉଛି। ଭାରତବର୍ଷର ସମୁଦାୟ କ୍ରୋମାଇଟ୍ ଡିପୋଜିଟର ୯୮% ୧୮୮ ମିଲିୟନ ଟନ କେବଳ ଓଡ଼ିଶାରେ ଅଛି। ବକ୍‌ସାଇଟର ୫୧ ରୁ ୫୯% କେବଳ ଓଡ଼ିଶାରେ ଅଛି। ୧୨୫ବିଲିଅନ୍ ଟନ୍ ବକ୍‌ସାଇଟ ଗଚ୍ଛିତ ଅଛି। ତେଣୁ ଓଡ଼ିଶା ରାଜ୍ୟ ସବୁଠାରୁ ଅଧିକ କ୍ଷତିଗସ୍ତ ହେବ। ଏବର୍ଷର ଓଡ଼ିଶା ରାଜ୍ୟର ୩ ଲକ୍ଷ ୧୦ କୋଟି ଟଙ୍କା ବଜେଟର ମୁଖ୍ୟ ଅଂଶ ଓଡ଼ିଶାର ଖଣି ରୟାଲଟି ଓ ଜୋରିମନାର ଆସିଛି। ଏଣୁ ଏହାର ପ୍ରଭାବ ରାଜ୍ୟ ବଜେଟ ଉପରେ ପଡିବ। କେନ୍ଦ୍ର ସରକାର ଖଣିଜ ପଦାର୍ଥର ଦର ଓ ସମାନତା ଆଣିବା ପାଇଁ ଶିଳ୍ପପତିମାନଙ୍କୁ ସୁବିଧା ଦେବା ପାଇଁ ବ୍ୟସ୍ତ ହେଉଥିବାବେଳେ ଶ୍ରମିକମାନଙ୍କର ମଜୁରୀରେ ମନେରେଗା ୨୨୨ଟଙ୍କା ମଜୁରୀ ୨୨ ହଜାର ଟଙ୍କା ପରିବର୍ତେ ସମଗ୍ର ଦେଶରେ ଏକ ଦେଶ ଏକ ମଜୁରୀ କରାଯାଇପାରିବ ନାହିଁ କାହିଁକି ? ଓଡ଼ିଶାରେ ଓ ସାରାଦେଶରେ ଥିବା ଗଚ୍ଛିତ ଖଣିଜ ସମ୍ପଦ କେବଳ କଂଚାମାଲ ଭାବେ ରପ୍ତାନି କରିବା ଆବଶ୍ୟକ। ଉତ୍ପାଦିତ ଖଣିଜ ଦ୍ରବ୍ୟ କେବଳ ଦେଶର ଶିଳ୍ପରେ ବ୍ୟବିହୃତ ହେବା ଆବଶ୍ୟକ। ଯଦି ସମସ୍ତ ଖଣିଜ ସମ୍ପଦକୁ କେବଳ କଂଚାମାଲ ଭାବରେ ରପ୍ତାନି କରାଯାଏ ତେବେ ୫୦ ବର୍ଷ ପରେ ଦେଶରେ ଓ ଓଡ଼ିଶାରେ ଖଣିଜ ସମ୍ପଦ ଗଚ୍ଛିତ ସରିଯିବାର ଆଶଙ୍କା ଅଛି। ତେଣୁ କଂଚାମାଲ ଖଣିଜ ସମ୍ପଦକୁ ରପ୍ତାନି ବନ୍ଦ କରିବା ପାଇଁ ଡ. ଖୁଂଟିଆ ଦୃଢ଼ ଦାବ କରିଛନ୍ତି। ଏହି ଆଇନ୍ ପରିବର୍ତନ ନ ହେଲେ ଶ୍ରମିକ କର୍ମଚାରୀ, ଚାଷୀ, ମୂଲିଆ ଖଣିଜ ପ୍ରଧାନ ଯାଜପୁର, କେନ୍ଦୁଝର, ସୁନ୍ଦରଗଡ, ସମ୍ବଲପୁର, ବରଗଡ, ଝାରସୁଗୁଡା, ଅନୁଗୁଳ, ତାଳଚେର, ଢେଙ୍କାନାଳ ଜିଲ୍ଲାମାନଙ୍କରେ ଓଡ଼ିଶା ବନ୍ଦ, ଅର୍ଥନୈତିକ ଅବରୋଧ ଓ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଡ. ଖୁଂଟିଆ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ହିମାଂଶୁ ଲେଙ୍କା, ଡ. ମନୀଷାଦାସ ପଟ୍ଟନାୟକ ଉପସ୍ଥିତ ଥିଲେ।

ଏସ୍କର୍ଟସ କୁବୋଟା ପକ୍ଷରୁ ଏମୟୁ୪୫୦୨ ଓ ଏମୟୁ୫୦୦୨ ଉନ୍ମୋଚିତ

ଭୁବନେଶ୍ୱର (ବ୍ୟୁରୋ) : ଏସ୍କର୍ଟସ୍ କୁବୋଟା ଲିମିଟେଡ୍ ପକ୍ଷରୁ ୪୫ ହର୍ସପାୱାର (ଏଚପି) ସହିତ କୁବୋଟା ଏମୟୁ୪୫୦୨ ଏବଂ ୫୦ ଏଚପି ସହିତ କୁବୋଟା ଏମୟୁ୫୦୦୨ ନାମକ ଦୁଇଟି ନୂଆ ଟ୍ରାକ୍ଟର ମଡେଲ୍‌ର ଶୁଭାରମ୍ଭ କରାଯାଇଛି। ଏହି ମଡେଲଗୁଡିକ ୪୧-୫୦ ଏଚପି ବର୍ଗରେ କମ୍ପାନୀର ପ୍ରିମିୟମ୍ ଯୁଟିଲିଟି ଟ୍ରାକ୍ଟର ପୋର୍ଟଫୋଲିଓକୁ ସୁଦୃଢ଼ କରିଛନ୍ତି ଯାହା ଭାରତୀୟ ଟ୍ରାକ୍ଟର ବଜାରରେ ସବୁଠାରୁ ବୃହତ ଏବଂ ଦ୍ରୁତଅଭିବୃଦ୍ଧିଶୀଳ ସେଗମେଂଟ ମଧ୍ୟରୁ ଗୋଟିଏ। ଉଭୟ ମଡେଲରେ ଏକ ଶିଳ୍ପ-ପ୍ରଥମ ୮ ବର୍ଷର ସ୍ଥାନାନ୍ତରଯୋଗ୍ୟ ୱାରେଂଟି ରହିଛି ଯାହା ଏହି ଉତ୍ପାଦଗୁଡ଼ିକର ନିର୍ମାଣ ଗୁଣବତା ଓ କାର୍ଯ୍ୟଦକ୍ଷତାର ସ୍ଥାୟୀତ୍ୱ ପ୍ରତି କମ୍ପାନୀର ଉଚ୍ଚ ବିଶ୍ୱାସକୁ ପ୍ରତିଫଳନ କରୁଛି। ଉଭୟ ଟ୍ରାକ୍ଟର ପ୍ରମାଣିତ କୁବୋଟା କେକ୍ୟୁପିଏ ଜାପାନୀ ଇଞ୍ଜିନ ଦ୍ୱାରା ପରିଚାଳିତ। ଏଗୁଡ଼ିକ ଏକ ଆଡ୍‌ଭାନ୍ସଡ ୧୨ଏଫ+୪ଆର ମଲ୍ଟି-ସ୍ପିଡ ସିଙ୍କ୍ରୋମେଶ ଗିୟରବକ୍ସ ସହ ସୁସଜ୍ଜିତ ଯାହା କୃଷକଙ୍କୁ ପ୍ରତ୍ୟେକ କାର୍ଯ୍ୟ ପାଇଁ ଉପଯୁକ୍ତ ବେଗ ଚୟନ କରିବାକୁ ଅନୁମତି ଦେଇଥାଏ, ଯାହାଫଳରେ ସେମାନେ ଦ୍ରୁତ ବେଗରେ କାର୍ଯ୍ୟ କରିପାରିଥାନ୍ତି। ଡିଏସଏସ (ଡୁଆଲ୍ ଷ୍ଟାବିଲାଇଜର ସ୍ରିଙ୍ଗ) ଟେକ୍ନୋଲୋଜି ସହିତ ପୋମ୍ପା ଲିଫ୍ଟ କାର୍ଯ୍ୟକାରିତାକୁ ସ୍ଥିର ରଖିଥାଏ ଏବଂ ଅସମତଳ ଭୂମିରେ ମଧ୍ୟ ଏକ ସ୍ଥିର କାର୍ଯ୍ୟ ଗଭୀରତା ବଜାୟ ରଖିଥାଏ। ଏହି ଲଂଚ୍ ସମ୍ପର୍କରେ ଏସ୍କର୍ଟସ୍ କୁବୋଟା ଲିମିଟେଡର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ନିଖିଲ ନନ୍ଦ କହିଛନ୍ତି, "୪୧-୫୦ ଏଚପି ବର୍ଗ ଭାରତୀୟ ଟ୍ରାକ୍ଟର ବଜାରରେ ସବୁଠାରୁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ମଧ୍ୟରୁ ଗୋଟିଏ, ଏବଂ ନୂଆ ଏମୟୁ୪୫୦୨ ଓ ଏମୟୁ୫୦୦୨ ଏକ ଅଧିକ ସମ୍ପୂର୍ଣ୍ଣ ପ୍ରିମିୟମ୍ ୟୁଟିଲିଟି ପ୍ରଦାନ କରି ଏକ୍ଷେତ୍ରରେ ଆମର ସ୍ଥିତି ସୁଦୃଢ଼ କରିଛି। ପ୍ରଗତିଶୀଳ ଚାଷୀ, ଅପଗ୍ରେଡ୍ କରିବାକୁ ଚାହୁଁଥିବା ଟ୍ରାକ୍ଟର ମାଲିକ, ଚୁକ୍ତିଭିତିକ କୃଷି ପରିଚାଳକ ଏବଂ ବିବିଧ ଫସଲ ପଦ୍ଧତି ଓ କୃଷି ପଦ୍ଧତିରେ ଭଡା (କଷ୍ଟମ ହାୟରିଙ୍ଗ) ବ୍ୟବସାୟ ଉପରେ ଲକ୍ଷ୍ୟ ରଖିଥିବା, ଏହି ଟ୍ରାକ୍ଟରଗୁଡ଼ିକ ଭାରତର କୃଷକମାନଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ଉପରେ ଧ୍ୟାନ ଦେବା ପାଇଁ ଆମର ରଣନୀତିକୁ ପ୍ରତିଫଳିତ କରୁଛି। କମ୍ପାନୀର ଉପ ପରିଚାଳନା ନିର୍ଦ୍ଦେଶକ ଅକିରା କାଟୋ କହିଛନ୍ତି, "ଏମୟୁ୪୫୦୨ ଓ ଏମୟୁ୫୦୦୨ରେ କୁବୋଟାର ଜାପାନୀ ଇଞ୍ଜିନିୟରିଂର ଶକ୍ତି ରହିଛି ଯାହାକୁ ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ କାର୍ଯ୍ୟଦକ୍ଷତା ଓ ସ୍ଥାୟିତ୍ୱ ପାଇଁ ନିର୍ମାଣ କରାଯାଇଛି। ୧୨ଏଫ+୪ଆର ମଲ୍ଟି-ସ୍ପିଡ୍ ସିଙ୍କ୍ରୋମେଶ ଗିୟର ବକ୍ସ ଏବଂ ଡିଏସଏସ ଟେକ୍ନୋଲୋଜି ସହ ପୋମ୍ପା ଲିଫ୍ଟ ସହିତ ମେଳ ଖାଉଥିବା ପ୍ରମାଣିତ କେକ୍ୟୁପି୪ ଇଞ୍ଜିନକୁ ଚାଳନା ଖର୍ଚ୍ଚ କମ ରଖିବା ଏବଂ ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ସେହିପରି ଟ୍ରାକ୍ଟର ଡିଭିଜନର ମୁଖ୍ୟ ଅଧିକାରୀ ରାଜନ ଚୁଗ୍ କହିଛନ୍ତି, "ଏମୟୁ୪୫୦୨ ଓ ଏମୟୁ୫୦୦୨ ସହିତ, ଆମେ ହର୍ସପାୱର୍ ଅପେକ୍ଷା ଶକ୍ତି ହାସଲ କରିବା ଉପରେ ଅଧିକ ଧ୍ୟାନ ଦେଉଛୁ। ଏହି ୪ଡବ୍ଲ୍ୟୁଡି ଟ୍ରାକ୍ଟରଗୁଡ଼ିକୁ ଚାଷୀମାନଙ୍କୁ ପ୍ରତି ଘଂଟାରେ ଅଧିକ କାମ କରିବା, ପ୍ରତି ଏକରରୁ ଅଧିକ ରୋଜଗାର କରିବା ଏବଂ ଆୟର ଅତିରିକ୍ତ ଉତ୍ସ ଭାବରେ କଷ୍ଟମ୍ ହାୟରିଙ୍ଗ (ଭଡା) ଗ୍ରହଣ କରିବାରେ ସାହାଯ୍ୟ କରିଥାଏ।

ଖୋଲିଲା ଶ୍ୟାମ ସୁନ୍ଦର ଚାନ୍ଦିୱାଲାଙ୍କ ନୂତନ ଶୋ'ରୁମ୍

'ଦି ସାଇନ୍ ଅଫ୍ ପ୍ୟୁରିଟି' ଯାତ୍ରାରେ ଆଉଏକ ମାଇଲଖୁଣ୍ଟ

ଭୁବନେଶ୍ୱର (ବ୍ୟୁରୋ) : ଉତ୍କୃଷ୍ଟ ରୂପା କାରିଗରୀର ଦୀର୍ଘ ପରମ୍ପରା ପାଇଁ ପରିଚିତ ଶ୍ୟାମ ସୁନ୍ଦର ଚାନ୍ଦିୱାଲା ଚଳିତ ମାସ ୨୬ ତାରିଖ ଦିନ ଭୁବନେଶ୍ୱରରେ ଏହାର ଏକ ନୂତନ ଶୋ ରୁମ୍‌ର ଶୁଭାରମ୍ଭ କରିଅଛି। ଏହି ବ୍ରାଣ୍ଡର ଶୋ ରୁମ୍ ଓଡିଶାରେ ପ୍ରଥମ ହୋଇଥିବା ବେଳେ ଭାରତରେ ୧୮ ତମ ଶୋ ରୁମ୍ ଭାବେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। "ଦି ସାଇନ୍ ଅଫ୍ ପ୍ୟୁରିଟି" ଅର୍ଥାତ୍ ପବିତ୍ରତାର ଚମକ ପ୍ରତି ନିଜର ପ୍ରତିବଦ୍ଧତା ପାଇଁ ପରିଚିତ ଏହି ବ୍ରାଣ୍ଡରେ ବିଭିନ୍ନ ପ୍ରକାରର ହଲ୍‌ମାର୍କ ଯୁକ୍ତ ରୂପା ସାମଗ୍ରୀ ଉପଲବ୍ଧ ରହିଛି। ଏଥିରେ ରୂପା ଅଳଙ୍କାର, ରୂପା ବାସନ କୁସନ, ରୂପା ମୂର୍ତ୍ତି ଏବଂ ରୂପା ଉପହାର ସାମଗ୍ରୀ ଆଦି ସାମିଲ ରହିଛି ଯାହା ପାରମ୍ପରିକ ଓ ଆଧୁନିକ ଉଭୟ ରୁଚିକୁ ପୂରଣ କରିଥାଏ। ଭୁବନେଶ୍ୱର କାନନ ବିହାର ସ୍ଥିତ କିଟ୍ ସ୍କୋୟାର ନିକଟ ପଟିଆଠାରେ ଅବସ୍ଥିତ ଏହି ନୂତନ ଶୋ ରୁମ୍ ବ୍ରାଣ୍ଡ୍ ଶୁଦ୍ଧତା, ସ୍ୱଚ୍ଛତା ଓ ବିଶ୍ୱାସର ମୂଲ୍ୟବୋଧର ପ୍ରତୀକ। ଏହି ମୂଲ୍ୟବୋଧ ହିଁ ପିଢୀ ପରେ ପିଢୀ ଗ୍ରାହକମାନଙ୍କର ଭଲପାଇବା ଓ ବିଶ୍ୱାସ ଅର୍ଜନ କରିବାରେ ବ୍ରାଣ୍ଡକୁ ସାହାଯ୍ୟ କରିଛି। ଶ୍ୟାମ ସୁନ୍ଦର ଚାନ୍ଦିୱାଲାର ପ୍ରତିଷ୍ଠାତା ସୁନ୍ଦର ଭାଲୋଟିଆ କହିଛନ୍ତି "ଭୁବନେଶ୍ୱରରେ ଏହି ନୂତନ ଶୋ ରୁମ୍ କଠିନ ପରିଶ୍ରମ, ନିଷ୍ଠା ଏବଂ ଗ୍ରାହକମାନଙ୍କର ଆମ ପ୍ରତି ରହିଥିବା ବିଶ୍ୱାସର ପ୍ରତିଫଳନ। ଓଡିଶାରେ ଖୋଲାଯାଇଥିବା ଏହି ନୂତନ ଶୋ ରୁମ୍ ତଥା ଭାରତର ୧୮ତମ ଶୋ ରୁମ୍ ଖୋଲିବା ଆମ ପାଇଁ ଗର୍ବର ମୂହୁର୍ତ୍ତ ବୋଲି ଶ୍ରୀ ଭାଲୋଟିଆ କହିଛନ୍ତି। ଭୁବନେଶ୍ୱର ଓ ଓଡିଶାବାସୀଙ୍କ ନିକଟରେ ସ୍ୱତନ୍ତ୍ର ହଲମାର୍କଯୁକ୍ତ ରୂପା ସାମଗ୍ରୀ ପହଞ୍ଚାଇବା ସହିତ ଶୁଦ୍ଧତା, କାରିଗରୀ ଓ ବିଶ୍ୱାସର ପ୍ରତୀକ ଭାବେ ପରିଚିତ ଏହି ବ୍ରାଣ୍ଡକୁ ପରିଚିତ କରାଇବା ପାଇଁ ଆମେ ଅତ୍ୟନ୍ତ ଉତ୍ସାହିତ ବୋଲି ସେ କହିଛନ୍ତି। ଭୁବନେଶ୍ୱର ଏହି ନୂତନ ଶୋ ରୁମ୍‌ର ଶୁଭାରମ୍ଭ ସହିତ ଶ୍ୟାମ ସୁନ୍ଦର ଚାନ୍ଦିୱାଲା ସାରା ଭାରତରେ ନିଜର ବିସ୍ତାର ଯାତ୍ରା ଜାରି ରଖିଛି। ଏହି ବ୍ରାଣ୍ଡର ଆହୁରି ଅନେକ ନୂତନ ଶୋ ରୁମ୍ ଖୋଲାଯିବା ପାଇଁ ଯୋଜନା ରହିଛି। ଦେଶରେ ଅନ୍ୟାନ୍ୟ ସହରରେ ମଧ୍ୟ ନିଜର ସ୍ୱତନ୍ତ୍ର ରୂପା ସାମଗ୍ରୀ ଏବଂ ବିଶ୍ୱସ୍ତ ଐତିହ୍ୟକୁ ପହଞ୍ଚାଇବାକୁ ବ୍ରାଣ୍ଡ ଆଗ୍ରହୀ ବୋଲି ଜଣାପଡିଛି। ଆଗକୁ ଆସିବାକୁ ଥିବା ଆହୁରି ଅନେକ ମାଇଲଖୁଣ୍ଟ ସହିତ "ଦି ସାଇନ୍ ଅଫ୍ ପ୍ୟୁରିଟି"ର ଚମକ ଜାରି ରହିବ।

ଶ୍ରୀଜଗନ୍ନାଥଙ୍କ ୩୨ ବେଶ ମହୋତ୍ସବ ଉଦ୍‌ଯାପିତ

ଏକାମ୍ରରେ ଭକ୍ତି ଓ ଆଧ୍ୟାତ୍ମିକତାର ଅପୂର୍ବ ସମାଗମ

ଭୁବନେଶ୍ୱର (ବ୍ୟୁରୋ) : ପବିତ୍ର ଏକାମ୍ର କ୍ଷେତ୍ରରେ ଶ୍ରୀଜଗନ୍ନାଥ ସଂସ୍କୃତି, ଭକ୍ତି, ସେବା ଓ ସମାଜସଚେତନତାର ଏକ ଅନନ୍ୟ ସମନ୍ୱୟର ସାକ୍ଷୀ ହୋଇଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୧୧ ଦିନିଆ ୩୨ ବେଶ ମହୋତ୍ସବ ଓ ଦିବ୍ୟାଙ୍ଗ ଦୃଷ୍ଟିବାଧିତ କଳାକାରମାନଙ୍କ ଭକ୍ତିମୟ ସାଂସ୍କୃତିକ କାର୍ଯ୍ୟକ୍ରମ ଗତ ସନ୍ଧ୍ୟାରେ ଭାବାବେଗପୂର୍ଣ୍ଣ ପରିବେଶରେ ଉଦ୍‌ଯାପିତ ହୋଇଯାଇଛି। ମହାପ୍ରଭୁ ଲିଙ୍ଗରାଜଙ୍କ ପବିତ୍ର ଭଜନ ମଣ୍ଡପଠାରେ ଅଗଷ୍ଟ ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବରେ ପ୍ରତ୍ୟହ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ୩୨ ବେଶର ଦର୍ଶନ, ଆଳତି, ଭଜନ ଓ ଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରା ସମ୍ପର୍କିତ ଆଲୋଚନା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତି ଓ ଆଧ୍ୟାତ୍ମିକତାର ଅପୂର୍ବ ଅନୁଭବ ସୃଷ୍ଟି କରିଥିଲା। ଏହି ମହତ୍ୱପୂର୍ଣ୍ଣ ଆୟୋଜନକୁ ଓଡ଼ିଶା ସର୍ଭିସ୍ ସେଣ୍ଟର ଫର୍ ଦି ଦିବ୍ୟାଙ୍ଗ ପିପୁଲ୍, ପୁରୀର ସଭାପତି ତଥା ସମାଜସେବୀ ଭବାନୀ ଶଙ୍କର ପାଢ଼ୀ ଆୟୋଜନ କରିଥିବା ବେଳେ ବିଶ୍ୱ ହିନ୍ଦୁ ପରିଷଦ, ଭୁବନେଶ୍ୱର ନଗରର ସଭାପତି ଶ୍ରୀ ପ୍ରଦୀପ ଚନ୍ଦ୍ର ମହାନ୍ତି ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାର ସଂସ୍ଥାନ ଇଣ୍ଡିଆର ଡକ୍ଟର ନାରାୟଣ ମହାପାତ୍ରଙ୍କ ସମେତ ବହୁ ସହଯୋଗୀଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମଟି ସୂଚାରୁ ରୂପେ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ରାଜ୍ୟର ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦାନ କରିଥିଲେ। ମହୋତ୍ସବର ବିଭିନ୍ନ ଦିବସରେ ଭୁବନେଶ୍ୱର ଏକାମ୍ରର ମାନ୍ୟବର ବିଧାୟକ ବାବୁ ସିଂ, ବିଜେପି ରାଜ୍ୟ ସଭାପତି ଓ ରାଜ୍ୟର ବରିଷ୍ଠ ନେତୃବୃନ୍ଦ, ଶ୍ରୀଲିଙ୍ଗରାଜ ମନ୍ଦିରର ପୂଜ୍ୟ ବରେଣ୍ୟ ସେବାୟତବୃନ୍ଦଙ୍କ ସମେତ ବହୁ ସାଧୁ-ସନ୍ତ, ସମାଜସେବୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ମହୋତ୍ସବର ଗୌରବ ବୃଦ୍ଧି କରିଥିଲେ। ଏଥିସହ ପୂଜ୍ୟ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ପୂଜ୍ୟ ମହନ୍ତ ରାମକୃଷ୍ଣ ଦାସ ମହାରାଜ, ପୂଜ୍ୟ ମହନ୍ତ କୃଷ୍ଣଗୋପାଳ ଦାସ, ପୂଜ୍ୟ ସ୍ୱାମୀ ଭାଗବତାନନ୍ଦ ସରସ୍ୱତୀ ମହାରାଜ, ମାନ୍ୟବର ମନ୍ତ୍ରୀ ପୃଥିରାଜ ହରିଚନ୍ଦନ, ରୁଦ୍ର ନାରାୟଣ ସାମନ୍ତ, ଡକ୍ଟର ସତ୍ୟନାରାୟଣ ଆଚାର୍ଯ୍ୟ, ସନ୍ଥ କୁମାର ମିଶ୍ର, ରୋଟାରିୟାନ୍ କୃଷ୍ଣଚନ୍ଦ୍ର ସାହୁ, ଡକ୍ଟର ଦିଲୀପ କୁମାର ପଟ୍ଟନାୟକ ଏବଂ ବିଶ୍ୱ ହିନ୍ଦୁ ପରିଷଦର ମାତୃଶକ୍ତି ସଭାପତି ଶ୍ରୀମତୀ ସସ୍ମିତା ମଙ୍ଗରାଜଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମାଗମ ହୋଇଥିଲା। ଭକ୍ତି ସହ ସେବା ଓ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ମହୋତ୍ସବ କେବଳ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଦର୍ଶନରେ ସୀମିତ ନ ରହି ସେବା, ସଚେତନତା ଓ ସାମାଜିକ ଦାୟିତ୍ୱର ଏକ ମହତ୍ୱପୂର୍ଣ୍ଣ ମଞ୍ଚ ଭାବେ ମଧ୍ୟ ପରିଣତ ହୋଇଥିଲା। କାର୍ଯ୍ୟକ୍ରମ ଅବସରରେ ଚକ୍ଷୁଦାନ, ରକ୍ତଦାନ, ବୃକ୍ଷରୋପଣ ଓ ନିଶା ନିବାରଣ ଭଳି ବିଭିନ୍ନ ଜନ ସଚେତନତାମୂଳକ ବିଷୟ ଉପରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ବିଶେଷକରି ଓଡ଼ିଶାର ସୁନାମଧନ୍ୟ ଦୃଷ୍ଟିବାଧିତ ଭକ୍ତ କଳାକାରମାନଙ୍କ ଭକ୍ତିପୂର୍ଣ୍ଣ ଭଜନ ପରିବେଷଣ ସମଗ୍ର ଲିଙ୍ଗରାଜ ମନ୍ଦିର ପରିସରକୁ ଏକ ଅପୂର୍ବ ଭକ୍ତିମୟ ପରିବେଶରେ ପରିଣତ କରିଥିଲା। ଦିବ୍ୟାଙ୍ଗ କଳାକାରମାନଙ୍କ ପ୍ରତିଭାକୁ ସମ୍ମାନ ଓ ମଞ୍ଚ ପ୍ରଦାନ କରିବା ଏହି ଆୟୋଜନର ଏକ ଅନନ୍ୟ ବିଶେଷତ୍ୱ ଥିଲା। ଏହି ଅବସରରେ ମହୋତ୍ସବର ମୁଖ୍ୟ ପରିଚାଳକ ତଥା ଓଡ଼ିଶା ସର୍ଭିସ୍ ସେଣ୍ଟର ଫର୍ ଦି ଦିବ୍ୟାଙ୍ଗ ପିପୁଲ୍‌ର ସଭାପତି ଶ୍ରୀ ଭବାନୀ ଶଙ୍କର ପାଢ଼ୀଙ୍କୁ ବିଶ୍ୱ ହିନ୍ଦୁ ପରିଷଦ, ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାର ପରିଷଦ ଇଣ୍ଡିଆ ଓ ଅନ୍ୟାନ୍ୟ ସହଯୋଗୀଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ପାଢ଼ୀ କହିଥିଲେ ଯେ, ଶ୍ରୀଜଗନ୍ନାଥ କେବଳ ଓଡ଼ିଶାର ଆରାଧ୍ୟ ନୁହନ୍ତି; ସେ ସମଗ୍ର ବିଶ୍ୱର ମହାପ୍ରଭୁ। ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଓ ମହାନ ଜଗନ୍ନାଥ ସଂସ୍କୃତିର ମହିମାକୁ ଓଡ଼ିଶାର ପ୍ରତ୍ୟେକ ସ୍ଥାନ, ପ୍ରତ୍ୟେକ ବ୍ଲକ୍ ଓ ପର୍ଯ୍ୟଟନସ୍ଥଳୀ ସମେତ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚାଇବା ଆମର ଲକ୍ଷ୍ୟ। ସେ ଆହୁରି କହିଥିଲେ ଯେ, ଜଗନ୍ନାଥ ସଂସ୍କୃତି ହେଉଛି ସମନ୍ୱୟ, ସମାନତା, ସେବା, ଭକ୍ତି ଓ ମାନବିକତାର ଏକ ମହାନ ସନ୍ଦେଶ। ଏହି ମହାନ ପରମ୍ପରାକୁ ନୂତନ ପିଢ଼ି ନିକଟରେ ପହଞ୍ଚାଇବା ସହ ଦେଶ-ବିଦେଶରେ ଏହାର ବ୍ୟାପକ ପ୍ରଚାର-ପ୍ରସାର ପାଇଁ ଆଗାମୀ ଦିନରେ

ଏମ୍ସ ବର୍ଣ୍ଣସ୍ ଓ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ଏକ ଦଶନ୍ଧିର ସଫଳ ଯାତ୍ରା

୧୫୦୦ରୁ ଅଧିକ ପୋଡ଼ା ରୋଗୀଙ୍କୁ ସଫଳ ଚିକିତ୍ସା ପ୍ରଦାନ
୭,୦୦୦ରୁ ଅଧିକ ସୌନ୍ଦର୍ଯ୍ୟକରଣ ଓ ସଂଶୋଧନ ଅସ୍ତ୍ରୋପଚାର
ଶୀଘ୍ର ପ୍ରତିଷ୍ଠା ହେବ ସ୍କିନ୍ ବ୍ୟାଙ୍କ ଓ ଟିସୁ ପ୍ରତିରୋପଣ ୟୁନିଟ

ଭୁବନେଶ୍ୱର (ବ୍ୟୁରୋ) : ଏମ୍ସ ଭୁବନେଶ୍ୱର ବର୍ଣ୍ଣସ୍ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ଏହାର ଗୌରବମୟ ଏକ ଦଶନ୍ଧି ଯାତ୍ରା ପୂରଣ କରିଛି । ଶଲ୍ୟଚିକିତ୍ସା, ନବସୃଜନ, ତାଲିମ ଏବଂ ଶୈକ୍ଷିକ ଉତ୍କର୍ଷତାର ଦଶନ୍ଧି ଧରି ଚାଲିଥିବା ଯାତ୍ରାରେ ଏହି ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି । ଏନେଇ ବିଭାଗ ପକ୍ଷରୁ ଚଳିତ ମାସ ୨୧ ଏବଂ ୨୨ ରେ ଅର୍ଥପୂର୍ଣ୍ଣ ଜାତୀୟ ସିଏମ୍ଇ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଯାତ୍ରାକୁ ପାଳନ କରିଛି । ଦେଶର ବିଭିନ୍ନ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରୁ ଖ୍ୟାତନାମା ଶଲ୍ୟ ଚିକିତ୍ସକମାନେ ଏହି ଦୁଇଦିନିଆ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ 'ବ୍ରାକିଆଲ୍ ପ୍ଲେକ୍ସସ୍ ଆଘାତରେ ମାଧ୍ୟମିକ ପ୍ରକ୍ରିୟା' ଉପରେ ଲାଇଭ୍ ସର୍ଜରୀ ମଧ୍ୟ ସ୍ଥାନ ପାଇଥିଲା । କ୍ରମାଗତ ଭାବେ ୧୦ ଟି ଲାଇଭ୍ ସର୍ଜିକାଲ୍ ପ୍ରଦର୍ଶନ ଦେଶରେ ରେକର୍ଡ କରିଛି । ଯାହାକି ସର୍ବଭାରତୀୟ କ୍ଷେତ୍ରରେ ଦୃଷ୍ଟି ଆକର୍ଷଣ କରିପାରିଛି । ଏମ୍ସ ଭୁବନେଶ୍ୱରରେ ଥିବା ୩୬ ଶଯ୍ୟା ବିଶିଷ୍ଟ ଆଧୁନିକ ବର୍ଣ୍ଣ ୟୁନିଟ୍, ସମ୍ପୂର୍ଣ୍ଣ ପୋଡ଼ା କ୍ଷତ ପରିଚାଳନା, ପୁନଃନିର୍ମାଣ ଅସ୍ତ୍ରୋପଚାର ଏବଂ ପୁନର୍ବାସ ସେବା ପ୍ରଦାନ ନିମନ୍ତେ ଉତ୍ସର୍ଗୀକୃତ । ଏହା ପୂର୍ବ ଭାରତର ଅତ୍ୟାଧୁନିକ ବର୍ଣ୍ଣ କେୟାର ୟୁନିଟ୍ ମଧ୍ୟରୁ ଗୋଟିଏ । ଗତ ଏକ ଦଶନ୍ଧି ମଧ୍ୟରେ, ଏହି କେନ୍ଦ୍ର ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟଗୁଡ଼ିକରୁ ଆସିଥିବା ଗୁରୁତର ଏବଂ ହାଇ-ପ୍ରୋଫାଇଲ୍ ମାମଲା ସମେତ ଦେଢ଼ ହଜାରରୁ ଅଧିକ ପୋଡ଼ି ଯାଇଥିବା ରୋଗୀଙ୍କୁ ସଫଳତାର ସହିତ ଚିକିତ୍ସା କରିଛି । ସେହିପରି ଏମ୍ସ ଭୁବନେଶ୍ୱରରେ ଥିବା ଏହି କେନ୍ଦ୍ର ଅନ୍ୟ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରୁ ରେଫର୍ ହୋଇଥିବା ପୋଡ଼ା ପୀଡିତଙ୍କ ପାଇଁ ଚର୍ମ ଆଲୋଗ୍ରାଫ୍ଟ ସହାୟତା ମଧ୍ୟ ପ୍ରଦାନ କରିଛି । ଏହି ବିଭାଗ ଗତ ଦଶ ବର୍ଷ ମଧ୍ୟରେ ୭ ହଜାରରୁ ଅଧିକ ପୁନଃନିର୍ମାଣ ଏବଂ ସୌନ୍ଦର୍ଯ୍ୟକରଣ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପନ୍ନ କରିଛି । ଯେଉଁଥିରେ ୫ଶହରୁ ଅଧିକ ମାଇକ୍ରୋସର୍ଜରୀ, ୩ଶହରୁ ଅଧିକ ବ୍ରାଚିଆଲ୍ ପ୍ଲେକ୍ସସ୍ ଆଘାତ ପୁନଃନିର୍ମାଣ, ତିନି ଶହ ଜନ୍ମଗତ ଅସଙ୍ଗତି ସଂଶୋଧନ, ଦୁଇ ଶହ ସ୍କାଇଲ୍ ଟ୍ରେନ୍ କ୍ଲେଫ୍ଟ୍ ଲିପ୍ ଏବଂ ପାଲେଟ୍ ଅସ୍ତ୍ରୋପଚାର, ଅଢ଼େଇ ଶହରୁ ଅଧିକ ଆର୍ବିଏସକେ ମାମଲା ଏବଂ ପ୍ରାୟ ୩ ହଜାର ଜରୁରୀକାଳୀନ ଚିକିତ୍ସା ମାମଲା ଅନ୍ତର୍ଭୁକ୍ତ । ବୃଦ୍ଧି ପାଉଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସବସ୍ପେଶାଲିଟି କ୍ଲିନିକ୍ ପ୍ରତିଷ୍ଠା କରିବା, ସିମୁଲେସନ୍-ଆଧାରିତ ଶଲ୍ୟଚିକିତ୍ସା ତାଲିମକୁ ସୁଦୃଢ଼ କରିବା, ହାଇପରବାରିକ୍ ଅକ୍ସିଜେନ୍ ଥେରାପିକୁ ବିସ୍ତାର କରିବା, ହାତ ପ୍ରତିରୋପଣ ଆରମ୍ଭ କରିବା ଏବଂ ଏକ ଚର୍ମ ବ୍ୟାଙ୍କ ଏବଂ ଟିସୁ ପ୍ରତିରୋପଣ ୟୁନିଟ୍ ପ୍ରତିଷ୍ଠା କରିବାର ଯୋଜନା ରଖିଛି । ଏହି ବର୍ଷ ସେଣ୍ଟର୍କୁ ଏକ ଉତ୍କର୍ଷ କେନ୍ଦ୍ର ଭାବରେ ବିକଶିତ କରିବା ହେଉଛି ଏକ ପ୍ରମୁଖ ଉଦ୍ଦେଶ୍ୟ । ଏକ ଦଶନ୍ଧିର ସଫଳ ଯାତ୍ରା ପୂରଣ କରିଥିବାରୁ ବିଭାଗ ଏବଂ ସମସ୍ତ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇ, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ ବର୍ଣ୍ଣ ସେଣ୍ଟରର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ପ୍ରଶଂସା କରିଥିଲେ ଏବଂ ଆଗାମୀ ବର୍ଷଗୁଡ଼ିକରେ ବିଭାଗ ଆହୁରି ଅନେକ ମାଇଲଖୁଣ୍ଟ ହାସଲ କରିବ ବୋଲି ବିଶ୍ୱାସ ପ୍ରକାଶ କରିଥିଲେ । ଏହି ଦୁଇଦିନିଆ କର୍ମଶାଳାରେ ସାରା ଭାରତରୁ ୧୦୦ ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ପୁରୀ ଲୋକସଭା ସାଂସଦ ଡ. ସମ୍ବିତ ପାତ୍ର ଏବଂ ଏମ୍ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର ଅଶୋକ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ଏମ୍ସ ଭୁବନେଶ୍ୱର ବର୍ଣ୍ଣ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗୀୟ ମୁଖ୍ୟ ଡ. ସଞ୍ଜୟ କୁମାର ଗିରିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ, ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. ମନସ୍ୱିନୀ ମଙ୍ଗରାଜ, ଡ. ପ୍ରଭାସ ରଞ୍ଜନ ତ୍ରିପାଠି, ମେଡିକାଲ ଅଧୀକ୍ଷକ, ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ଡିଡିଏ ଏମ୍ସ ଭୁବନେଶ୍ୱରଙ୍କ ସମତେ ଡ. ପ୍ରବୀଣ ଭରଦ୍ୱାଜ, ଡ. ଆର. ଶ୍ରୀକାନ୍ତ, ଏବଂ ଡ. ବିନାୟକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଦୃଷ୍ଟିବାଧିତ ଅନୁଷ୍ଠାନ ସାଇ ଚାରିଟି ଫାଉଣ୍ଡେସନର ସ୍ୱାଧୀନତା ଦିବସ

ଭୁବନେଶ୍ୱର (ବ୍ୟୁରୋ) : ଭୁବନେଶ୍ୱରର ତମାଣ୍ଡୋସ୍ଥିତ ଦୃଷ୍ଟିବ୍ୟାହତ ଅନୁଷ୍ଠାନ ସାଇ ଚାରିଟି ଫାଉଣ୍ଡେସନ ଦ୍ୱାରା ୮୦ ତମ ସ୍ୱାଧୀନତା ଦିବସ ଆନନ୍ଦରସହ ପାଳିତ ହୋଇଯାଇଛି । ସମାଜସେବୀ ମନୋରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ଦୃଷ୍ଟିବ୍ୟାହତ, ଦିବାକର ପଲେଇ ପତାକା ଉତ୍ତୋଳନ କରିଥିବା ବେଳେ ସମ୍ପାଦିକା ସୁରମା ପ୍ରଧାନ ସମବେତ ଦୃଷ୍ଟିବ୍ୟାହତ ସଭ୍ୟ ସଭ୍ୟା ତଥା ଉପସ୍ଥିତ ଲୋକମାନଙ୍କୁ ଉଦବୋଧନ ଦେଇଥିଲେ । ଦୃଷ୍ଟିବାଧିତ ସଂଗୀତଜ୍ଞ ସୁବାସ ବେହେରା ଏଂ କାନ୍ହୁ ଛୁଆଳସିଂ ଦେଶାମ୍ବୋଧ ସଂଗୀତ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ରୋଟାରୀ ଓ୍ୱେଲଫେୟାର କ୍ଲବ ଅଫ ଭୁବନେଶ୍ୱର, ଓସେଡୋ, ଟ୍ୱଇନ ହିଲ ଲେଡ଼ିଜ ଓ୍ୱାର୍କର୍ସ କ୍ଲବ ଏବଂ ଅଧିକାର ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇ ଦୃଷ୍ଟିବ୍ୟାହତ ଲୋକମାନଙ୍କୁ ଉଦବୋଧନ ଏବଂ ଆଶ୍ୱାସନା ଦେବାସହ ସାହାଯ୍ୟ ସହଯୋଗର ହାତ ବଢ଼ାଇବାର ପ୍ରତିଶ୍ରୁତି ଦେଇଥିଲେ । ଓସେଡୋର ନିର୍ଦ୍ଦେଶକା ରିଭା ମହାନ୍ତି, ରୋଟାରୀ ଓ୍ୱେଲଫେୟାର କ୍ଲବର ସଭାପତି ଦୟାନିଧି ନାୟକ , ସମ୍ପାଦିକା କଲ୍ୟାଣୀ ପଟ୍ଟନାୟକ, ଉପଦେଷ୍ଟା ପ୍ରଶାନ୍ତ କୁମାର ମିଶ୍ର ଏବଂ ଯୋଗିନାଥ ସେନାପତି, ଲେଡ଼ିଜ ଓ୍ୱାର୍କର୍ସ କ୍ଲବର ସଭାନେତ୍ରୀ ପ୍ରତିମା ସାହୁ, ମଞ୍ଜୁଶ୍ରୀ ରାଉତ, ସରୋଜିନୀ ସିଂ, ଗୀତା ମାଡାମ ଏବଂ ମମତା ରାଉତ,ପ୍ରମୁଖ ଯୋଗଦେଇ ସମସ୍ତ ଦୃଷ୍ଟିବ୍ୟାହତ ମାନଙ୍କୁ ସ୍ୱାଧୀନତା ଦିବସ ବିଷୟରେ ବୁଝାଇବା ସହ ଚକୋଲେଟ, ବିସ୍କୁଟ, ଟିଫିନ ବିତରଣ କରି ମଧ୍ୟାହ୍ନ ଭୋଜନ ପରିବେଷଣ କରିଥିଲେ ଏତଦଭିନ୍ନ ରୋଟାରୀ ଓ୍ୱେଲଫେୟାର ତରଫରୁ ରାସନ ଇତ୍ୟାଦି ଯୋଗାଇ ଦିଆଯାଇଥିଲା । ଶେଷରେ ଉଚ୍ଚ ନ୍ୟାଳୟର ଅଧିବକ୍ତା ପ୍ରସନ୍ନ କୁମାର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ଗୁପ୍ତେଶ୍ୱର ବଳବନ୍ତରାୟ ଏବଂ ତାଙ୍କ ପରିବାରମିଶି ସଫଳତାରସହ ପରିଚାଳନା କରିଥିଲେ ।

ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ ସୋଆରେ ସ୍ୱତନ୍ତ୍ର ଗ୍ରାଜୁଏସନ୍ ସମାରୋହ

ଭୁବନେଶ୍ୱର (ବ୍ୟୁରୋ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପାଠ୍ୟକ୍ରମରେ ଅଧ୍ୟୟନ କରି ଶିକ୍ଷା ସମାପ୍ତ କରିଥିବା ୪୬ ଜଣ ବିଦେଶୀ ଛାତ୍ରଛାତ୍ରୀଙ୍କୁ ମଙ୍ଗଳବାର ଏକ ବିଶେଷ କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି । ପନ୍ଦରଟି ବିଭିନ୍ନ ଦେଶରୁ ଆସିଥିବା ଏହି ଛାତ୍ରଛାତ୍ରୀମାନେ ବି.ଟେକ୍, ଏମ.ଟେକ୍, ବି.ଫାର୍ମ, ବି.ଏସ.ସି (କୃଷି), ବିବିଏ, ମାଷ୍ଟର ଇନ୍ ହସ୍ପିଟାଲ ଆଡମିନିଷ୍ଟ୍ରେସନ ଓ ବି.ଏସ.ସି (ଅପଟୋମେଟ୍ରି) ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲେ । ଏହି କାର୍ଯ୍ୟକ୍ରମରେ ଇଟଂରନ୍ୟାସନାଲ ଟ୍ରିବ୍ୟୁନାଲ ଫର ଦ ଲ ଅଫ ଦ ସି, ହାମବର୍ଗର ବିଚାରପତି ପ୍ରଫେସର ମରିସ କାମଗା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦେଶୀ ଛାତ୍ରଛାତ୍ରୀମାନଙ୍କ ସଫଳତା ନିମନ୍ତେ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ତାଙ୍କ ନିଜ ଦେଶ କ୍ୟାମେରୁନ୍‌ର ଛାତ୍ରଛାତ୍ରୀମାନେ ମଧ୍ୟ ଏହି ସଫଳତା ଲାଭ କରିଥିବାରୁ ସେ ଆନନ୍ଦ ପ୍ରକାଶ କରିଥିଲେ । ସୋଆ ସହିତ କ୍ୟାମେରୁନ୍‌ର ହାନସିଆଟିକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକନୋଲୋଜି ଆଣ୍ଡ ଆପ୍ଲାଇଡ୍ ସାଇନସେସର ଉଚ୍ଚ ଶିକ୍ଷାରେ ସହଯୋଗ ନିମନ୍ତେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିବା ସେ ପ୍ରକାଶ କରିଥିଲେ । ପ୍ରଫେସର କାମଗାଙ୍କ ପତ୍ନୀ ଜିନି କାମଗା ଯିଏ କି ଦ ହେଗ ସ୍ଥିତ ଇଣ୍ଟରନ୍ୟାସନାଲ କୋର୍ଟ ଅଫ୍ ଜଷ୍ଟିସ୍‌ରେ କାର୍ଯ୍ୟରତ ସେ ମଧ୍ୟ ଉତ୍ସବରେ ଉପସ୍ଥିତ ଥିଲେ । ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସେ କହିଥିଲେ ଯେ ଏହି ଛାତ୍ରଛାତ୍ରୀମାନେ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ ର‍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ୍ (ଏନଆଇଆରଏଫ୍) ର‍ୟାଙ୍କିଙ୍ଗ୍ ଅନୁଯାୟୀ ଭାରତର ୧୫ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିଥିବାରୁ ଗର୍ବିତ ହେବା ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ, ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଓ ପ୍ରଫେସର (ଡ) ନୀତା ମହାନ୍ତି, କଂଟ୍ରୋଲର ଅଫ୍ ଏଗଜାମିନେସନ ପ୍ରଫେସର ମଞ୍ଜୁଳା ଦାସ, ୟୁନିଭର୍ସିଟି ଆଉଟ୍‌ରିଚ ପ୍ରୋଗ୍ରାମ ଓ ଇଂଟରନ୍ୟାସନାଲ ରିଲେନ୍ସ ନିର୍ଦ୍ଦେଶକ ପ୍ରଫେସର ନଚିକେତା କେ. ଶର୍ମା ଓ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ଉପସ୍ଥିତ ଥିଲେ ।

କର୍କଟ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଫିକିର ଜାତୀୟ ଆଲୋଚନାଚକ୍ର

୩୧୧ କୋଟି ଟଙ୍କାର ବଜେଟ୍ ଓ ବ୍ୟାପକ ସ୍କ୍ରିନିଂ ସହିତ କର୍କଟ ଚିକିତ୍ସାକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ପ୍ରତିବଦ୍ଧ: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର (ବ୍ୟୁରୋ) : ଓଡ଼ିଶାରେ କର୍କଟ ରୋଗର ଉନ୍ନତ ଚିକିତ୍ସା ବ୍ୟବସ୍ଥା ଉପରେ ଆଲୋଚନା କରିବା ପାଇଁ ଫିକି ପକ୍ଷରୁ 'ଅନକୋଫାର୍ମା ୨୦୨୬' ଶୀର୍ଷକ ଏକ ଗୋଲଟେବୁଲ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ସରକାରୀ ଅଧିକାରୀ, ଡାକ୍ତର, ହସ୍ପିଟାଲ ପ୍ରତିନିଧି, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ରାଜ୍ୟରେ ଏକ ସୁଦୃଢ଼ ଏବଂ ସହଜଲଭ୍ୟ କର୍କଟ ଚିକିତ୍ସା ବ୍ୟବସ୍ଥା ଗଠନ ପାଇଁ ସରକାର ପ୍ରତିବଦ୍ଧ । ମୁଖ୍ୟମନ୍ତ୍ରୀ କ୍ୟାନ୍ସର କେୟାର ଯୋଜନା ଅଧୀନରେ ୩୧୧ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି । ରାଜ୍ୟର ୩୨ଟି ଜିଲ୍ଲାରେ ଡେ-କେୟାର କେମୋଥେରାପି କେନ୍ଦ୍ର ଖୋଲାଯାଇ ସ୍ଥାନୀୟ ସ୍ତରରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି, ଯେଉଁଥିରେ ନିକଟରେ ୩୫,୦୦୦ରୁ ଅଧିକ ଚିକିତ୍ସା ସାଇକେଲ ପ୍ରଦାନ କରାଯାଇଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ: ଗରିବ ପରିବାର ଉପରୁ ଆର୍ଥିକ ବୋଝ କମାଇବା ପାଇଁ ସ୍ୱାସ୍ଥ୍ୟ ଯୋଜନାରେ ୯୧ଟି ବିଶେଷ କର୍କଟ ଚିକିତ୍ସା ପ୍ୟାକେଜ୍ ସାମିଲ କରାଯାଇଛି । କିଶୋରୀମାନଙ୍କ ପାଇଁ ଜାତୀୟ ଏଚ୍.ପି.ଭି. ଟୀକାକରଣ ଅଭିଯାନ ଜାରି ରହିଛି । 'ସୁସ୍ଥ ନାରୀ, ସଶକ୍ତ ପରିବାର' କାର୍ଯ୍ୟକ୍ରମ ଅଧୀନରେ ୧.୫ କୋଟିରୁ ଅଧିକ ମହିଳାଙ୍କର ସ୍ତନ, ଗର୍ଭାଶୟ ଏବଂ ମୁଖ ଗହ୍ୱର କର୍କଟ ପାଇଁ ସ୍କ୍ରିନିଂ (ପରୀକ୍ଷା) କରାଯାଇଛି । ଗ୍ରାମାଞ୍ଚଳରେ ଉନ୍ନତ ରୋଗ ନିରୂପଣ ଓ ପରୀକ୍ଷା ସୁବିଧା ପହଞ୍ଚାଇବା ପାଇଁ ସେ ଘରୋଇ ସଂସ୍ଥା ଏବଂ କର୍ପୋରେଟ୍ ହାଉସଗୁଡ଼ିକୁ ସେମାନଙ୍କ ସି.ଏସ.ଆର. ପାଣ୍ଠି ମାଧ୍ୟମରେ ମୋବାଇଲ୍ ଭ୍ୟାନ୍ ନିୟୋଜିତ କରିବାକୁ ଆହ୍ୱାନ ଦେଇଛନ୍ତି । ଫିକି ଓଡ଼ିଶା ରାଜ୍ୟ କାଉନସିଲର ଅଧକ୍ଷ ଜଗନ୍ନାଥ ପି. ନାୟକ କହିଛନ୍ତି ଯେ, କର୍କଟ ଚିକିତ୍ସା କ୍ଷେତ୍ରରେ ହେଉଥିବା ନୂତନ ଅଗ୍ରଗତି ଯେପରି ଗ୍ରାମାଞ୍ଚଳ ସମେତ ପ୍ରତ୍ୟେକ ଆବଶ୍ୟକୀୟ ଲୋକଙ୍କ ପାଖରେ ପହଞ୍ଚିପାରିବ ତାହା ସୁନିଶ୍ଚିତ କରିବା ଜରୁରୀ । ସରକାର ଡାକ୍ତର ଏବଂ ଶିଳ୍ପ ସଂସ୍ଥା ମିଳିତ ଭାବେ କାର୍ଯ୍ୟ କଲେ ଏକ ସୁଲଭ ଓ ସୁଦୃଢ଼ ଚିକିତ୍ସା ବ୍ୟବସ୍ଥା ଗଠନ ହୋଇପାରିବ । ଡିଏମଇଟି ନିର୍ଦ୍ଦେଶକ ଡ. ଦୁର୍ଗା ମାଧବ ଶତପଥୀ ରୋଗର ପ୍ରାଥମିକ ଚିହ୍ନଟ ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ, ପ୍ରାରମ୍ଭିକ ପର୍ଯ୍ୟାୟରେ ରୋଗ ଧରାପଡ଼ିଲେ ଚିକିତ୍ସା ଅଧିକ ଫଳପ୍ରଦ ହୋଇଥାଏ । ତେଣୁ ଦୂରଦୂରାନ୍ତ ଅଞ୍ଚଳରେ ନିୟମିତ ସ୍କ୍ରିନିଂ ହେବା ଆବଶ୍ୟକ । ଡ୍ରଗ୍ କଣ୍ଟ୍ରୋଲର ମମିନା ପଟ୍ଟନାୟକ ତମାଖୁ ଓ ଇ-ସିଗାରେଟ୍ ଭଳି ନିକୋଟିନ୍ ଦ୍ରବ୍ୟର ବ୍ୟବହାର ଦ୍ୱାରା ବଢୁଥିବା ବିପଦ ସମ୍ପର୍କରେ ସତର୍କ କରାଇବା ସହ ରୋଗ ପ୍ରତିରୋଧକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସଂଳିଳନୀରେ ସଠିକ୍ ସମୟରେ ରୋଗ ଚିହ୍ନଟ, ସୁଲଭ ଚିକିତ୍ସା ଏବଂ ସ୍ଥାୟୀ ଆର୍ଥିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା, ଯାହାଦ୍ୱାରା କର୍କଟ ଜନିତ ମୃତ୍ୟୁହାର କମାଯାଇପାରିବ । ଏହି କାର୍ଯ୍ୟକ୍ରମରେ ଇଣ୍ଡାଇନଲେଜ୍ ପାର୍ଟନର ଏବଂ ଆଷ୍ଟ୍ରାଜେନେକା, ଜନସନ ଆଣ୍ଡ ଜନସନ ଓ ନୋଭାର୍ଟିସ୍ ଇଣ୍ଡିଆ ଇଣ୍ଡଷ୍ଟ୍ରି ପାର୍ଟନର ଭାବେ ସହଯୋଗ କରିଥିଲେ ।

୮ ନଂ ୱାର୍ଡ କାର୍ଯ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର (ବ୍ୟୁରୋ) : ଭୁବନେଶ୍ୱର ମହାନଗର ନିଗମ ଅର୍ନ୍ତଗତ ୮ ନମ୍ବର ୱାର୍ଡର ଡମଣା ହାଟ ନିକଟସ୍ଥ ହାଉସିଂବୋର୍ଡ କଲୋନୀରେ ନବନିର୍ମିତ ୱାର୍ଡ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ଯୁବନେତା ମନୋଜ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଯୋଗଦେଇ ୱାର୍ଡ କାର୍ଯ୍ୟଳୟର ଶୁଭ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ କର୍ପୋରେଟର ଲାଲ ମୋହନ ଚୁଡୁ ଓ ସାନିଟାରୀ ଇନ୍‌ସପେକ୍ଟର ବିବେକ ରଞ୍ଜନ ରାଉତରାୟ ଉପସ୍ଥିତ ଥିଲେ । ବିଏମସି ଲୋକମାନଙ୍କ ଘର ପାଖରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାର ଲକ୍ଷ ନେଇ ପ୍ରତ୍ୟେକ ୱାର୍ଡରେ ୱାର୍ଡ କାର୍ଯ୍ୟାଳୟ ନିର୍ମାଣ କରାଯାଇଛି । ସେଠାରେ ସ୍ଥାନୀୟ ବାସିନ୍ଦାମାନେ ବିଭିନ୍ନ ସେବା ପାଇ ପାରିବେ ବୋଲି ମେୟର ଶ୍ରୀମତୀ ଦାସ କହିଥିଲେ । ସେହିପରି ୱାର୍ଡ କାର୍ଯ୍ୟାଳୟ ନିକଟରେ ନବନିର୍ମିତ ଶୌଚାଳୟ ମଧ୍ୟ ଉଦ୍‌ଘାଟିତ ହୋଇଥିଲା । ଦୀର୍ଘଦିନ ପରେ ୱାର୍ଡ କାର୍ଯ୍ୟାଳୟ ଉଦ୍‌ଘାଟନ ହେଉଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସହ ଦେଖା ଦେଇଥିଲା । ପ୍ରତିକୂଳ ପାଗ ସତ୍ତ୍ୱେ ଶହ ଶହ ସଂଖ୍ୟାରେ ଲୋକମାନେ ଏକତ୍ରିତ ହୋଇ ବିଧାୟକ ଓ ମେୟରଙ୍କୁ ପୁଷ୍ପ ବର୍ଷା କରି ପାଛୋଟି ଆଣିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ, ପୁରୁଷ, ମହିଳା ଓ ଯୁବକମାନେ ଉପସ୍ଥିତ ଥିଲେ ।

ଶୈଳଶ୍ରୀ ବିହାର ଫେଜ ୭ ଆବାସିକ ସଂଘର ସାଧାରଣ ନିର୍ବାଚନ ସଭା

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଅଗ୍ରଗତି ସମୀକ୍ଷା

ଶୀଘ୍ର ନିର୍ମାଣକାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର(ବ୍ୟୁରୋ): ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଗୁରୁତ୍ୱପୂର୍ଣ୍ଣ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାର କାର୍ଯ୍ୟକାରିତା ସଂପର୍କିତ ରାଜ୍ୟସ୍ତରୀୟ ପରିଚାଳନା କମିଟିର ପ୍ରଥମ ବୈଠକ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟରେ ଗୁଣାତ୍ମକ ଓ ସମାବେଶୀ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ନିର୍ମାଣର ଅଗ୍ରଗତି, ଯୋଜନାର କାର୍ଯ୍ୟାନୟନ ଓ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ପରିଚାଳନା କମିଟିର ଭୂମିକା, ଦାୟିତ୍ୱ, ଯୋଜନାର କାର୍ଯ୍ୟାନୁୟନ ଏବଂ ନିରୀକ୍ଷଣ ଓ ତଦାରଖ ପାଇଁ ଗଠିତ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ସେଲ୍ର କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥାପନା କରିଥିଲେ । ବୈଠକରେ ଯୋଜନାର ସଠିକ୍ କାର୍ଯ୍ୟାନୁୟନ ପାଇଁ ଆନ୍ତଃ ବିଭାଗୀୟ ସମନ୍ୱୟ, ନିୟମିତ ଅଗ୍ରଗତି ସମୀକ୍ଷା ଏବଂ ଆବଶ୍ୟକତା ଅନୁଯାୟୀ ନୀତିଗତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟନୁୟନକାରୀ ସଂସ୍ଥାମାନଙ୍କ ଦ୍ୱାରା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ନିର୍ମାଣ କାର୍ଯ୍ୟରେ କେତେ ଅଗ୍ରଗତି ହୋଇଛି ସେ ସଂପର୍କରେ ସମୀକ୍ଷା କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୧୮ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି, ସମୁଦାୟ ୩୨୨ଟି ବିଦ୍ୟାଳୟ ନିର୍ମାଣ ଏହି ଯୋଜନାରେ ସାମିଲ ହୋଇଛି । ବୈଠକରେ ମୁଖ୍ୟ ସଚିବ ବିଭିନ୍ନ ନିର୍ମାଣକାରୀ ସଂସ୍ଥାମାନଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଯୋଜନା କାର୍ଯ୍ୟକାରିତାକୁ ଅଧିକ ସଫଳ କରିବା ପାଇଁ ବିଦ୍ୟାଳୟ ଚୟନ ଓ ଭିତ୍ତିଭୂମି ସମ୍ବନ୍ଧୀୟ କେତେକ ଗାଇଡଲାଇନରେ ସଂଶୋଧନ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି । କେତେକ ସ୍ଥାନରେ ଜମିର ଆକାର, ଓସାର ଓ ଭୂମିର ଆକୃତି ଅନୁଯାୟୀ ପୂର୍ବରୁ ଅନୁମୋଦିତ ବର୍ଗାକାର ବିଲ୍ଡିଂ ପ୍ଲାନ୍ କାର୍ଯ୍ୟକାରୀ କରିବା ସମ୍ଭବ ହେଉନଥିବାରୁ ଆୟତାକାର ପ୍ଲାନ୍ ଅନୁମୋଦନ ପାଇଁ ବୈଠକରେ ପ୍ରସ୍ତାବ ଦିଆଯାଇଛି । ଯୋଜନାର କାର୍ଯ୍ୟନ୍ୱୟନ, ନିରୀକ୍ଷଣ ଓ ଗୁଣାତ୍ମକ ତଦାରଖକୁ ଅଧିକ ସୁଦୃଢ଼ କରିବା ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସେଲ୍ରେ ଟେକ୍ନିକାଲ୍ ଓ ଏକାଡେମିକ୍ ଏବଂ ପ୍ରଶାସନିକ ତଥା ଅର୍ଥ ଏବଂ ମାନବ ସମ୍ବଳ ନିୟୋଜନ ଉପରେ ଆଲୋଚନା ହୋଇଛି । ଆବଶ୍ୟକତା ଅନୁଯାୟୀ ପ୍ରସ୍ତାବିତ ବିଦ୍ୟାଳୟର ନିକଟସ୍ଥ ସରକାରୀ/ବେସରକାରୀ ଜମି ଅଧିଗ୍ରହଣ କରିବା ଏବଂ କେବଳ ପଞ୍ଚାୟତ ମୁଖ୍ୟାଳୟରେ ଏହି ବିଦ୍ୟାଳୟ ସ୍ଥାପନ ସୀମିତ ନରଖି, ସେଠାରେ ଜମି ଉପଲବ୍ଧ ନଥିଲେ ପଞ୍ଚାୟତର ସର୍ବାଧିକ ଜନବସତି ଥିବା ସ୍ଥାନରେ ବିଦ୍ୟାଳୟ ସ୍ଥାପନ ପାଇଁ ଗାଇଡଲାଇନ ସଂଶୋଧନ ପ୍ରସ୍ତାବ ଦିଆଯାଇଛି ।

ଏମ୍‌ବିଏରେ ନାମଲେଖା ପାଇଁ ସ୍ନାପରେ ଆବେଦନ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର(ବ୍ୟୁରୋ): ସିମ୍ବାୟୋସିସ ଇଂଟରନ୍ୟାସନାଲ (ଡିମଡ ୟୁନିଭର୍ସିଟି) ପକ୍ଷରୁ ଏମ୍.ବି.ଏ. ଆଶାୟୀଙ୍କ ପାଇଁ ଜାତୀୟସ୍ତରୀୟ ପ୍ରବେଶିକା ପରୀକ୍ଷା ସିମ୍ବାୟୋସିସ ନ୍ୟାସନାଲ ଆପ୍ଟିଚ୍ୟୁଡ୍ ଟେଷ୍ଟ (ସ୍ନାପ ୨୦୨୬) ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ କରିଛି । ପାଂଚ ଦଶବ୍ଧରୁ ଅଧିକ ସମୟର ଶିକ୍ଷାଗତ ଉତ୍କର୍ଷତା ସହ ସିମ୍ବାୟୋସିସ ବିଶ୍ୱସ୍ତରୀୟ, ଶିଳ୍ପ-ଅନୁକୂଳ ଏବଂ ଗୁଣାତ୍ମକ ପରିଚାଳନା ଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ପସନ୍ଦର ଅନୁଷ୍ଠାନ ଭାବେ ରହିଆସିଛି । ସ୍ନାପ ୨୦୨୬ ପାଇଁ ପୀକରଣ ଓ ଫି' ପେଠ ପ୍ରକ୍ରିୟା ୨୧ ଅଗଷ୍ଟ ୨୦୨୬ (ଶୁକ୍ରବାର)ଅଞ୍ଚରୁ ଆରମ୍ଭ ହୋଇ ୨୫ ନଭେମ୍ବର ୨୦୨୬ରେ ଶେଷ ହେବ। କମ୍ପ୍ୟୁଟର-ଆଧାରିତ ପରୀକ୍ଷା (ସିବିଟି) ତିନୋଟି ତାରିଖରେ ଅନୁଷ୍ଠିତ ହେବ। ପ୍ରାର୍ଥୀମାନେ ସର୍ବାଧିକ ତିନିଥର ପରୀକ୍ଷା ଦେଇପାରିବେ ଏବଂ ନାମଲେଖା ପ୍ରକ୍ରିୟାରେ ସର୍ବୋତ୍ତମ ସ୍କୋରକୁ ବିଚାର କରାଯିବ। ପରୀକ୍ଷା ତାରିଖ: ସ୍ନାପ ପରିକ୍ଷା ନିମ୍ନ ତାରିଖ ଗୁଡିକରେ ୧୩ ଡିସେମ୍ବର ୨୦୨୬ (ରବିବାର), ୧୯ ଡିସେମ୍ବର ୨୦୨୬ (ଶନିବାର. ୨୬ ଡିସେମ୍ବର ୨୦୨୬ (ଶନିବାର) ଅନୁଷ୍ଠିତ ହୋଇ ୧୨ ଜାନୁଆରୀ ୨୦୨୬ (ମଙ୍ଗଳବାର) ଫଳାଫଳ ପ୍ରକାଶ ପାଇବ । ସ୍ନାପ ୨୦୨୬ ଦେଶର ୭୯ଟି ସହରରେ ଅନୁଷ୍ଠିତ ହେବ। ପରୀକ୍ଷାରେ ଅବଜେକ୍ଟିଭ୍ ପ୍ରକାରର ପ୍ରଶ୍ନ ରହିବ ଏବଂ ପ୍ରତ୍ୟେକ ପ୍ରଶ୍ନର ଚାରିଟି ଉତ୍ତର ବିକଳ୍ପ ରହିବ। ପ୍ରତ୍ୟେକ ଭୁଲ ଉତ୍ତର ପାଇଁ ୨୫% ନେଗେଟିଭ୍ ମାର୍କିଂ ରହିବ। ପ୍ରତିଥର ସ୍ନାପ ପରୀକ୍ଷା ପାଇଁ ପୀକରଣ ଫି' ୨୫୫୦ ଟଙ୍କା ଥିବାବେଳେ ପ୍ରତ୍ୟେକ ପ୍ରୋଗ୍ରାମ୍ ପାଇଁ ଅତିରିକ୍ତ ୧୦୦୦ ଟଙ୍କା ଦେବାକୁ ପଡ଼ିବ। ଚୂଡ଼ାନ୍ତ ଚୟନ ବା ମେରିଟ୍ ତାଲିକା ଏକ ସମନ୍ୱିତ ସ୍କୋର ଆଧାରରେ ପ୍ରସ୍ତୁତ ହେବ। ସ୍ନାପ ସ୍କୋର - ୫୦ ମାର୍କ, ଗ୍ରୁପ୍ ଏକ୍ସରସାଇଜ୍ - ୧୦ ମାର୍କ, ପର୍ସନାଲ୍ ଇଂଟରାକ୍ସନ୍ - ୪୦ ମାର୍କ ଏବଂ ମୋଟ - ୧୦୦ ମାର୍କ ରହିବ । ଆବେଦନ ପାଇଁ ପ୍ରାର୍ଥୀଙ୍କ ପାଖରେ ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟ/ଜାତୀୟ ଗୁରୁତ୍ୱର ଅନୁଷ୍ଠାନରୁ ସର୍ବନିମ୍ନ ୫୦% ମାର୍କ ସହ ସ୍ନାତକ ଡିଗ୍ରୀ ଥିବା ଆବଶ୍ୟକ। ଏସି/ଏଟି ପ୍ରାର୍ଥୀଙ୍କ ପାଇଁ ଏହି ଯୋଗ୍ୟତା ୪୫%। ବିଦେଶୀ ଯୋଗ୍ୟତା ଥିବା ପ୍ରାର୍ଥୀଙ୍କୁ ଆଶୋସିଏସନ ଅପ ଇଣ୍ଡିଆନ ୟୁନିଭରସିଟିଜ (ଏଆଇୟୁ) ପକ୍ଷରୁ ସମକକ୍ଷତା ପ୍ରମାଣପତ୍ର ହାସଲ କରିବାକୁ ପଡ଼ିବ। ଆବେଦନ ପୂର୍ବରୁ ପ୍ରାର୍ଥୀମାନେ ସମ୍ପୃକ୍ତ ପ୍ରୋଗ୍ରାମର ନିର୍ଦ୍ଦିଷ୍ଟ ଯୋଗ୍ୟତା ଅଫିସିଆଲ୍ ୱେବସାଇଟରେ ଯାଂଚ କରିବାକୁ କୁହାଯାଇଛି ।

ଓଡ଼ିଶାରେ ଏଣିକି ବୈଜ୍ଞାନିକ ପଦ୍ଧତିରେ ହେବ ସଡ଼କ ସୁରକ୍ଷା

ଭୁବନେଶ୍ୱର(ବ୍ୟୁରୋ): ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଓଡ଼ିଶା ପୁଲିସ ପକ୍ଷରୁ କଟକସ୍ଥିତ କେନ୍ଦ୍ରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ଦିନିକିଆ 'ସଡ଼କ ସୁରକ୍ଷା ଓ ଦୁର୍ଘଟଣା ତଦନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଆୟୋଜିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀଙ୍କ ସମେତ ସଡ଼କ ସୁରକ୍ଷା ସହ ସମ୍ପୃକ୍ତ ବିଭିନ୍ନ ଅଂଶୀଦାର ଯୋଗଦେଇଥିଲେ। ଏସ୍‌ଟିଏର ବୈଷୟିକ ପରାମର୍ଶଦାତା ଭାବେ କାର୍ଯ୍ୟରତ ଆଇଆଇଟି ମାଡ୍ରାସର ବୈଷୟିକ ବିଶେଷଜ୍ଞମାନେ ଏଥିରେ ଯୋଗଦେଇ ବୈଜ୍ଞାନିକ ପଦ୍ଧତିରେ ସଡ଼କ ଦୁର୍ଘଟଣାର ତଦନ୍ତ ଓ ସଡ଼କ ସୁରକ୍ଷା ପରିଚାଳନା ସମ୍ପର୍କରେ ବୈଷୟିକ ଜ୍ଞାନ ଏବଂ ବ୍ୟବହାରିକ ପରାମର୍ଶ ପ୍ରଦାନ କରିଛନ୍ତି। କେନ୍ଦ୍ରାଞ୍ଚଳ ଆଇଜି ଡକ୍ଟର ସତ୍ୟଜିତ ନାୟକଙ୍କ ତତ୍ତ୍ୱାବଧାନରେ ଏବଂ ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ସହ ସମନ୍ୱୟରେ ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଶିକ୍ଷଣରେ ଦୁର୍ଘଟଣାର ତଦନ୍ତ ପାଇଁ ଏକ ବ୍ୟବସ୍ଥିତ ଓ ବୈଜ୍ଞାନିକ ପଦ୍ଧତି ବିକଶିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଦୁର୍ଘଟଣାସ୍ଥଳ ପରୀକ୍ଷା, ଦୁର୍ଘଟଣାରେ ସହାୟକ କାରକ ଚିହ୍ନଟ, ପ୍ରମାଣର ବୈଜ୍ଞାନିକ ସଂଗ୍ରହ ଓ ସୁରକ୍ଷିତ ସଂରକ୍ଷଣ, ଦୁର୍ଘଟଣା ପୁନର୍ନିର୍ମାଣ, ଦୁର୍ଘଟଣାର ପରିସ୍ଥିତି ବିଶ୍ଳେଷଣ ଏବଂ ତଦନ୍ତ ରିପୋର୍ଟ ପ୍ରସ୍ତୁତି ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏସ୍‌ଟିଏ ପକ୍ଷରୁ ସଡ଼କ ସୁରକ୍ଷା କ୍ଷେତ୍ରରେ ତଥ୍ୟଭିତ୍ତିକ ଓ ପ୍ରଯୁକ୍ତିଭିତ୍ତିକ ପଦ୍ଧତିକୁ ପ୍ରୋତ୍ସାହନ ଦେବା ପାଇଁ ସଡ଼କ ସୁରକ୍ଷା ତଥ୍ୟ ପରିଚାଳନାକୁ ସୁଦୃଢ଼ କରିବା, ରୋଡ୍ ସେଫ୍‌ଟି ଡ୍ୟାସ୍‌ବୋର୍ଡ ବିକଶିତ କରିବା, ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଏବଂ ଦୁର୍ଘଟଣା ପ୍ରତିରୋଧ ପାଇଁ ପ୍ରମାଣଭିତ୍ତିକ ପଦକ୍ଷେପ ଗ୍ରହଣ ଭଳି ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ବୈଜ୍ଞାନିକ ଦୁର୍ଘଟଣା ତଦନ୍ତ ପାଇଁ ଆଇଆଇଟି ମାଡ୍ରାସର ବୈଷୟିକ ଦକ୍ଷତା ପ୍ରଶିକ୍ଷଣର ବୈଷୟିକ ଅଧିବେଶନଗୁଡ଼ିକ ଏସ୍‌ଟିଏର ବୈଷୟିକ ପରାମର୍ଶଦାତା ଆଇଆଇଟି ମାଡ୍ରାସର ବିଶେଷଜ୍ଞମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ବିଶେଷଜ୍ଞମାନେ ଦୁର୍ଘଟଣାର ତଦନ୍ତ ସମ୍ପର୍କରେ ନିଜର ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରିଥିଲେ। ଏସ୍‌ଟିଏ କମିସନର ଅମିତାଭ ଠାକୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ଦୁର୍ଘଟଣାର ପ୍ରକୃତ କାରଣ ଚିହ୍ନଟ କରିବା ଏବଂ ପ୍ରଭାବଶାଳୀ ପ୍ରତିଷେଧମୂଳକ ପଦକ୍ଷେପ ବିକଶିତ କରିବା ପାଇଁ ବୈଜ୍ଞାନିକ ପଦ୍ଧତିରେ ତଦନ୍ତ, ନିର୍ଭରଯୋଗ୍ୟ ତଥ୍ୟ ଏବଂ ସମସ୍ତ ଅଂଶୀଦାରଙ୍କ ସମନ୍ୱିତ ପ୍ରୟାସ ଅତ୍ୟନ୍ତ ଆବଶ୍ୟକ। କେନ୍ଦ୍ରାଞ୍ଚଳ ଆଇଜି ଡ. ନାୟକ କହିଥିଲେ ଯେ ବୈଜ୍ଞାନିକ ପଦ୍ଧତିରେ ତଦନ୍ତ ଦୁର୍ଘଟଣାରେ ଥିବା ତ୍ରୁଟିଗୁଡ଼ିକୁ ବୁଝିବାରେ ସହାୟତା କରେ। ଭବିଷ୍ୟତରେ ସମାନ ଦୁର୍ଘଟଣାକୁ ରୋକିବା ପାଇଁ ଉପଯୁକ୍ତ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣର ସୁଯୋଗ ଦେଇଥାଏ।

କୋଟାକ ବିଜ୍‌ଲାବ୍ସ ତୃତୀୟ ସଂସ୍କରଣ ଜାତୀୟ ସ୍ତରରେ ପ୍ରସାରିତ

ଭୁବନେଶ୍ୱର(ବ୍ୟୁରୋ): କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍ ('କେଏମବିଏଲ'/ କୋଟାକ୍') ଆଜି ପାରମ୍ପରିକ ଅବସ୍ଥାରେ ରାଜସ୍ୱ ଅର୍ଜନ କରୁଥିବା ଏହାର ଷ୍ଟାର୍ଟଅପ ଗୁଡ଼ିକ ପାଇଁ ପ୍ରମୁଖ ସିଏସଆର ପଦକ୍ଷେପ କୋଟାକ୍ ବିଜ୍‌ଲାବ ଆକ୍ସିଲରେଟର କାର୍ଯ୍ୟକ୍ରମ ତୃତୀୟ ସଂସ୍କରଣର ଘୋଷଣା କରିଛି। ଏହି ତୃତୀୟ ସଂସ୍କରଣ ଅଗଷ୍ଟ ୨୦୨୬ରୁ ଅକ୍ଟୋବର ୨୦୨୭ ପର୍ଯ୍ୟନ୍ତ ଚାଲିବ ଏବଂ ସାରା ଭାରତରେ ରହିଥିବା ଏହାର ୧୦୦ରୁ ଅଧିକ ଷ୍ଟାର୍ଟଅପକୁ ମାର୍ଗଦର୍ଶନ ଇକୋସିଷ୍ଟମ ଗ୍ରହଣକାରୀତା ଏବଂ ଅନୁଦାନ ସହାୟତା ମାଧ୍ୟମରେ ସହଯୋଗ କରିବ। ଏହି ତୃତୀୟ ସଂସ୍କରଣରେ ୫ଟି ଇନକ୍ୟୁବେସନର ସହଯୋଗୀ ଏକାଠି ହୋଇଛନ୍ତି ଯାହା ମଧ୍ୟରେ ରହିଛି: ଆଇଆଇଏମ କଲିକତା ଇନୋଭେସନ ପାର୍କ, ସିଆଇଆଇଇ ଇନିସିଏଟିଭ୍ (ଆଇଆଇଏମଏ ଭେନଚ୍ୟୁଅର), ଆଇଆଇଏମ ବାଙ୍ଗାଲୁରୁଠାରେ ଅବସ୍ଥାପିତ ଆଇଆଇଏମବିଆଇ/ଏନଏସଆରସିଇଏଲ, ଟି-ହବ ଏବଂ ଆଇଆଇଟି ଦିଲ୍ଲୀଠାରେ ଅବସ୍ଥାପିତ ଏଫଆଇଟିଟି। ଏହାର ଶୁଭାରମ୍ଭ ପରଠାରୁ, କୋଟାକ୍ ବିଜଲାବ୍ ଆକ୍ସିଲରେଟର ବା ତ୍ୱରାନ୍ୱିତ ପ୍ରୋଗ୍ରାମ ସମଗ୍ର ଭାରତରେ ରହିଥିବା ଷ୍ଟାର୍ଟଅପଗୁଡ଼ିକ ଠାରୁ ୪,୫୦୦ରୁ ଅଧିକ ଆବେଦନ ପାଇଛି ଯାହା ମଧ୍ୟରୁ ୧୨୫ରୁ ଅଧିକ ଉଚ୍ଚ ସମ୍ଭାବନାସମ୍ପନ୍ନ ଉଦ୍ୟୋଗକୁ ଏହା ତ୍ୱରାନ୍ୱିତ କରିଛି ଏବଂ ୧୦୦ରୁ ଅଧିକ ଷ୍ଟାର୍ଟଅପକୁ ଏହା ଅନୁଦାନ ପ୍ରଦାନ କରିଛି। 'ତୃତୀୟ ସଂସ୍କରଣ ଉଚ୍ଚମାନର ସହାୟତାକୁ ସେହି ଅଂଚଳଗୁଡ଼ିକୁ ନେଇଯାଇଥାଏ, ଯେଉଁଠାରେ ପ୍ରତିଶ୍ରୁତିବଦ୍ଧ ଉଦ୍ୟୋଗୀମାନେ ପ୍ରାୟତଃ ରହିଥିବା ଇକୋସିଷ୍ଟମ ସହାୟତାର ସୁବିଧା ପାଇପାରନ୍ତି ନାହିଁ। ଆଇଆଇଏମ କଲିକତା ଇନୋଭେସନ ପାର୍କ ସହିତ ଆମର ସହଭାଗୀତା ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତରେ ରହିଥିବା ଆମର ଉପସ୍ଥିତିକୁ ବିସ୍ତାରିତ କରିଛି ଏବଂ କୋଟାକ୍ ବିଜ୍‌ଲାବ୍‌କୁ ଆଂଚଳିକ ଷ୍ଟାର୍ଟଅପ ହବଗୁଡ଼ିକର ଏକ ବ୍ୟାପକ ନେଟୱାର୍କ ସହିତ ଏହାକୁ ଯୋଡ଼ିଥାଏ। ଆମର ଲକ୍ଷ୍ୟ ହେଉଛି, ଭାଗ ନେଉଥିବା ପ୍ରତ୍ୟେକ ଷ୍ଟାର୍ଟଅପକୁ ଏହାର ପରବର୍ତ୍ତି ପଦକ୍ଷେପ ନେବା ପାଇଁ ଆବଶ୍ୟକ ହେଉଥିବା ମାର୍ଗଦର୍ଶନ, ନେଟୱାର୍କ ଏବଂ ପାଣ୍ଠି ସହାୟତା ଯୋଗାଇଦେବା ହିମାଂଶୁ ନିଭସରକାର, ମୁଖ୍ୟ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ, ସିଏସଆର ଓ ଇଏସଜି ମତବ୍ୟକ୍ତ କରି କହିଛନ୍ତି ।

ବର୍ଷା ବେଦନା : ଅଧା ରାଜଧାନୀ ଘଣ୍ଟାଏ ଜାମ୍

ଭୁବନେଶ୍ୱର(ବ୍ୟୁରୋ): ଗତକାଲି ଅପରାହ୍ନରେ ଢାଳିଲା ବର୍ଷା । ୨-୩ ଘଣ୍ଟା ଯାଏଁ ନାଦି ଚାଲିଲା । ବର୍ଷାରେ ତ ଯାହା ହଇରାଣ ହେଲେ ରାଜଧାନୀବାସୀ । କିନ୍ତୁ ବର୍ଷାର ପରବର୍ତ୍ତୀ ଟ୍ରାଫିକ୍ ଜାମ୍‌ରେ ପୁରା ରୁଦ୍ଧ ହୋଇଗଲେ । ଜନପଥ, କଟକ ରୋଡ, ଜୟଦେବ ବିହାର ନନ୍ଦନକାନନ ରାସ୍ତାରେ ଇଞ୍ଚେ ଗଡ଼ିଲାନି ଗାଡ଼ି । ଏନ୍‌ଏଚ୍ ୧୬ ଓ ସର୍ଭିସ୍ ରାସ୍ତାରେ କଲବଲ ହେଲେ ଗାଡ଼ିଚାଳକ। ଘଣ୍ଟାଏ ଧରି ଅଧା ରାଜଧାନୀ ସତେ ଯେମିତି ଅଚଳ ହୋଇଗଲା। ଏକରକମ ଚକାଜାମ୍ ସ୍ଥିତି ଉପୁଜିଥିଲା। ଅପରାହ୍ନରେ ମୂଷଳାଧାର ବର୍ଷା ଯୋଗୁ ବାଇକ୍ ଚାଳକମାନେ ବିଭିନ୍ନ ଜାଗାରେ ଆଶ୍ରୟ ନେଇଥିଲେ। ସନ୍ଧ୍ୟା ସାଢ଼େ ୫ଟା ବେଳକୁ ବର୍ଷା ପ୍ରାୟତଃ ଛାଡି ଯାଇଥିଲା । ସଭିଏଁ ଏକାବେଳକେ ଗନ୍ତବ୍ୟସ୍ଥଳ ମୁହାଁ ହେଲେ । ଅଫିସରୁ କର୍ମଚାରୀ, ସ୍କୁଲ କଲେଜରୁ ଛାତ୍ରଛାତ୍ରୀମାନେ ଘରକୁ ଯିବାକୁ ବାହାରିଲେ। ହେଲେ, ଅଧାରାସ୍ତାରେ ଅଧିକାଂଶ ଟ୍ରାଫିକ୍ ଜାମ୍‌ରେ ଫସିଲେ। କିଏ ଘଣ୍ଟାଏ ଧରି ଟ୍ରାଫିକ୍ ଫାଶରୁ ମୁକୁଳି ପାରିଲାନି । କିଏ ବର୍ଷା ପାଣି ଜାଲରେ ଫସି ତ୍ରାହି ତ୍ରାହି ଡାକିଲା । ବିଶେଷକରି, ବରମୁଣ୍ଡା-ନୂଆପଲ୍ଲୀ ଓ ଜୟଦେବ ବିହାର ବାଣୀବିହାର ଓଭରବ୍ରିଜ୍‌ରେ ସର୍ଭିସ୍ ରାସ୍ତା ଲୋକଙ୍କୁ ଅଧିକ ଦୁଃଖ ଦେଇଥିଲା। ଓଭରବ୍ରିଜ ଉପରେ ବି ଗାଡ଼ିମୋଟର ଜାମ୍ ହୋଇଥିଲା । ପଳାଶୁଣୀ ଛକରୁ ହଂସପାଳ ଯାଏ ଗାଡ଼ିର ବେଗ ଧିମେଇ ଯାଇଥିଲା । ସନ୍ଧ୍ୟା ସମୟ ହେତୁ ଶହ ଶହ ଯାତ୍ରୀ ନାଇଟ୍ କୋଚ ବସରେ ବସିବାକୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଅଭିମୁଖେ ମାଡିଗଲେ । ଫାୟାରଷ୍ଟେସନ, ସିଆରପି, ନୂଆପଲ୍ଲୀ ସର୍ଭିସ୍ ରାସ୍ତାରେ ବସ୍ ସହ କାର, ବାଇକ୍, ଅଟୋରିକ୍ସା ଫସି ରହିଥିଲା । ଜାଗମରା ଛକ ଦେଇ ଏହି ରାସ୍ତା ପାର୍ କରିବା ଅନେକଙ୍କୁ ନାକେଦମ୍ କରିଥିଲା । ଖଣ୍ଡଗିରି-ଗଣ୍ଡମୁଣ୍ଡା ରାସ୍ତାରେ ଅନେକ ସମୟ ଧରି ଚକାଜାମ ଲାଗି ରହିଥିଲା । ଅଧା ପନ୍ତରିଆ ରାସ୍ତାରେ ଫସି ରହିଲେ ଅନେକ ଗାଡ଼ି ଚାଳକ। ଏମିତିକି ଖଣ୍ଡଗିରି ନାକାଗେଟ୍-ଷ୍ଟୁଡିଓ ଛକ ଭଳି ଫାଙ୍କା ରାସ୍ତା ବି ଅପେକ୍ଷାରତ ଗାଡ଼ିର ପେଁ ପାଁ ଶବ୍ଦରେ କମ୍ପି ଉଠିଥିଲା । ଘାଟିକିଆ ଟି ଜଙ୍କସନରେ ସ୍ଥିତି ବେହାଲ ହୋଇଗଲା । ଏଠି ୩ ଦିଗରୁ ମନଇଚ୍ଛା ଗାଡ଼ି ପୁରାଇବାରୁ ଅଯଥାରେ ଅନେକ ଫସିଥିଲେ । ଜୟଦେବ ବିହାରରୁ ପଟିଆ ଯାଏଁ ବି ଗାଡ଼ିର ଲାଇନ୍ ଲମ୍ବିଥିଲା । ପାଲ ହାଇଟ୍ସ, ଜାଭିୟର ଛକ, ନାଲକୋ ଛକ ଯାଏ ରାସ୍ତାର ଦୁଇପାର୍ଶ୍ୱରେ ଭୟଙ୍କର ଜାମ ଦେଖାଦେଇଥିଲା । ଜନପଥରେ ଚକାଜାମ୍ ଯୋଗୁ ଅଧିକାଂଶ ଗାଡ଼ି ଚାଳକ ଗଳି ରାସ୍ତା ଖୋଜିଥିଲେ । ରାଜମହଲ, ମାଷ୍ଟରକ୍ୟାଣ୍ଟିନ୍, ରାମମନ୍ଦିର, ରୁପାଲି ଛକରେ ନାହିଁ ନଥିବା ଗହଳି ଲାଗିରହିଥିଲା । କଟକ ରୋଡ କଥା ନ କହିବା ଭଲ । ବିଭିନ୍ନ ଛକରେ ପାଣି ଜମିବାରୁ ଗାଡ଼ି ଗଡ଼ିଲାନି । ଷ୍ଟେସନ ରୋଡ, କନ୍ଧନା, ଲକ୍ଷ୍ମୀସାଗର, ବମିଖାଲରେ ଲୋକେ ଟ୍ରାଫିକ୍ ଜାମରେ

ହଣ୍ଡପାରେ ବେଆଇନ କୋଇଲା ଷ୍ଟକ୍‌ୟାର୍ଡ

ଘରୋଇ ଜମିରେ ଗଦା କରାଯାଉଛି କୋଇଲା

ଅନୁଗୋଳ(ଅମୃତ ମିଡିଆ): ଅନୁଗୋଳରେ ବେଆଇନ ଭାବେ ଚାଲିଛି କୋଲ୍ ଷ୍ଟକ୍‌ୟାର୍ଡ। ରେଲୱେ ସାଇଡିଂ ବଦଳରେ ଘରୋଇ ଜମିରେ କୋଇଲା ଗଦା କରାଯାଉଛି। ପ୍ରଦୂଷିତ ହେଉଛି ଗାଁ ପରିବେଶ। ଏନେଇ ତଦନ୍ତ ଚାଲିଛି, ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଫେଇ ଦେଇଛି ଖଣି ବିଭାଗ। ଅନୁଗୋଳ ଜିଲ୍ଲା ହଣ୍ଡପା ରେଳଷ୍ଟେସନ ନିକଟରେ ବେଆଇନ ଭାବେ ବିପୁଳ ପରିମାଣର କୋଇଲା ଗଦା କରାଯାଇଥିବା ନେଇ ଅଭିଯୋଗ ଆସିଛି। ସରକାରୀ ନିୟମକୁ ବେଖାତିର କରି ଘରୋଇ ଜମିରେ କୋଇଲା ଷ୍ଟକୟାର୍ଡ କରାଯାଇଥିବା ଦେଖିବାକୁ ମିଳିଛି। ସରକାରୀ ନିୟମ ଅନୁସାରେ, କେବଳ ରେଲୱେ ସାଇଡିଂରେ ହିଁ କୋଇଲା ଷ୍ଟକୟାର୍ଡ ହେବାର ବ୍ୟବସ୍ଥା ରହିଛି। କିନ୍ତୁ ହଣ୍ଡପା ରେଳଷ୍ଟେସନ ନିକଟରେ ସରକାରୀ ନିୟମକୁ ଫୁ କରି ଘରୋଇ ଜମିରେ ବିପୁଳ ପରିମାଣର

କୋଇଲା ରଖାଯାଇଛି। ତେବେ କିଏ ଓ କେବେଠାରୁ ଏଠାରେ କୋଇଲା ଷ୍ଟକୟାର୍ଡ କରିଛି, ତାହା ଏବେ ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ବହୁଦିନ ହେଲା ଘରୋଇ ଜମିରେ କୋଇଲା ମହଜୁଦ ହେଉଥିବା ସେମାନେ ଦେଖିବାକୁ ପାଉଛନ୍ତି। ଏଥିପାଇଁ ଗାଁ ଧୂଳି ଧୂଆଁରେ ପ୍ରଦୂଷିତ ହେବାସହ ନିକଟସ୍ଥ ନାଳ ପାଣି ବି ଦୂଷିତ ହେଉଛି। ଏନେଇ ସରକାର ଉପଯୁକ୍ତ ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଛନ୍ତି। ଏବେ କୋଲ୍ ଷ୍ଟକ୍‌ୟାର୍ଡ ହୋଇଥିବା ପ୍ଲଟ୍‌କୁ ପୂର୍ବରୁ ଭେଜାଲ ଓ ଚାରକୋଲ୍ ମିଶ୍ରଣ ଭଳି ବେଆଇନ କାର୍ଯ୍ୟକଳାପ ପାଇଁ ସରକାରଙ୍କ ଦ୍ୱାରା ବନ୍ଦ କରାଯାଇଥିଲା। ତେବେ ସରକାରୀ ସିଲ୍ ଭାଙ୍ଗି ଏବେ ସେହି ସ୍ଥାନରେ ପୁଣିଥରେ ବେଆଇନ ଅନୁପ୍ରବେଶ କରିବା ଏକ ଗୁରୁତର ଅପରାଧ। ଏହା ସିଧାସଳଖ ରାଜ୍ୟ ସରକାରଙ୍କ ଇଣ୍ଟିଗ୍ରେଟେଡ୍ ମାଇନ୍ସ ଆଣ୍ଡ ମିନେରାଲ୍ସ ମ୍ୟାନେଜମେଣ୍ଟ ସିଷ୍ଟମ ନିୟମର ଉଲ୍ଲଂଘନ ବୋଲି ଅଭିଯୋଗ ହେଉଛି। ଅପରପକ୍ଷରେ ଗାଁ ରାସ୍ତା ଦେଇ ବେଆଇନ ଭାବେ କୋଇଲା ପରିବହନ ହେଉଥିବାରୁ ରାସ୍ତା ନଷ୍ଟ ହେବା ସହ ସରକାରୀ ରାଜସ୍ୱ ହାନି ହେଉଛି। ବୁଦ୍ଧିଜୀବୀଙ୍କ କହିବା କଥା, ବର୍ଷ ବର୍ଷ ଧରି ରେଳ ଷ୍ଟେସନ ନିକଟରେ ବେଆଇନ କୋଇଲା ଷ୍ଟକୟାର୍ଡ ଚାଲିଥିବା ବେଳେ କିଭଳି ଜାଣିପାରୁନି ଖଣି ବିଭାଗ କାହା ଛତ୍ରଛାୟାରେ ଚାଲିଛି ଏ ବେଆଇନ କୋଇଲା ଷ୍ଟକ୍‌ୟାର୍ଡ ତାଳଚେର ଖଣି ଉପ ନିର୍ଦ୍ଦେଶକ ଦେବେନ୍ଦ୍ର ନାଥ ଦଳାଇ କହିଛନ୍ତି, ଏ ପ୍ରସଙ୍ଗରେ ଖଣି ବିଭାଗ ସଂଜ୍ଞାନ ଅଛି। ଯାଞ୍ଚ ପାଇଁ ଏକ ଟିମ୍‌କୁ ଘଟଣାସ୍ଥଳକୁ ପଠାଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ଖଣି ବିଭାଗ ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଦଳାଇ ସୂଚନା ଦେଇଛନ୍ତି।

ସୁବର୍ଣ୍ଣରେଖା ତଟସୁରକ୍ଷା ପାଇଁ ୪ ପ୍ରକଳ୍ପକୁ ଅନୁମୋଦନ

ଜଲେଶ୍ୱର(ଅମୃତ ମିଡିଆ): ଉତ୍ତର ବାଲେଶ୍ୱରର ବନ୍ୟାପ୍ରବଣ ଅଞ୍ଚଳକୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ସୁବର୍ଣ୍ଣରେଖା ନଦୀର ତଟସୁରକ୍ଷା ପାଇଁ ଜଳ ସମ୍ପଦ ବିଭାଗ ପ୍ରସ୍ତୁତ କରିଥିବା ୨୯.୮୨ କୋଟି ଟଙ୍କାର ୪ଟି ପ୍ରକଳ୍ପକୁ ଉଚ୍ଚ ବୈଷୟିକ ପରାମର୍ଶଦାତା କମିଟି (ଟିଏସି) ଅନୁମୋଦନ ଦେଇଛି। ଭୋଗରାଇ ବ୍ଲକ୍ ସୁବର୍ଣ୍ଣରେଖାର ନିମ୍ନ ଅବବାହିକାରେ ଥିବାରୁ ପ୍ରତିବର୍ଷ ବର୍ଷାଋତୁରେ ଏକାଧିକ ବନ୍ୟାର ସମ୍ମୁଖୀନ ହେଉଛି। ବାରମ୍ବାର ବନ୍ୟା ସହ ନଦୀର ଗତିପଥ ପରିବର୍ତ୍ତନ କାରଣରୁ ତଟ କ୍ଷୟ ହୋଇଚାଲିଛି। ସୁବର୍ଣ୍ଣରେଖା ଜଳସ୍ତର ବିପଦସଙ୍କେତ ୧୦.୩୬ ମିଟର ଅତିକ୍ରମ କଲେ ନଦୀବନ୍ଧ ଭାଙ୍ଗି ବିସ୍ତୃତ ଅଞ୍ଚଳ ଜଳମଗ୍ନ ହୋଇଯାଉଛି। ଦହମୁଣ୍ଡା, ଆରୁହାବୁଡି ଓ ମନୁନଗର ନିକଟରେ ଅତଡ଼ା ଧସି ବହୁ ଅଞ୍ଚଳ ନଦୀଗର୍ଭରେ ଲୀନ ହୋଇଗଲାଣି। ରସୁଲପୁର ଚଟାଣ ଦେଇ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ୫ଟି ପଞ୍ଚାୟତର ବ୍ୟାପକ ଅଞ୍ଚଳ ବୁଡ଼ିଯାଉଛି। ବାରମ୍ବାର ଦାବି

ପରେ ଜଳ ସମ୍ପଦ ବିଭାଗ ଦହମୁଣ୍ଡା ପାଇଁ ୯.୩୮ କୋଟି, ଆରୁହାବୁଡି ପାଇଁ ୯.୭୪ କୋଟି, ମନୁନଗର ପାଇଁ ୫.୪୬ କୋଟି ଏବଂ ରସୁଲପୁର ପାଇଁ ୫.୨୪ କୋଟି ଟଙ୍କାର ତଟସୁରକ୍ଷା ପ୍ରକଳ୍ପ ପ୍ରସ୍ତୁତ କରି ଟିଏସି ଅନୁମୋଦନ ପାଇଁ ପଠାଇଥିଲା। ଗତ ସପ୍ତାହରେ ଅନୁଷ୍ଠିତ ୧୫୨ତମ ଟିଏସି ବୈଠକରେ ଉକ୍ତ ୪ଟି ପ୍ରକଳ୍ପକୁ ସବୁଜ ସଙ୍କେତ ମିଳିଛି। ପ୍ରକଳ୍ପଗୁଡ଼ିକ ମଧ୍ୟରେ ୫ଟି ସ୍ପର ଓ ୬୦୦ ମିଟର ଅଞ୍ଚଳରେ ଲଞ୍ଚିଂ ପ୍ୟାକିଂ କାମ ରହିଛି।

୪୨୦ ଲିଟର ହାତରନ୍ଧା ଦେଶୀ ମଦ ଜବତ

ରଣପୁର(ଅମୃତ ମିଡିଆ): ନୟାଗଡ଼ଜିଲ୍ଲା ରଣପୁର ଅବକାରୀ ଥାନା ଅଞ୍ଚଳରେ ଦୀର୍ଘଦିନ ଧରି ଚାଲିଆସୁଥିବା ଚୋରା ହାତରନ୍ଧା ଦେଶୀ ମଦ କାରବାର ବିରୋଧରେ ଅବକାରୀ ବିଭାଗ ବଡ଼ ଧରଣର ସଫଳତା ପାଇଛି। ଏକ ସ୍ୱତନ୍ତ୍ର ଚଢ଼ାଉରେ ବିଭାଗ ୪୨୦ ଲିଟର ହାତରନ୍ଧା ଦେଶୀ ମଦ ଜବତ କରିଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୮୪ ହଜାର ଟଙ୍କା ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ରଣପୁର ଅବକାରୀ ଥାନା ଅଞ୍ଚଳରେ ବ୍ୟାପକ ଭାବେ ଚୋରା ଦେଶୀ ମଦ କାରବାର ଚାଲୁଥିବାରୁ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଥିଲେ। ଏହାକୁ ନେଇ ଅବକାରୀ ବିଭାଗ ପକ୍ଷରୁ ଚିନ୍ତା ପ୍ରକାଶ ପାଉଥିଲା। ଏହି ପରିପ୍ରେକ୍ଷୀରେ ରଣପୁର ଅବକାରୀ ଥାନାରେ ନୂତନ ଉପ-ନିରୀକ୍ଷକ ଭାବେ ଶଶିକାନ୍ତ ରାଉତ ଯୋଗଦେବା ପରେ ଅଞ୍ଚଳରେ ପେଟ୍ରୋଲିଂ ଓ ଚଢ଼ାଉକୁ ଜୋରଦାର କରାଯାଇଛି। ଅଗଷ୍ଟ ୨୫ ତାରିଖ ବିଳମ୍ବିତ ସନ୍ଧ୍ୟାରେ ବନ୍ଧମୁଣ୍ଡା ଗ୍ରାମ ପଞ୍ଚାୟତର ବାଙ୍କନାଳିଆ ଅଞ୍ଚଳରୁ ବହୁ ପରିମାଣରେ ହାତରନ୍ଧା ଦେଶୀ ମଦ ଚାଲାଣ ହେଉଥିବା ଖବର ଅବକାରୀ ବିଭାଗ ପାଖରେ ପହଞ୍ଚିଥିଲା। ତେବେ ଅବକାରୀ ଟିମ୍‌ର ଗତିବିଧି ସମ୍ପର୍କରେ ସୂଚନା ପାଇ ଚୋରା ବେପାରୀମାନେ ମଦ ଭର୍ତ୍ତି ପ୍ୟାକେଟଗୁଡ଼ିକୁ ଫିଙ୍ଗି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ଉପ-ନିରୀକ୍ଷକ ଶଶିକାନ୍ତ ରାଉତ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଲାସି ଅଭିଯାନ ଚଳାଇଥିଲେ। ପରେ ନୟାଗଡ଼ ରେଞ୍ଜ ଅବକାରୀ ନିରୀକ୍ଷକ ରମେଶ ସାହୁ ମଧ୍ୟ ଟିମ୍ ସହ ସେଠାରେ ପହଞ୍ଚି ଚଢ଼ାଉରେ ସାମିଲ ହୋଇଥିଲେ। ଅଭିଯାନ ସମୟରେ ୪୨୦ ଲିଟର ହାତରନ୍ଧା ଦେଶୀ ମଦ ଜବତ କରାଯାଇଥିଲା। ଅବକାରୀ ବିଭାଗର ଏହି କାର୍ଯ୍ୟାନୁଷ୍ଠାନ ପରେ ଚୋରା ମଦ କାରବାରୀଙ୍କ ମଧ୍ୟରେ ଛନକା ପଶିଥିବା ବେଳେ ଆଗାମୀ ଦିନରେ ଏଭଳି ଚଢ଼ାଉ ଆହୁରି ଜୋରଦାର ହେବ ବୋଲି ବିଭାଗ ସୂଚନା ଦେଇଛି।

ମହିଳାଙ୍କୁ ଆକ୍ରମଣ କରି ହୋଟେଲ୍ ମାଲିକ ଗିରଫ

ଲକ୍ଷ୍ମୀପୁର(ଅମୃତ ମିଡିଆ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ରେଲୱେ ଛକରେ ଜଣେ ମହିଳାଙ୍କୁ ପ୍ରାଣାନ୍ତକ ଆକ୍ରମଣ କରି ଜଣେ ହୋଟେଲ୍ ମାଲିକ ଗରିଫ ହୋଇଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ସୂଚନାନୁସାରେ, ହାରାବତୀ ନାମ୍ନୀ ଜଣେ ମହିଳାଙ୍କୁ ହୋଟେଲ୍ ମାଲିକ ଲକ୍ଷ୍ମୀନାରାୟଣ ଓରଫ ଲଳିତ ସୁବୁଦ୍ଧି ଧାରୁଆ ଅସ୍ତରେ ଆକ୍ରମଣ କରିଥିଲେ। ହାରାବତୀଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ୍ ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ସେ ଚିକିତ୍ସାଧୀନ ଅଛନ୍ତି। ଏହି ମାମଲାରେ ଲକ୍ଷ୍ମୀପୁର ପୁଲିସ କୋରାପୁଟ ଫରେନ୍‌ସିକ୍ ଟିମ୍‌ର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ଜଣାପଡ଼ିଥିଲା। ଆଖପାଖର ସିସିଟିଭି ଫୁଟେଜ୍ ସଂଗ୍ରହ କରି ପୁଲିସ ପ୍ରମାଣ ସଂଗ୍ରହ କରିଥିଲା। ଆକ୍ରମଣରେ ବ୍ୟବହୃତ ଘାଗଡ଼ାକୁ ମଧ୍ୟ ଜବତ କରାଯାଇଛି। ଅଭିଯୁକ୍ତ ଲକ୍ଷ୍ମୀନାରାୟଣକୁ ଗିରଫ କରି କୋର୍ଟରେ ହାଜର କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଜେଲ୍‌କୁ ପଠାଇଦିଆଯାଇଥିବା ତଦନ୍ତ ଅଧିକାରୀ ରଂଜିତ ମିଶ୍ର ସୂଚନା ଦେଇଛନ୍ତି।

ରୋଜଗାରର ନୂଆ ଠିକଣା 'ପୀତାମ୍ବର' ହଳଦୀ

କୋରାପୁଟ(ଅମୃତ ମିଡିଆ): ଜିଲ୍ଲାର ପାହାଡ଼ିଆ ମାଟିରେ ନୂଆ କିସମ 'ପୀତାମ୍ବର'ର ହଳଦୀ ଚାଷ ହେଉଛି। ଏନେଇ ଚାଷୀଙ୍କ ମଧ୍ୟରେ ଆଗ୍ରହ ବଢ଼ିଛି। ସାଧାରଣ ବଦଳରେ ଅଧିକ କର୍କ୍ୟୁମିନ୍ ଯୁକ୍ତ ଏହି କିସମର ହଳଦୀ ଚାଷ ପଟାଙ୍ଗି ବ୍ଲକ୍‌ରେ ଧୀରେ ଧୀରେ ନିଜର ପରିଚୟ ସୃଷ୍ଟି କରୁଛି। ୨୦୨୩ ମସିହାରେ ଆରମ୍ଭ ହୋଇଥିବା ଏହି ଚାଷ ବର୍ତ୍ତମାନ ୩ ବର୍ଷରେ ପହଞ୍ଚିଛି। ଚାଷୀଙ୍କ ସଂଖ୍ୟା ଓ ଚାଷ ଜମି ପରିମାଣ ମଧ୍ୟ ବଢ଼ିବାରେ ଲାଗିଛି। ଚଳିତ ୨୦୨୬-୨୭ ବର୍ଷରେ ୪୦ ଜଣ ଚାଷୀ ଏହି ଉନ୍ନତ କିସମର ହଳଦୀ ଚାଷରେ ସାମିଲ ହୋଇଛନ୍ତି। ପଟାଙ୍ଗି ବ୍ଲକର ମାଳିପୁଟ ପଞ୍ଚାୟତର ସିପାଇପୁଟ, ଗୋଲୁରୁ ପଞ୍ଚାୟତର ଏକଗୋଲୁରୁ, କଟୁବ, କାରିବେଡ଼ା ଓ ମୁନୁଙ୍ଗବାଲସା, କୋଟିଆ ପଞ୍ଚାୟତର ଉପରସେମ୍ବି, ଜାନିଗୁଡ଼ା ଏବଂ ଗାଙ୍ଗରାଜପୁର ପଞ୍ଚାୟତର ଗାଙ୍ଗରରାଜପୁରରେ ଏହି ଚାଷ କରାଯାଉଛି। ଗୋଲୁରୁ ଅଞ୍ଚଳରେ ସର୍ବାଧିକ ୧୯ ଜଣ ଚାଷୀ ପ୍ରାୟ ୫ ଏକର ଜମିରେ ଏହି ହଳଦୀ ଚାଷ କରୁଛନ୍ତି। ଗାଙ୍ଗରାଜପୁରର ୪ ଜଣ ଚାଷୀ ଏବର୍ଷ ଏହି ପ୍ରକଳ୍ପରେ ଯୋଡ଼ି ହୋଇଛନ୍ତି। ୨୦୨୩ରେ

ଆରମ୍ଭ ହୋଇଥିବା ଚାଷ ଏବେ ବଢ଼ିବାରେ ଲାଗିଛି। ପ୍ରଥମେ ସିପାଇପୁଟର ବିଭୀଷଣ ଗୋଲରି ଏହି ଉନ୍ନତ କିସମର ହଳଦୀ ଚାଷ ଆରମ୍ଭ କରିଥିଲେ। ତାଙ୍କ ସଫଳତା ଦେଖି ଅନ୍ୟ ଚାଷୀମାନେ ଆଗ୍ରହୀ ହୋଇଥିଲେ। ୨୦୨୩-୨୪ରେ ଗାଁର ଅନ୍ୟଜଣେ ଚାଷୀ ୦.୩୦ ଏକର ଜମିରେ ଚାଷ କରିଥିଲେ। ୨୦୨୪-୨୫ରେ ୨ ଜଣ ଚାଷୀ ୦.୮୦ ଏକରରେ ଚାଷ କରିଥିଲେ। ୨୦୨୫-୨୬ରେ ସିପାଇପୁଟରେ ୨ ଜଣ ଚାଷୀ ୧ ଏକର ଜମିରେ ଚାଷ କରିଥିଲେ। ଆରମ୍ଭରେ ପରୀକ୍ଷାମୂଳକ ଭାବେ ହୋଇଥିବା ଚାଷ ଏବେ ଧୀରେ ଧୀରେ ବ୍ୟାପକ ହେବାରେ ଲାଗିଛି। ପୀତାମ୍ବର ହଳଦୀକୁ ଲକ୍ଷ୍ମୀର କେନ୍ଦ୍ରୀୟ ଔଷଧୀୟ ଓ ସୁଗନ୍ଧିତ ଉଦ୍ଭିଦ ଗବେଷଣା ସଂସ୍ଥାନ ପକ୍ଷରୁ ବିକଶିତ କରାଯାଇଛି। ସଂସ୍ଥାର ସୂଚନା ଅନୁଯାୟୀ, ଏଥିରେ ପ୍ରାୟ ୬.୫ରୁ ୮ ପ୍ରତିଶତ କର୍କ୍ୟୁମିନ୍ ରହିଛି। ପାରମ୍ପରିକ କିସମ ତୁଳନାରେ ଅଧିକ ଥିବାରୁ ଔଷଧୀୟ ଓ ବାଣିଜ୍ୟିକ ଦୃଷ୍ଟିରୁ ଏହି କିସମର ଗୁରୁତ୍ୱ ବଢୁଛି। ଅନ୍ୟ ହଳଦୀ ଚାଷ ଅପେକ୍ଷା ଏହାର ଉତ୍ପାଦନ ହାର ୩୦ରୁ ୪୦ ଗୁଣା ଅଧିକ। ଏକ ହେକ୍ଟରରୁ ପ୍ରାୟ ୧୫ ଟନ୍ ଉତ୍ପାଦନ ସମ୍ଭବ। ଏଥିରୁ ପ୍ରାୟ ୧୦୦ କେଜି ପର୍ଯ୍ୟନ୍ତ ତେଲ ଉତ୍ପାଦନର ସମ୍ଭାବନା ମଧ୍ୟ ରହୁଛି। ହଳଦୀ ପତ୍ର ପାଚିବା ପରେ ତାକୁ କଟା ଯାଇ ତେଲ ଉତ୍ପାଦନ କରାଯିବାର ଲକ୍ଷ୍ୟ ରହିଛି। ଗୋଟିଏ ଲିଟର ତେଲର ଦାମ ହଜାରେ ଟଙ୍କା ରହିଥିବା ବେଳେ ଏହା କୃଷକଙ୍କୁ ଆର୍ଥିକ ସହଯୋଗ ଯୋଗାଇବ। ଏକ ହେକ୍ଟରରେ ଏହି ହଳଦୀ ଚାଷ ପାଇଁ ବାର୍ଷିକ ଖର୍ଚ୍ଚ ପ୍ରାୟ ୧.୫ ଲକ୍ଷ ଟଙ୍କା। ମୋଟ ଆୟ ପ୍ରାୟ ୬ ଲକ୍ଷ ଟଙ୍କା। ଲାଭ ୪.୫ ଲକ୍ଷ ଟଙ୍କା ପ୍ରତି ହେକ୍ଟର। ବର୍ତ୍ତମାନ ଚାଷୀମାନେ ମୁଖ୍ୟତଃ ବିହନ ବୃଦ୍ଧି ଓ ଯୋଗାଣ ପାଇଁ ଏହି ହଳଦୀ ଚାଷ କରୁଛନ୍ତି। ଆଗାମୀ ଦିନରେ ଉତ୍ପାଦକୁ ପ୍ରକ୍ରିୟାକରଣ କରି ହଳଦୀ ଗୁଣ୍ଡ, ଔଷଧୀୟ ଉତ୍ପାଦ ଓ ଅନ୍ୟାନ୍ୟ ମୂଲ୍ୟଯୁକ୍ତ ସାମଗ୍ରୀ ପ୍ରସ୍ତୁତ କରି ବଜାରକୁ ଆଣିବା ଲକ୍ଷ୍ୟ ରହିଛି। ଜିଲ୍ଲା ଖଣିଜ ପାଣ୍ଠିର ସହଯୋଗରେ ଏବଂ ଲକ୍ଷ୍ମୀର କେନ୍ଦ୍ରୀୟ ଔଷଧୀୟ ଓ ସୁଗନ୍ଧିତ ଉଦ୍ଭିଦ ଗବେଷଣା ସଂସ୍ଥା ପକ୍ଷରୁ ବୈଜ୍ଞାନିକ ଗବେଷଣା ଓ ପରାମର୍ଶ ଆଧାରରେ ଏହି ଚାଷକୁ ଆଗକୁ ବଢ଼ାଯାଉଛି। ବରିଷ୍ଠ ବୈଜ୍ଞାନିକ ଡ.ପ୍ରଶାନ୍ତ ରାଉତ କହିଛନ୍ତି, ବୈଜ୍ଞାନିକ ପଦ୍ଧତିରେ ଚାଷ ଓ ପରବର୍ତ୍ତୀ ପ୍ରକ୍ରିୟାକରଣ ଉପରେ ଗୁରୁତ୍ୱ ଦିଆଗଲେ ଏହା ଚାଷୀଙ୍କ ପାଇଁ ଏକ ଲାଭଜନକ ଫସଲରେ ପରିଣତ ହୋଇପାରିବ। ପଟାଙ୍ଗି କୃଷି ଉତ୍ପାଦ ଗୋଷ୍ଠୀ କମ୍ପାନି ସିଇଓ ଜିତାଲୀ ହନ୍ତାଳ କହିଛନ୍ତି, ବର୍ତ୍ତମାନ ବିହନ ପାଇଁ ଏହି ଚାଷ କରାଯାଉଛି।

ଯୁବ ରେଡକ୍ରସ ସଚେତନତା କାର୍ଯ୍ୟକ୍ରମ

ବିଗପହଣ୍ଡି(ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ବିଗପହଣ୍ଡି ବ୍ଲକ ବମକୋଇ ଗ୍ରାମସ୍ଥିତ ଚିଦାନନ୍ଦ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୦୨୬-୨୭ ଶିକ୍ଷାବର୍ଷର ଯୁବ ରେଡକ୍ରସ ୟୁନିଟର ଇଣ୍ଡକ୍ସନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଯୁବ ରେଡକ୍ରସ ୟୁନିଟର କାଉନସିଲର ତଥା ଅଧ୍ୟାପକ ସୁଶାଲ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ଅଧ୍ୟକ୍ଷ ଦେବଦତ୍ତ ସୁବୁଦ୍ଧି ସଭାପତିତ୍ୱ କରିଥିଲେ। ସୁବଳୟା ଗ୍ରାମସ୍ଥିତ ଗୋପାଳକୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ତଥା ଗଞ୍ଜାମ ଜିଲ୍ଲା ଯୁବ ରେଡକ୍ରସର ସଂଯୋଜକ ଡ଼. ଜଗଦୀଶ ଚନ୍ଦ୍ର ପାଲ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଯୁବ ରେଡକ୍ରସର ଲକ୍ଷ୍ୟ, କାର୍ଯ୍ୟ ଓ ରୂପରେଖ ସମ୍ପର୍କରେ ସଚେତନ କରାଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଉଦବୋଧନ ଦେଇ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ସର୍ବଦା ସେବା ମନୋଭାବ ରଖିବା ସହ ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂରୀକରଣ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସଚେତନତା ସଭାରେ ବିଦ୍ୟାଳୟର ୮୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ବୃନ୍ଦ ସଭାରେ ଉପସ୍ଥିତ ଥିଲେ। ପରିଶେଷରେ ବିଦ୍ୟାଳୟର ଅଧ୍ୟାପକ ତଥା ଯୁବ ରେଡକ୍ରସ ୟୁନିଟର କାର୍ଯ୍ୟକାରୀ କମିଟି ସଭ୍ୟ ବିବେକାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ନିଶାମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ

ରମ୍ଭା(ଅମୃତ ମିଡିଆ): ସୁବଳୟା ସ୍ଥିତ ଗୋପାଳ କୃଷ୍ଣ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟରେ ରମ୍ଭା ପୋଲିସ ପକ୍ଷରୁ ସାଇବର୍ ଅପରାଧ ଓ ନିଶା ନିବାରଣ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସି.ଏଚ. ସୁଧାକରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡ଼ାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗଞ୍ଜାମ ପୋଲିସ ଜିଲ୍ଲା ସାଇବର୍ ଅପରାଧ ନିୟନ୍ତ୍ରଣ ଅଧିକାରୀ ଜ୍ୟୋତି ରଞ୍ଜନ ବେହେରା ଡିଜିଟାଲ୍ ସାଇବର୍ ଠକେଇ ଓ ମୋବାଇଲ ବ୍ୟବହାର ସମୟରେ ସତର୍କତା ସମ୍ପର୍କରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସୁବଳୟା ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ରମ୍ଭା ଥାନା ଆଇଆଇସି କୁମାର ମୁଦୁଲି ଏବଂ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। କର୍ମଶାଳାରେ ପୋଲିସ ବ୍ୟବସ୍ଥା ଓ ସଡ଼କ ସୁରକ୍ଷା ପ୍ରତି ଧ୍ୟାନ ଦେବା ସହ ବେଆଇନ ଭାବେ ମଦ ବିକ୍ରୟ ଉପରେ ଅଙ୍କୁଶ ଲଗାଇବାକୁ ପୋଲିସ ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ହୁଣ୍ଡା ଫାଣ୍ଡି ଅଧିକାରୀ ବିନୟ ଦାଶ ଓ ଓଡ଼ିଆ ଅଧ୍ୟାପିକା ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବଳୟା ଗ୍ରାମ କମିଟି ସଭାପତି ରାମହରି ସାହୁ, ପୂର୍ବତନ ସରପଞ୍ଚ କେଦାରନାଥ ସ୍ୱାଇଁ, ସ୍କୁଲ ପରିଚାଳନା କମିଟି ସଭାପତି କହ୍ନେଇ ନାୟକ, ସଦସ୍ୟ ଅଶୋକ କୁମାର ସାହୁ, ଶଶୀ ଭୂଷଣ ସାହୁ, ବରିଷ୍ଠ ନାଗରିକ ପୀତାମ୍ବର ସାହୁ, ଦୁର୍ଗା ଚରଣ ବେହେରା ଏବଂ ଗୋଲକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ସଂକଳ୍ପ ନେବାକୁ ଆହ୍ୱାନ ଦିଆଯାଇଥିଲା।

ରକ୍

ପୁରୀ ବଡ଼ଦାଣ୍ଡରେ ରାକ୍ଷୀଷ୍ଟଲରୁ ରାକ୍ଷୀ କିଣୁଛନ୍ତି ଗ୍ରାହକମାନେ

୧୪୮ ଦିନରେ ପହଞ୍ଚିଲା ପୁରୀବାସୀଙ୍କ ନୀରବ ସତ୍ୟାଗ୍ରହ ପଦଯାତ୍ରା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.128, Thursday, 27 August 2026, Puri, Pages - 25, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୮, ଗୁରୁବାର, ୨୭ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା